# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୪/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, June 4/2019 | ★★★★★★

୪୫ଶ ଭାଗ ୧୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଅଗଷ୍ଟ ୨ରେ ରିଲିଜ 'ଜବରିୟା ଯୋଡ଼ି'** ୦୨

ପରିଣୀତି ଚୋପ୍ରାଙ୍କ ଅଭିନୀତ 'ଜବରିୟା ଯୋଡ଼ି' ଅଗଷ୍ଟ ୨ରେ ମୁକ୍ତିଲାଭ କରିବାକୁ ଯାଉଥିବା ଫିଲ୍ମ ନିର୍ମାତା ଘୋଷଣା କରିଛନ୍ତି।

୧୫ **ଜୋକୋଭିଚ୍‌ଙ୍କ ରେକର୍ଡ**

ନୋଭାକ୍ ଜୋକୋଭିଚ୍ କ୍ରମାଗତ ୧୦ମ ଥର ଫ୍ରେଞ୍ଚ ଓପନ ଟେନିସ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ ସହ ରେକର୍ଡ ପ୍ରତିଷ୍ଠା କରିଛନ୍ତି।



## ■ ଯୁକ୍ତ୨ ବିଜ୍ଞାନ ଫଳ ପ୍ରକାଶ
# ୪.୬୫% କମିଲା ପାସ୍ ହାର

ଭୁବନେଶ୍ୱର, ୩।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ମଧ୍ୟାହ୍ନ ୧୨ଟାରେ ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ପାସ୍ ହାର ୪.୬୫ ପ୍ରତିଶତ କମିଛି। ଗତବର୍ଷ ପାସ୍ ହାର ୭୬.୯୮ ପ୍ରତିଶତ ରହିଥିବାବେଳେ ଚଳିତବର୍ଷ ୭୨.୩୩ ପ୍ରତିଶତ ରହିଛି। ଏଥର ପରୀକ୍ଷା ଦେଇଥିବା ମୋଟ ୯୭ ହଜାର ୭୫୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୦ ହଜାର ୭୦୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବାଲେଶ୍ୱର ଜିଲାରେ ସର୍ବାଧିକ ୮୬.୫୬ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଗଜପତି ଜିଲାରେ ପାସ୍ ହାର ସବୁଠାରୁ କମ୍ ଅର୍ଥାତ୍ ୩୬.୨୦% ରହିଛି। ଭୁବନେଶ୍ୱରର ବିଜେବି କଲେଜ ଛାତ୍ର ଭବାନୀ ଶଙ୍କର ପଟ୍ଟନାୟକ ୯୩.୧୫ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ସେ ମୋଟ ୬୦୦ରୁ ୫୫୯ ମାର୍କ ରଖିଛନ୍ତି।

ପୂର୍ବବର୍ଷଗୁଡ଼ିକ ପରି ଏଥର ମଧ୍ୟ ଛାତ୍ରୀମାନେ ଛାତ୍ରଙ୍କୁ ପଛରେ ପକାଇଛନ୍ତି। ୪୦ ହଜାର ୮୪୯ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୦ହଜାର ୬୪୮ଜଣ ପାସ୍ କରିଛନ୍ତି। ସେହିପରି ୫୬ ହଜାର ୯୦୧ଛାତ୍ରଙ୍କ ମଧ୍ୟରୁ ୪୦ହଜାର ୫୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଙ୍କ ସଫଳତା ହାର ୭୫.୦୨ ପ୍ରତିଶତ ଓ ଛାତ୍ରମାନଙ୍କ ସଫଳତା ହାର ୭୦.୪ ପ୍ରତିଶତ ରହିଛି। ଏମାନଙ୍କ ମଧ୍ୟରେ ୨୦ ହଜାର ୮୦୬ ଜଣ ପ୍ରଥମ ଶ୍ରେଣୀରେ, ୨୩ ହଜାର ୯୦୪ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୨୫ ହଜାର ୩୬୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୬୩୬ ଜଣ କମ୍ପାର୍ଟମେଣ୍ଟାଲ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେହିପରି ଚଳିତବର୍ଷ ୬୦ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ, ୧୮୭୨ ଜଣ ☞ପୃଷ୍ଠା-୪



ଯୁକ୍ତ୨ ବିଜ୍ଞାନ ଫଳ ପୁସ୍ତିକା ପ୍ରକାଶ କରୁଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

- ■ ବାଲେଶ୍ୱର ଜିଲାରେ ପାସ୍ ହାର ସର୍ବାଧିକ, ଗଜପତି ସର୍ବନିମ୍ନ
- ■ ୯ କଲେଜରେ ଫଳାଫଳ ଶୂନ
- ■ ୬ରୁ ରିଚେକିଂ ଆବେଦନ, ୧୭ରେ ମିଳିବ ମାର୍କସିଟ୍

### ଫଳ ଶୂନ କଲେଜ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଚଳିତବର୍ଷ ୯ଟି କଲେଜର ଯୁକ୍ତ୨ ବିଜ୍ଞାନ ଫଳ ଶୂନ ରହିଛି। ସେଗୁଡ଼ିକ ହେଲା ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ମଣ୍ଡଳସ୍ଥିତ ଶ୍ରୀଜଗନ୍ନାଥ ଦେବ ହାଇସ୍କୁଲ, ଅନୁଗୋଳ ଜିଲା ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ ଜିଲା ସଦର ବ୍ଲକ୍‌ର ସରାଖିଆସ୍ଥିତ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର, ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ବେଲଗୁଣ୍ଠା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ କେ. ପି. ଡି. ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱରର ଏସ୍.ଆର୍.ଏମ୍. ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱରର ନାନୋ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ସମ୍ବଲପୁରସ୍ଥିତ ଶ୍ରୀ ଅରବିନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ, ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ ହାୟର ସେକେଣ୍ଡାରୀ ସ୍କୁଲ। ତେବେ ଏହିସବୁ କଲେଜରେ ଫଳାଫଳ କାହିଁକି ଖରାପ ହୋଇଛି ତା'ର ଅନୁଧ୍ୟାନ କରାଯିବ ଓ ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି।

## ଏନ୍‌ଏସ୍‌ଏ ଭାବେ ଡୋଭାଲଙ୍କ ଦ୍ୱିତୀୟ ପାଳି ଆରମ୍ଭ
# କ୍ୟାବିନେଟ ପାହ୍ୟାକୁ ପଦୋନ୍ନତି

ନୂଆଦିଲ୍ଲୀ,୩।୬(ପି.ଟି.)

ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଭାବେ ଅଜିତ ଡୋଭାଲ ତାଙ୍କର ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ଏଥିସହିତ ତାଙ୍କୁ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ସହ ସମାନ ପାହ୍ୟା ପ୍ରଦାନ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୨୦୦୫ରେ ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ଭାବେ ଅବସର ନେଇଥିବା ୧୯୬୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡୋଭାଲଙ୍କ ପୁନଃନିଯୁକ୍ତିକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି। ଫଳରେ ସେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଆଉ ୫ ବର୍ଷ ରହିବେ। ଡୋଭାଲ ହେଉଛନ୍ତି ପ୍ରଥମ ଏନ୍‌ଏସ୍‌ଏ ଯିଏକି କ୍ରମାଗତ ଦୁଇଟି ପାଳି ପାଇଁ ନିଯୁକ୍ତି ପାଇଛନ୍ତି। ୨୦୧୪ ମେ ୩୦ରେ ତାଙ୍କୁ ପ୍ରଥମେ ଏନ୍‌ଏସ୍‌ଏ ନିଯୁକ୍ତି ସହ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଥିଲା।

ଉରି ସେକ୍ଟରରେ ଆତଙ୍କବାଦୀ ଆକ୍ରମଣ ପରେ ପାକ୍ ଅଧିକୃତ କଶ୍ମୀରରେ ଥିବା ସେମାନଙ୍କ ଲଞ୍ଚ୍ ପ୍ୟାଡ୍ ଉପରେ ବାୟୁସେନାର ସର୍ଜିକାଲ ଷ୍ଟ୍ରାଇକ୍‌ରେ ଡୋଭାଲଙ୍କ ପ୍ରମୁଖ ଭୂମିକା ଥିଲା। ସେହିପରି ପୁଲ୍‌ୱାମା ଆକ୍ରମଣ ପରେ ବାଲାକୋଟ ଏୟାର ଷ୍ଟ୍ରାଇକ୍‌ରେ ମଧ୍ୟ ତାଙ୍କର ଭୂମିକା ଏବଂ ଜାତୀୟ ସୁରକ୍ଷାରେ ତାଙ୍କର ଅବଦାନ ପ୍ରଶଂସନୀୟ। ସେ ପ୍ରଥମ ପୋଲିସ ଅଫିସର ଯାହାଙ୍କୁ ସାମରିକ ସମ୍ମାନ 'କୀର୍ତ୍ତି ଚକ୍ର' ମିଳିଛି। ୧୯୯୯ରେ ଇଣ୍ଡିଆନ ଏୟାରଲାଇନ୍ସ ବିମାନ କାନ୍ଦାହାର ଅପହରଣ କରିନିଆଯାଇଥିବାବେଳେ ଏହାକୁ ଫେରାଇଆଣିବାରେ ଭାରତ ପକ୍ଷରୁ ସେ ଅନ୍ୟତମ ମୁଖ୍ୟ ମଧ୍ୟସ୍ଥ ଥିଲେ।



ଅଜିତ ଡୋଭାଲ

# ଚୁରୁ ସବୁଠୁ ଉତ୍ତପ୍ତ ସହର

ନୂଆଦିଲ୍ଲୀ,୩।୬

ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଦେଖାଦେଇଛି। ବିଗତ କିଛିଦିନ ହେବ ଉତ୍ତର ଓ କେନ୍ଦ୍ରୀୟ ଭାରତରେ ତାତି ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ବିଶ୍ୱର ସବୁଠାରୁ ୧୫ଟି ଉତ୍ତପ୍ତ ସ୍ଥାନ ଭାରତ ଓ ☞ପୃଷ୍ଠା-୪

# ବାୟୁସେନା ବିମାନ ନିଖୋଜ
## ବିମାନରେ ୮ କର୍ମଚାରୀଙ୍କ ସହ ୧୩ ଜଣ ଥିଲେ

ଇଟାନଗର,୩।୬(ଆଇଏଏନ୍‌ଏସ୍)

ଭାରତୀୟ ବାୟୁସେନାର ଏଏନ୍-୩୨ ପରିବହନ ବିମାନ ସୋମବାର ଅରୁଣାଚଳପ୍ରଦେଶରେ ନିଖୋଜ ହୋଇଯାଇଛି। ଆସାମର ଜୋରହାଟ୍‌ରୁ ଉଡ଼ାଣ ଆରମ୍ଭ କରିଥିବା ଉକ୍ତ ବିମାନରେ ୮ କର୍ମଚାରୀ ଓ ୫ ଯାତ୍ରୀ ଥିଲେ। ଏହା ଅରୁଣାଚଳପ୍ରଦେଶର ଚାଇନା ସୀମା ନିକଟବର୍ତ୍ତୀ ୱେଷ୍ଟ ସିଆଙ୍ଗ ଜିଲାର ମେଚୁକା ସହରକୁ ଯାଉଥିଲା। ୧୨ଟା ୨୫ରେ ଜୋରହାଟରୁ ବିମାନ ଛାଡିଥିବାବେଳେ ୧ଟା ବେଳେ ଏହା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା ବୋଲି ବାୟୁସେନା ଅଧିକାରୀ ସୂଚନା ଦେଇଛନ୍ତି। ଏହାକୁ ଖୋଜିବା ଲାଗି ବାୟୁସେନା ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି। ସୈନ୍ୟବାହିନୀ, ଇଣ୍ଡୋ-ତିବ୍ବତ ସୀମା ପୋଲିସ (ଆଇଟିବିପି) ଏବଂ ଅରୁଣାଚଳପ୍ରଦେଶ ପୋଲିସ ବିମାନ ଠାବ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ମେଚୁକା ଜୋରହାଟ ରୁଟ୍‌ରେ ବାୟୁସେନା ସି୧୩୦ ବିମାନ ଏବଂ ହେଲିକପ୍ଟର ମୁତୟନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିଖୋଜ ବିମାନ ସମ୍ପର୍କରେ ବାୟୁସେନା ଉପମୁଖ୍ୟ ଏୟାର ମାର୍ଶାଲ ରାକେଶ ସିଂ ଭଦାଉରିଆଙ୍କ ସହ କଥା ହେବା ସହ ନିଖୋଜ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ, ୨୦୦୯ରେ ବାୟୁସେନାର ଅନ୍ୟ ଏକ ଏଏନ୍-୩୨ ଅରୁଣାଚଳପ୍ରଦେଶରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ମଧ୍ୟ ୧୩ ଜଣ ଥିଲେ।




## ହାସ୍ୟ ଅଭିନେତା ସଲିଲ ମିତ୍ରଙ୍କ ପରଲୋକ



ଭୁବନେଶ୍ୱର ବ୍ୟୁରୋ, ୩।୬

ଜଣାଶୁଣା ହାସ୍ୟ ଅଭିନେତା ସଲିଲ ମିତ୍ରଙ୍କ ସୋମବାର ରାତି ୧୨ଟା୧୫ ମିନିଟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ ମେ ୧୨ରେ ସଲିଲ ମୟୂରଭଞ୍ଜର କରଞ୍ଜିଆ ଯାଉଥିବାବେଳେ କେନ୍ଦୁଝର ଜିଲା ଘଟଗାଁ କଲେଜ ଛକ ☞ପୃଷ୍ଠା-୮

# ମାଲବାହୀ ଟ୍ରେନ ଲାଇନଚ୍ୟୁତ

କୋରାପୁଟ/ଜୟପୁର,୩।୬ (ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ବ୍ଲକର ଜରତି-ଛତ୍ରୀପୁଟ ରେଲୱେ ଷ୍ଟେସନ ମଧ୍ୟରେ ସୋମବାର ପୂର୍ବାହ୍ନରେ ଏକ ଲୁହାପଥର ବୋଝେଇ ଟ୍ରେନ ଲାଇନଚ୍ୟୁତ ହୋଇଛି। ଫଳରେ କୋରାପୁଟ ଓ ଜୟପୁର ମଧ୍ୟରେ ରେଳ ଚଳାଚଳ ବ୍ୟାହତ ହେବା ସହ ସାଧାରଣ ଲୋକଙ୍କ ଯାତ୍ରା ମଧ୍ୟ ବାଧାପ୍ରାପ୍ତ ହୋଇଛି।

ସୂଚନା ଅନୁଯାୟୀ, ଛତିଶଗଡ଼ର ବୈଲାଡିଲାରୁ ଲୁହାପଥର ନେଇ ସୋମବାର ବିଶାଖାପାଟଣା ଯାଉଥିଲା ଏକ ମାଲବାହୀ ଟ୍ରେନ୍। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଛତ୍ରିପୁଟ ନିକଟରେ ଏହାର ଗୋଟିଏ ବଗି ଲାଇନଚ୍ୟୁତ ହୋଇଥିଲା। ଫଳରେ ଭୁବନେଶ୍ୱରରୁ ଜଗଦଲପୁର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ୍, ରାଉରକେଲାରୁ ଜଗଦଲପୁର ଯାଉଥିବା ରାଉରକେଲା ଏକ୍ସପ୍ରେସ କୋରାପୁଟ ଷ୍ଟେଶନରେ ଅଟକି ରହିଥିଲା। ଅନ୍ୟପକ୍ଷରେ କିରଣ୍ଡୁଲରୁ ବିଶାଖାପାଟଣା ଯାଉଥିବା ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଥିଲା। ଫଳରେ ସାଧାରଣ ଯାତ୍ରା ବାଧାପ୍ରାପ୍ତ ହେବା ସହ ଯାତ୍ରୀମାନେ ହଇରାଣ ହୋଇଛନ୍ତି।

**କୋରାପୁଟ-ଜୟପୁର ରେଳ ଚଳାଚଳ ବ୍ୟାହତ**



ବାରବାଟୀରେ ଡିସେମ୍ବର ୨୨ରେ ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ କ୍ରିକେଟ୍ ପୃ ୧୫

**ଆଜିର ସମ୍ପାଦକୀୟ**

ଥିଲେ ନଷ୍ଟ, ନ ଥିଲେ କଷ୍ଟ

**ଆଜିର ମନ୍ତବ୍ୟ**

" ଆଇନ ମନ୍ତ୍ରଣାଳୟ ଏକ ପୋଷ୍ଟ ଅଫିସ୍ ନୁହେଁ। ଏହା ନ୍ୟାୟପାଳିକା ନିଯୁକ୍ତିର ଏକ ଅଂଶୀଦାର।

-ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇନ ମନ୍ତ୍ରୀ

**କିଛି ତଥ୍ୟ**

ଆର୍ଥିକ ବର୍ଷ ୨୦୧୯ରେ ମାଇକ୍ରୋ ଫାଇନାନ୍ସ ଉଦ୍ୟୋଗ ୩୮% ବଢ଼ିଛି।

-ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ୍ସ ନେଟ୍‌ୱର୍କ


NECC NATIONAL EGG CO-ORDINATION COMMITTEE | 03.06.2019 | Venco's CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 99 | 157 | 167 |
| CTC | 99 | 157 | 167 |
| DKL | 97 | 154 | 164 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 97 | 154 | 164 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


# ନିୟମ ମାନୁନାହାନ୍ତି ପୌରସଂସ୍ଥା

ଭୁବନେଶ୍ୱର,୩।୬(ବ୍ୟୁରୋ)

ରାଜ୍ୟରେ ବର୍ଜ୍ୟବସ୍ତୁ ବୋଝ ବଢ଼ିବାରେ ଲାଗିଛି। ଦ୍ରୁତ ସହରୀକରଣ ଏବଂ ବେପରୁଆ ବର୍ଜ୍ୟବସ୍ତୁ ପରିଚାଳନା ଯୋଗୁ ଦୈନିକ ଶହ ଶହ ମେଟ୍ରିକ ଟନ୍ ଅଳିଆ ଏଣେତେଣେ ପଡିରହୁଛି। ସେଗୁଡିକୁ ଠିକ୍ ଢଙ୍ଗରେ ପରିଚାଳନା କରା ନ ଯିବାରୁ ପରିବେଶ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ଆବାସିକ ସ୍ଥଳ, ବ୍ୟବସାୟ ପ୍ରତିଷ୍ଠାନ, ବଜାର, ଡାକ୍ତରଖାନା, ଶିଳ୍ପାଞ୍ଚଳରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡିକୁ ପୃଥକ୍ ଭାବେ ସଂଗ୍ରହ କରାଯାଉ ନାହିଁ। ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି ଗଦେଇ ରଖାଯାଉଛି କିମ୍ବା ପୋଡି ଦିଆଯାଉଛି। ଏଥିଯୋଗୁ ବାୟୁ, ଜଳ ଓ ଭୂମି ପ୍ରଦୂଷଣ ହେଉଛି। ପୌରସଂସ୍ଥା କିମ୍ବା ରାଜ୍ୟ ପରିବେଶ ବିଭାଗ କେନ୍ଦ୍ର ସରକାରଙ୍କ ପ୍ରଣୀତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ(ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ରୁଲ୍)-୨୦୧୬କୁ ବେଖାତିର କରୁଛନ୍ତି। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରାଜ୍ୟ ସରକାରଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ନେଇ ରାଜ୍ୟରେ କି ପଦକ୍ଷେପ ନିଆଯାଉଛି ସେ ନେଇ ପ୍ରତି ୩ ମାସରେ ଥରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆସନ୍ତା ସେପ୍ଟେମ୍ବର ୨୪ରେ ବ୍ୟକ୍ତିଗତ ହାଜର ହୋଇ ଉକ୍ତ ନିୟମ ପାଳନ ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ କୁହାଯାଇଛି। ପ୍ରତି ୧୫ ଦିନରେ ଥରେ ରାଜ୍ୟର ପୌରସଂସ୍ଥାଗୁଡିକର କାର୍ଯ୍ୟଦକ୍ଷତାକୁ ଜିଲାପାଳ ସମୀକ୍ଷା କରିବେ। ବର୍ଜ୍ୟବସ୍ତୁ ପରିଚାଳନା ନେଇ ଜିଲାପାଳ କି ପଦକ୍ଷେପ ନେଇଛନ୍ତି ସେ ନେଇ ପ୍ରତ୍ୟେକ ସପ୍ତାହରେ ଥରେ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା କିପରି ହେଉଛି ଓ ଏ ଦିଗରେ କି ପଦକ୍ଷେପ ନିଆଯାଉଛି ସେ ନେଇ ସମସ୍ତ ତଥ୍ୟ ପ୍ରମାଣ ୬ ମାସ ମଧ୍ୟରେ ଦାଖଲ କରିବାକୁ କୁହାଯାଇଛି। ୨୦୧୯ ମାର୍ଚ୍ଚ ୨୪ରେ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଢଙ୍ଗରେ ହେଉ ନ ଥିବା ନେଇ ଏନ୍‌ଜିଟି ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ତାଗିଦ କରିଥିଲେ। ୬ ମାସ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏନ୍‌ଜିଟିକୁ ବ୍ୟକ୍ତିଗତ ଭାବେ ଅବଗତ କରିବାକୁ ମୁଖ୍ୟ ଶାସନ ☞ପୃଷ୍ଠା-୪

**ବର୍ଜ୍ୟବସ୍ତୁ ବୋଝ**



- ■ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ଏନ୍‌ଜିଟି କ୍ଷୁବ୍ଧ
- ■ ୩ ମାସିଆ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ■ ସେପ୍ଟେମ୍ବର ୨୪ରେ ହାଜର ହେବେ ମୁଖ୍ୟ ଶାସନ ସଚିବ
- ■ ପ୍ରତି ଜିଲାରେ ହେବ ଗୋଟିଏ ଆଦର୍ଶ ସହର, ୩ ଆଦର୍ଶ ଗାଁ
- ■ ସପ୍ତାହେ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

## ■ ମର୍ନିଂ ୱାକ ହେଲା କାଳ
# ଟ୍ରକ ଧକ୍କାରେ ଚାଲିଗଲା ୨ ଭଉଣୀଙ୍କ ଜୀବନ

କେନ୍ଦୁଝର/ରାଇସୁଆଁ, ୩।୬(ସ୍ୱ.ପ୍ର./ଡି.ଏନ.ଏ.)

ମର୍ନିଂ ୱାକ ହେଲା କାଳ। ଚାଲିଗଲା ୨ ଜୀବନ। ୱାକ ସାରି ଫେରୁଥିବା ସମୟରେ ଦୁଇଭଉଣୀଙ୍କ ଉପରେ ଟ୍ରକ ମାଡିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ସଦର ଥାନା ଅନ୍ତର୍ଗତ ରାଇସୁଆଁ ଗ୍ରାମ ନିକଟ ଦେଇ ଯାଇଥିବା ୨୦ ନଂ ଜାତୀୟ ରାଜପଥରେ। ମୃତକ ଦ୍ୱୟ ହେଲେ ରାଇସୁଆଁ ଗ୍ରାମର ନିବେଦିତା ଦାସ (୪୫) ଓ ପଙ୍କଜିନୀ ଦାସ (୫୫)। ଏହି ଦୁର୍ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା।

ସବୁଦିନଭଳି ନିବେଦିତା ଓ ପଙ୍କଜିନୀ ମର୍ନିଂ ୱାକ ପାଇଁ ସୋମବାର ସକାଳ ପ୍ରାୟ ସାଢେ ୫ଟାରେ ଘରୁ ବାହାରିଥିଲେ। ଫେରୁଥିବାବେଳେ ରାସ୍ତାରେ ହଠାତ କେନ୍ଦୁଝରରୁ ପଳାଶପଙ୍ଗା ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଟ୍ରକ ପଛ ପଟୁ ଆସି ରାଇସୁଆଁ ଓଭରବ୍ରିଜ ନିକଟରେ ସେମାନଙ୍କ ଉପରେ ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ସେମାନେ ପ୍ରାଣ ହରାଇଥିଲେ। ଦୁର୍ଘଟଣା ପରେ ଟ୍ରକ ସେଠାରୁ ଫେରାର ହୋଇଯାଇଥିଲା। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଟ୍ରକର ପିଛା କରିଥିଲା। ବନାଯୋଡି ଟୋଲ ଗେଟ ନିକଟରେ ଗାଡ଼ି ଛାଡି ଚାଳକ ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ି ଜବତ କରିଥିବାବେଳେ ଏନେଇ ଥାନାରେ ଏକ ମାମଲା ରୁଜୁ ☞ପୃଷ୍ଠା-୪

## ସଂକ୍ଷେପରେ

### ପୁଣି ଆସିବ ତିନି ତଲାକ୍ ବିଲ୍

ନୂଆଦିଲ୍ଲୀ,୩।୬(ପି.ଟି.)-ତତ୍କାଳ ତିନି ତଲାକ୍ ପ୍ରଥାକୁ ନିଷିଦ୍ଧ କରିବା ଲାଗି ସରକାର ପାର୍ଲାମେଣ୍ଟରେ ପୁଣି ଥରେ ବିଲ୍ ଆଣିବେ। କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ସୋମବାର ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ବିଲ୍ ନିମ୍ନ ସଦନରେ ଗୃହୀତ ହୋଇ ରାଜ୍ୟ ସଭାର ଅନୁମୋଦନ ଅପେକ୍ଷାରେ ପଡିରହିଥିବାବେଳେ ଷୋଡ଼ଶ ଲୋକ ସଭା ଭଙ୍ଗ ହେବାରୁ ତାହା ରଦ୍ଦ ହୋଇଯାଇଥିଲା। ସରକାରଙ୍କର


ରବିଶଙ୍କର ପ୍ରସାଦ

ସଂଖ୍ୟାଗରିଷ୍ଠତା ନ ଥିବା ରାଜ୍ୟ ସଭାରେ ବିପକ୍ଷ ଦଳ ବିଲ୍‌ର ବିଭିନ୍ନ ଧାରାକୁ ବିରୋଧ କରିବାରୁ ତାହା ଗୃହୀତ ହୋଇପାରି ନ ଥିଲା। ତିନି ତଲାକ ଭାଜପା ନିର୍ବାଚନୀ ଇସ୍ତାହାରର ଅଂଶବିଶେଷ ହୋଇଥିବାରୁ ଏହା ଉପରେ ପୁନର୍ବାର ବିଲ୍ ଆସିବ ବୋଲି ରବିଶଙ୍କର କହିଛନ୍ତି। ୟୁନିଫର୍ମ ସିଭିଲ କୋଡ୍ (ସମାନ ନାଗରିକ ସଂହିତା) ସମ୍ପର୍କରେ ପ୍ରଶ୍ନ ହେବାରୁ ଆଇନ ମନ୍ତ୍ରୀ କହିଥିଲେ, ଆଇନ କମିଶନଙ୍କ ରିପୋର୍ଟକୁ ଅନୁଧ୍ୟାନ କରାଯାଉଛି। ଏଥିସହିତ ଏହି ପ୍ରସଙ୍ଗରେ ସରକାର ରାଜନୈତିକ ପରାମର୍ଶ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

### କାର୍ ବୋମା ବିସ୍ଫୋରଣ: ୧୭ ନିହତ

ବିରୁଟ୍, ୩।୬: ଉତ୍ତର-ପଶ୍ଚିମ ସିରିଆର ଏକ ବଜାର ଅଞ୍ଚଳରେ କାର୍ ବୋମା ବିସ୍ଫୋରଣ ହେବା ଫଳରେ ଏଥିରେ ୧୭ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଇଦ୍-ଉଲ୍-ଫିତର ଲାଗି ଲୋକମାନେ ପୋଷାକ ଓ ଅନ୍ୟାନ୍ୟ ଜିନିଷ କିଣୁଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା। ଏଥିରେ ବହୁ ଗୋଦାମ ଘର ନଷ୍ଟ ହୋଇଯାଇଥିବାବେଳେ ନିଆଁ ଲାଗିଯାଇଥିଲା। ଏହି ବିସ୍ଫୋରଣ ପଛରେ କାହାର ହାତ ଅଛି, ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ରବିବାର ରାକାରେ ବିସ୍ଫୋରଣ ଘଟି ୧୦ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ଓ ୨୦ ଆହତ ହୋଇଥିଲେ।

### ଦିଲ୍ଲୀରେ ମହିଳାଙ୍କ ମେଟ୍ରୋ ଓ ବସ୍‌ଯାତ୍ରା ମାଗଣା ହେବ

ନୂଆଦିଲ୍ଲୀ,୩।୬: ରାଜଧାନୀ ଦିଲ୍ଲୀରେ ମହିଳାଙ୍କ ଲାଗି ମେଟ୍ରୋ ଓ ବସ୍ ଯାତ୍ରା ହେବ ଦେୟମୁକ୍ତ । ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆଗାମୀ ୨ରୁ ୩ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ। ୨୦୨୦ ପ୍ରଥମ ଭାଗରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବାରୁ ଏଏପି ଆବାହକ ତଥା ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଏଭଳି ପ୍ରୟାସ ଆରମ୍ଭ କରିଥିବା କୁହାଯାଉଛି। ମହିଳାମାନେ ଡିଟିସି, କ୍ଲଷ୍ଟର୍ ବସ୍ ଓ ଦିଲ୍ଲୀ ମେଟ୍ରୋରେ ମାଗଣାରେ ଯାତ୍ରା କରିପାରିବେ। ସରକାର ଏ ନେଇ ବ୍ୟୟଭାର ଗ୍ରହଣ କରିବେ ବୋଲି କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

### ଟ୍ରକ୍-ଭ୍ୟାନ୍ ଧକ୍କାରେ ୧୩ ମୃତ

କରାଚୀ,୩।୬- ପାକିସ୍ତାନର ବେଲୁଚିସ୍ତାନରେ ଏକ ଭ୍ୟାନ୍ ସହ ଟ୍ରକର ମୁହାଁମୁହିଁ ଦୁର୍ଘଟଣା ହୋଇଛି। ଭ୍ୟାନ୍‌ଟି କ୍ୱେଟାରୁ ଯାଉଥିବାବେଳେ ଅଲି ଖେଲ୍‌ଠାରେ ଟ୍ରକ ସହ ଧକ୍କା ହୋଇଥିଲା। ଏଥିରେ ଗୋଟିଏ ପରିବାରର ୫ ଜଣଙ୍କୁ ମିଶାଇ ୧୩ ଜଣ ପ୍ରାଣ ହରାଇଥିବାବେଳେ ୭ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି।

# ଏସ୍‌ପି-ବିଏସ୍‌ପି ମେଣ୍ଟ ଭାଙ୍ଗିଲା

ଲକ୍ଷ୍ନୌ,୩।୬

ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବା ପାଇଁ ୫ ମାସ ତଳେ ଉତ୍ତରପ୍ରଦେଶରେ ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ଏସ୍‌ପି-ମାୟାବତୀଙ୍କ ବିଏସ୍‌ପିକୁ ନେଇ ଗଠନ ହୋଇଥିବା ମେଣ୍ଟ ଆପାତତଃ ଭାଙ୍ଗିଯାଇଛି। ଆଗାମୀ ଉପନିର୍ବାଚନ ବିଏସ୍‌ପି ଏକାକୀ ଲଢ଼ିବ ବୋଲି ଏହାର ସୁପ୍ରିମୋ ମାୟାବତୀ ସୂଚନା ଦେଇଛନ୍ତି। ସାଧାରଣ ନିର୍ବାଚନରେ ମେଣ୍ଟକୁ ସେଭଳି ସଫଳତା ନ ମିଳିବା ପରେ ଏସ୍‌ପିଠାରୁ ବିଏସ୍‌ପି ଦୂରେଇ ଯିବାକୁ ମନସ୍ଥ କରିଛି। ସୋମବାର ବିଏସ୍‌ପି ସୁପ୍ରିମୋ ମାୟାବତୀ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କୁ କହିଛନ୍ତି ଯେ, ଆଗାମୀ ଉପନିର୍ବାଚନରେ ଦଳ ୧୧ ଆସନରେ ଏକାକୀ ଲଢ଼ିବ । ଖାଲି ସେତିକି ନୁହେଁ ୨୦୨୨ ବିଧାନସଭା ନିର୍ବାଚନ ମଧ୍ୟ ବିଏସ୍‌ପି ଏକା ଲଢ଼ିବ ଓ କାହା ସହ ମେଣ୍ଟ କରିବ ନାହିଁ ବୋଲି ସେ କହିଛନ୍ତି।। ନୂଆଦିଲ୍ଲୀରେ ନବନିର୍ବାଚିତ


ମାୟାବତୀ


ଅଖିଳେଶ ଯାଦବ

- ସ୍ଥାୟୀ ମେଣ୍ଟ କହୁଥିଲେ, ୫ ମାସ ତିଷ୍ଠିଲାନି
- ଉପନିର୍ବାଚନରେ ମାୟାବତୀଙ୍କ ଦଳ ଏକାକୀ ଲଢ଼ିବ

ଏମ୍‌ପି, ସଙ୍ଗଠନ କର୍ମକର୍ତ୍ତା, ସହଯୋଗୀ, ଜିଲା ସଭାପତିମାନଙ୍କ ବୈଠକରେ ମାୟାବତୀ ଏଭଳି ମତ ଦେଇଥିବା ଜଣାପଡ଼ିଛି।

ପୂର୍ବରୁ ଯାଦବ ଭୋଟକୁ ହାତେଇବା ଲାଗି ପ୍ରୟାସ କରି ଏସ୍‌ପି-ବିଏସ୍‌ପି ମେଣ୍ଟ ଗଠନ କରିବା ସହ ଏହା ଚିରସ୍ଥାୟୀ ରହିବ ବୋଲି କହିଥିଲେ। କିନ୍ତୁ ଏସ୍‌ପି ଯାଦବ ଭୋଟ ହାତେଇବାରେ ବିଫଳ ହେଲା। ଏମିତିକି ଅଖିଳେଶଙ୍କ ସ୍ତ୍ରୀ ଡିମ୍ପଲ ଓ ତାଙ୍କ ପରିବାରର ଅନ୍ୟ ୨ଜଣ ସଦସ୍ୟ ପରାଜୟବରଣ କଲେ। ସାଧାରଣ ନିର୍ବାଚନରେ ଭାଜପାକୁ ୬୨ ଆସନ ମିଳିଥିବାବେଳେ ଏସ୍‌ପିକୁ ୫ ଓ ବିଏସ୍‌ପିକୁ ୧୦ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଯାଦବ ଭୋଟ ନ ମିଳିବା ପରେ ଏବେ ମେଣ୍ଟରେ ଫାଟ ସୃଷ୍ଟି ହୋଇଛି। ମାୟାବତୀ ଏସ୍‌ପି ହାତ ଛାଡ଼ି ଏକା ଲଢ଼ିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏସ୍‌ପି-ବିଏସ୍‌ପି ମେଣ୍ଟ ଦ୍ୱାରା ଦଳକୁ ବହୁ କ୍ଷତି ସହିବାକୁ ପଡ଼ିଛି ବୋଲି ମାୟାବତୀ କହିଛନ୍ତି। ଏଥିସହ ୨୦୨୨ ବିଧାନସଭା ନିର୍ବାଚନ ବିଏସ୍‌ପି ସହ ମେଣ୍ଟକରି ଲଢ଼ିବା ଲାଗି ଯୋଜନା କରିଥିବା ଏସ୍‌ପିକୁ ଶକ୍ତ ଧକ୍କା ଲାଗିଛି। ମେଣ୍ଟରେ ଫାଟନେଇ ଦଳକୁ କୌଣସି ସୂଚନା ନାହିଁ କି ଉପନିର୍ବାଚନରେ ବିଏସ୍‌ପି ଏକା ନିର୍ବାଚନ ଲଢ଼ିବା ସମ୍ପର୍କରେ କିଛି ଅବଗତ କରାଯାଇ ନାହିଁ ବୋଲି ଏସ୍‌ପି ପକ୍ଷରୁ କୁହାଯାଇଛି। ବରିଷ୍ଠ ଏସ୍‌ପି ନେତା ରାଜେନ୍ଦ୍ର ଚୌଧୁରୀ ଏଭଳି ଅଭିଯୋଗକୁ ଖଣ୍ଡନ କରି ଦୁଇ ଦଳ ଏକାଠି ମେଣ୍ଟକରି ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି।

## ସିଆଚେନ୍‌ରେ ରାଜନାଥ

### ଯବାନଙ୍କୁ ଭେଟିଲେ

ନୂଆଦିଲ୍ଲୀ,୩।୬

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ୍ ଗ୍ଲାସିୟରରେ ପହଞ୍ଚି ସେଠାରେ ବିୟୁକ୍ତ ୬୦ ଡିଗ୍ରୀ ତାପମାତ୍ରାରେ ନିୟୋଜିତ ଯବାନମାନଙ୍କ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇଛନ୍ତି। ଯବାନମାନଙ୍କ ସହ ବୈଠକର ଫଟୋ ସେ ଟୁଇଟ କରିଛନ୍ତି। ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଓଜନଦାର ଗରମ ପୋଷାକରେ ଥିବା ସୈନ୍ୟମାନେ ଜିଲାପିର ମଜା ଉଠାଉଥିବା ଦେଖାଯାଇଛି। ରାଜନାଥଙ୍କ ସହିତ ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ସିଆଚେନରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ସେଠାରେ କାର୍ଯ୍ୟରତ ଯବାନ ପ୍ରତିକୂଳ ପରିସ୍ଥିତିରେ ମାତୃଭୂମିର ସୁରକ୍ଷାରେ କୌଣସି ବ୍ୟତିକ୍ରମ କରି ନ ଥିବାରୁ ଏଥିପାଇଁ ସେ ଗର୍ବିତ ବୋଲି ରାଜନାଥ କହିଛନ୍ତି।




## ପୂର୍ବତନ ସିଜେଆଇ ଠକେଇର ଶିକାର

ନୂଆଦିଲ୍ଲୀ,୩।୬

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଆର୍.ଏମ୍. ଲୋଧା ଠକେଇର ଶିକାର ହୋଇଛନ୍ତି। ଦିଲ୍ଲୀ ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦକ୍ଷିଣ ଦିଲ୍ଲୀର ପଞ୍ଚଶୀଳ ପାର୍କ ଅଞ୍ଚଳରେ ରହୁଥିବା ଜଷ୍ଟିସ ଲୋଧାଙ୍କ ପାଖକୁ ତାଙ୍କ ସହକର୍ମୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି.ପି. ସିଂଙ୍କ ପାଖରୁ ଏପ୍ରିଲ ୧୮ ରାତିରେ ଇ-ମେଲ୍ ଆସିଥିଲା। ସିଂଙ୍କ ସମ୍ପର୍କୀୟ ଭାଇ ଲିମ୍ଫୋବ୍ଲାଷ୍ଟିକ୍ ଲ୍ୟୁକେମିଆରେ ପୀଡିତ ଏବଂ ତୁରନ୍ତ ସର୍ଜନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏକ ଲକ୍ଷ ଟଙ୍କା ଟ୍ରାନ୍ସଫର କରିବାକୁ କୁହାଯାଇଥିଲା। ଜଷ୍ଟିସ ଲୋଧା ବ୍ୟାଙ୍କ ଆକାଉଣ୍ଟ ନମ୍ବର ମାଗି ୧୯ ତାରିଖ ସକାଳେ ଦୁଇ ଥରରେ ଲକ୍ଷେ ଟଙ୍କା ଟ୍ରାନ୍ସଫର କରିଥିଲେ। ପରେ ସେ ଜାଣିବାକୁ ପାଇଥିଲେ ତାଙ୍କ ସହକର୍ମୀଙ୍କ ଇ-ମେଲ୍ ଆଇଡି କୌଣସି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଏପ୍ରିଲ ୧୮ରେ ହ୍ୟାକ୍ ହୋଇଛି। ସହକର୍ମୀଙ୍କ ଇମେଲ୍ ମାଧ୍ୟମରେ ଲକ୍ଷେ ଟଙ୍କା ଠକେଇର ଶିକାର ହୋଇଥିବା ଜାଣିବା ପରେ ଜଷ୍ଟିସ ଲୋଧା ଏନେଇ ପୋଲିସକୁ ଜଣାଇଥିଲେ। ହ୍ୟାକରଙ୍କୁ ଚିହ୍ନଟ କରିବା ଲାଗି ଉଦ୍ୟମ ଜାରି ରହିଥିବା ପୋଲିସ କହିଛି।


ଆର୍.ଏମ୍. ଲୋଧା

## ରାଞ୍ଚିରେ ଯୋଗ କରିବେ ପ୍ରଧାନମନ୍ତ୍ରୀ

ରାଞ୍ଚି,୩।୬(ପି.ଟି.)

ଜୁନ୍ ୨୧ ବିଶ୍ୱ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଞ୍ଚିରେ ଯୋଗ କରିବେ। ଏଥର ରାଞ୍ଚିରେ ଜାତୀୟ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ କେନ୍ଦ୍ର ଆୟୁଷ ସଚିବ ରାଜେଶ କୋଟେଚା, ରାଜ୍ୟ ମୁଖ୍ୟ ସଚିବ ଡି.କେ. ତିୱାରୀ ଏବଂ ସ୍ୱାସ୍ଥ୍ୟ ସଚିବ ନୀତିନ ମଦନ କୁଲକର୍ଣ୍ଣିଙ୍କ ସହ ବିଶ୍ୱ ଯୋଗ ଦିବସ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ରାଞ୍ଚିର ପ୍ରଭାତ ତାରା ମୈଦାନରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମରେ ମୋଦି ଯୋଗଦେବେ ବୋଲି ଝାଡଖଣ୍ଡ ସରକାରଙ୍କ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

■ ବିରୋଧ ପରେ ବଦଳିଲା ଶିକ୍ଷାନୀତି ଚିଠା ପ୍ରସ୍ତାବ

## ହିନ୍ଦୀ ଶିକ୍ଷା ବାଧ୍ୟତାମୂଳକ ହେବନି

ନୂଆଦିଲ୍ଲୀ,୩।୬(ପି.ଟି.)

ଜାତୀୟ ଶିକ୍ଷାନୀତି ଚିଠା ପ୍ରସ୍ତାବରେ ଥିବା ତ୍ରିଭାଷୀ ସୂତ୍ରକୁ ବିଭିନ୍ନ ରାଜ୍ୟରେ ବିରୋଧ କରାଯିବା ପରେ ସରକାର ଏଥିରେ ପରିବର୍ତ୍ତନ କରିଛନ୍ତି। ଅଣହିନ୍ଦୀଭାଷୀ ରାଜ୍ୟଗୁଡିକରେ ହିନ୍ଦୀ ବାଧ୍ୟତାମୂଳକ ଶିକ୍ଷା ପ୍ରସ୍ତାବକୁ ଏଥିରୁ ବାଦ୍ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସଂଶୋଧିତ ଚିଠା ଶିକ୍ଷାନୀତି ପ୍ରକାଶ ପାଇଛି।

ଜାତୀୟ ଶିକ୍ଷାନୀତି ଚିଠା ପ୍ରସ୍ତାବରେ ତ୍ରିଭାଷୀ ଫର୍ମୁଲାକୁ ତାମିଲନାଡୁରେ ଡିଏମ୍‌କେ ସମେତ ବିଭିନ୍ନ ଦଳ ପକ୍ଷରୁ ଜୋରଦାର ବିରୋଧ କରାଯାଇଥିଲା। ଅଣହିନ୍ଦୀଭାଷୀ ରାଜ୍ୟରେ ହିନ୍ଦୀଶିକ୍ଷାକୁ ଜୋରଜବରଦସ୍ତ ଲଦି ଦେବାକୁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଏପରିକି ଭାଜପାର ସହଯୋଗୀ ପିଏମ୍‌କେ ମଧ୍ୟ ପ୍ରସ୍ତାବକୁ ବିରୋଧ କରିଥିଲା। ସଂଶୋଧିତ ଚିଠା ପ୍ରସ୍ତାବ ଅନୁଯାୟୀ ଗ୍ରେଡ୍ ୬ କିମ୍ବା ୭ରେ ପଢୁଥିବା ଛାତ୍ରୀଛାତ୍ର ଚାହିଁଲେ ତିନୋଟି ଭାଷାରୁ ଗୋଟିଏ କିମ୍ବା ଦୁଇଟି ବଦଳାଇପାରିବେ। ହିନ୍ଦୀଭାଷୀ ରାଜ୍ୟରେ ତିନୋଟି ଭାଷା ପଢୁଥିବା ଛାତ୍ରୀଛାତ୍ର ଗ୍ରେଡ ୬ରେ ଗୋଟିଏ ଭାଷା ବଦଳାଇପାରିବେ। ସେମାନଙ୍କୁ ହିନ୍ଦୀ ଓ ଇଂଲିଶ ସହ ଅନ୍ୟ ଏକ ଭାରତୀୟ ଭାଷା ପଢ଼ିବାକୁ ହେବ। ଏହା ଏକ ଚିଠା ରିପୋର୍ଟ ଏବଂ ଏପର୍ଯ୍ୟନ୍ତ ନୀତିରେ ପରିଣତ ହୋଇନାହିଁ। ଏଥିପାଇଁ ବିଭିନ୍ନ ହିତାଧିକାରୀଙ୍କଠାରୁ ମତାମତ ସଂଗ୍ରହ କରାଯିବ। କମିଟି ପୂର୍ବ ଚିଠାରେ କେତେକ ପରିବର୍ତ୍ତନ କରିଥିବା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସଂଶୋଧିତ ଚିଠା ଅନୁଯାୟୀ ଭାଷା ପ୍ରବୀଣତା ପରୀକ୍ଷା ପାଇଁ ହେଉଥିବା ମଡ୍ୟୁଲାର ବୋର୍ଡ ପରୀକ୍ଷାରେ ପ୍ରତି ଭାଷାର କେବଳ ମୌଳିକ ପ୍ରବୀଣତା ପରୀକ୍ଷା କରାଯିବ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି।

## ସାଇକେଲରେ ଆସି ଦାୟିତ୍ୱ ଗ୍ରହଣ କଲେ ହର୍ଷବର୍ଦ୍ଧନ

ନୂଆଦିଲ୍ଲୀ,୩।୬



କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ପେସାରେ ଇଏନ୍‌ଟି ଡାକ୍ତର ହର୍ଷବର୍ଦ୍ଧନ ଦାୟିତ୍ୱ ଗ୍ରହଣ ଲାଗି ନିଜ କାର୍ଯ୍ୟାଳୟ ନିର୍ମାଣ ଭବନକୁ ସାଇକେଲରେ ଆସିଥିଲେ। ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବା ୫ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖିବେ ବୋଲି ହର୍ଷବର୍ଦ୍ଧନ କହିଛନ୍ତି। ଏହି ଯୋଜନାକୁ ଓଡିଶା ସମେତ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ସରକାର କାର୍ଯ୍ୟକାରୀ କରିନାହାନ୍ତି।

ସୋମବାର କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ଅର୍ଜୁନ ମୁଣ୍ଡା ଏବଂ ରାମଦାସ ଅଠାୱାଲେ ମଧ୍ୟ ସେମାନଙ୍କ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ମହିଳା ସଶକ୍ତୀକରଣ ଏବଂ ପିଲାମାନଙ୍କ ପାଇଁ ଉତ୍ତମ ଭବିଷ୍ୟତ ସୃଷ୍ଟି ଲାଗି ସେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବେ ବୋଲି ଦାୟିତ୍ୱ ଗ୍ରହଣ ପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଇରାନୀ କହିଛନ୍ତି। ତାଙ୍କୁ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ରାଷ୍ଟ୍ରମନ୍ତ୍ରୀ ଦେବଶ୍ରୀ ଚୌଧୁରୀ ସ୍ୱାଗତ କରିଥିଲେ। ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଦେବା ପରେ ବିଭାଗୀୟ ଅଧିକାରୀମାନଙ୍କର ଏକ ବୈଠକ ଡାକିଥିଲେ। ଏହି ବିଭାଗର ରାଷ୍ଟ୍ରମନ୍ତ୍ରୀ ରେଣୁକା ସିଂ ସାରୁତା ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଭାବେ ଭାଜପାର ସହଯୋଗୀ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆର ମୁଖ୍ୟ ରାମଦାସ ଅଠାୱାଲେ ସୋମବାର ତାଙ୍କ ମନ୍ତ୍ରଣାଳୟର ଦାୟିତ୍ୱ ନେଇଛନ୍ତି।

■ ମୁଜାଫର୍‌ପୁର ଶେଲ୍ଟର ହୋମ୍ ମାମଲାରେ ସିବିଆଇକୁ ନିର୍ଦ୍ଦେଶ

## ୩ ମାସରେ ତଦନ୍ତ ଶେଷ କର

ନୂଆଦିଲ୍ଲୀ,୩।୬

ମୁଜାଫର୍‌ପୁର ସେଲ୍ଟର ହୋମ୍ ମାମଲାରେ ତଦନ୍ତ ଶେଷ କରିବା ଲାଗି ସୁପ୍ରିମକୋର୍ଟ ସୋମବାର ସିବିଆଇକୁ ୩ ମାସର ମହଲତ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତର ଅବକାଶକାଳୀନ ଖଣ୍ଡପୀଠର ବିଚାରପତି ଇନ୍ଦୁ ମାଲ୍‌ହୋତ୍ରା ଓ ବିଚାରପତି ଏମ୍.ଆର୍. ଶାହ ସେଲ୍ଟର ହୋମ୍‌ରେ ଚାଲିଥିବା ଅପ୍ରାକୃତିକ ଯୌନ ନିର୍ଯାତନା ଓ ନାରୀ ନିର୍ଯାତନା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଲାଗି ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଏନ୍‌ଜିଓ ଦ୍ୱାରା ପରିଚାଳିତ ଏହି ସେଲ୍ଟର ହୋମ୍‌ରେ ଅନେକ ଯୁବତୀଙ୍କୁ ଯୌନନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏଗୁଡ଼ିକର ଭିଡିଓ ରେକର୍ଡିଂର ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।



ଅନ୍ତେବାସୀଙ୍କୁ ନିଶା ଦ୍ରବ୍ୟ ଯୋଗାଇବା ଓ ବିଭିନ୍ନ ଯୌନ କେଳେଙ୍କାରୀରେ ସମ୍ପୃକ୍ତ ଥିବା ବାହାର ଲୋକଙ୍କ ଭୂମିକାକୁ ତଦନ୍ତ ପରିସରଭୁକ୍ତ କରିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତଦନ୍ତ ଶେଷ କରି ୩ ମାସ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ପୂର୍ବରୁ ଜୁନ୍ ୩ ସୁଦ୍ଧା ତଦନ୍ତ ଶେଷ କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେଲ୍ଟର ହୋମ୍‌ରେ ୧୧ ଯୁବତୀଙ୍କୁ ହତ୍ୟା କରାଯିବା ଘଟଣାର ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସତ୍ୟପାଠରେ ତଦନ୍ତକାରୀ ଦଳ ମୁଖ୍ୟ ଅଭିଯୁକ୍ତ ବ୍ରଜେଶ ଠାକୁର ଓ ସହଯୋଗୀଙ୍କ ନାମ ଦର୍ଶାଇବା ସହ କେତେକ ହାଡ଼ ଠାବ କରିଥିବା କହିଥିଲା। ପରେ ସିବିଆଇ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ବ୍ରଜେଶଙ୍କ ସହ ମୋଟ୍ ୨୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ତେବେ ଦୁଇ ସପ୍ତାହରେ ତଦନ୍ତ ଶେଷ କରିବା ସମ୍ଭବ ନୁହେଁ ବୋଲି ସିବିଆଇ ଦର୍ଶାଇବା ପରେ ସୁପ୍ରିମକୋର୍ଟ ଅଧିକ ସମୟ ପ୍ରଦାନ କରିଛନ୍ତି।

## ଅଭିନେତ୍ରୀ ରୁମା ଗୁହାଙ୍କ ପରଲୋକ



କୋଲକାତା: ସୁପରିଚିତ ବେଙ୍ଗଲୀ ଗାୟିକା ତଥା ଅଭିନେତ୍ରୀ ରୁମା ଗୁହା ଠାକୁର୍ତ୍ତାଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଥିଲେ। ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ସତ୍ୟଜିତ ରାୟ, ତପନ ସିହ୍ନା ଏବଂ ତରୁଣ ମଜୁମଦାରଙ୍କ ଭଳି ନିର୍ଦ୍ଦେଶକଙ୍କ ସହ କାର୍ଯ୍ୟ କରି ହିନ୍ଦୀ ଓ ବଙ୍ଗଳା ଫିଲ୍ମରେ ନିଜର କଳା ଦକ୍ଷତା ପ୍ରତିପାଦନ କରିଛନ୍ତି। ୧୯୩୪ରେ କୋଲକାତାରେ ରୁମା ଘୋଷ୍‌ଙ୍କ ଜନ୍ମ। କିମ୍ବଦନ୍ତୀ ଗାୟକ କିଶୋର କୁମାରଙ୍କୁ ସେ ୧୯୫୧ରେ ବିବାହ କରିଥିଲେ। ୧୯୫୮ରେ ଛାଡପତ୍ର ପରେ ସେ ଅରୂପ ଗୁହା ଠାକୁର୍ତ୍ତାଙ୍କୁ ବିବାହ କରିଥିଲେ। ସେ 'ଲୁକୋଚୁରି', 'ତିନ୍ କନ୍ୟା' 'ବକ୍‌ସୋ ବାଦଲ' ଏବଂ 'ଅମିତ୍ରା କୁମ୍ପେର ସନ୍ଧାନେ' ଭଳି ଅନେକ ବଙ୍ଗଳା ଫିଲ୍ମରେ ପ୍ରଚ୍ଛଦପଟ ଗାୟିକା ଭାବରେ ଖ୍ୟାତି ଅର୍ଜନ କରିଛନ୍ତି।

## ମୋଦିଙ୍କୁ ପ୍ରଶଂସା କରି କଂଗ୍ରେସ ନେତା ଦଳରୁ ବହିଷ୍କୃତ

ଥିରୁଭନନ୍ତପୁରମ୍,୩।୬(ଆଇଏଏନ୍‌ଏସ୍)-ଭାଜପାର ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିବା କେରଳର ପୂର୍ବତନ କଂଗ୍ରେସ ବିଧାୟକ ଏ.ପି. ଅବଦୁଲ୍ଲାକୁଟ୍ଟିଙ୍କ ପାଇଁ ମହଙ୍ଗା ପଡିଛି। ଏହି ବରିଷ୍ଠ ନେତାଙ୍କୁ କେରଳ କଂଗ୍ରେସ ସୋମବାର ଦଳରୁ ବହିଷ୍କୃତ କରିଛି। ମୋଦି ଗାନ୍ଧୀବାଦୀ ଢ଼ାଞ୍ଚାରେ ଶାସନ କରୁଛନ୍ତି ବୋଲି ଅବଦୁଲ୍ଲାକୁଟ୍ଟି କହିଥିଲେ। ତାଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବାବେଳେ ସେ ଏହାର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

## ଇତିହାସର ଆଇନାରେ

### ଜୁନ୍ ୪ର ପ୍ରମୁଖ ଘଟଣା

୧ ୯୮୯ ଜୁନ୍ ୪ରେ ଅଲି ଖାମେନେଇ ଇସ୍‌ଲାମିକ ରିପବ୍ଲିକ୍ ଅଫ୍ ଇରାନର ନୂତନ ସୁପ୍ରିମ ଲିଡର ଭାବେ ନିର୍ବାଚିତ ହୋଇଥିଲେ। ସେ ୧୯୮୧ରୁ ୧୯୮୯ ପର୍ଯ୍ୟନ୍ତ ଇରାନର ରାଷ୍ଟ୍ରପତି ଥିଲେ। ଓମାନ୍‌ସ ସୁଲତାନ କ୍ୱାବୁଙ୍କ ପରେ ଖାମେନି ହେଉଛନ୍ତି ଦ୍ୱିତୀୟ ରାଷ୍ଟ୍ରପତି, ଯିଏ ସର୍ବାଧିକ ସମୟ ରାଷ୍ଟ୍ରମୁଖ୍ୟ ରହିଥିଲେ।

୨ ୦୧୦ ଜୁନ ୪ରେ ଫାଲକନ୍ ୯ ଫ୍ଲାଇଟ୍ ୧କୁ କେପ କାନାଭେରାଲ ଏୟାର ଫୋର୍ସ ଷ୍ଟେଶନ୍ ସ୍ପେସ୍ ଲଞ୍ଚ୍ କମ୍ପ୍ଲେକ୍ସ ୪୦ରୁ ଉତ୍‌କ୍ଷେପଣ କରାଯାଇଥିଲା। ମହାକାଶ ପାଇଁ କାର୍ଯ୍ୟ କରୁଥିବା ସ୍ପେସ୍ ଏକ୍ସପ୍ଲୋରେଶନ୍ ଟେକ୍ନୋଲଜିଜ୍ କର୍ପୋରେଶନ୍ ହେଉଛି ଏକ ଆମେରିକୀୟ ଏରୋସ୍ପେସ୍ ମ୍ୟାନୁଫ୍ୟାକ୍ଚରର ଏବଂ ସ୍ପେସ୍ ଟ୍ରାନ୍ସପୋର୍ଟେଶନ୍ ସର୍ଭିସ କମ୍ପାନୀ।


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୨.୩ |
| ଚାନ୍ଦବାଲି | ୩୫.୩ | ୨୧.୭ |
| କଟକ | --- | ୨୨.୮ |
| ପାରାଦ୍ୱୀପ | ୩୧.୭ | ୨୨.୦ |
| ଭୁବନେଶ୍ୱର | ୩୫.୦ | ୨୪.୨ |
| ଗୋପାଳପୁର | ୩୧.୬ | ୨୫.୬ |
| ପୁରୀ | ୩୪.୪ | ୨୭.୦ |
| ଅନୁଗୋଳ | ୩୩.୭ | ୨୦.୦ |
| ବାରିପଦା | ୩୫.୫ | ୨୩.୦ |
| ଝାରସୁଗୁଡ଼ା | ୩୫.୨ | ୨୬.୦ |
| କେନ୍ଦୁଝର | ୩୫.୨ | ୨୪.୦ |
| ସମ୍ବଲପୁର | ୩୪.୫ | ୨୫.୦ |
| ସୁନ୍ଦରଗଡ଼ | ୩୮.୦ | ୨୪.୦ |
| ହୀରାକୁଦ | ୩୩.୫ | ୨୫.୦ |
| ତାଲଚେର | ୩୯.୩ | ୨୬.୪ |
| ଭବାନୀପାଟଣା | ୩୦.୦ | ୨୧.୦ |
| ବଲାଙ୍ଗୀର | ୩୦.୬ | ୨୩.୫ |
| କୋରାପୁଟ | ୨୬.୬ | ୧୮.୦ |
| ଫୁଲବାଣୀ | ୩୧.୫ | --- |
| ଟିଟିଲାଗଡ଼ | ୩୧.୦ | ୨୨.୦ |
| ମାଲକାନଗିରି | ୩୬.୫ | ୨୪.୨ |
| ସୋନପୁର | ୪୧.୨ | ୨୦.୦ |
| ଦାରିଙ୍ଗିବାଡ଼ି | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ଜବରିୟା ଯୋଡ଼ି'ରେ ପରିଣୀତି-ସିଦ୍ଧାର୍ଥ

ମୁମ୍ବାଇ:

ବଲିଉଡ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଏବଂ ପରିଣୀତି ଚୋପ୍ରାଙ୍କ ଅଭିନୀତ 'ଜବରିୟା ଯୋଡି' ଅଗଷ୍ଟ ୨ରେ ମୁକ୍ତିଲାଭ କରିବାକୁ ଯାଉଥିବା ଫିଲ୍ମ ନିର୍ମାତା ସୋମବାର ଘୋଷଣା କରିଛନ୍ତି। ଏହା ଏକ ହାସ୍ୟରସାତ୍ମକ କାହାଣୀ ଉପରେ ଆଧାରିତ। ବିହାରରେ 'ବର ଅପହରଣ' ପ୍ରଥା 'ପକାଡୁଆ ବିବାହ' ନାମରେ ମଧ୍ୟ ପରିଚିତ। ଉକ୍ତ ବିଷୟବସ୍ତୁକୁ ଆଧାର କରି ଉକ୍ତ ଫିଲ୍ମର କାହାଣୀ ଗଢ଼ିଉଠିଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ନବାଗତ ନିର୍ଦ୍ଦେଶକ ପ୍ରଶାନ୍ତ ସିଂ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ଜାଭେଦ ଜାଫେରି। ଉକ୍ତ ଫିଲ୍ମ ନିର୍ମାଣ କରିଛନ୍ତି ବାଲାଜି ଟେଲିଫିଲ୍ମସ ଏବଂ କର୍ମ ମିଡିଆ ଓ ଏଣ୍ଟରଟେନମେଣ୍ଟ ପ୍ରଡକ୍ସନ୍। ୩୧ ବର୍ଷ ବୟସ୍କା ପରିଣୀତିଙ୍କ ପରବର୍ତ୍ତୀ ଫିଲ୍ମ 'ସାଇନା' ୨୦୨୦ରେ ରିଲିଜ ହେବାକୁ ଯାଉଛି।





ଭାଜପା ବାହୁବଳ, ଅର୍ଥ ଓ ସରକାରୀ କ୍ଷମତା ବ୍ୟବହାର କରି ଲୋକ ସଭା ନିର୍ବାଚନରେ ବିଜୟୀ ହୋଇଛି। ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ପେପର ବାଲଟ ବ୍ୟବସ୍ଥା ଫେରାଇ ଆଣିବାକୁ ବିରୋଧୀ ଦଳଗୁଡ଼ିକ ଏକଜୁଟ୍ ହୁଅନ୍ତୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରକାଶ କରିଛନ୍ତି। ରାଜ୍ୟ ସଚିବାଳୟରେ ଆୟୋଜିତ ଏକ ବୈଠକରେ ଦଳର କର୍ମକର୍ତ୍ତା, ସାଂସଦ ଏବଂ ବିଧାୟକଙ୍କୁ ଉଦ୍‌ବୋଧନ ଦେବାବେଳେ ମମତା ଏହା କହିଛନ୍ତି।








## ସଂକ୍ଷେପରେ

### ଆସନ୍ତା ୮ରେ ମୋଦିଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩।୬(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୮ତାରିଖରେ ନୂଆଦିଲ୍ଲୀ ଗସ୍ତରେ ଯିବେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଥିବା ବିଜେଡି ଲୋକ ସଭା ଦଳ ନେତା ପିନାକୀ ମିଶ୍ର ସୂଚନା ଦେଇଛନ୍ତି। ମୁଖ୍ୟତଃ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଏବଂ କୋଇଲା ରାଜସ୍ୱ ବୃଦ୍ଧି କରିବା ସମ୍ପର୍କିତ ଦାବି ଉପରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ ବୋଲି ଜଣାପଡିଛି। ଏହାସହ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଅନ୍ୟ କିଛି ପ୍ରସଙ୍ଗ ଉପରେ ମଧ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶୁଣିବାକୁ ମିଳୁଛି। ବିଜେଡି ୫ମ ପାଳି ସରକାର ଗଠନ ପରେ ନବୀନଙ୍କ ଏହା ପ୍ରଥମ ଦିଲ୍ଲୀ ଗସ୍ତ।

### ପାଟକୁରା ନିର୍ବାଚନ: ସପ୍ତାହକ ମଧ୍ୟରେ ହୋଇପାରେ ତାରିଖ ଘୋଷଣା

**ଭୁବନେଶ୍ୱର, ୩।୬(ବ୍ୟୁରୋ):** ୨୦୧୯ ସାଧାରଣ ନିର୍ବାଚନରେ ୧୪୬ ବିଧାନସଭା ଏବଂ ୨୧ ଲୋକ ସଭା ଆସନ ପାଇଁ ଭୋଟ ଶେଷ ହୋଇଛି। ପୂର୍ବତନ ବିଧାୟକ ତଥା ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ପରେ ପାଟକୁରା ବିଧାନସଭା ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଆସନରେ ମେ ୧୯ତାରିଖରେ ନିର୍ବାଚନ କରିବା ଲାଗି ନିର୍ବାଚନ କମିଶନ ଘୋଷଣା କରିଥିଲେ। ହେଲେ ଗତ ମାସ ୩ ତାରିଖରେ ବାତ୍ୟା ଫନୀ ଯୋଗୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲାରେ ବ୍ୟାପକ କ୍ଷତି ହୋଇଥିଲା। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାରଣରୁ ନିର୍ବାଚନ ସମୟ ଘୁଞ୍ଚାଇବାକୁ ଅନୁରୋଧ କରିଥିଲେ। ଏହି କାରଣକୁ ଦୃଷ୍ଟିରେ ରଖି ପାଟକୁରା ନିର୍ବାଚନକୁ ୨ ମାସ ପାଇଁ ନିର୍ବାଚନ କମିଶନ ଘୁଞ୍ଚାଇ ଦେଇଛନ୍ତି। ତେବେ ଏଠାରେ କେବେ ନିର୍ବାଚନ ହେବ ସେନେଇ କୌଣସି ତାରିଖ ଧାର୍ଯ୍ୟ କରାଯାଇନାହିଁ। ଏହା ପୂର୍ବରୁ ଭାଜପାର ପ୍ରତିନିଧିମାନେ ମଧ ପାଟକୁରାରେ ତୁରନ୍ତ ନିର୍ବାଚନ କରିବା ପାଇଁ ତାରିଖ ଘୋଷଣା କରିବାକୁ କମିଶନରଙ୍କ ନିକଟରେ ଆବେଦନ କରିଛନ୍ତି। ଏହା ଉପରେ କମିଶନ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଆସନ୍ତା ସପ୍ତାହ ମଧ୍ୟରେ ଏ ନେଇ କମିଶନ ତାରିଖ ଘୋଷଣା କରିପାରିନ୍ତି ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡିଛି। ଦୁଇ ମାସ ପାଇଁ ନିର୍ବାଚନ ସ୍ଥଗିତ ଘୋଷଣା ହେବାପରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଆପତ୍ତି ଉଠାଇଥିଲେ। ହାରିଯିବା ଭୟରେ ବିଜେଡି ଜାଣିଶୁଣି ନିର୍ବାଚନ ବିଳମ୍ବ ପାଇଁ ଷଡ଼ଯନ୍ତ୍ର କରିଥିବା ସେ ଅଭିଯୋଗ ଆଣିଥିଲେ। ଏହି ଆସନରୁ ବିଜେଡି ସ୍ୱର୍ଗତ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରିଛି। ଅନୁକମ୍ପାମୂଳକ ଭୋଟ ପାଇବାକୁ ବିଜେଡି ଏହି ଯୋଜନା କରିଥିବା ମଧ ବିଭିନ୍ନ ମହଲରେ ଚର୍ଚ୍ଚା ହେବାରେ ଲାଗିଛି।




# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କଲେ ବାଚସ୍ପତି

ଭୁବନେଶ୍ୱର,୩।୬(ବ୍ୟୁରୋ)

ଓଡ଼ିଶା ଷୋଡ଼ଶ ବିଧାନସଭାର ନବନିର୍ବାଚିତ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବାଚସ୍ପତି ପାତ୍ର ବିଧାନସଭା କାର୍ଯ୍ୟ ପରିଚାଳନାରେ ରାଜ୍ୟପାଳଙ୍କ ସହଯୋଗ ଓ ମାର୍ଗଦର୍ଶନ କାମନା କରିଥିଲେ। ରାଜ୍ୟପାଳ ପ୍ରଫେସର ଲାଲ୍ ପାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଦୀର୍ଘ ଅଭିଜ୍ଞତା ଓ ଉପଲବ୍ଧି ଗୃହ ପରିଚାଳନାରେ ବେଶ୍ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ପ୍ରାୟ ୩୦ ମିନିଟ୍ ଧରି ଆଲୋଚନାରେ ଉଭୟ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂପର୍କରେ ଭାବବିନିମୟ କରିଥିଲେ। ବିଧାନସଭାର ମର୍ଯ୍ୟାଦା ଓ କ୍ରିୟାଶୀଳତା ସଂପର୍କରେ ଗୁରୁତ୍ୱ ଆରୋପ କରିବାକୁ ରାଜ୍ୟପାଳ ପ୍ରଫେସର ଲାଲ୍ ବାଚସ୍ପତିଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ଓ ରାଜଭବନର ବରିଷ୍ଠ ଅଧିକାରୀମାନେ ବାଚସ୍ପତି ପାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ।



ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର।

# ନାବାଳକ ଲୁଟେରା ଗ୍ୟାଙ୍ଗ୍ ଠାବ

## ତାଲିମ ନେଇ ପୂର୍ବ ପ୍ରସ୍ତୁତି ଓ ନକ୍ସା ସହ ଝାଡ଼ଖଣ୍ଡରୁ ଆସୁଛନ୍ତି

ବାଲେଶ୍ୱର ଅଫିସ,୩।୬

ନାବାଳକମାନଙ୍କୁ ତାଲିମ ଦେଇ ସେମାନଙ୍କ ଜରିଆରେ ଦାମୀ ମୋବାଇଲ ଫୋନ୍, ଗାଡ଼ି ଡିକି ଭାଙ୍ଗି ଟଙ୍କା, ସୁନାଗହଣା ଲୁଟ୍ କିଭଳି କରାଯାଉଛି, ତାହା ପଦାକୁ ଆସିଛି। ଝାଡ଼ଖଣ୍ଡରୁ ଆସୁଥିବା ଏହି ନାବାଳକମାନେ ବିଭିନ୍ନ ରେଳଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ଥିବା ବିଶ୍ରାମାଗାରରେ ରାତ୍ରିଯାପନ କରି ଲୁଟ୍ କରିବା ସକାଶେ ପ୍ରସ୍ତୁତ ହୋଇଥାନ୍ତି। ସେମାନଙ୍କୁ ବିଭିନ୍ନ ପର୍ବପର୍ବାଣି, ଯାତ୍ରା ଓ ଲୋକସମାଗମ ସ୍ଥାନର ନକ୍ସା ଯୋଗାଇ ଦିଆଯାଇଥାଏ। ସେମାନେ ନକ୍ସା ଧରି ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାକୁ ଯାଇ ବିଭିନ୍ନ କୌଶଳରେ ଲୁଟ୍‌ପାଟ କରିଥାନ୍ତି। ସୋମବାର ପୂର୍ବାହ୍ନରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ପୋଲିସ ଉକ୍ତ ଲୁଟେରା ଗ୍ୟାଙ୍ଗ୍‌ର ଦୁଇ ନାବାଳକଙ୍କୁ ଧରି ଜେରା କରିବା ପରେ ସେମାନଙ୍କ କାରନାମା ଜଣାପଡିଛି। ପରେ ପୋଲିସ ସେମାନଙ୍କୁ ବାଳ ଅପରାଧ କୋର୍ଟରେ ହାଜର କରାଇଛି।

ସହଦେବଖୁଣ୍ଟା ମଡେଲ ଥାନାଧିକାରୀ ଶୁଭ୍ରାଂଶୁ ନାୟକ ଏହି ସୂଚନା ଦେଇ କହିଛନ୍ତି ଯେ, ଗତ ୩୧ ତାରିଖ ଅପରାହ୍ନରେ ସ୍ଥାନୀୟ ଆଇନଜୀବୀ ରାଜକିଶୋର ଜେନା ସହରର ବାଣିଜ୍ୟିକ ପେଣ୍ଠସ୍ଥଳୀ ଫାଣ୍ଡିଛକକୁ ଫଳ କିଣିବାକୁ ଆସିଥିଲେ। ସେତେବେଳେ ୨ ନାବାଳକ ଆସି ସେଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଫଳ ଦୋକାନୀଙ୍କ ସହ ଦର ମୂଲଚାଲ କରୁଥିବାବେଳେ ଅନ୍ୟ ଜଣେ ଆଇନଜୀବୀ ଜେନାଙ୍କ ପକେଟ୍‌ରୁ ମନିପର୍ସ କୌଶଳକ୍ରମେ ନେଇଯାଇଥିଲେ। ଫଳ କିଣିସାରିବା ପରେ ଆଇନଜୀବୀ ଟଙ୍କା ଦେବା ପାଇଁ ମନିପର୍ସ ଖୋଜିବାରୁ ପାଇ ନ ଥିଲେ। ସେ ସଙ୍ଗେସଙ୍ଗେ ନିକଟସ୍ଥ ସହଦେବଖୁଣ୍ଟା ମଡେଲ ଥାନାକୁ ଯାଇ ମନିପର୍ସରେ ରଖିଥିବା ୨୦ହଜାର ଟଙ୍କା ଚୋରି ହୋଇଥିବାର ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଫାଣ୍ଡି ଛକରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରି ପୋଲିସ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଓଭରବ୍ରିଜ୍ ତଳରାସ୍ତା ଦେଇ ରେଳଷ୍ଟେଶନ ଆଡ଼କୁ ଯାଉଥିବାବେଳେ ଏହି ୨ ନାବାଳକଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଉକ୍ତ ୨୦ହଜାର ଟଙ୍କା ସହ ୧୨ଟି ଦାମୀ ମୋବାଇଲ୍ ଉଦ୍ଧାର କରାଯାଇଛି। ଏସବୁ ମୋବାଇଲ୍‌ର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପୋଲିସ ସେମାନଙ୍କୁ ଥାନା ପରିସରକୁ ଆଣି ପଚରାଉଚରା କରିବା ସହ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଇ କୋର୍ଟକୁ ପଠାଇଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ମଡେଲ ଥାନାଧିକାରୀ ନାୟକ କହିଛନ୍ତି।

# କମିଲା ତାତି: ସାରା ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା

ଭୁବନେଶ୍ୱର,୩।୬(ବ୍ୟୁରୋ)

- ୭ ଯାଏ ବର୍ଷିବ
- ୧୦ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଗତ କିଛି ଦିନ ହେବ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଥିବାବେଳେ ରବିବାରଠାରୁ ହଠାତ୍ ପାରଦ ତଳକୁ ଖସିଛି। ରାଜ୍ୟର କାଁ ଭାଁ ଗୋଟିଏ ଦୁଇଟି ସ୍ଥାନକୁ ଛାଡ଼ିଦେଲେ ସବୁଠି ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ତଳେ ରହିଛି। ପଶ୍ଚିମ, ଆଭ୍ୟନ୍ତରୀଣ ଏବଂ ଉପକୂଳ ସବୁଠି ଥଣ୍ଡା ପରିବେଶ। ମେଘୁଆ ପାଗ ସାଙ୍ଗକୁ ବର୍ଷା ଆଶ୍ୱସ୍ତି ଆଣି ଦେଇଛି। ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏଥିଯୋଗୁ ରାଜ୍ୟର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ଜନିତ ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋରାପୁଟରେ ସର୍ବାଧିକ ୬୫ ମିଲିମିଟର ବର୍ଷା ହୋଇଥିବାବେଳେ ଭବାନୀପାଟଣା ୬୫, ବଲାଙ୍ଗୀର ୨୫, ଟିଟିଲାଗଡ଼ ୧୯, ଅନୁଗୋଳ ୧୩, ସୋନପୁର ୧୦, ବାରିପଦା ୨.୨, ଝାରସୁଗୁଡ଼ା ୨.୧, ସମ୍ବଲପୁର ୦.୨, ସୁନ୍ଦରଗଡ଼ ୫, ଭୁବନେଶ୍ୱର ୧.୩, ଚାନ୍ଦବାଲି ୩୨.୪, ପାରାଦୀପ ୪୮.୪ ଏବଂ ଗୋପାଳପୁରରେ ୨୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୦ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ସେହି ଜିଲାଗୁଡ଼ିକ ହେଲା କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଏବଂ ଯାଜପୁର। ଏଥିସହିତ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, କୋରାପୁଟ, କନ୍ଧମାଳ ଏବଂ କଳାହାଣ୍ଡି ଜିଲର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୭ ତାରିଖଯାଏ ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିବ। ୮ରୁ ପୁଣି ତାତି ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ରାଜ୍ୟର ଅନ୍ୟାନ୍ୟ ଭାଗରେ ପାରଦ ୩୫ ଡିଗ୍ରୀ ତଳେ ରହିଛି।

## ଆୟୁଷ୍ମାନ ଭାରତ ଯୋଜନା

# ରାଜି କରାଇବାକୁ ଆସିବେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୩।୬(ବ୍ୟୁରୋ)

ନିର୍ବାଚନ ସରିଯାଇଛି। ଆଉ ମତଭେଦ ନାହିଁ। ମିଳିମିଶି ରାଜ୍ୟ ତଥା ଦେଶର ବିକାଶ କରିବାକୁ କେନ୍ଦ୍ର ସରକାର ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ଗତବର୍ଷଠାରୁ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଟଣାଓଟରା ଚାଲିଛି। ଭାଜପା ପରିଚାଳିତ ଏନ୍‌ଡିଏ ସରକାର ପ୍ରଥମ ପାଳିରେ ରାଜ୍ୟରେ ଉକ୍ତ ସ୍ୱାସ୍ଥ୍ୟ ଯୋଜନାକୁ ଲାଗୁ କରିବା ନେଇ ବିଜେଡି ସରକାରକୁ ମନାଇ ପାରି ନ ଥିଲେ। ଦ୍ୱିତୀୟ ପାଳିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମନାଇ ଏହି ଯୋଜନା ଲାଗୁ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆୟୁଷ୍ମାନ ଭାରତ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦୁ ଭୂଷଣଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛି। ସେହି ଟିମ୍‌ରେ ଅଛନ୍ତି ମନୁ ଶୁକ୍ଳା, ଆଦିତି ଭାର୍ଗବ, ଆସ୍ଥା ଆରୋରା ଏବଂ ରୋହିତ ଦେଓ ଝା। ଇନ୍ଦୁ ଭୂଷଣ ଓ ତାଙ୍କ ଟିମ୍ ଏହି ଯୋଜନା କାର୍ଯ୍ୟକାରୀ କରିବା ନେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀଙ୍କୁ ସାକ୍ଷାତ୍ କରି ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଆଲୋଚନା ସଫଳ ହେଲେ ରାଜ୍ୟରେ ଏହି କେନ୍ଦ୍ରୀୟ ଯୋଜନା ଲାଗୁହେବ।

ଏଠାରେ ସୂଚନାଯୋଗ୍ୟ ଯେ, ବିଜେଡି ସରକାର କେନ୍ଦ୍ର ଯୋଜନାକୁ ଡାଳ ଦେଇ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନାରେ ଗରିବ ଲୋକମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି। ମହିଳାଙ୍କ କ୍ଷେତ୍ରରେ ସହାୟତା ରାଶିକୁ ଦୁଇଗୁଣା କରାଯାଇଛି। ଏହି ଯୋଜନାରେ ରାଜ୍ୟ ସରକାର ୭୦ ଲକ୍ଷ ପରିବାରକୁ ସାମିଲ କରିଛନ୍ତି। ଏପରିକି ହିତାଧିକାରୀ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ବଡ଼ ବଡ଼ ମେଡିକାଲରେ ଚିକିତ୍ସା ସୁବିଧା ପାଇପାରିବେ। ୨୦୧୯ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ଅନୁରୋଧ କରିଥିଲେ। ମାତ୍ର ବିଜେଡି ସରକାର କେନ୍ଦ୍ର ସରକାରଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଥର କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କୁ ବୁଝାଇବାରେ ସଫଳ ହେବ କି ନାହିଁ, ତାହା ଗସ୍ତ ପରେ ଜଣାପଡ଼ିବ।

# ଇସ୍ରୋ ଗଲେ ନବରଙ୍ଗପୁରର ୨ ଛାତ୍ରୀ

ନବରଙ୍ଗପୁର,୩।୬(ବି.ପ୍ର.)

ନବରଙ୍ଗପୁର ଜିଲାର ୨ ଜଣ ୧୦ମ ଶ୍ରେଣୀ ଛାତ୍ରୀ ଇସ୍ରୋ ଯିବା ପାଇଁ ମନୋନୀତ ହୋଇ ସୋମବାର ଅହମ୍ମଦାବାଦ ଗସ୍ତ କରିଛନ୍ତି। ଛାତ୍ରୀ ୨ ଜଣ ହେଲେ ଇପସିତା ଦାଶ ଓ ମିତା ହରିଜନ। ଟାଟାଷ୍ଟିଲ ପକ୍ଷରୁ ହୋଇଥିବା ୟଙ୍ଗ ଆଷ୍ଟ୍ରନମର ଟ୍ୟାଲେଣ୍ଟ ସର୍ଚ୍ଚ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଇସ୍ରୋ ଯିବା ପାଇଁ ସେମାନେ ମନୋନୀତ ହୋଇଥିଲେ। ଆସନ୍ତା ୫,୬,୭ ଓ ୮ ତାରିଖରେ ଇସ୍ରୋଠାରେ ବୈଜ୍ଞାନିକଙ୍କ ସହ ଭାବ ବିନିମୟ କରିବେ। ଏଥିସହ ଛାତ୍ରୀମାନଙ୍କ କିଛି ପ୍ରଶ୍ନର ଉତ୍ତର ବୈଜ୍ଞାନିକମାନେ ଦେବା ସହ ଭାରତୀୟ ବୈଜ୍ଞାନିକ ପଦ୍ଧତି ବିଷୟରେ ଜାଣିବାର ସୁଯୋଗ ସେମାନେ ପାଇବେ।



ଇପ୍‌ସିତା ଦାଶ



ମିତା ହରିଜନ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ମିରଗାନଗୁଡା ଗାଁର ଦୁର୍ଗା ମାଧବ ଦାଶଙ୍କ ଝିଅ ଇପ୍‌ସିତା ଦାଶ ଏବେ ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୦ମ ଶ୍ରେଣୀରେ ପାଠ ପଢୁଛନ୍ତି। ସେହିଭଳି ପାପଡାହାଣ୍ଡି ବ୍ଲକ ବରଦେଇ ଗାଁର ଲଛମନ ହରିଜନଙ୍କ ଝିଅ ମିତା ହରିଜନ ନନ୍ଦାହାଣ୍ଡି ବ୍ଲକ ବି. ମାଳିଗୁଡା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ୧୦ମ ଶ୍ରେଣୀରେ ପଢୁଛନ୍ତି । ୨୦୧୮ ଅଗଷ୍ଟ ମାସରେ ୟଙ୍ଗ ଆଷ୍ଟ୍ରନମର ଟ୍ୟାଲେଣ୍ଟ ସର୍ଚ୍ଚ ପରୀକ୍ଷାରେ ଆଗାମୀ ୫୦ ବର୍ଷ ମଧ୍ୟରେ ମହାକାଶର ପରିକଳ୍ପନା ବିଷୟବସ୍ତୁ ଉପରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । ସେଥିରେ ସେମାନେ ଭାଗ ନେଇଥିଲେ। ରାଜ୍ୟର ୬୦ ଜଣ ପ୍ରତିଯୋଗୀ କୃତିତ୍ୱ ହାସଲ କରିଥିଲେ। ପରେ ଡିସେମ୍ବର ୨୦୧୮ରେ ଭୁବନେଶ୍ୱର ପଠାଣୀ ସାମନ୍ତ ଅଡିଟୋରିୟମ ଠାରେ ମୌଖିକ ପରୀକ୍ଷା ହୋଇଥିଲା । ପ୍ରତ୍ୟେକଙ୍କୁ ୫ଟି ଲେଖାଏଁ ପ୍ରଶ୍ନ ପଚରା ଯାଇଥିଲା । ସେଥିରେ ରାଜ୍ୟର ୨୦ ଜଣ କୃତିତ୍ୱ ହେବା ପରେ ମାନପତ୍ର ସହ କିଛି ବହି ପ୍ରଦାନ କରାଯାଇଥିଲା। ରାଜ୍ୟର ୨୦ଜଣଙ୍କ ମଧ୍ୟରେ ଇପ୍‌ସିତା ଓ ମିତା ରହିଥିଲେ। ୨ଛାତ୍ରୀଙ୍କ କୃତିତ୍ୱ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଜିଲାବାସୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ବୈଜ୍ଞାନିକ ହେବାର ସ୍ୱପ୍ନ ରହିଛି ବୋଲି ଇପ୍‌ସିତା ଓ ମିତା କହିଛନ୍ତି।






ଦେଶରେ ଅଭିବୃଦ୍ଧି ହାର କମିବା ଓ ଉତ୍କଟ ବେକାରୀ ସମସ୍ୟା ଦେଖାଦେବା ନେଇ କେନ୍ଦ୍ର ସରକାରଙ୍କୁ ଶିବସେନା ସମାଲୋଚନା କରିଛି। ଏହି ସମସ୍ୟା ଦୂର କରିବା ଲାଗି ସରକାର ଦୃଢ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ବୋଲି ଦଳ ପକ୍ଷରୁ କୁହାଯାଇଛି। ଶିବସେନାର ମୁଖପତ୍ର 'ସାମ୍ନା'ରେ ଏଥିରୁ ମୁକୁଳିବା କେନ୍ଦ୍ର ସରକାରଙ୍କ ଲାଗି ଏକ ଚ୍ୟାଲେଞ୍ଜ ବୋଲି ଦର୍ଶାଯାଇଛି। ବିଗତ ବର୍ଷଗୁଡ଼ିକରେ ରେଳବାଇ ଓ ବ୍ୟାଙ୍କଗୁଡ଼ିକରେ ଚାକିରି ସୁବିଧା କ୍ରମଶଃ କମିବାରେ ଲାଗିଛି। ଏଥିପ୍ରତି ସରକାର ସଜାଗ ରହିବା ଲାଗି ଶିବସେନା ପକ୍ଷରୁ ସରକାରଙ୍କୁ ପରାମର୍ଶ ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଶ୍ରୀମୁନ୍
ପରିବାରବର୍ଗ



ପୁପୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୋବାଇଲ ଟର୍ଚ୍ଚ ଲାଇଟ୍‌ରେ ଖାତାଦେଖା ମିଛ: ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ

- ତଦନ୍ତ ରିପୋର୍ଟ ମିଳିଛି, ଅଧିକ ଅନୁଧ୍ୟାନ କରାଯାଉଛି
- ଯୋଜନା କରିଥିବା ଅଧ୍ୟାପକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ସରକାରଙ୍କ ଦୋଷ ଏଡ଼ାଇବାକୁ ଉଦ୍ୟମ ବୋଲି କହିଲା ସଂଘ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୋବାଇଲ ଫୋନ୍ ଟର୍ଚ୍ଚ ଲାଇଟ୍‌ରେ ଯୁକ୍ତ୨ ଖାତାଦେଖା ଘଟଣା ମିଛ। ସେହି ଘଟଣାକୁ ଯୋଜନାବଦ୍ଧ ଭାବେ ତିଆରି କରାଯାଇଥିଲା ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ସୋମବାର କହିଛନ୍ତି। ସେ କହିଛନ୍ତି ଯେ, ଉକ୍ତ କେନ୍ଦ୍ରରେ ଅଫ୍‌ଲାଇନ୍ ଖାତା ଦେଖା ଚାଲିଥିଲା। ସେହି ମୂଲ୍ୟାୟନ କେନ୍ଦ୍ରଟି ଇଲେକ୍ସନ ପାଇଁ ଷ୍ଟ୍ରଙ୍ଗରୁମ୍ ହେବାରୁ ଖାତା ଦେଖାକୁ ଅନ୍ୟ କୋଠାକୁ ସିଫ୍ଟ କରାଯାଇଥିଲା। ଯେଉଁଠିକୁ ସିଫ୍ଟ କରାଗଲା ସେଠାରେ ଲାଇଟ୍‌ରେ ଖାତା ଦେଖିବା ପାଇଁ ଡିଜି ସେଟ୍ ମଧ୍ୟ ରହିଥିଲା। ଯେଉଁଦିନ ମୋବାଇଲ୍ ଟର୍ଚ୍ଚ ଲାଇଟ୍‌ରେ ଖାତା ଦେଖିବା କଥା ଉଠିଥିଲା ସେଦିନ ଯେତିକି ଖାତା ଦେଖାଯିବା କଥା ତାହା ସରିଯାଇଥିଲା। ହେଲେ ପରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ଡକାଇ ଏକ ମିଛ ରୂପ ଦିଆଯାଇଥିଲା। କେତେଜଣ ଅଧ୍ୟାପକଙ୍କ ଆକ୍ରୋଶ ମନୋଭାବ ରଖି ଏଭଳି କରାଇଥିଲେ ବୋଲି ପରିଷଦ ଅଧ୍ୟକ୍ଷ କହିଛନ୍ତି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ କେନ୍ଦ୍ରରେ ଖାତା ଦେଖା ଚାଲିଛି। ଯେଉଁ କେନ୍ଦ୍ରରେ ଟର୍ଚ୍ଚ ଲାଇଟ୍‌ରେ ଖାତା ଦେଖାଯାଉଥିବା କଥା ସାମ୍ନାକୁ ଆସିଥିଲା ସେହି କେନ୍ଦ୍ରରେ ତା' ପରଦିନ ହିଁ ମୂଲ୍ୟାୟନ ଶେଷ ହେଲା। ତେଣୁ ତରବରିଆ ଭାବେ ଟର୍ଚ୍ଚ ଲାଇଟ୍‌ରେ ଖାତା ଦେଖିବାର କିଛି ଆବଶ୍ୟକତା ନ ଥିଲା। ଅନ୍ୟପକ୍ଷରେ ସେଠାକୁ ମୋବାଇଲ ନେବା ପାଇଁ ମଧ୍ୟ ବାରଣ ଥିଲା। ତେଣୁ କିପରି ମୋବାଇଲ୍ ଟର୍ଚ୍ଚ ଲାଇଟ୍‌ରେ ଖାତା ଦେଖାଗଲା ଓ ଏହି ଘଟଣାର ଭିଡିଓ ରେକର୍ଡିଂ କରାଗଲା ତାହା ନିଶ୍ଚିତ ପ୍ରଶ୍ନବାଚୀ। ଏସବୁ ଜାଣିଶୁଣି କରାଯାଇଛି।

ତେବେ ଉକ୍ତ ଘଟଣାର ତଦନ୍ତ ରିପୋର୍ଟ ମିଳିଛି। ଯେଉଁ ଅଧ୍ୟାପକମାନେ ଏହି ଘଟଣା ଲିପ୍ତ ରହିଛନ୍ତି ତା'ର ଅନୁଧ୍ୟାନ ଚାଲିଛି। ଆଉ କିଛି ତଥ୍ୟର ଆବଶ୍ୟକତା ରହିଛି। ସେସବୁ ମିଳିଗଲା ପରେ ଯୋଜନା କରିଥିବା ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷଙ୍କ ଏହି ମନ୍ତବ୍ୟକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଓଡ଼ିଶା ସ୍କୁଲ କଲେଜ କର୍ମଚାରୀ ମିଳିତ ସଂଘର ଆବାହକ ଗୋଲକ ନାୟକ। ସେ କହିଛନ୍ତି, ପରୀକ୍ଷାରେ ସିସି କ୍ୟାମେରା ଲଗାଯିବ ବୋଲି ମାସେ ପୂର୍ବରୁ କୁହାଗଲା। ତେଣୁ ଛାତ୍ରୀଛାତ୍ରମାନେ ଭୟରେ ପରୀକ୍ଷା ଦେଲେ। ସେହିପରି ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଧମକ ପାଇବା ପରେ ଶିକ୍ଷକମାନେ ଭୟରେ ଖାତା ଦେଖିଲେ। ତେଣୁ ଏସବୁକୁ ଚତୁରତାର ସହ ଏଡ଼ାଇଦେବା ପାଇଁ ଓ ସରକାର ନିଜ ସ୍ଥିତିକୁ ବଜାୟ ରଖିବା ପାଇଁ ଏଭଳି ମନ୍ତବ୍ୟ ଦେଉଛନ୍ତି ବୋଲି ସେ କହିଛନ୍ତି।

# ଦୁଇବର୍ଷ ହେଲା ଗଜପତିରେ ସର୍ବନିମ୍ନ ପାସ୍‌ହାର

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ଚଳିତବର୍ଷ ଯୁକ୍ତ୨ ବିଜ୍ଞାନ ପାସ୍‌ହାର ବାଲେଶ୍ୱର ଜିଲାରେ ସର୍ବାଧିକ ରହିଥିବାବେଳେ ଗଜପତି ଜିଲାରେ ସର୍ବନିମ୍ନ ରହିଛି। ବାଲେଶ୍ୱରରେ ୮୬.୫୬ ପ୍ରତିଶତ ପରିକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଗଜପତି ଜିଲାରେ ପାସ୍‌ହାର ୩୬.୨୦ ପ୍ରତିଶତ ରହିଛି। ଗତବର୍ଷ ମଧ୍ୟ ଗଜପତି ଜିଲାରେ ସର୍ବନିମ୍ନ ପାସ୍‌ହାର ରହିଥିଲା। ଗତବର୍ଷ ତୁଳନାରେ ଏଥର ମଧ୍ୟ ପାସ୍‌ହାର ୭.୨୩ ପ୍ରତିଶତ କମିଛି। ୨୦୧୮ରେ ପାସ୍‌ହାର ୪୩.୪୩ ପ୍ରତିଶତ ଥିବାବେଳେ ଚଳିତବର୍ଷ ତାହା ୩୬.୨୦ ପ୍ରତିଶତକୁ ଖସିଆସିଛି। ତେବେ ୨୦୧୫-୧୭ ପର୍ଯ୍ୟନ୍ତ ଝାରସୁଗୁଡ଼ା ଜିଲାରେ ସର୍ବନିମ୍ନ ପାସ୍‌ହାର ରହିଥିଲା। ଅନ୍ୟପକ୍ଷରେ ସର୍ବାଧିକ ପାସ୍ ହାର କ୍ଷେତ୍ରରେ ଗତ ୫ବର୍ଷ ହେଲା ନୟାଗଡ଼ ଓ ବାଲେଶ୍ୱର ଜିଲା ମଧ୍ୟରେ ପ୍ରତିଯୋଗିତା ଚାଲିଛି। ୨୦୧୮ରେ ନୟାଗଡ଼ରେ ପାସ୍‌ହାର ସର୍ବାଧିକ ୯୨.୨୩ ପ୍ରତିଶତ ରହିଥିଲାବେଳେ ପୁଣି ଏବର୍ଷ ବାଲେଶ୍ୱର ନୟାଗଡ଼କୁ ପଛରେ ପକାଇ ଦେଇଛି।

# ସାବିତ୍ରୀରେ ଜୀବନ ହାରିଲେ ମହିଳା

- ଶାଢି କିଣାକୁ ନେଇ ସ୍ୱାମୀଙ୍କ ସହ ମନାନ୍ତର ଥିଲା

**ପୁରୀ ଅଫିସ, ୩।୬**

ସୋମବାର ଥିଲା ପବିତ୍ର ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ମଙ୍ଗଳ କାମନା କରି ସଧବା ନାରୀମାନେ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପଟେ ପୁରୀ ସହରରେ ଘଟିଛି ଅଭାବନୀୟ ଘଟଣା। ସମୁଦ୍ରକୂଳ ଥାନା ଅଧୀନ ପେଣ୍ଟକଟା ଅଞ୍ଚଳରେ ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁବାସିନୀ ନାୟକ(୨୦)। ଶାଢି କିଣାକୁ ନେଇ ସ୍ୱାମୀଙ୍କ ସହ ମନାନ୍ତର ଯୋଗୁ ସେ ଜୀବନ ହାରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରବିବାର ଶାଢି କିଣାକୁ ନେଇ ସୁବାସିନୀ ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୋମବାର ସକାଳେ ତାଙ୍କ ସ୍ୱାମୀ କୌଣସି କାମରେ ବାହାରକୁ ଚାଲିଯାଇଥିଲେ। ଘରେ ସୁବାସିନୀ ଏବଂ ଏକମାତ୍ର କନ୍ୟା ସନ୍ତାନ ରହିଥିଲେ। ଏହି ସମୟରେ ସୁବାସିନୀ ଘର ଭିତରୁ କବାଟ କିଳି ବେକରେ ଲୁଗାବାନ୍ଧି ଆତ୍ମହତ୍ୟା କରିଥିଲେ। ଖବର ପାଇ ପେଣ୍ଟକଟା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପ୍ରଥମ ପୃଷ୍ଠାରୁ...

### ୪.୬୫% କମିଲା...

୮୦ ପ୍ରତିଶତରୁ ଅଧିକ ଓ ୫୮୮୫ ଜଣ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ତେବେ ଏଥର ୯ଟି ଶିକ୍ଷାନୁଷ୍ଠାନରେ ପାସ୍‌ହାର ଶୂନ ରହିଛି ଓ ୨୯ଟି ଶିକ୍ଷାନୁଷ୍ଠାନରେ ଶତପ୍ରତିଶତ ରେଜଲ୍ଟ ହୋଇଛି। ଭୁବନେଶ୍ୱରସ୍ଥିତ ସୂଚନା ଭବନ ପରିସର ଗୀତଗୋବିନ୍ଦ ସଦନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି। ଆସନ୍ତା ୬ ତାରିଖରୁ ଛାତ୍ରୀଛାତ୍ରମାନେ ରିଚେକିଂ ଓ ରିଆଡିଶନ ପାଇଁ କେବଳ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୧୫ଦିନ ପର୍ଯ୍ୟନ୍ତ ଏହି ଆବେଦନ ପ୍ରକ୍ରିୟା ଚାଲିବ। ୧୭ ତାରିଖରେ ଛାତ୍ରୀଛାତ୍ରମାନେ ପଢୁଥିବା ମହାବିଦ୍ୟାଳୟରୁ ମାର୍କସିଟ୍ ଓ ମାଇଗ୍ରେଶନ ସାର୍ଟିଫିକେଟ୍ ପାଇପାରିବେ। ତେବେ ଏଥର ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଥିବାରୁ ପାସ୍ ହାର କମିଛି ବୋଲି ମନ୍ତ୍ରୀ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବରିଷ୍ଠ ପଦାଧିକାରୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସଚିବ ଲୋପାମୁଦ୍ରା ମହାନ୍ତି ଓ ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ଉପସ୍ଥିତ ଥିବାବେଳେ ପରିଷଦର ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସୂଚନାଥାଉକି, ଫନୀ ପ୍ରଭାବ ଯୋଗୁ ଏଥର ବିଜ୍ଞାନ ଫଳ ପ୍ରାୟ ଦୁଇ ସପ୍ତାହ ବିଳମ୍ବରେ ପ୍ରକାଶ ପାଇଛି। ସେହିଭଳି ଯୁକ୍ତ୨ କଳା ଓ ବାଣିଜ୍ୟ ଖାତାଦେଖା ଏବେବି ଚାଲିଛି। ଆସନ୍ତା ସପ୍ତାହରେ ଏହାର ଫଳ ପ୍ରକାଶ ପାଇବ ବୋଲି ପରିଷଦ ଅଧ୍ୟକ୍ଷ ପଟ୍ଟନାୟକ ଜଣାଇଛନ୍ତି।

### ଚୁରୁ ସବୁଠୁ...

ପାକିସ୍ତାନରେ ବୋଲି ଏକ ପାଣିପାଗ ନିରୀକ୍ଷଣ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ଏଥିରେ ରାଜସ୍ଥାନର ଚୁରୁ ସହରକୁ ସବୁଠାରୁ ଉତ୍ତପ୍ତ ସହର ଭାବେ ଦର୍ଶାଯାଇଛି। ଏଠାରେ ସୋମବାର ତାପମାତ୍ରା ୪୯.୯ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ରବିବାର ରାଜସ୍ଥାନର ଶିକାର ଜିଲାରେ ଜଣେ ଚାଷୀ ଅଂଶୁଘାତରେ ମୃତ୍ୟୁବରଣ କରିଥିଲେ। ରାଜସ୍ଥାନ ବ୍ୟତୀତ ମଧ୍ୟପ୍ରଦେଶ, ଦିଲ୍ଲୀ, ଓଡ଼ିଶା, ତେଲେଙ୍ଗାନାରେ ଭୟଙ୍କର ଗ୍ରୀଷ୍ମପ୍ରବାହ ଜାରି ରହିଛି। ଦିଲ୍ଲୀରେ ତାପମାତ୍ରା ସୋମବାର ୪୪.୮ ଡିଗ୍ରୀ ସେଲ୍‌ସିୟସ୍ ରହିଛି।

### ନିୟମ ମାନୁନାହାନ୍ତି...

ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟ ମଧ୍ୟରେ ଅତି କମ୍‌ରେ ପ୍ରତ୍ୟେକ ଗୋଟିଏ ପୌରସଂସ୍ଥାକୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଇଥିବା ଦେଖାଇବାକୁ ପଡିବ। ସେହିପରି ପ୍ରତ୍ୟେକ ଜିଲାରେ ୩ଟି ଗ୍ରାମକୁ ମଡେଲ ଗ୍ରାମ ଭାବେ ଘୋଷଣା କରିବାକୁ ପଡିବ।

ଏନ୍‌ଜିଟିର କଡ଼ା ତାଗିଦ ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସମସ୍ତ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। କେଉଁ ପୌରସଂସ୍ଥା ଓ ଗ୍ରାମକୁ ଏଥିପାଇଁ ଚୟନ କରାଯିବ ସେ ନେଇ ଆସନ୍ତା ସପ୍ତାହକ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ବର୍ଷକ ମଧ୍ୟରେ ସମସ୍ତ ସହରାଞ୍ଚଳ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମକୁ ସମ୍ପୂର୍ଣ୍ଣ ପାଳନକ୍ଷମ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବର୍ଜ୍ୟବସ୍ତୁ ପରିବହନ, ପ୍ରକ୍ରିୟାକରଣ ପ୍ଲାଣ୍ଟ, କମ୍ପୋଷ୍ଟ ପିଟ୍‌ସ, ବର୍ଜ୍ୟବସ୍ତୁଗୁଡିକୁ ନଷ୍ଟ କରିବା ବ୍ୟବସ୍ଥା ଏବଂ ଖାଲୁଆ ସ୍ଥାନ ଭରିବା ଆଦି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଅଗଷ୍ଟ ୩୧ ପୂର୍ବରୁ ଜିଲାର ଗୋଟିଏ ପୌରସଂସ୍ଥାକୁ ମଡେଲ ସହର ଭାବେ ଘୋଷଣା କରିବା ସହ ବର୍ଜ୍ୟବସ୍ତୁ ପରିଚାଳନାର ସମସ୍ତ ନିୟମକୁ ପାଳନ କରିବା ନେଇ ନିଶ୍ଚିତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ୧୫ ଦିନରେ ଥରେ ଜିଲାପାଳଙ୍କୁ ଡାକି ମୁଖ୍ୟ ଶାସନ ସଚିବ ସମୀକ୍ଷା କରିବେ। ଏନ୍‌ଜିଟିର ଗାଇଡ୍‌ଲାଇନ ଅନୁଯାୟୀ ସମୀକ୍ଷା ବୈଠକରେ ରିପୋର୍ଟ ଉପସ୍ଥାପନ କରିବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶାନୁଯାୟୀ ଚଳିତ ମାସ ୩୦ ତାରିଖରେ ଏ ନେଇ ଏକ ୩ ମାସିଆ ରିପୋର୍ଟ ଏନ୍‌ଜିଟିଙ୍କୁ ପ୍ରଦାନ କରାଯିବ ବୋଲି ପରିବେଶ ନିର୍ଦ୍ଦେଶକ କେ. ମୁରୁଗୁସେନ କହିଛନ୍ତି।

### ଟ୍ରକ ଧକ୍କାରେ...

କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଏସମ୍ପର୍କରେ ସଦର ଏସଡିପିଓ ପି.ଜେ.ଟପ୍ପୋ କହିଛନ୍ତି ଯେ, ଦୁର୍ଘଟଣା ଘଟାଇଥିବା ଗାଡି ଜବତ ହୋଇଛି। ଫେରାର ଚାଳକଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାବିତ୍ରୀ ଓଷା ଦିନରେ ଏଭଳି ଅଘଟଣକୁ ନେଇ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ଯୋଗାଇଦେବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଯେଉଁ କାମ ଆରମ୍ଭ କରିବେ ସେଥିରେ ସଫଳତା ପାଇବା କଷ୍ଟକର ହୋଇପାରେ। ଅବଶ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ରାଜନୀତିରେ ଲୋକ ସମର୍ଥନ ଅବ୍ୟାହତ ରହିବା ଯୋଗୁ ଆଗେଇଯିବେ। ପିଲାମାନଙ୍କ ଉଚ୍ଚଶିକ୍ଷା ସକାଶେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନପୂର୍ବକ କାମ ହାସଲ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ମନେହେଲେ ମଧ୍ୟ ତାଙ୍କ ସମ୍ମୁଖରେ କିଛି ବି କହିପାରିବେ ନାହିଁ। ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ଗୁରୁତ୍ୱପୂର୍ଣ୍ଣ କାମଟିକୁ କରି ନ ପାରି ଦୁଃଖ ଅନୁଭବ କରିପାରନ୍ତି।

**ମିଥୁନ** ଆଜିର ପ୍ରତ୍ୟୁଷ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ଅନୁକୂଳତା ପ୍ରଦାନ କରିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଉପକୃତ ହେବେ। ଅସନ୍ତୁଷ୍ଟ ରହିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ଉଚିତ ମନେ କରିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ଜଣେ ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହେବାକୁ ପଡ଼ିପାରେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ଧାତୁ, ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାକୁ ମନସ୍ଥ କରିବେ। ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ବିଶେଷ ଶୁଭଙ୍କର ନୁହେଁ।

**ସିଂହ** ପରିବାରର ଆର୍ଥିକ ଅନଟନ କାରଣରୁ କେତେକ ସ୍ଥଗିତ କାମ କରିବାରେ ଅସମର୍ଥ ହୋଇ ଚିନ୍ତିତ ରହିପାରନ୍ତି। ଅଫିସରେ କାହାକୁ କିଛି ନ କହି ମନକଥା ମନରେ ମାରି ରହିବାକୁ ବାଧ୍ୟ ହେବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ, ଗୃହ ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ। ସଭାସମିତିରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ଅନ୍ୟମାନଙ୍କର ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ଆଶ୍ୱାସନା ଲାଭକରି ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଦୂର ହେବ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ନିଷ୍ଫଳ ହେବନି।

**ତୁଳା** ଆଜି ମନର ଭାବନାକୁ ମନରେ ରଖି ଅନ୍ୟମାନଙ୍କ ନିକଟତର ହେବାକୁ ଚେଷ୍ଟା କରିବେ। କୌଣସି ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହୋଇପାରନ୍ତି। ଅଫିସରେ ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇପାରେ।

**ବିଛା** ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ମିଠା କଥା କହି ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କରି ନୀରବରେ ବସି ରହିଲେ ସମସ୍ୟା ଭିତରେ ଛନ୍ଦି ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା, ଚୁକ୍ତିପତ୍ର, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ।

**ଧନୁ** ସମସ୍ୟା ଓ ପ୍ରତିବନ୍ଧକ କାରଣରୁ ବିଭିନ୍ନ ପ୍ରକାରର ନକାରାତ୍ମକ ଚିନ୍ତାଧାରା ମନକୁ ବ୍ୟତିବ୍ୟସ୍ତ କରାଇପାରେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ହେବ। ଆଜି ଯାତ୍ରା, ଆଲୋଚନା, ଚୁକ୍ତିପତ୍ର ପ୍ରଭୃତି ତରବରିଆ ଭାବେ କରିବା ଠିକ୍ ହେବନାହିଁ।

**ମକର** ଦୀର୍ଘଦିନରୁ ଅଟକି ରହିଥିବା ଅମୀମାଂସିତ ସମସ୍ୟାଟି ଆକସ୍ମିକ ଭାବେ ଆଜି ସମାଧାନ ହୋଇଯିବ। ବନ୍ଧୁମାନଙ୍କ ପରାମର୍ଶରେ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ହଠାତ୍ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବା ତେଣେ ଥାଉ ଅନ୍ୟମାନେ ଖାଲି ଦୋଷ ଖୋଜି ବୁଲିବେ। ଅଧିକାଂଶ ସମୟ ଅନ୍ୟମନସ୍କ ନ ରହି କିମ୍ବା ଅସାବଧାନତା ସହ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ ଚଳାଇବା ଠିକ୍ ହେବନାହିଁ।

**ମୀନ** ସକାଳୁ ସକାଳୁ ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ କୌଣସି ବିଶେଷ ଅସୁବିଧା ହେବନାହିଁ। ଧାତୁ, ଅଳଙ୍କାର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା, ମଙ୍ଗଳବାର, ଜୁନ୍ ୪ ତାରିଖ, ରମ୍‌ଜାନ ମାସର ରୋଜା ଶେଷ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ୧୨।୨୨ମି. ଗତେ, ମିଥୁନ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୮।୨୪ମି. ଗତେ ଘ୧୦।୦୧ମି. ମଧ୍ୟେ, ଘ୧୧।୦୦ମି. ଗତେ ଘ୧୨।୩୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୦୧ମି ଗତେ ଘ୧୧।୩୮ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday
0674-2580101, 2549302

real estate

3BHK apartment ready for sale near Pratap Nagari, Cuttack- Bhubaneswar NH facing. Built up 1400 sqft. and garage. Contact: 6372939596, 7978625048. Email: landbank.19@gmail.com (Broker excuse) D-66558

**SALE**

ନଖରା ତ୍ରିନାଥ ବଜାରଠାରେ sc ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପନଗରୀ ଧାକୁଲେଇପିଠ ଠାରେ 1200କୁ 3,00,000/- outrightରେ ବିକ୍ରିହେବ: 9348817649, 8144706560. D-66391

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

Bhubaneswar Patrapada Market HDFC Bankରୁ 500 mtr. କଲୋନୀ ଭିତରେ BDA yellowzone ସ୍ଥିତିବାନ plot କିଣି ତୁରନ୍ତ ଘର କରନ୍ତୁ: 6370292040. D-66396

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

**PURCHASE**

ଭୁବନେଶ୍ୱରରେ ନିକଟବର୍ତ୍ତୀ ଅଞ୍ଚଳରେ ପୂର୍ବାଭିମୁଖୀ ଜମି ଆବଶ୍ୟକ। ବିକ୍ରେତା ଯୋଗାଯୋଗ କରନ୍ତୁ। 9437976617. D-65897

to-let

Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Experience full body massage with us (expert). Call: 7377048581, 0674-2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Herbal full body massage by smart/expert therapist. Contact: 8338067247. D-66556

Newly opening ayurvedic body massage smart therapist, Shree herbal. 7750020754. D-66557

business

Get electronics & grocery product of 40% discount. Call: 07478268108. D-12792

**LOST**

I, the undersigned, being the absolute recorded owner of the parcel of land admeasuring approx. Ac.0.084 dec. identified as GA Plot No. N-3/312 in Mutation/StitibanKhata No. 453/1469, Plot No. 877/2768 corresponding to Mutation Khata No. 1426/1248 & further corresponding to Hal Settlement Khata No. 1427, Plot No. 877 under Revenue Mouza– Bhubaneswar Sahar, Unit No. 16, JayadevVihar, Tahasil: Bhubaneswar, DSRO– Bhubaneswar, PS – New Capital, Hal PS-Nayapalli, Thana No. 33 of Khurda District, Odisha state that the Regd. Conveyance (Sthitiban) Deed bearing No. 19597, Dt.29.10.2008 and Mutation R.O.R. (Patta) bearing Khata No. 1426/1248 & further Mutation ROR Khata No. 453/1469, Plot No. 877/2768 under Mouza– Bhubaneswar Sahar, Unit No. 16, Jayadev Vihar in respect of the aforesaid parcel of land has been lost from my custody and I am unable to trace the same despite my best efforts. It is further stated that the aforesaid parcel of land has been mortgaged in favour of the Punjab National Bank, Chandrasekharpur, Branch, Chandrasekharpur, Bhubaneswar to secure a loan granted in favour of CSM Technologies Pvt. Ltd.,having its Registered Office at N-3/312, IRC Village, Nayapalli, Bhubaneswar – 751015, District – Khurda, Odisha. If any individual, Bank or Financial Institution is holding the said document/s in original as security for any loan granted by him/it in favour of any person then such individual, bank or financial institution, as the case may be,is requested to inform the Punjab National Bank, Chandrasekharpur Branch, Chandrasekharpur, Bhubaneswar (Mob. No 9090963055) of such loan etc within 15 days from the date of Publication of this notice. Priyadarshi Pany, S/o. Nimai Charan Pany, N-3/312, IRC Village, Nayapalli, Bhubaneswar– 751015, District– Khurda, Odisha Tel: 0674-6635900. D-12807

**LOST**

HDFC Bankର ମନିରସିଦ୍ ବହି ତା.୩୧.୫.୨୦୧୯ରେ ମହତାବ୍ ରୋଡ୍, କଟକରେ ହଜିଯାଇଛି। ବହି ନଂ 4667846, Receipt No: 51524451 to 51524457 (used) 51524458 to 51524460 (unused). ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥନ୍ତି, ନାମ: ମିଲକ୍ ମହମ୍ମଦ, ବକ୍ସି ବଜାର, ସୁଲତାନ୍ ରୋଡ୍, କଟକ ବା 6371203634ରେ ଯୋଗାଯୋଗ କରିବାକୁ ଅନୁରୋଧ। D-12805

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଜୁନ୍, ୨୦୧୯



ଗୁଜରାଟର ନରୋଦା ବିଧାୟକ ତଥା ଭାଜପା ନେତା ବଲରାମ ଥୱାନି ସର୍ବସମ୍ମୁଖରେ ଜଣେ ଏନ୍‌ସିପି ସମର୍ଥକ ନୀତୁ ତେଜୱାନୀଙ୍କୁ ଗୋଇଠା ମାରିଥିଲେ। ନୀତୁ ଅନ୍ୟ ମହିଳାଙ୍କ ସହ ଜଳଯୋଗାଣକୁ ନେଇ ବିକ୍ଷୋଭ କରୁଥିବା ବେଳେ ବିଧାୟକ ଓ ତାଙ୍କ ସମର୍ଥକମାନେ ମାଡ଼ ମାରିଥିଲେ। ଏହାର ଭିଡିଓ ଭାଇରାଲ୍ ହେବା ପରେ ପରିସ୍ଥିତିକୁ ଦେଖି ଭାଜପା ବିଧାୟକ ନିଜଆଡ଼ୁ ନୀତୁଙ୍କୁ କ୍ଷମା ମାଗିଥିଲେ। ପରେ ତାଙ୍କୁ ଭଉଣୀ ବୋଲି କହି ତାଙ୍କ ହାତରୁ ରାକ୍ଷୀ ପିନ୍ଧି ସମସ୍ୟାର ସମାଧାନ କରିଥିଲେ।



## ସଂକ୍ଷେପରେ

### ଲୋକ ସଭା ବାଚସ୍ପତି ନିର୍ବାଚନ: ଚର୍ଚ୍ଚାରେ ଜୁଏଲ

ଭୁବନେଶ୍ୱର, ୩।୬(ବ୍ୟୁରୋ): ଭାଜପା ପରିଚାଳିତ ଏନ୍‌ଡିଏ ଲଗାତର ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଫେରିଛି। ଆସନ୍ତା ୧୭ ତାରିଖରେ ନୂଆ ଲୋକ ସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବ। ତା' ପୂର୍ବରୁ ଆସନ୍ତା ୫ ବର୍ଷ ସକାଶେ ଲୋକ ସଭାର ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବାଚସ୍ପତି ପଦବୀ ପାଇଁ ବହୁ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଓଡ଼ିଶାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ଲୋକ ସଭା ସଦସ୍ୟ ଜୁଏଲ ଓରାମ ଏହି ଦୌଡ଼ରେ ଆଗରେ ଅଛନ୍ତି। ଓଡ଼ିଶାରୁ ୨ ଜଣଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ଏଥର ଜୁଏଲ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଛନ୍ତି। ଜୁଏଲ ଜଣେ ଆଗଧାଡ଼ିର ଆଦିବାସୀ ନେତା ଏବଂ ସେ ପାଞ୍ଚଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଜୁଏଲ ୧୯୯୮, ୧୯୯୯, ୨୦୦୪, ୨୦୧୪ ଓ ୨୦୧୯ ଲୋକ ସଭା ନିର୍ବାଚନରେ ବିଜୟୀ ହୋଇଥିଲେ। ଦୀର୍ଘ ଅଭିଜ୍ଞତାକୁ ଆଧାର କରି ତାଙ୍କୁ ଏହି ପଦବୀ ମିଳିବା ନେଇ ଦଳୀୟ ମହଲରେ ଆଲୋଚନା ଚାଲିଛି। ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କୁ ସନ୍ତୁଷ୍ଟ କରିବା ଲାଗି ତାଙ୍କୁ ବାଚସ୍ପତି ପଦବୀରେ ବସାଇବା ପାଇଁ ଭାଜପା ଚିନ୍ତା କରୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ତେବେ ଏହି ଦୌଡରେ ଜୁଏଲଙ୍କ ବ୍ୟତୀତ ରାଧାମୋହନ ସିଂ, ବୀରେନ୍ଦ୍ର କୁମାର, ଏସ୍.ଏସ୍. ଆଲୁୱାଲିଆ ଏବଂ ରମେଶ ଜିଗାଜିନାଗିଙ୍କ ନାମ ମଧ ଚର୍ଚ୍ଚାରେ ରହିଛି।

### ମାଓବାଦୀ ଗିରଫ ୪ ବଡ଼ ଧରଣର ହିଂସାକାଣ୍ଡରେ ସମ୍ପୃକ୍ତି

ମାଲକାନଗିରି, (ଡି.ଏନ୍.ଏ./ସ୍ୱ.ପ୍ର.) ୩।୬: ମାଥିଲି ଥାନା ପୋଲିସ ଓ ବିଏସ୍ଏଫ୍ ରବିବାର ରାତିରେ ଜଣେ ମାଓବାଦୀଙ୍କୁ ଗିରଫ କରିଛି। ସେ ହେଲେ ମାଥିଲି ଥାନା ତୁଳସୀ ପାହାଡ ଅଞ୍ଚଳ କଟିପାଲୀ ଗାଁର ତ୍ରିନାଥ ଭୂମିଆ(୨୫)। ତ୍ରିନାଥ ଗତ ୨ ବର୍ଷ ମଧ୍ୟରେ ଛତିଶଗଡ ରାଜ୍ୟ ଦରଭା ଡିଭିଜନ ପକ୍ଷରୁ ମାଥିଲି ଥାନା ଅଞ୍ଚଳରେ ହୋଇଥିବା ୪ଟି ବଡ ଧରଣର ମାଓବାଦୀ ହିଂସାକାଣ୍ଡରେ ସାମିଲ ଥିଲେ। ଜିଲା ପୋଲିସ ମୁଖ୍ୟାଳୟରେ ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି। ତ୍ରିନାଥ ବିଶେଷକରି ଲ୍ୟାଣ୍ଡମାଇନ ଖଞ୍ଜିବାରେ ସିଦ୍ଧହସ୍ତ ଥିଲେ। ସେ ବିଭିନ୍ନ ସ୍ଥାନରେ ଲ୍ୟାଣ୍ଡମାଇନ ଖଞ୍ଜି ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ ଗୃହ, କଲଭର୍ଟ ଉଡାଇବା ସହ ଅନେକ ହତ୍ୟାକାଣ୍ଡରେ ଜଡିତ ଥିଲେ ବୋଲି ଏସ୍‌ପି ମୀନା କହିଛନ୍ତି। ଖବରଦାତା ସମ୍ମିଳନୀରେ ମାଥିଲି ଆଇଆଇସି ଜନ୍ କୁଜୁରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଫଣୀ ପରେ ଦୁର୍ଦ୍ଦିନରେ ହସ୍ତଶିଳ୍ପ କାରିଗରଙ୍କ ଜୀବିକା

ଯାଜପୁର ଅଫିସ,୩।୬

ହସ୍ତଶିଳ୍ପର ବିକାଶ ପାଇଁ ପ୍ରତିବର୍ଷ ଯୋଜନା ପରେ ଯୋଜନା ପ୍ରଣୟନ କରାଯାଉଛି। ହେଲେ ଗ୍ରାମାଞ୍ଚଳରେ ଥିବା କାରିଗରଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚିପାରୁ ନାହିଁ। ଯଦ୍ୱାରା ଯୋଜନା ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି ହେବା ତ ଦୂରର କଥା କ୍ରମଶଃ ଏହା ସଙ୍କୁଚିତ ହେବାରେ ଲାଗିଛି। ଏହାସହ ପ୍ରଳୟଙ୍କରୀ ବାତ୍ୟା ଫଣୀ ଯାଜପୁର ଜିଲାର ହସ୍ତଶିଳ୍ପ କାରିଗରଙ୍କ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଜିଲା ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଜିଲାର ୧୧୮୭ଜଣ ହସ୍ତଶିଳ୍ପ କାରିଗର ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ବାତ୍ୟା ଫଣୀକୁ ମାସେ ବିତିଯାଇଥିଲେ ହେଁ କ୍ଷତିଗ୍ରସ୍ତ ହସ୍ତଶିଳ୍ପ କାରିଗର ଏଯାଏ କୌଣସି ସରକାରୀ ସହାୟତା ପାଇନାହାନ୍ତି। ଏପରି କି ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ହସ୍ତଶିଳ୍ପ କାରିଗରଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ଜିଲାର ଶିଳ୍ପ ବିକାଶ ପାଇଁ ଗୁରୁଦାୟିତ୍ୱ ବହନ କରୁଥିବା ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି) ଆବଶ୍ୟକତା ଅନୁଯାୟୀ ସକ୍ରିୟ ହେଉ ନାହିଁ। ଫଳରେ ଜିଲାରେ ହସ୍ତଶିଳ୍ପ ବିକାଶର ଗତି ଦିନକୁ ଦିନ ମନ୍ଥର ହେବାରେ ଲାଗିଛି । ଉପଯୁକ୍ତ ବଜାର ସୁବିଧା ଏବଂ ଭିତ୍ତିଭୂମିର ବିକାଶ ଦିଗରେ ଆବଶ୍ୟକ ସହାୟତା ମିଳୁ ନ ଥିବାରୁ ହସ୍ତଶିଳ୍ପ ସାମଗ୍ରୀର ଉଚିତ ଲାଭ ମିଳିପାରୁ ନାହିଁ। ଏଥିସହ କଞ୍ଚାମାଲ ଓ ପ୍ରୋତ୍ସାହନ ଅଭାବରୁ ହସ୍ତଶିଳ୍ପ କାରିଗରମାନେ ଅଭାବ ଅନଟନରେ କାଳାତିପାତ କରି ଆସୁଛନ୍ତି। ଏଭଳି ସ୍ଥିତିରେ ପ୍ରଳୟଙ୍କରୀ ବାତ୍ୟା ଫଣୀ ହସ୍ତଶିଳ୍ପ କାରିଗରଙ୍କ ଜୀବନଜୀବିକାକୁ ଚୂରମାର କରିଦେଇଛି। ଏଯାଏ ମିଳିଥିବା ତଥ୍ୟ ଅନୁସାରେ ଜିଲାର ୮ଟି ବ୍ଲକ ଓ ଗୋଟିଏ ମ୍ୟୁନିସିପାଲିଟି ଅଞ୍ଚଳରେ ୧୧୮୭ ଜଣ ହସ୍ତଶିଳ୍ପ କାରିଗର ଫଣୀ ଯୋଗୁ ପ୍ରଭାବିତ ହୋଇଛନ୍ତି। ଏଥିରେ ବଡଚଣା ବ୍ଲକରେ ୨୭୦ ଜଣ, ଧର୍ମଶାଳାରେ ୫୧୬, ଦଶରଥପୁରରେ ୨୬, ବିଞ୍ଝାରପୁରରେ ୭୫, ଦାନଗଦିରେ ୩ ସୁକିନ୍ଦାର ୪୧, ରସୁଲପୁରର ୧୬୫, ବରୀ ବ୍ଲକର ୮୧ ଓ ଯାଜପୁର ପୌରାଞ୍ଚଳର ୧୦ ଜଣ ହସ୍ତଶିଳ୍ପୀଙ୍କ ବିଭିନ୍ନ କଞ୍ଚାମାଲ, ନିର୍ମାଣ ସାମଗ୍ରୀ, କର୍ମଶାଳା, ମୂର୍ତ୍ତି, କୋଇଲା, ବୈଦ୍ୟୁତିକ ଯନ୍ତ୍ରପାତି ଆଦି ନଷ୍ଟ ହୋଇଯାଇଛି। ଧର୍ମଶାଳା ବ୍ଲକର ଘଣ୍ଟିଆ, କମାଗଡ ଆଦି ଗ୍ରାମର କାରିଗରଙ୍କ କାଇଁଚ, ନିର୍ମାଣ ସାମଗ୍ରୀ ଏବଂ ଶୁଖୁଆପଦା, କଙ୍ଗଡ, ଛତିଆ ଆଦି ଗ୍ରାମର ପଥର କାରିଗରଙ୍କ କଞ୍ଚାମାଲ ଓ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି।



ଫଣୀ ଯୋଗୁ ଭାଙ୍ଗିଯାଇଥିବା କୁମ୍ଭାରଙ୍କ ମାଟିହାଣ୍ଡି ଶାଳ।

**ଯାଜପୁର ଜିଲା**
- ୧୧୮୭ ହସ୍ତଶିଳ୍ପ କାରିଗର କ୍ଷତିଗ୍ରସ୍ତ
- ମାସେ ପରେ ବି ମିଳିଲାନି ସରକାରୀ ସହାୟତା
- ସର୍ଭେରେ ବିଳମ୍ୱ, ବଢ଼ୁଛି ଅସନ୍ତୋଷ

ପ୍ରଥମାଖଣ୍ଡି, ଯାଜପୁର ଓ ଗୋପାଳପୁର ଆଦି ଗ୍ରାମର ମାଟି କାର୍ଯ୍ୟ ହସ୍ତଶିଳ୍ପ କାରିଗର, କଂସାପିତ୍ତଳ ନିର୍ମାଣରେ କୁଣ୍ଡପାଟଣା, ବାଲିପାଟଣା, ଅତଳାପୁର, ସାମନ୍ତପୁର, ବୈଦ୍ୟରାଜପୁର, ବୁଗୁଡି, ପଣସୁଧା, ଲକ୍ଷ୍ମୀନଗର ଗ୍ରାମର ଶତାଧିକ କାରିଗରଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ଟେରାକୋଟା କାର୍ଯ୍ୟରେ ପ୍ରଥମାଖଣ୍ଡି, ଗୋପାଳପୁର, ଲକ୍ଷ୍ମୀନଗର ଆଦି ଗ୍ରାମର କାରିଗରମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ହସ୍ତଶିଳ୍ପ ବିକାଶ ଯୋଜନାରେ କାରିଗରଙ୍କୁ ଡିଜାଇନ ଡେଭଲପମେଣ୍ଟ, ପ୍ରଦର୍ଶନୀ ଓ ବିଭିନ୍ନ ତାଲିମ କାର୍ଯ୍ୟକ୍ରମରେ ୨୦୦୦ରୁ ଊର୍ଦ୍ଧ୍ୱ କାରିଗରଙ୍କୁ ପଥର ଖୋଦେଇ, ଚାନ୍ଦୁଆ, ଟେରାକୋଟା, କଂସାପିତ୍ତଳ ଆଦି ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ମହିଳା ଓ ପୁରୁଷ କାରିଗର ହସ୍ତଶିଳ୍ପ ସାମଗ୍ରୀ ନିର୍ମାଣ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଫଣୀ ଯୋଗୁ ୧୦ ଲକ୍ଷରୁ ଅଧିକ ମୂଲ୍ୟର ହସ୍ତଶିଳ୍ପ ସାମଗ୍ରୀ, କଞ୍ଚାମାଲ, କର୍ମଶାଳା ଗୃହ ଆଦି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । କ୍ଷତିଗ୍ରସ୍ତ କାରିଗର ସୁଶାନ୍ତ ଦାସ କୁହନ୍ତି, ଦିନରାତି ବହୁ ପରିଶ୍ରମ କରି ପଥର ମୂର୍ତ୍ତି ତିଆରି କରିବାକୁ କଞ୍ଚାମାଲ ଯୋଗାଡ କରିଥିଲେ। ଏକ କର୍ମଶାଳା ଗୃହ ନିର୍ମାଣ କରି ପରିବାରର ସମସ୍ତେ ସେଠାରେ ପରିଶ୍ରମ କରୁଥିଲେ। ହେଲେ ଫଣୀ ସବୁ ଆଶା ଆକାଂକ୍ଷାକୁ ଧୂଳିସାତ୍ କରିଦେଇଛି। ଓଡ଼ିଶା ଶିଳ୍ପୀ ମହାସଂଘ ସଂଗଠନ ସମ୍ପାଦକ ପ୍ରିୟରଞ୍ଜନ କର କୁହନ୍ତି, କ୍ଷତିଗ୍ରସ୍ତ କାରିଗରଙ୍କୁ ସହାୟତା ଯୋଗାଇ ଦେବାରେ ପ୍ରଶାସନ ବହୁ ବିଳମ୍ୱ କରୁଛି। ସର୍ଭେ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଏନେଇ ରାଜ୍ୟ ହସ୍ତତନ୍ତ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେଣୁ କ୍ଷତିଗ୍ରସ୍ତ କାରିଗରଙ୍କୁ ଉପଯୁକ୍ତ ଭାବେ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ଯାଜପୁର ଜିଲାର କ୍ଷତିଗ୍ରସ୍ତ କାରିଗରଙ୍କ ତାଲିକା ରାଜ୍ୟ ହସ୍ତଶିଳ୍ପ ଏବଂ କଟେଜ୍ ଇଣ୍ଡଷ୍ଟ୍ରିଜ ନିର୍ଦ୍ଦେଶକଙ୍କୁ ପ୍ରେରଣ କରିସାରିଛନ୍ତି ବୋଲି ରିପୋର୍ଟରେ ଦର୍ଶାଇଛନ୍ତି।

# ଲାଇଫଷ୍ଟାଇଲ୍ ଆରମ୍ଭ କଲା 'ରଜ ଷ୍ଟାଇଲ୍ ଫେଷ୍ଟ'

ଭୁବନେଶ୍ୱର, ୩।୬(ବ୍ୟୁରୋ)

ଏସ୍‌ପ୍ଲାନେଡ୍ ମଲସ୍ଥିତ ଲାଇଫଷ୍ଟାଇଲ୍ ଷ୍ଟୋର୍ ପକ୍ଷରୁ ସହରର ଫ୍ୟାଶନେବୁଲ୍ ଯୁବପିଢୀଙ୍କ ପାଇଁ ଏକ ଭିନ୍ନସ୍ୱାଦର ଫ୍ୟାଶନ ଶୋ' 'ଲାଇଫଷ୍ଟାଇଲ୍ ରଜ ଷ୍ଟାଇଲ୍ ଫେଷ୍ଟ' ଆୟୋଜିତ ହେବାକୁ ଯାଉଛି। ସୋମବାର ଷ୍ଟୋର୍ ପରିସରରେ ଓଡ଼ିଆ ଫିଲ୍ମ ଅଭିନେତ୍ରୀ ଏଲିନା ସାମନ୍ତରାୟ ଲାଇଫଷ୍ଟାଇଲ୍ ରଜ ଷ୍ଟାଇଲ ଫେଷ୍ଟର ଶୁଭାରମ୍ଭ କରିଥିଲେ। ଏହାସହ ପ୍ରତିଯୋଗିତାର କ୍ରାଉନ୍ 'ମିସ୍ ରଜ ୨୦୧୯'କୁ ସେ ଏହି ଅବସରରେ ଉନ୍ମୋଚନ କରିଥିଲେ।




ଭୁବନେଶ୍ୱରର ଫ୍ୟାଶନପ୍ରେମୀ ମାନଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇଦେବା ଲାଗି ଏହି ଷ୍ଟାଇଲ୍ ଫେଷ୍ଟର ଆୟୋଜନ କରାଯାଉଛି। ଏଥିରେ ଅଂଶଗ୍ରହଣ କରିବାକୁ ପ୍ରତିଯୋଗୀଙ୍କୁ ଆମନ୍ତ୍ରଣ କରାଯାଇଛି। ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେରେ ଆୟୋଜିତ ହେବାକୁ ଥିବା ର୍‍ୟାମ୍ପୱାକ୍‌ରେ ଲାଇଫଷ୍ଟାଇଲର ନୂଆ ସମ୍ଭାର ଓ ଚଳିତ ସିଜିନ୍‌ର ସମସ୍ତ ସଦ୍ୟତମ ଟ୍ରେଣ୍ଡ୍‌କୁ ପ୍ରଦର୍ଶିତ କରାଯିବ। ଏହାବ୍ୟତୀତ 'ଲାଇଫଷ୍ଟାଇଲ ରଜ ଷ୍ଟାଇଲ ଫେଷ୍ଟ' ଫ୍ୟାଶନେବୁଲ୍ ଦମ୍ପତିଙ୍କୁ ମଧ୍ୟ ଏହି ଅବସରରେ ସ୍ୱୀକୃତି ପ୍ରଦାନ କରିବ। କାର୍ଯ୍ୟକ୍ରମକୁ ଉନ୍ମୋଚନ କରି ଲାଇଫଷ୍ଟାଇଲ୍ ମାର୍କେଟିଂର ସିନିୟର୍ ଭାଇସ୍ ପ୍ରେସିଡେଣ୍ଟ ଶ୍ରୀନିବାସ ରାଓ କହିଥିଲେ, ଭୁବନେଶ୍ୱର କସ୍‌ମୋପଲିଟାନ ଜୀବନଶୈଳୀ ଏବଂ ଭିନ୍ନ ଧରଣର ଗ୍ରାହକଙ୍କ ପ୍ରତିନିଧିତ୍ୱ କରୁଛି। ସମସ୍ତ ଗ୍ରାହକଙ୍କୁ ଉତ୍କୃଷ୍ଟ ଫ୍ୟାଶନ କଲେକ୍ସନ ଯୋଗାଇଦେବାକୁ ଲାଇଫଷ୍ଟାଇଲ୍ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଲାଇଫଷ୍ଟାଇଲ୍ ରଜ ଷ୍ଟାଇଲ ଫେଷ୍ଟ ମାଧ୍ୟମରେ ଆମେ ସହରର ଯୁବବର୍ଗଙ୍କ ପାଖରେ ପହଞ୍ଚିବୁ ଓ ସେମାନଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଭଲ ମଞ୍ଚ ଯୋଗାଇଦେବୁ ବୋଲି ସେ କହିଥିଲେ। ଲାଇଫଷ୍ଟାଇଲ୍ ବିଭିନ୍ନ ଲୋକପ୍ରିୟ ଫ୍ୟାଶନ ବ୍ରାଣ୍ଡ୍ ଓ ସମସ୍ତ ପ୍ରକାରର ସଦ୍ୟତମ ଟ୍ରେଣ୍ଡ୍ ସହ ସ୍ୱତନ୍ତ୍ର ସପିଂ ଅନୁଭୂତି ପ୍ରଦାନ କରିଥାଏ ବୋଲି ଅଭିନେତ୍ରୀ ଏଲିନା କହିଥିଲେ।

# ମୁଖ୍ୟମନ୍ତ୍ରୀ ବିଜେପୁର ଛାଡ଼ିବା ପରେ ଭାଜପାର ସମାଲୋଚନା

## କାହାକୁ ରୋକିବାକୁ ନୁହେଁ, ଅନୁରୋଧ ରକ୍ଷା କରି ଲଢ଼ିଥିଲେ: ବିଜେଡି

ଭୁବନେଶ୍ୱର, ୩।୬(ବ୍ୟୁରୋ)

ପଶ୍ଚିମ ଓଡ଼ିଶାବାସୀଙ୍କ ଅନୁରୋଧ ରକ୍ଷାକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ନିର୍ବାଚନରେ ବିଜେପୁର ଆସନରୁ ଲଢିଥିଲେ । ସେ ସେହି ବିଧାନସଭା ନିର୍ବାଚନମଣ୍ଡଳୀରୁ ଜିତିଲେ । ଏଥିସହିତ ତାଙ୍କ ପାରମ୍ପରିକ ହିଞ୍ଜିଳି ଆସନରୁ ମଧ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଉଭୟ ଆସନରୁ ବିଜୟୀ ହୋଇଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାକୁ ଗୁରୁତ୍ୱ ଦେଉଛନ୍ତି ଏବଂ ଅନେକ ଯୋଜନା କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ କାହିଁକି ବିଜେପୁରବାସୀଙ୍କୁ ପ୍ରତ୍ୟାଖାନ କଲେ, ତାହା ଆଶ୍ଚର୍ଯ୍ୟର ବିଷୟ ବୋଲି ଭାଜପା ବିଧାୟକ ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି । ୨୦୧୮ରେ ବିଜେପୁର ଉପନିର୍ବାଚନ ଏବଂ ବର୍ତ୍ତମାନ ଆସନ୍ନ ଉପନିର୍ବାଚନ ପାଇଁ ପ୍ୟାକେଜ ଘୋଷଣା ନାଁରେ ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କୁ ପ୍ରତାରିତ କରିଛନ୍ତି । ଗୋଟିଏ ମଧ ପ୍ରତିଶ୍ରୁତି ପାଳନ କରିଲେନାହିଁ । କେବଳ ଗୋଟିଏ ଘୋଷଣାକୁ ବାରମ୍ବାର କହି ମୁଖ୍ୟମନ୍ତ୍ରୀ ସମଗ୍ର ପଶ୍ଚିମାଞ୍ଚଳବାସୀଙ୍କ ଭାବନା ସହ ଖେଳିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜୟନାରାୟଣ ଅଭିଯୋଗ କରିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତାମାନଙ୍କୁ ପ୍ରତିକ୍ରିୟା ଦେଇ ଜୟନାରାୟଣ କହିଛନ୍ତି, ବିଜେପୁରରେ ହେବାକୁ ଥିବା ଉପନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି। ଏହା ରାଜ୍ୟ ସରକାରଙ୍କ ପଞ୍ଚମ ପାଳିର ପ୍ରଥମ ପ୍ରତାରଣା। ଗତ ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ବିଜେପୁର ପାଇଁ ଘୋଷଣା କରିଥିବା ପ୍ରକଳ୍ପ ମଧ୍ୟରୁ ଗୋଟିଏ ହେଲେ କାମ ଆରମ୍ଭ କଲେନାହିଁ । ପୂର୍ବରୁ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବାରେ ମୁଖ୍ୟମନ୍ତ୍ରୀ ମାହିର। ଏବେ ସେ ବିଜେପୁରରୁ ଲଢ଼ି ଆଉ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପୁରବାସୀଙ୍କୁ ଅପମାନିତ କରିଛନ୍ତି। ବର୍ତ୍ତମାନ ଘୋଷଣା ହୋଇଥିବା ପ୍ୟାକେଜରେ ନୂଆ କିଛିନାହିଁ । କେବଳ ପୁରୁଣା ପ୍ୟାକେଜକୁ ଆଉଥରେ ଘୋଷଣା କରିଛନ୍ତି । ପୂର୍ବରୁ ଘୋଷିତ ଗଙ୍ଗାଧର ମେହେର ଜଳ ପ୍ରକଳ୍ପ କୁଆଡେ ଗଲା ରାଜ୍ୟ ସରକାର ତାର ଜବାବ୍ ରଖନ୍ତୁ ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ଏହିସବୁ ଅଞ୍ଚଳରେ ତୈଳ ବିଶୋଧନାଗାର, ଆଇଆଇଏମ୍ ଶିକ୍ଷାନୁଷ୍ଠାନ, ବୁର୍ଲାରେ ସୁପର ସ୍ପେଶାଲିଟି ହସ୍ପିଟାଲ ଏବଂ ଝାରସୁଗୁଡାରେ ଏୟାରପୋର୍ଟ ପାଇଁ ପଦକ୍ଷେପ ନେଇଛନ୍ତି। କିନ୍ତୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଗୋଟିଏ ହେଲେ ଜନହିତକର ପଦକ୍ଷେପ ନେଇନାହାନ୍ତି। ଯେଉଁଥିରେ ପଶ୍ଚିମ ଓଡ଼ିଶାବାସୀ ଖୁସି ହେବେ। କେବଳ ପ୍ୟାକେଜ ଘୋଷଣା କରି ବିଜେପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତାରଣା କରିବେ। ଆଗାମୀ ଦିନରେ ଏଭଳି ପ୍ରତାରଣାର ଜବାବ ବିଜେପୁରବାସୀ ନିଶ୍ଚିତ ଦେବେ ବୋଲି ଜୟନାରାୟଣ କହିଛନ୍ତି।



ଜୟନାରାୟଣ ମିଶ୍ର | ନବ ଦାସ

ଜୟନାରାୟଣଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତା ନବ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ଛାଡ଼ି ନାହାନ୍ତି ବରଂ ବିଜେପୁରବାସୀଙ୍କ ସବୁ ଦାୟିତ୍ୱ ନେଲେ। ପୂର୍ବରୁ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ଏବଂ ଏବେ ଯେଉଁ ଘୋଷଣା କରିଛନ୍ତି ସେସବୁର ସମୀକ୍ଷା କରି କାର୍ଯ୍ୟ କରିବେ। ଯେହେତୁ ୨ଟି ଆସନ ରଖିହେବନି ସେଥିଲାଗି ଗୋଟିଏ ଆସନ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ବିଜେପୁରରେ ବିକାଶମୂଳକ କାର୍ଯ୍ୟ ହେବ ବୋଲି ପଶ୍ଚିମ ଓଡ଼ିଶା ଲୋକ ବିଶ୍ୱାସ କରିଛନ୍ତି। କାହାକୁ ରୋକିବା ଲାଗି ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ନିର୍ବାଚନ ଲଢି ନ ଥିଲେ। ଆମମାନଙ୍କ ଅନୁରୋଧ ରକ୍ଷା କରି ଲଢିଥିଲେ। ଆଗକୁ ତାଙ୍କ ନିଷ୍ପତ୍ତି ଯାହା ହେବ ଆମେମାନେ ମାନିବୁ। ଯାହାକୁ ସେ ପ୍ରାର୍ଥୀ କରିବେ ସେ ନିଶ୍ଚିତ ଜିତିବେ ବୋଲି ନବ କହିଛନ୍ତି।

CLASSIFIED DISPLAY







# ସାବିତ୍ରୀ ବ୍ରତ ପୂର୍ବ ରାତିର ଦୁଃଖ
# ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

ଦେବଗଡ଼,୩।୬(ସ୍ୱ.ପ୍ର.)

**୩ ବର୍ଷର ଝିଅକୁ ନେଇ ହତ୍ୟାକାରୀ ଫେରାର**

ପବିତ୍ର ସାବିତ୍ରୀ ବ୍ରତରେ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରନ୍ତି। ଏଥିପାଇଁ ସ୍ତ୍ରୀମାନଙ୍କୁ ନିଷ୍ଠାର ସହିତ ବ୍ରତପାଳନ କରିବାକୁ ହୋଇଥାଏ। ହେଲେ ଏହି ବ୍ରତ ପାଳନର ପୂର୍ବ ରାତିରେ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ଓ ହତ୍ୟାକାରୀ ନିଜ ଝିଅକୁ ନେଇ ଫେରାର ହୋଇଯିବା ଘଟଣା ଦେବଗଡ଼ ଜିଲା ବାରକୋଟ ବ୍ଲକ କାଦୋପଡ଼ା ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, କାଦୋପଡ଼ା ଗ୍ରାମର ସନ୍ତୋଷ କୁମ୍ଭାରଙ୍କ ଝିଅ ଲକ୍ଷ୍ମୀ ରାଉରକେଲା ନିକଟସ୍ଥ ହମିଦ୍‌ପୁର ଗାଁର ମନୋଜ କୁମ୍ଭାରଙ୍କୁ ବିବାହ କରିଥିଲେ । ଗତ ୩ ବର୍ଷ ହେବ ମନୋଜ ଶ୍ୱଶୁରଙ୍କ ଘରେ ଘରଜ୍ୱାଇଁ ଭାବେ ରହି ଆସୁଥିଲେ । ରବିବାର ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ମନୋଜ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । କେହି କିଛି ଚିନ୍ତା କରିବା ପୂର୍ବରୁ ତାହା ଉଗ୍ରରୂପ ଧାରଣ କରିଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ, ମନୋଜ ନିଜର ମାନସିକ ଭାରସାମ୍ୟ ହରାଇ ଏକ ଟାଙ୍ଗିଆରେ ଲକ୍ଷ୍ମୀଙ୍କୁ ହାଣି ପକାଇଥିଲେ । ଲକ୍ଷ୍ମୀ ଘର ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ମନୋଜ ନିଜର ୩ ବର୍ଷର ଝିଅ ଶିବନୀକୁ ଧରି ଫେରାର ହୋଇଯାଇଥିଲେ । ପରିବାର ଲୋକେ ଲକ୍ଷ୍ମୀଙ୍କୁ ୧୦୮ ଆମ୍ବୁଲାନ୍ସରେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଲକ୍ଷ୍ମୀଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ ୯୩/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦେବଗଡ଼ ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ସ୍ୱାଧୀନତାର ଅର୍ଥ– ଅନ୍ୟପ୍ରଦତ୍ତ ନିୟମ ପାଳନ କରିବା ନୁହଁ– ନିଜ ଉପରେ ନିଜ ପ୍ରଦତ୍ତ ନିୟମ ପାଳନ କରିବା ହିଁ ହେଲା ସ୍ୱାଧୀନତାର ଅର୍ଥ। ଅବଶ୍ୟ –ଆମର ଅପରିଶୁଦ୍ଧ ପ୍ରାକୃତ ଅବସ୍ଥାରେ। କିନ୍ତୁ ପରିପୂର୍ଣ୍ଣ ସ୍ୱାଧୀନତା ଆମେ ସେତିକି ବେଳେ ଉପଭୋଗ କରିବୁ – ଯେତେବେଳେ ଆମ ଉପରେ ଭଗବାନ ଓ ଅଧ୍ୟାତ୍ମଚେତନାର ଏକାଧିପତ୍ୟ ରହିବ। –ଶ୍ରୀଅରବିନ୍ଦ

# ଥିଲେ ନଷ୍ଟ, ନ ଥିଲେ କଷ୍ଟ

ତାମିଲନାଡୁ ରାଜଧାନୀ ଚେନ୍ନାଇରେ ଜଳସଙ୍କଟ ଏବେ ଏଭଳି ସ୍ତରରେ ପହଞ୍ଚିଛି ଯେ, କେତେକ ଲୋକ ସହର ଛାଡ଼ିବା ଆରମ୍ଭ କଲେଣି। ଆଉ କେତେକେ ଯେଉଁ ଅଞ୍ଚଳରେ ଜଳର ଉପଲବ୍ଧି ରହିଛି ସେଠାକୁ ବାସସ୍ଥାନ ବାଛିଲେଣି। ଅର୍ଥାତ୍ ଜୀବନଯାକର ଅର୍ଥ ସଞ୍ଚି ସୁନ୍ଦର ଘରଟିଏ ତୋଳି ରହୁଥିବା ବ୍ୟକ୍ତି ସମ୍ପତ୍ତି ମୋହ ପରିତ୍ୟାଗ କରି ପାଣି ଖୋଜିବାରେ ବ୍ୟସ୍ତ। ଯେଉଁ ୪ଟି ଜଳଭଣ୍ଡାରରୁ ଚେନ୍ନାଇକୁ ପାଣି ଆସୁଥିଲା ତାହା ଶୁଖିଯିବା ପରେ ସେଠାକାର ବାସିନ୍ଦା ବଞ୍ଚିବା ପାଇଁ ବାଟ ଖୋଜୁଛନ୍ତି। କଥାରେ ଅଛି–'ଜଳ ଗହଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ'। ଏହି ଢଗ ଯେଉଁ ପରିସ୍ଥିତି ଦର୍ଶାଉଛି, ଓଡ଼ିଶା ଲୋକେ ସେ ସମ୍ପର୍କରେ ନିକଟ ଅତୀତରୁ ଭଲ ଭାବେ ବୁଝିସାରିଲେଣି। ଗତ ୩ ମେ'ର ବାତ୍ୟା ଫନୀ ସମସ୍ତଙ୍କ ଆଖି ଖୋଲି ଦେଇଥିଲା। କୁହାଯାଉଥିଲା ଓଡ଼ିଶା ଏଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ବାସ୍ତବତାକୁ ଅଙ୍ଗେ ନିଭାଇଲେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲା ବାସିନ୍ଦା। ବିଦ୍ୟୁତ୍‌ଶକ୍ତି ବିନା ଏବେ ବି ଜନସାଧାରଣ ଅନେକ ସ୍ଥାନରେ କଷ୍ଟ ପାଉଛନ୍ତି। ଏହି ଅଭିଜ୍ଞତା ସମସ୍ତଙ୍କ ମନରେ ବିଶ୍ୱାସ ଆଣିଦେଇଥିବ ଯେ ଜଳ ବିନା ବଞ୍ଚିବା କେତେ କଷ୍ଟ। ବିଦ୍ୟୁତ୍‌ଶକ୍ତି ନ ଥିଲେ ହାତ ବିଞ୍ଚା ପଙ୍ଖାରେ ବଞ୍ଚି ହେବ। ପାଣି ନ ଥିଲେ ଜୀବନ ଅସମ୍ଭବ। ଏହି ଅଭିଜ୍ଞତା ଦେଇ ଯାଇଥିବା ଓଡ଼ିଶାବାସୀ ଚେନ୍ନାଇ ପରିସ୍ଥିତି ଭଲ ଭାବେ ବୁଝିପାରୁଥିବେ। ୨୦୧୭ରେ ନିଅଣ୍ଟିଆ ବର୍ଷା, ୨୦୧୮ରେ ମୌସୁମୀର ଅନିୟମିତତା ଏବଂ ୨୦୧୯ର ଅଦ୍ୟାବଧି ପ୍ରାକ୍ ମୌସୁମୀ ବର୍ଷାର ଦେଖା ନ ଥିବାରୁ ଚାରିଆଡ଼େ ଜଳର ଘୋର ଅଭାବ। ଗ୍ରୀଷ୍ମ ଦିନର ଜଳକଷ୍ଟରୁ ରକ୍ଷାପାଇବା ପାଇଁ ଚେନ୍ନାଇ ବାସିନ୍ଦା ରାଜ୍ୟ ବାହାରକୁ ଭ୍ରମଣ କିମ୍ବା କେରଳରେ ଥିବା ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିବା ଦେଖିବାକୁ ମିଳିଛି।

ଚେନ୍ନାଇ ସମସ୍ୟା ସୂଚାଇ ଦେଉଛି ଜଳ ପାଇଁ ଆଜି ମଣିଷ କେତେ ଅସହାୟ। ଭଲ ଘର, ଉତ୍ତମ ଚାକିରି, ପ୍ରଯୁକ୍ତିବିଦ୍ୟାର ବିକାଶ, ଆଧୁନିକ ଜୀବନଶୈଳୀ ଏବଂ ସର୍ବୋପରି ବ୍ୟାଙ୍କରେ ଟଙ୍କା ଠୁଳ ଥିଲେ ମଧ୍ୟ ଜଳ ଭଳି ମୌଳିକ ଜିନିଷର ଅଭାବ ଜୀବନକୁ ଦୁର୍ବିଷହ କରିଦେଉଛି। ରିପୋର୍ଟରୁ ଜଣାପଡ଼ିଛି ଯେ ଚଳିତ ମାସ ଆରମ୍ଭରୁ ତାମିଲନାଡୁ ସରକାର ଚେନ୍ନାଇ, କାଞ୍ଚିପୁରମ୍ ସମେତ ୧୭ ଜିଲାକୁ ମରୁଡ଼ି ଘୋଷଣା କରିଥିଲେ। ଜଳ ଟିକେ ପାଇବା ପାଇଁ ମନ୍ଦିରରେ ଯଜ୍ଞ କରି ବରୁଣ ଦେବତାଙ୍କୁ ସନ୍ତୁଷ୍ଟ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହିଭଳି ଅନ୍ଧ ଧାର୍ମିକ ଚିନ୍ତାଧାରା ଭାରତୀୟମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଅବାସ୍ତବ ସ୍ତରକୁ ନେଇଗଲାଣି। ଏତେସବୁ ପୂଜାପାଠ ସତ୍ତ୍ୱେ ବର୍ଷାର ଦେଖା ନାହିଁ। ଗତ ୧୦ ଦିନ ହେବ ଚେନ୍ନାଇର ଅଧିକାଂଶ ଅଞ୍ଚଳରେ ଲୋକେ ପାଣି ପାଇ ନ ଥିବା ପ୍ରକାଶ କରିଛନ୍ତି। କେବଳ ତାମିଲନାଡୁ ନୁହେଁ, କର୍ଣ୍ଣାଟକ, ମହାରାଷ୍ଟ୍ର ସମେତ ଅନେକ ରାଜ୍ୟରେ ଗ୍ରୀଷ୍ମକାଳୀନ ଜଳସଙ୍କଟ ଉଗ୍ରରୂପ ଧାରଣ କରିଛି। ଦ୍ୱିତୀୟ ଥର ଲାଗି ନରେନ୍ଦ୍ର ମୋଦି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ସ୍ୱତନ୍ତ୍ର ଭାବେ ଜଳଶକ୍ତି ମନ୍ତ୍ରଣାଳୟ ଖୋଲିଛନ୍ତି। ଏଥିରେ ଜଳସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର, ପାନୀୟ ଜଳ ଓ ପରିମଳ ଆଦି ମନ୍ତ୍ରଣାଳୟର ମିଶ୍ରଣ ଘଟିଛି। ତେବେ ଏହି ନୂତନ ମନ୍ତ୍ରଣାଳୟ ଦେଶର ଜଳସଙ୍କଟକୁ ଦୂର କରିପାରିବ କି ବୋଲି ପ୍ରଶ୍ନ ଉଠିଲାଣି। ବିଶେଷଜ୍ଞଙ୍କ ମତରେ ଜଳଶକ୍ତି ମନ୍ତ୍ରଣାଳୟ କେବଳ ଏକ ନୂଆ ନାମ। ଜଳ ରାଜ୍ୟ ତାଲିକାଭୁକ୍ତ। ସ୍ୱତନ୍ତ୍ର କ୍ଷେତ୍ରରେ କେନ୍ଦ୍ରକୁ ରାଜ୍ୟ ଅନୁରୋଧ ନ କଲେ କେନ୍ଦ୍ର ହସ୍ତକ୍ଷେପ କରିପାରିବ ନାହିଁ। କିନ୍ତୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ପ୍ରଣୟନ କରାଯାଇ ଆନ୍ତଃରାଜ୍ୟ ଜଳ ପ୍ରସଙ୍ଗରେ କେନ୍ଦ୍ର ହସ୍ତକ୍ଷେପ କରିପାରେ। ଯଦିଓ ଜଳ ଯୁଗ୍ମ ତାଲିକା ଭାବେ ଧରାଗଲାଣି ତେବେ କିଭଳି ପାଣି ସମସ୍ୟାକୁ ସମାଧାନ କରାଯାଇପାରିବ ତାହା ବହୁ ଆଲୋଚନାର ଅପେକ୍ଷା ରଖୁଛି।

ଜଳବିବାଦର ଇତିହାସ ଦେଖିଲେ ଦୀର୍ଘବର୍ଷର କାବେରୀ ନଦୀ ଜଳ ବଣ୍ଟନ ବିବାଦଠାରୁ ଆରମ୍ଭକରି ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ମହାନଦୀ ଜଳ ସମସ୍ୟା ଆଜି କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟଗୁଡ଼ିକ ପାଇଁ ମୁଣ୍ଡବ୍ୟଥାର କାରଣ ରହିଛି। ଏ ସମ୍ପର୍କରେ ମଧ୍ୟ ଓଡ଼ିଶାବାସୀଙ୍କ ଅଭିଜ୍ଞତା ଅଦ୍ୱିତୀୟ। ଜଳର ଆବଶ୍ୟକତା ଦେଖି ରାଜ୍ୟ ରାଜ୍ୟ ମଧ୍ୟରେ ବାଡ଼ିଆପିଟା ଚାଲିଛି। ତେଣୁ ଏଥିରେ ତୁରନ୍ତ ସମାଧାନ ମିଳିବ ବୋଲି ଆଶା କରାଯାଇ ନ ପାରେ। ସେଥିପାଇଁ ପ୍ରତ୍ୟେକଙ୍କୁ ଜଳ ସଂରକ୍ଷଣ ଓ ସର୍ବନିମ୍ନ ସ୍ତରରେ ଏହାର କିଭଳି ବ୍ୟବହାର ହୋଇପାରିବ ତା' ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏବେ ଭାରତରେ ଥିବା ଜଳସମ୍ପଦ ପ୍ରତି ଦୁଇ ପ୍ରକାର ବିପଦ ଘନେଇ ଆସୁଛି। ପ୍ରଥମଟି ହେଲା ବିପୁଳ ଜନସଂଖ୍ୟା ବୃଦ୍ଧି ଯୋଗୁ ଭୂପୃଷ୍ଠ ଜଳକୁ ବ୍ୟବହାର ଅନୁପଯୋଗୀ କରିବାଠାରୁ ଆରମ୍ଭ କରି ବିଭିନ୍ନ ଉପାୟରେ ନଷ୍ଟ କରିବାର ଚରିତ୍ର ସାଧାରଣ ଭାରତୀୟଠାରେ ଦେଖାଦେଇଥାଏ। ଦ୍ୱିତୀୟତଃ ଏଥିସହିତ ମିଶିଯାଉଛି ସରକାରୀ ନୀତି। ବିକୃତ ନୀତି ମାଧ୍ୟମରେ ଉଭୟ ଭୂପୃଷ୍ଠ ଓ ଭୂତଳ ଜଳକୁ ଚାଷ କିମ୍ବା ପାନୀୟ ଜଳ ଭାବେ ବ୍ୟବହାର କରିବା ପରିବର୍ତ୍ତେ ଶିଳ୍ପସଂସ୍ଥାଗୁଡ଼ିକୁ ବିପୁଳ ପରିମାଣରେ ଦେଇ ଦିଆଯାଉଥିବାରୁ ଜଳକଷ୍ଟ ବୃଦ୍ଧି ପାଉଛି। ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ସୃଷ୍ଟି କରିଥିବା ବନ୍ଧ। ଓଡ଼ିଶା ସରକାରଙ୍କ ଅପାରଗତାକୁ ବ୍ୟବହାର କରି ପଡ଼ୋଶୀ ଛତିଶଗଡ଼ ଅନେକ ବନ୍ଧ ନିର୍ମାଣ କରିସାରିଲାଣି। ମହାନଦୀର ତଳଭାଗରେ ବା ରାଇପାରିଆନ୍ ରାଜ୍ୟ ଭାବେ ଓଡ଼ିଶାରେ ଜଳାଭାବ ଉତ୍କଟ ରୂପ ନେବାକୁ ଯାଉଛି। ଛତିଶଗଡ଼ ନିର୍ମାଣ କରିଥିବା ବନ୍ଧଗୁଡ଼ିକରୁ ଟୋପାଏ ଜଳ ଚାଷ ପାଇଁ ବ୍ୟବହୃତ ହେଉ ନାହିଁ। ଶିଳ୍ପ ହେଉଛି ଏକମାତ୍ର ବ୍ୟବହାରକାରୀ। ଏଭଳି ପରିସ୍ଥିତି ଆଗାମୀ ଦିନରେ ହିଂସାତ୍ମକ ରୂପ ନେଇପାରେ।

୨୦୧୪ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ ପୃଥିବୀର ୫୦୦ ବୃହତ୍ ସହର ମଧ୍ୟରୁ ୪ଟିରୁ ଗୋଟିଏ ଘୋର ଜଳାଭାବ ଦେଇ ଗତି କରୁଛି। ୨୦୧୮ ଫେବୃୟାରୀରେ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍ ପ୍ରଥମ ସହର ଭାବେ ପ୍ରବଳ ଜଳ ସଙ୍କଟର ସମ୍ମୁଖୀନ ହେବା ପରେ ଲୋକେ ସେଠାରୁ ଛାଡ଼ିବା ଆରମ୍ଭ କରିଥିଲେ। ଭାରତର ଚେନ୍ନାଇବାସୀ ସେଇ ପରିଣତି ଭୋଗିଲେଣି। ଏସବୁଥିରୁ ଶିଖି ଆମେ ଓଡ଼ିଶାବାସୀ ଏବେଠାରୁ ସତର୍କ ନ ରହିଲେ ଆମକୁ ଅଲଗା ଭୂଖଣ୍ଡ ଖୋଜିବାକୁ ପଡ଼ିବ। ଜଳ ଥିଲେ ଆମେ ସମସ୍ତେ ନଷ୍ଟ କରୁ, ନ ଥିଲେ କଷ୍ଟ ପାଉ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | | E | | | | | | | | | 3 | 4 | |
| 8 | | 5 | A | | | | | | | 6 | C | 0 | 9 | |
| 3 | C | 6 | | | | | 2 | A | | 7 | | 5 | | |
| | | | | 6 | | | | | | 5 | A | | 2 | 1 |
| | | | | B | | | 9 | 0 | | | | | | |
| | | E | | | 7 | | | 1 | A | | | D | 0 | |
| | D | | | | | 8 | | 9 | | 1 | 6 | | 7 | |
| 9 | | | | A | 3 | B | | 4 | | 0 | D | 6 | | E |
| 5 | 3 | | | | | | | 6 | | 9 | B | 4 | | C |
| | B | 7 | | | 4 | | | | E | 8 | | | | |
| | 0 | 4 | | | | | E | 5 | | | | | | 8 |
| 2 | | A | | 9 | | 3 | | | 5 | | | C | | |
| 6 | | | | | | | | | | A | | | | |
| B | | 1 | | | | 7 | 8 | C | 6 | | | | | |
| 7 | | | | 2 | | | 0 | | 8 | | 3 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 0 | 3 | D | 2 | 5 | 9 | 4 | 6 | A | 1 | 8 | E | C | B |
| B | 5 | 9 | 7 | E | 4 | A | 8 | D | 6 | 0 | C | 3 | 1 | 2 |
| E | 2 | 6 | A | 9 | B | C | 1 | 5 | D | 3 | 7 | 4 | 0 | 8 |
| D | 8 | C | 0 | 6 | 1 | B | 3 | E | 5 | 4 | 2 | 7 | A | 9 |
| 1 | 4 | A | 8 | 3 | C | 7 | 0 | 2 | 9 | B | E | D | 6 | 5 |
| 3 | E | B | 6 | C | 2 | 0 | 7 | 4 | 1 | D | 5 | 9 | 8 | A |
| C | 6 | D | 9 | A | 8 | 3 | 5 | B | E | 7 | 0 | 1 | 2 | 4 |
| 4 | 1 | 7 | 3 | 5 | 0 | E | C | A | 8 | 2 | 9 | 6 | B | D |
| 0 | 9 | 5 | B | D | E | 1 | 2 | 8 | 4 | 6 | A | C | 7 | 3 |
| 8 | A | 2 | 1 | 4 | 7 | D | 6 | 9 | B | C | 3 | 5 | E | 0 |
| 5 | D | 4 | E | 0 | 9 | 8 | B | 7 | C | A | 1 | 2 | 3 | 6 |
| A | B | 8 | C | 7 | 3 | 4 | 9 | 1 | 2 | 5 | 6 | 0 | D | E |
| 6 | 7 | 0 | 2 | B | D | 5 | E | C | 3 | 8 | 4 | A | 9 | 1 |
| 9 | 3 | 1 | 4 | 8 | 6 | 2 | A | 0 | 7 | E | D | B | 5 | C |
| 2 | C | E | 5 | 1 | A | 6 | D | 3 | 0 | 9 | B | 8 | 4 | 7 |

ଗତକାଲିର ଉତ୍ତର

# କ୍ରୂର ପ୍ରବଞ୍ଚନା



ବୈକୁଣ୍ଠନାଥ ମିଶ୍ର

ବର୍ତ୍ତମାନ ସମାଜ ଭଦ୍ରମୁଖାପିନ୍ଧା ରାକ୍ଷସମାନଙ୍କର କ୍ରୀଡ଼ାଙ୍ଗନରେ ପରିଣତ ହୋଇଛି। ପରର ସର୍ବସ୍ୱ ଲୁଣ୍ଠନ, ପରକୁ ବିପଦମୁହଁକୁ ଠେଲି ତା' ଅସହାୟତାର ଫାଇଦା ନେବା, ସତ୍ୟକୁ ଉପେକ୍ଷା କରି ମିଥ୍ୟାର ପକ୍ଷ ଗ୍ରହଣ କରିବା, କୋମଳମତି ବାଳିକାଙ୍କୁ ଯୌନ ଉତ୍ପୀଡ଼ନ ପ୍ରଭୃତି ସମସ୍ତ କୁଗୁଣର ଅଧିକାରୀମାନଙ୍କ ଦ୍ୱାରା ଏ ପୃଥିବୀ ସନ୍ତ୍ରସ୍ତ। ମାନବିକ ମୂଲ୍ୟବୋଧ ସୁଦୂର ପରାହତ। ବିଶ୍ୱାସର ସୁଦୃଢ଼ ରଜ୍ଜୁଟି ଛିନ୍ନ ହୋଇଛି। ସଂଶୟର ମଳିନ ଆବରଣ ସ୍ୱଚ୍ଛ ମସ୍ତିଷ୍କକୁ ଆବୃତ କରିଛି। ସର୍ବତ୍ର ଏକ ଅସ୍ୱାଭାବିକ ପରିସ୍ଥିତି।

ବହୁଦିନ ତଳେ ଆମ ଗ୍ରାମକୁ ଗୋଟିଏ ବର ଆସିଲା। ବରର ଶୋଭାଯାତ୍ରା, ପାଟପଟୁଆର ତତ୍କାଳୀନ ସମ୍ଭ୍ରାନ୍ତ ପରିବାରର ପରିଚୟ ବହନ କରୁଥିଲା। ଗ୍ରାମରେ ଏକ ଯୁବକ ସଂଘ ଓ ଯୁବକ ସଂଘ ଆନୁକୂଲ୍ୟରେ ଏକ କ୍ଷୁଦ୍ର ପାଠାଗାର ଗଢି ଉଠିଥିଲା, ଯାହା ଅବସର ବିନୋଦନର ପ୍ରମୁଖ ଉତ୍ସ ଥିଲା। କେବଳ ବେସରକାରୀ ଦାନ ହିଁ ଏ ଦୁଇ ଅନୁଷ୍ଠାନର ଆୟର ଉତ୍ସ। ଯୁବକ ସଂଘର ସର୍ବସମ୍ମତ ପ୍ରସ୍ତାବ ଅନୁଯାୟୀ ଗ୍ରାମକୁ ଆସୁଥିବା ବରମାନଙ୍କଠାରୁ କିଛି ଚାନ୍ଦା ସଂଗ୍ରହ କରାଯାଉଥିଲା। ଆମର କର୍ଣ୍ଣଗୋଚର ହୋଇଥାଏ ଯେ ଆଗନ୍ତୁକ ବରଟି ଜଣେ ଗ୍ରାଜୁଏଟ ଏବଂ କଲିକତାର ଏକ କମ୍ପାନୀରେ ଉଚ୍ଚ ବେତନଭୋଗୀ କର୍ମଚାରୀ। ସଂଘର ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ଆଗନ୍ତୁକ ବରମାନେ ନିଜ ହାତରେ ଦାନରାଶି ଲେଖି ସ୍ୱାକ୍ଷର କରିବେ। ବର ଶୋଭାଯାତ୍ରା ଗ୍ରାମରେ ପ୍ରବେଶ କରିବା ପରେ ସଂଘର ସଦସ୍ୟମାନେ ରସିଦ ବହି ସହ ବର ପାଲିଙ୍କିକୁ ଘେରିଗଲେ। ଚାନ୍ଦା ଦେବାକୁ ସମ୍ମତ ବରପକ୍ଷ କିନ୍ତୁ ବର ନିଜେ ଚାନ୍ଦା ପରିମାଣ ଲେଖି ସ୍ୱାକ୍ଷର କରିବାରେ ଘୋର କୁଣ୍ଠା ପ୍ରକାଶ କଲେ। ସେମାନଙ୍କ ଯୁକ୍ତି ହେଲା ଚାନ୍ଦା ତ ଦିଆଯିବ କିନ୍ତୁ ବରର ଦସ୍ତଖତରେ କ'ଣ ପ୍ରୟୋଜନ? ସେମାନେ ଯେତେ କୁଣ୍ଠିତ ହେଉଥାନ୍ତି, ସଂଘ ସଦସ୍ୟମାନେ ସେତିକି ଜିଦ କରୁଥାନ୍ତି। ଶେଷରେ ବରର ମାମୁ ବରକୁ କହିଲେ ପୁଅରେ ଦେ ଧାଡିଏ ଗାରେଇ ଦେ, ସେମାନେ ଯାନ୍ତୁ। ଆମ ଆଶଙ୍କା ସତ ହେଲା ଯେତେବେଳେ ଠିକ୍ ଭାବରେ କଲମ ଧରି ପାରୁ ନ ଥିବା ବରଟି ରସିଦ ବହିରେ ଏକ ଲମ୍ବା ଗାର ଟାଣିଦେଲା। ସମବେତ ଜନତାଙ୍କ ମଧ୍ୟରେ ଏକ ଗୁଞ୍ଜରଣ ସୃଷ୍ଟି ହେଲା ଯେ ବରଟି 'ଶ୍ରୀଅକ୍ଷର ବିବର୍ଜିତ'। ମାଟ୍ରିକ ପାସ କରିଥିବା ଝିଅଟି ସିଧା ସିଧା ଏ ବିବାହକୁ ପ୍ରତ୍ୟାଖ୍ୟାନ କଲା। ବର ଖାଲି ଶିଶୁପାଳ ବନିଲା ନାହିଁ ବରଂ ମିଥ୍ୟା ଓ ପ୍ରବଞ୍ଚନା ପାଇଁ ପୋଲିସ ଦ୍ୱାରା ଗିରଫ ହେଲା। ଆଜକୁ ପ୍ରାୟ ପଚାଶ ବର୍ଷ ତଳର ଏଭଳି ଏକ ଘଟଣା ଆମ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ମଙ୍ଗୁଳା କନ୍ୟାର ଅପବାଦ ସହି ନ ପାରି ବିଚରା ଝିଅଟି ଆତ୍ମହତ୍ୟାର ପଥ ବାଛିନେଲା।

ସେତେବେଳେ ଶିକ୍ଷାର ପ୍ରସାର ଘଟି ନ ଥିଲା। ଗ୍ରାମାଞ୍ଚଳର ନବେ ଭାଗ ଲୋକ ଅଶିକ୍ଷିତ। ତେଣୁ ଗ୍ରାମର ନିରୀହ ଜନତା ଚତୁର ଲୋକମାନଙ୍କ ଦ୍ୱାରା ଶୋଷିତ ହେଉଥିଲେ। ମାତ୍ର ସମ୍ପ୍ରତି ଯୁଗ ବଦଳିଛି। ଶିକ୍ଷାର ବ୍ୟାପକ ପ୍ରସାର ସମାଜରେ ନବ ଚେତନାର ଉନ୍ମେଷ କରିଛି। ମଣିଷ ଯେତେ ଶିକ୍ଷିତ ହେଉଛି ସେତେ ଅଧିକ ଶଠତାର ଶିକାର ହେଉଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅପପ୍ରୟୋଗ କରି କିଛି ମନ୍ଦ ପ୍ରକୃତିର ବ୍ୟକ୍ତି ସହଜରେ ଅନ୍ୟକୁ ଠକିବାରେ ସଫଳ ହେଉଛନ୍ତି। ଏଟିଏମ୍ ଲୁଟ୍, ବ୍ୟାଙ୍କ ଖାତାରୁ ଅର୍ଥ ଗାଏବ ଇତ୍ୟାଦି ଆଧୁନିକ ପ୍ରଯୁକ୍ତିବିଦ୍ୟାର ଅନ୍ଧକାର ପାର୍ଶ୍ୱ। ସବୁଠାରୁ ଉଦ୍‌ବେଗଜନକ କଥା ଏହି ଯେ, କିଛି ଖଳ ପ୍ରକୃତିର ବ୍ୟକ୍ତି ସହଜରେ ଅନ୍ୟକୁ ଠକି ପାରୁଛନ୍ତି। ବିହାରର ସହର୍ସା ଜିଲାରେ ୨୦୧୭ ମେ ମାସରେ ଗୋଟିଏ ବରଯାତ୍ରୀ ଦଳ ପୂର୍ବ ନିର୍ଦ୍ଧାରିତ କନ୍ୟା ସହ ବିବାହ ପାଇଁ କନ୍ୟା ଘରେ ପହଞ୍ଚିଲେ। ଭୋଜିଭାତ ଓ ନୃତ୍ୟସଙ୍ଗୀତର ଆସର ମଧ୍ୟରେ ବିବାହ ପର୍ବ ଆରମ୍ଭ ହେବା ଉପରେ। ପୂର୍ବରୁ କିଛି ସମ୍ପର୍କୀୟ ବରକୁ ଦେଖି କିଛିଟା ସନ୍ଦେହ କରୁଥିଲେ। ସନ୍ଦେହ ମୋଚନ ପାଇଁ କେତେଜଣ ବର ସହ କଥା ହୋଇଥିଲେ। ପୂର୍ବରୁ କନ୍ୟାପକ୍ଷ ଅବଗତ ଥିଲେ ଯେ ବର ଏମ୍‌ଏ ପାସ କରିଛି ଓ ତା'ର ଏକ ବିଶାଳ ବ୍ୟବସାୟ ପ୍ରତିଷ୍ଠାନ ଅଛି। କିନ୍ତୁ କିଛି ସମୟର ବୌଦ୍ଧିକ କସରତ ପରେ ଜଣାପଡିଲା ଯେ ବରଟି ମାଟ୍ରିକ ପାସ କରିନାହିଁ କିମ୍ବା ତା'ର ସେପରି କୌଣସି ବ୍ୟବସାୟ ପ୍ରତିଷ୍ଠାନ ନାହିଁ। ଏକଥା ଜାଣି ଝିଅଟି ସେ ବରକୁ ବିବାହ କରିବ ନାହିଁ ବୋଲି ରୋକଠୋକ ମନା କରିଦେଲା। ତା'ର ଯୁକ୍ତି ହେଲା ଯେଉଁ ଲୋକ ବିବାହ ପୂର୍ବରୁ ଛଳନାର ଆଶ୍ରୟ ନେଇପାରେ, ସେ ବିବାହ ପରେ ଯେ କୌଣସି ଆପରାଧିକ କାର୍ଯ୍ୟ ଆପଣେଇପାରେ। କିନ୍ତୁ କନ୍ୟାର ପରିବାର ଆତ୍ମୀୟସ୍ୱଜନ ଯେତେବେଳେ ସେହି ବରକୁ ବିବାହ କରିବାକୁ ଚାପ ପକାଇଲେ ବିଚରା ଝିଅଟି ଅନନ୍ୟୋପାୟ ହୋଇ ସମସ୍ତଙ୍କ ଅଗୋଚରରେ ଆତ୍ମହତ୍ୟା କରିଦେଲା। ବରଟି କେବଳ ଶିଶୁପାଳ ବନିଲା ନାହିଁ, ବରଂ ତା'ର ଠିକଣା ବଦଳିଗଲା ଜେଲର ଚାରିକାନ୍ଥର ବେଷ୍ଟନୀ ମଧ୍ୟକୁ।

ଆଉ ଏକ ରୋମାଞ୍ଚକର ଘଟଣାର ଦୃଷ୍ଟାନ୍ତ ଉପସ୍ଥାପନ କରାଯାଇପାରେ, ଯାହା ଘଟିଛି ପଶ୍ଚିମବଙ୍ଗରେ। ଏକ ସମ୍ଭ୍ରାନ୍ତ ପରିବାରର ଉଚ୍ଚଶିକ୍ଷିତା ଝିଅ ହେଲେ ଆକାଂକ୍ଷା। ପିତା ଷ୍ଟେଟ୍‌ବ୍ୟାଙ୍କର ଜଣେ ପଦସ୍ଥ ଅଧିକାରୀ ଓ ମାତା ଜଣେ ଗୃହିଣୀ। ଆକାଂକ୍ଷା ଖୁବ୍ ସ୍ମାର୍ଟ। ତାଙ୍କ ଫେସ୍‌ବୁକ ବନ୍ଧୁ ଉଦୟନ ମଧ୍ୟ ଜଣେ ସ୍ମାର୍ଟ ଓ ଉଦୀୟମାନ ଯୁବକ। ଉଦୟନ ବିଦେଶରେ ବସବାସ କରୁଥିବା ଜଣେ ଭାରତୀୟ (ଏନ୍‌ଆର୍‌ଆଇ)। ବିଦେଶ ଚାକିରି ସହ ଉଚ୍ଚ ବେତନ ଓ ବିଳାସପୂର୍ଣ୍ଣ ଜୀବନଶୈଳୀ କଥା ଶୁଣି ଆକାଂକ୍ଷା ତାଙ୍କ ପ୍ରତି ଢଳିଗଲେ। ଉଦୟନ ମଧ୍ୟ ଆଉ ପାଦେ ଆଗେଇଯାଇ କ୍ରମେ ଆକାଂକ୍ଷାର ପରିବାର ସହ ନିବିଡ଼ ସମ୍ପର୍କରେ ବାନ୍ଧି ହୋଇଗଲେ। ଉଦୟନର ସମ୍ଭ୍ରାନ୍ତ ଠାଣି, ତା'ର ଚାକିରି ଓ ଉପାର୍ଜନର ଲୋଭନୀୟ ଆକର୍ଷଣରେ ପ୍ରଲୋଭିତ ମା'ବାପା ଉଦୟନ ହିଁ ଆକାଂକ୍ଷାର ଉପଯୁକ୍ତ ଜୀବନସାଥୀ ହୋଇପାରିବ ବୋଲି ନିଶ୍ଚିତ ହେଲେ। ଉଦୟନର ପ୍ରସ୍ତାବ ଅନୁସାରେ ଆକାଂକ୍ଷାର ମାତାପିତା ଆକାଂକ୍ଷାକୁ ଉଦୟନ ସହ ଯଦି ଆମେରିକା ପଠାନ୍ତି ତେବେ ସେ ମଧ୍ୟ ସେଠାରେ ଉଚ୍ଚବେତନ ସହ ଏନ୍‌ଆର୍‌ଆଇ ହୋଇ ରହିବ। ପ୍ରସ୍ତାବରେ ମା'ବାପା ଏକମତ ହେଲେ ଓ ଉଦୟନ ସହ ଆକାଂକ୍ଷା ଆମେରିକା ବାହାରି ପଡିଲେ। ଝିଅ ଯେପରି ଆମେରିକାରେ ଅର୍ଥ ସଙ୍କଟର ସମ୍ମୁଖୀନ ନ ହୁଏ, ସେଥିପାଇଁ ଆକାଂକ୍ଷାର ପିତା ଝିଅ ଆକାଉଣ୍ଟରେ ପ୍ରଚୁର ଟଙ୍କା ଭରିଦେଲେ। ଆଗକୁ ନାହିଁ କି ପଛକୁ ନାହିଁ। ସବୁ ସମ୍ପତ୍ତି ତ ଆକାଂକ୍ଷାର। ତେଣୁ ଏତେ କାର୍ପଣ୍ୟ କାହିଁକି? ଦିଲ୍ଲୀ ବିମାନବନ୍ଦରରେ ଶେଷଥର ପାଇଁ ଆକାଂକ୍ଷା ମା'ବାପାଙ୍କ ସହ କଥା ହୋଇଥିଲା। ବାସ୍ତବରେ ଉଦୟନ କୌଣସି ଏନ୍‌ଆର୍‌ଆଇ ନ ଥିଲା କିମ୍ବା ତା'ର ସେପରି କୌଣସି ଯୋଗ୍ୟତା ନ ଥିଲା। ଥିଲା କେବଳ ଏକ ସୁନ୍ଦର ସ୍ମାର୍ଟ ଚେହେରା, ବାକ୍‌ଚାତୁରି ଓ ଅନ୍ୟକୁ ପ୍ରଭାବିତ କରିବାର ପ୍ରଚଣ୍ଡ କଳାକୌଶଳ। ବିଶେଷକରି ଶିକ୍ଷିତା, ସୁନ୍ଦରୀ ଓ ଧନୀ ପରିବାରର ଝିଅମାନଙ୍କୁ ପ୍ରେମଜାଲରେ ଫସାଇ ଯୌନ ଓ ଅର୍ଥଶୋଷଣ କଳାରେ ସେ ଥିଲା ଅତ୍ୟନ୍ତ ଧୁରନ୍ଧର। ଏମିତିରେ ଅନେକ ଝିଅ ଉଦୟନର ଶିକାର ହୋଇ ଜୀବନର ଅନ୍ତିମ ଦୁଃଖଦ ପରିଣତିକୁ ସାମନା କରିଛନ୍ତି। ଝିଅମାନଙ୍କୁ କୌଶଳରେ ନିଜ ପଞ୍ଝାକୁ ଆଣି ସେ ସେମାନଙ୍କଠାରୁ କେବଳ ଟଙ୍କାପଇସା ଓ ମୂଲ୍ୟବାନ୍ ଅଳଙ୍କାର ଲୁଟି ନେଇନାହିଁ ବରଂ ସେମାନଙ୍କ ଇଜ୍ଜତ ଲୁଟି ନେଲା ପରେ ସେମାନଙ୍କୁ ଟେକାପଥର ପରି ଫିଙ୍ଗିଦେଇଛି। ଝିଅମାନଙ୍କ ପକ୍ଷରୁ ପ୍ରତିବାଦ ଉଠିଲେ ସେମାନଙ୍କୁ ଅତି ଚତୁରତାର ସହ ହତ୍ୟା କରି ପ୍ରମାଣ ନଷ୍ଟ କରିଛି। ଅର୍ଥପିପାସୁ ଉଦୟନ ଆକାଂକ୍ଷା ପୂର୍ବରୁ ଅନ୍ୟ ତିନିଜଣ ଯୁବତୀଙ୍କ ଜୀବନଦୀପ ନିର୍ବାପିତ କରିଛି। ବିଳମ୍ବରେ ହେଲେ ମଧ୍ୟ କୋଲକାତା ପୋଲିସ ଉଦୟନକୁ ଗିରଫ କରିଛି ଓ ତା'ର କଳାକାରନାମାର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି।

ଆକାଂକ୍ଷା ପରି ଉଚ୍ଚଶିକ୍ଷିତା ଝିଅମାନଙ୍କର ଉଦ୍‌ବେଳିତ ଆକାଂକ୍ଷା ସେମାନଙ୍କ ଜୀବନର ଶୋଚନୀୟ ପରିଣତିକୁ ଆମନ୍ତ୍ରିତ କରେ। ଶିକ୍ଷାର ଯେତେ ବିକାଶ ଘଟିଲେ ମଧ୍ୟ ଆଧୁନିକତାର ସ୍ପର୍ଶରେ ଅବଦମିତ ବାସନାର ଦୁଷ୍ପ୍ରଭାବରେ ଝିଅମାନେ ଯେଉଁ ଭୁଲ୍ କରୁଛନ୍ତି, ତାହା ସେମାନଙ୍କୁ ଚରମ ଧ୍ୱଂସପଥକୁ ଟାଣି ନେଉଛି। ପଚାଶବର୍ଷ ତଳର ସେ ଅନ୍ଧାରି ଯୁଗ ଆଉ ନାହିଁ, ଯେଉଁ ସମୟରେ ମାତାପିତାଙ୍କ ଅଜ୍ଞତାରୁ ଝିଅକୁ ଦୁଃଖ ସହ୍ୟ କରି ସାରା ଜୀବନ ଲୁହ ଗଡାଇବାକୁ ହେଉଥିଲା। ଆଜି କିନ୍ତୁ ଶିକ୍ଷା, ସଂସ୍କୃତି, ବିଜ୍ଞାନ ଓ ବୌଦ୍ଧିକତାର ଯଥେଷ୍ଟ ବିକାଶ ଘଟିଥିଲେ ମଧ୍ୟ ସମାଜ ଆଜି ଉଦୟନ ପରି ଶଠମାନଙ୍କ ଦ୍ୱାରା ପ୍ରତାରିତ। ହେ ଆକାଂକ୍ଷାମାନେ! ଅନଳର ଦାହିକା ଶକ୍ତିକୁ ଆକଳନ କରି ନ ପାରି ପତଙ୍ଗମାନେ ସିନା ଝାସ ଦିଅନ୍ତି, ହେଲେ ତୁମେ କାହିଁକି ଏପରି କରୁଛ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# ଜୀବନ ଅନ୍ୟର ଦାନ



ଡ. ବାସୁଦେବ ମିଶ୍ର

ମଣିଷ ଜୀବନ ଯେ ଅନ୍ୟର ଦାନ ଏ କଥାକୁ ବୁଝିବା ହେଉଛି ସଂସାରରେ ଜୀବନ ବଞ୍ଚିବାର ସର୍ବୋତ୍କୃଷ୍ଟ କଳା। ଏହି କଳା ବାସ୍ତବରେ ଖୁବ୍ କମ୍ ଲୋକଙ୍କୁ ଜଣାଥାଏ। ସମସ୍ତେ କେବଳ ନିଜ ସହିତ ଛଳନା କରିବାକୁ ଭଲ ପାଆନ୍ତି। କେତେ ବେଦ, ପୁରାଣ, ଉପନିଷଦ୍‌ରେ ଧୁରୀଣ ପଣ୍ଡିତ ମଧ୍ୟ ଏପରି କଳାର ଧାର ଧାରି ନ ଥିବା ବହୁ କ୍ଷେତ୍ରରେ ଦେଖାଯାଏ। ସେମାନେ ନିଜକୁ ମର୍ତ୍ତ୍ୟଭୂମିର ଜୀବ ବୋଲି ସ୍ୱୀକାର କରି ନ ଥାନ୍ତି। ଅନବରତ ଏକ କାଳ୍ପନିକ ସ୍ୱର୍ଗର ଅନ୍ୱେଷଣରେ ରହିଥାନ୍ତି। କିନ୍ତୁ ବାସ୍ତବରେ ନିଜ ଅଜାଣତରେ ସ୍ୱର୍ଗର ବିପରୀତ ଦିଗରେ ଅଗ୍ରସର ହେଉଥାନ୍ତି।

ଜୀବନଧାରଣର ଅର୍ଥ ହେଲା ଅନ୍ୟର ସାହାଯ୍ୟ ନେଇ ବଞ୍ଚିବା। ଜନ୍ମ ପୂର୍ବରୁ ମାତାଙ୍କର ସାହାଯ୍ୟ ନେଇ ତାଙ୍କ ଗର୍ଭରେ କିଛି ଦିନ ବାସକରୁ। ପୃଥିବୀପୃଷ୍ଠକୁ ଆସିବା ପରେ ସାହାଯ୍ୟକାରୀମାନଙ୍କର ଧାଡି କ୍ରମେ ଲମ୍ବା ହୋଇଯାଏ। ମାଆଙ୍କର ଅନ୍ତୁଡିଶାଳରେ ଅନ୍ତୁଡି ନିଆଁର ଉଷ୍ମତା ପାଇ, ତାଙ୍କ ବକ୍ଷର ଅମୃତ ଖାଇ ଆମର ଶରୀର ପୁଷ୍ଟ ହୁଏ। ପିତାଙ୍କର ସୁରକ୍ଷା ଆମକୁ ବଳ ଦିଏ। ତାଙ୍କ ହାତ ଧରି ବାଟ ଚାଲିବା ଶିଖୁ। କେବଳ ମାତାପିତା ନୁହନ୍ତି, କିଏ ଆମର ବଞ୍ଚିବାରେ ସାହାଯ୍ୟ ନ କରେ କୁହନ୍ତୁ ତ, ଭାବି ଦେଖିଲେ ଆମକୁ ସାହାଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ଅଗଣନ। ଗଛଟି ଉପରେ ନିର୍ଭର କରୁ ଅମ୍ଳଜାନ ପାଇଁ, ଝରଣା ଉପରେ ନିର୍ଭର କରୁ ଜଳଟିକିଏ ପାଇଁ, ଚାଲୁଚାଲୁ ବାଟରେ ଗୋଡ଼ଖସିଗଲେ ଅନ୍ୟମାନେ ଆମକୁ ଉଠାଇବାରେ ସାହାଯ୍ୟ କରନ୍ତି। ମୃତ୍ୟୁ ପରେ ମଧ୍ୟ ଆମକୁ ନେଇ ମଶାଣିରେ ସତ୍କାର କରନ୍ତି ଅନ୍ୟମାନେ।

ହାତ ବଢ଼େଇ ଅନ୍ୟମାନଙ୍କର ସାହାଯ୍ୟ ନେବା, ନିଜକୁ ପୁଷ୍ଟ କରିବା ଏବଂ ତା'ପରେ ସେମାନଙ୍କଠାରୁ ନିଜକୁ ଶ୍ରେଷ୍ଠ ମଣିବାକୁ ମନୁଷ୍ୟର ଗୁଣ ନା ଦୋଷ ବୋଲି କୁହାଯିବ? ଅତି ପ୍ରାଚୀନ କାଳରୁ ଜଙ୍ଗଲରେ ଶୀଘ୍ର ଧାଇଁ ପାରୁଥିବା ଜୀବଟାକୁ ପୋଷା ମନେଇ କାବୁକରି ତାକୁ ନିଜ ବାହନରେ ପରିଣତ କରିବା ଏବଂ ତା'ର ଶ୍ରମକୁ ନିଜର ଯିବା ଆସିବା କାମରେ ବିନିଯୋଗ କରିବାକୁ ଏକ ଉଦାହରଣରୂପେ ନିଆଯାଇପାରେ। ମନୁଷ୍ୟର ଶକ୍ତିଠାରୁ ପଶୁର ଶକ୍ତି ଅଧିକ। ସେହି ଶକ୍ତିକୁ ଜୁଆଳି ଲଙ୍ଗଳ ମାଧ୍ୟମରେ ବ୍ୟବହାର କରି ମାଟିକୁ ତାଡ଼ିବା, ଚାଷ କରିବା, କୁକୁରର ଅଳ୍ପ ନିଦ୍ରା ଏବଂ ସ୍ୱାମିଭକ୍ତି ଗୁଣଟିକୁ ନିଜର ସୁରକ୍ଷା ପାଇଁ ବ୍ୟବହାର କରିବା– ଏମିତି ହାତବଢ଼େଇ ସବୁ ପଶୁପକ୍ଷୀଙ୍କର ସାହାଯ୍ୟ ନିଏ ମଣିଷ। ଏପରିକି କେତେକ ପଶୁପକ୍ଷୀଙ୍କୁ ପିଞ୍ଜରାବଦ୍ଧ କରି ସେମାନଙ୍କର ସୌନ୍ଦର୍ଯ୍ୟକୁ ଉପଭୋଗ କରେ। ପୁଣି କେତେକଙ୍କୁ ମାରି ସେମାନଙ୍କର ମାଂସ ଖାଇ ନିଜ ଶରୀରର ଅଭିବୃଦ୍ଧି କରିବାକୁ ପଛାଏ ନାହିଁ ମଣିଷ।

ସଂସାରଟା ଯାକର ସାହାଯ୍ୟ ସହଯୋଗରେ ଜୀବନ ବଞ୍ଚୁଥିବା ମଣିଷ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ ବୋଲି ଗଣାହୁଏ କେମିତି? ଏକ ସହଜ ଓ ସମ୍ଭୋଗମୟ ଜୀବନ ବଞ୍ଚିବା ନିମନ୍ତେ ମନୁଷ୍ୟ ତା'ର ମସ୍ତିଷ୍କକୁ ଯେତିକି ଖଟାଏ, ଯେତିକି କୌଶଳର ଉଦ୍ଭାବନ, ଆବିଷ୍କାର ତଥା ସେଗୁଡ଼ିକର ପ୍ରୟୋଗ କରେ, ଅନ୍ୟ ପ୍ରାଣୀ ସେପରି କରିପାରନ୍ତି ନାହିଁ। ଅନ୍ୟ ପ୍ରାଣୀମାନଙ୍କର ଶ୍ରମ, ସୁଖ, ଏବଂ ଅର୍ଜନକୁ ଚୋରି କରିବାରେ ଅଥବା ଜୋର କରି ନେଇଯିବାରେ ମଣିଷ ସମସ୍ତଙ୍କଠାରୁ ଆଗରେ। କୁକୁଡା ଅଣ୍ଡା ଦିଏ। ଛୁଆ ଫୁଟିବା ଆଗରୁ ତାକୁ ମଣିଷ ନେଇ ଖାଇଦିଏ। ବଳଦକୁ ଶ୍ରମମୁଖୀ କରିବା ଉଦ୍ଦେଶ୍ୟ ନେଇ କିଶୋର ଅବସ୍ଥାରେ ତା'ର ପୁଂସତ୍ୱ ନଷ୍ଟ କରେ। ମହୁମାଛିକୁ ତା'ର ବସାରୁ ଘଉଡ଼ାଇ ଦେଇ ତା'ର ସଞ୍ଚିତ ମଧୁକୁ ନେଇଯାଏ। ଏ କ୍ଷେତ୍ରରେ ସେ ଜଳଚର, ସ୍ଥଳଚର, ଆକାଶଚର କାହାରିକୁ ବାଦ୍ ଦିଏନା।

ଏଇ ଅଭ୍ୟାସ ଏବଂ କୌଶଳଟି ସେ ଯେ କେବଳ ମନୁଷ୍ୟ ଭିନ୍ନ ପ୍ରାଣୀମାନଙ୍କଠାରେ ପ୍ରୟୋଗ କରେ, ତାହା ନୁହେଁ, ମନୁଷ୍ୟ–ମନୁଷ୍ୟ ଭିତରେ ମଧ୍ୟ ଏପରି କୌଶଳର ପ୍ରୟୋଗ ଦେଖାଯାଏ। ଏହା ସପକ୍ଷରେ ମଣିଷର ଯୁକ୍ତି ହେଲା– ଯେଉଁ ସମୟ ଏବଂ ଶକ୍ତି ଅନ୍ୟମାନଙ୍କଠାରୁ ଅନାୟସରେ ମିଳିପାରୁଛି, ତାକୁ ସେ ଉପଯୋଗ କରିବ ନାହିଁ କାହିଁକି? ସେଥିପାଇଁ କେତେବେଳେ କାହାକୁ ପୋଷା ମନାଇବାକୁ ପଡ଼େ ତ କାହାକୁ ଖୋସାମତ କରିବାକୁ ହୁଏ। କାହା ଉପରେ ଜବରଦସ୍ତି ମଧ୍ୟ କରିବାକୁ ହୁଏ।

ବାସ୍ତବରେ ନିଜ ଅଭିଜ୍ଞତାରୁ କିଛି ଶିଖିବା ପୂର୍ବରୁ ମନୁଷ୍ୟ ଅନ୍ୟର ଅଭିଜ୍ଞତାରୁ ଶିଖିବାକୁ ପାଏ ଅନେକ। ଅଗ୍ନିର ଦାହିକା ଶକ୍ତିର ପରିଚୟ ଏବଂ ଅଭିଜ୍ଞତା ନିଜେ ପ୍ରାପ୍ତ ହେବା ପୂର୍ବରୁ ତାହା ସେ ନିଜ ଗୁରୁଜନଙ୍କଠାରୁ ପାଏ। ମନୁଷ୍ୟ ତା'ର ବଞ୍ଚିବା ଭିତରେ ପ୍ରାପ୍ତ ଅଭିଜ୍ଞତାଗୁଡିକୁ ପରବର୍ତ୍ତୀ ପିଢ଼ିକୁ ପ୍ରଦାନ କରିବା ପାଇଁ ଉଦ୍‌ଗ୍ରୀବ। ସେଥିପାଇଁ ସେ ରଚନା କରେ ଶାସ୍ତ୍ରପୁରାଣ, ଇତିହାସ। ନିଜର ଅଭିଜ୍ଞତାକୁ ତହିଁରେ ଲିପିବଦ୍ଧ କରି ରଖେ ପରବର୍ତ୍ତୀ ପିଢ଼ିକୁ ଶିକ୍ଷା ଦେବା ପାଇଁ।

ମାନୁଷୀ ସ୍ୱାର୍ଥପରତାର ଆଉ ଏକ ନଗ୍ନ ଉଦାହରଣ ହେଲା ମନୁଷ୍ୟ ନିଜ ଶରୀରର ଅଭ୍ୟନ୍ତରକୁ ଦେଖିବାକୁ ଯାଇ ପ୍ରଥମେ ବେଙ୍ଗ, ମୂଷାର ଛାତିରେ ଛୁରି ଲଗାଏ। ବୈଜ୍ଞାନିକମାନେ ମଣିଷକୁ ମରଣାନ୍ତକ ରୋଗରୁ ରକ୍ଷା କରିବାକୁ ଯାଇ ଯେଉଁ ଔଷଧ ତିଆରି କରନ୍ତି, ତାକୁ ପ୍ରଥମେ ପରୀକ୍ଷା କରାଯାଏ ମୂଷା ଦେହରେ ପ୍ରୟୋଗ କରି।

ଆମର ଜୀବନ ଯେ ମାତାପିତା, ସମାଜ ଓ ପରିବେଶର ଦାନ ଏ କଥା ବୁଝିବା ଦରକାର। ଅହଂକାରର ଅନ୍ଧପୁଟୁଳି ବାନ୍ଧି ବାଟ ଚାଲୁଚାଲୁ ଅନେକବାର ଝୁଣ୍ଟି କ୍ଷତବିକ୍ଷତ ହେବା ଅପେକ୍ଷା ଅନ୍ଧପୁଟୁଳିକୁ ହଟାଇ ବାଟଚାଲିଲେ ଆଉ ଝୁଣ୍ଟିବାର ଆଶଙ୍କା ରହିବ ନାହିଁ। ଜୀବନର ବାସ୍ନା ମହକୁଥିବ ଦୂରରୁ ଦୂରକୁ ଚତୁର୍ଦ୍ଦିଗକୁ। ଈଶ୍ୱରଙ୍କର ଆଶୀର୍ବାଦ ଝରିପଡୁଥିବ ମଥା ଉପରେ।

ଦଶରଥପୁର ଯାଜପୁର, ମୋ– ୯୪୩୮୩୨୮୭୫୫

## ଏଇ ଭାରତରେ

ଜୀବନକୁ ବାଜି ଲଗାଇ ଜହର ଖାଇଥିବା ସାପକୁ ବଞ୍ଚାଇଲେ ଆଇଟି ଅଧିକାରୀ। ସୋସିଆଲ୍ ମିଡିଆରେ ଏହି ବିଷୟ ଭାଇରାଲ ହେବାରେ ଲାଗିଛି। ମଣିଷ ଏବଂ ସର୍ପ ମଧ୍ୟରେ ସମ୍ପର୍କ ନିଆରା। ବିଷାକ୍ତ ସାପକୁ ଦେଖିଲେ କେହି ଭୟ କରିଥାନ୍ତି ଅଥବା ବାଡେଇ ମାରିଦେଇଥାନ୍ତି। ବିଷାକ୍ତ ସାପ ମଧ୍ୟ ମଣିଷକୁ ଦଂଶିବା ପୂର୍ବରୁ ଦୟା ଦେଖାଇ ନ ଥାଏ। ଅପରପକ୍ଷରେ ଜୀବେ ଦୟାକୁ ଭାରତୀୟ ସମାଜ ଅତି ପୁରାତନ କାଳରୁ ଗୁରୁତ୍ୱ ଦେଇଆସିଛି। ମଧ୍ୟପ୍ରଦେଶର ଜଣେ ଆଇଟି ଅଧିକାରୀ ନିଜ ଜୀବନକୁ ବାଜି ଲଗାଇ ଜହର ଖାଇଥିବା ଏକ ସାପର ଜୀବନ ବଞ୍ଚାଇଛନ୍ତି। ଇନ୍ଦୋର ଆଇଟି ଅଧିକାରୀ ଶେରସିଂ ଗିନ୍ନାରେ କୀଟନାଶକ ଖାଇଥିବା ଏକ ସାପର ଜୀବନ ବଞ୍ଚାଇବା ଲାଗି ନିଜ ପାଟିରେ ପାଣି ଭର୍ତ୍ତି କରି ଏହାକୁ ଏକ ପ୍ଲାଷ୍ଟିକ୍ ଷ୍ଟ୍ର ଦ୍ୱାରା ସାପ ପାଟିରେ ଛାଡିଥିଲେ। ଏଭଳି ବାରମ୍ବାର କରିବା ଦ୍ୱାରା ସାପର ବାନ୍ତି ହୋଇଯିବାରୁ ପାଣି ସହ ବିଷ ପଦାକୁ ବାହାରି ଆସିଥିଲା। ଫଳରେ ସାପର ଜୀବନ ରକ୍ଷା ହୋଇପାରିଲା। ଶେର୍‌ସିଂଙ୍କ ଏଭଳି କାର୍ଯ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

କେଉଁଠି ଝରିଲା ରକତ ସୁଅ! କୁହରେ କୁହ!
କେଉଁ ମାଟିତଳ କଲା ସେ ଓଦା,
ନିର୍ମମ ଜାତି! ପୋଛରେ ଲୁହ।
ଲୁଚିଗଲା କିମ୍ବା ଧରଣୀ ଉପରୁ କାହାର ମୁହଁ
ନିର୍ଲ୍ଲଜ ଆରେ ନୀରବତା ଏଡ଼ି ବଚନ କୁହ!
(ରକ୍ତ–ସ୍ରୋତ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୪ ଜୁନ୍ ୧୯୯୪

- ଇଥିଓପିଆର ସିମୋରାଜ୍ୟରେ ଦୁର୍ଭିକ୍ଷ ଏବଂ ରୋଗ ବ୍ୟାପିବା ଫଳରେ ୫୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ପ୍ରାଣହାନି ଘଟିଛି ବୋଲି ପ୍ରଧାନମନ୍ତ୍ରୀ ମିରାଟ ଲାଇନ ପ୍ରକାଶ କରିଛନ୍ତି।
- ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ତାଙ୍କ ମନ୍ତ୍ରିମଣ୍ଡଳରୁ ସମବାୟ ମନ୍ତ୍ରୀ ରାମଦେଓ ସିଂ ଯାଦବଙ୍କୁ ବହିଷ୍କାର କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଶବ୍ଦ ପ୍ରଦୂଷଣ

ମହାଶୟ,

ବାୟୁ ଓ ଶବ୍ଦ ପ୍ରଦୂଷଣ ମାନବ ସମାଜ ପାଇଁ ଏକ ଉତ୍କଟ ସମସ୍ୟା ରୂପେ ଦେଖାଦେଇଛି। ରାଜ୍ୟରେ ଏହା କ୍ରମାଗତ ଭାବେ ବୃଦ୍ଧିପାଉଛି। କଟକ ଜିଲାର ନିଆଳି ମୁଖ୍ୟ ରାସ୍ତାକୁ ଲାଗି ସରକାରୀ ଡାକ୍ତରଖାନା ଓ ଅନ୍ୟାନ୍ୟ ଘରୋଇ ଡାକ୍ତରଖାନା ଅଛି। ପ୍ରତିଦିନ ଶହ ଶହ ରୋଗୀ ଏଠାକୁ ଆସିଥାନ୍ତି। ବଜାରକୁ ଲାଗି ୩ଟି ବିବାହ ମଣ୍ଡପ ଅଛି। ବର୍ଷର ଅଧିକାଂଶ ସମୟ ଏଠାରେ କିଛି ନା କିଛି କାର୍ଯ୍ୟକ୍ରମ ଲାଗିରହେ। ଦୁଃଖର ବିଷୟ ବିବାହ ପ୍ରସେସନ, ଯାତ୍ରା, ମେଲୋଡି, ଖେଳ ଉଦ୍‌ଘାଟନ ଓ ଉଦ୍‌ଯାପନ, ଅନ୍ୟାନ୍ୟ ଫଙ୍କଶନ, ସଭାସମିତି, ନେତାମନ୍ତ୍ରୀଙ୍କର ଗସ୍ତ ସମୟରେ କର୍ମକର୍ତ୍ତାମାନେ ଏତେ ଉଚ୍ଚକ୍ଷମତା ସମ୍ପନ୍ନ ବାଣ ଫୁଟାଉଛନ୍ତି ଯାହାକି ଅତ୍ୟନ୍ତ ଉଦ୍‌ବେଗର ବିଷୟ। ବିଶେଷକରି ରୋଗୀ, ଶିଶୁ, ବୃଦ୍ଧ, ବୃଦ୍ଧାମାନେ ଅତିଷ୍ଠ ହେଉଛନ୍ତି। ଏ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ ଏହାର ଦୃଢ ପ୍ରତିବାଦ କରିବା ଜରୁରୀ। ସରକାରୀ ସ୍ତରରେ ମଧ୍ୟ କଠୋର ନିୟମ ପ୍ରଣୟନ କରାଯାଇ ଏହା ଉପରେ ରୋକ୍ ଲଗାଇବା ଉଚିତ।

ମହେନ୍ଦ୍ର ନାଥ ରାଉତ, ସହକାରୀ ଶିକ୍ଷକ, ମହାବୀର ହାଇସ୍କୁଲ, ବରିମୁଣ୍ଡେଇ, ନିଆଳି, କଟକ

### ଘରବାହୁଡ଼ା ଶ୍ରମିକ

ଧରିତ୍ରୀ (୨୭।୫)ରେ ପ୍ରକାଶିତ ଖବର 'ତାତି ଛଡାଇନେଲା ଜୀବିକା, ଘରକୁ ବାହୁଡୁଛନ୍ତି ଶ୍ରମିକ' ପଢ଼ିଲି। ଦୁଃଖ ଲାଗିଲା, ପ୍ରକୃତରେ ଏ ଅସହନୀୟ ଅଗ୍ନିବର୍ଷାରେ କାର୍ଯ୍ୟ କରିବା ଦୁରୂହ ବ୍ୟାପାର। ତେଣୁ ବେଳହୁଁ ସାବଧାନ ହୋଇ ବ୍ୟାପକ ବୃକ୍ଷରୋପଣ, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, କଂକ୍ରିଟ ଗୃହ ଅଫିସରେ ଛୋଟ ଛୋଟ ବଗିଚା ସୃଷ୍ଟି କରିବା, ଉଜୁଡା ବନ୍ଧ–କଟାର ପୁନରୁଦ୍ଧାର, ନଦୀନାଳର ସୁରକ୍ଷା, ଏସି, ଗାଡ଼ି ବ୍ୟବହାରରେ ସଂଯମ ନ ରଖିଲେ ଆମର ଏହି ସୁନ୍ଦର ପୃଥିବୀ ଯେ ଆଉ ବାସୋପଯୋଗୀ ହୋଇ ରହିବ ନାହିଁ, ଏହା କଟୁ ସତ୍ୟ।

କୁବେର ଚନ୍ଦ୍ର ଯୋଶୀ, ଡୁଙ୍ଗୁରିପାଲି, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭାରତୀୟ ବାୟୁସେନା ହେଲିକପ୍ଟର ସୋମବାର ଉତ୍ତରାଖଣ୍ଡର ନନ୍ଦାଦେବୀର ପୂର୍ବପ୍ରାନ୍ତରେ ୫ ପର୍ବତାରୋହୀଙ୍କ ମୃତଦେହ ଠାବ କରିଛି। ବ୍ରିଟେନ, ଆମେରିକା ଓ ଅଷ୍ଟ୍ରେଲିଆର ପର୍ବତାରୋହୀଙ୍କୁ ନେଇ ଗଠିତ ଏକ ୮ଜଣିଆ ଟିମ୍ ନନ୍ଦାଦେବୀ ଆରୋହଣ କରିବା ସମୟରେ ନିଖୋଜ ହୋଇଯାଇଥିଲେ। ସୋମବାର ୫ ପର୍ବତାରୋହୀଙ୍କୁ ବାୟୁସେନା ହେଲିକପ୍ଟର ଠାବ କରିପାରିଥିବା ପିଥୋରଗଡ ଜିଲା ମାଜିଷ୍ଟ୍ରେଟ୍ ଭି.କେ. ଜୋଗଦାଣ୍ଡେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣା କ୍ଷତିପୂରଣ ବାବଦରେ ଲୋକ ଅସଚେତନ

# ଏସ୍‌ପି, ଡିସିପିଙ୍କୁ ଚିଠି ଲେଖିଲା କ୍ରାଇମ୍‌ବ୍ରାଞ୍ଚ

■ଆବେଦନକାରୀଙ୍କ ସଂଖ୍ୟା ୧%ରୁ କମ୍

■ସଚେତନତା ଉପରେ ଗୁରୁତ୍ୱ ଦେବାକୁ ପ୍ରୟାସ

**କଟକ ଅଫିସ,୩।୬**

ଅନେକ ଗାଡ଼ି ରାସ୍ତାରେ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥାନ୍ତି। ଏଭଳି ଦୁର୍ଘଟଣା (ହିଟ୍ ଆଣ୍ଡ ରନ୍)ରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାର ଗତବର୍ଷ ନୂତନ କ୍ଷତିପୂରଣ ପାଣ୍ଠି ଗଠନ କରିଥିଲେ। ମୃତକଙ୍କୁ ୨ ଲକ୍ଷ ଏବଂ ଗୁରୁତରଙ୍କୁ ୫୦ ହଜାର ଲେଖାଏ ଟଙ୍କା ଦେବାକୁ ଯୋଜନା କରାଯାଇଥିଲା। ହେଲେ ସଚେତନତା ଅଭାବରୁ ବର୍ଷକ ମଧ୍ୟରେ ମାତ୍ର ୫ ଜଣ ଲୋକ କ୍ଷତିପୂରଣ ରାଶି ପାଇବା ପାଇଁ ଆବେଦନ କରିଛନ୍ତି, ଯାହା ଏକ ପ୍ରତିଶତରୁ ମଧ୍ୟ କମ୍। ଏ ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ଚିଠି ଲେଖାଯାଇଛି। ପରିବହନ କମିଶନର ଅନିଲ କୁମାର ମିଶ୍ର ଏ ଯୋଜନା ବିଷୟରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି।

ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ରେ ୨ ହଜାର ୧୮୩ ଗାଡି ଦୁର୍ଘଟଣା ଘଟିଛି। ସେଥିମଧ୍ୟରୁ ୧୦୮୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୧୭୪ ଜଣ ଗୁରୁତର ହୋଇଛନ୍ତି। ତେବେ ମୋଟ୍ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ମଧ୍ୟରୁ ମାତ୍ର ୫ ଜଣ କ୍ଷତିପୂରଣ ରାଶି ପାଇଁ ଆବେଦନ କରିଛନ୍ତି। ତେବେ ପରିବହନ ବିଭାଗ ପକ୍ଷରୁ କ୍ରାଇମବ୍ରାଞ୍ଚକୁ କୁହାଯାଇଛି ଯେ, ଦୁର୍ଘଟଣାର ଶିକାର ହୋଇଥିବା ଲୋକେ ଥାନାକୁ ଆସିଥାନ୍ତି। ପୋଲିସ ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥାଏ। ତେଣୁ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକମାନଙ୍କୁ ସଚେତନ କରିବାକୁ କହାଯାଇଛି। ଅଭିଯୋଗର ତଦନ୍ତ କରୁଥିବା ଅଧିକାରୀମାନେ ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ବିଷୟରେ ଲୋକମାନଙ୍କୁ ସଚେତନ କରିବା ଦରକାର। ଏ ନେଇ ସୋମବାର କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲାର ଏସ୍‌ପି ଏବଂ କମିଶନରେଟ୍ ପୋଲିସର ଡିସିପିଙ୍କୁ ଚିଠି ଲେଖାଯାଇ ସଚେତନ କରିବାକୁ କୁହାଯାଇଛି। ଥାନା ଅଧିକାରୀମାନଙ୍କୁ ଥାନାରେ ସରକାରଙ୍କ ଉକ୍ତ ଯୋଜନା ବିଷୟରେ ସୂଚନା ବୋର୍ଡ ଲଗାଇବାକୁ କୁହାଯାଇଛି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଲୋକ ଅବା ତାଙ୍କ ପରିବାର ଲୋକଙ୍କୁ ବୁଝାଇବାକୁ ମଧ୍ୟ କୁହାଯାଇଛି। ଏଥିସହିତ ଏହି ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ସଡ଼କ ସୁରକ୍ଷା ଉପରେ ସୁପ୍ରିମ୍‌କୋର୍ଟ କମିଟିର ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ୨୦୧୮ ମାର୍ଚ୍ଚରେ କ୍ଷତିପୂରଣ ପାଣ୍ଠିର ବ୍ୟବସ୍ଥା କରିଥିଲେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ପରିବହନ ବିଭାଗକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଯୋଜନା ଅନୁଯାୟୀ, କ୍ଷତିଗ୍ରସ୍ତ ଲୋକମାନେ ଦୁର୍ଘଟଣା ଘଟିଥିବା ସମ୍ପୃକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)ରେ ଦୁର୍ଘଟଣା ଘଟିବାର ୬ ମାସ ମଧ୍ୟରେ ଆବେଦନ କରିପାରିବେ। ପରେ ଆରଟିଓ ପକ୍ଷରୁ ତଦନ୍ତକାରୀ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ପରିବହନ କମିଶନରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଯଦି ତଦନ୍ତକାରୀ ଅଧିକାରୀ ଅଭିଯୋଗର ମାସକ ମଧ୍ୟରେ କମିଶନରଙ୍କୁ ରିପୋର୍ଟ ପ୍ରଦାନ କଲେ ତେବେ ଏହାର ୧୫ ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ରାଶି ମିଳିପାରିବ ବୋଲି ନିୟମ ରହିଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦମ୍ପତି ମୃତ

**ଜୟପାଟଣା,୩।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ମୁଖିଗୁଡ଼ାରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଶୋକ ନାଗ (୪୦) ଓ ତାଙ୍କ ସ୍ତ୍ରୀ ରାଧା ନାଗ (୩୫)। ଜୟପାଟଣା ଥାନା ଅନ୍ତର୍ଗତ ମୁଖିଗୁଡ଼ା ସେକ୍ଟର ୨ କ୍ୱାର୍ଟର୍ସ ନଂ. ଏଫ୍ ୧୬୪ରେ ରହୁଥିବା ଅଶୋକ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମରେ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ସୋମବାର ପ୍ରାୟ ଅପରାହ୍ନ ସାଢେ ୪ଟାରେ ଅଶୋକଙ୍କ ସ୍ତ୍ରୀ ରାଧା ଗାଧୋଇ ସାରି କ୍ୱାର୍ଟର୍ସ ବାରଣ୍ଡାରେ ବନ୍ଧା ଯାଇଥିବା ତାରରେ ଲୁଗା ଶୁଖାଉ ଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଅଶୋକ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଦମ୍ପତିଙ୍କ ଏକ ବର୍ଷର ଶିଶୁ ପୁତ୍ର ଏବଂ ୩ ବର୍ଷର ଶିଶୁ କନ୍ୟା ଅଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜୟପାଟଣା ଥାନାଧିକାରୀ ତଦନ୍ତ ଜାରି ରଖିଛନ୍ତି।

# ୧୧ କେଭି ବିଦ୍ୟୁତ୍ ତାରରେ ଲାଗି ୧୧ ଗାଈ ମୃତ

■ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ



ବିଦ୍ୟୁତ୍ ତାର ଲାଗି ୧୧ ଗାଈ ମୃତ

**ସଜନାଗଡ଼,୩।୬(ଡି.ଏନ.ଏ.)**

ଝଡ଼ପବନ ଓ ବର୍ଷା ଫଳରେ ରବିବାର ରାତିରେ ବାଲେଶ୍ୱର ଜିଲା ନୀଳଗିରି ଥାନା ନରସିଂହପୁର ପଞ୍ଚାୟତର ଓଲ୍‌ଡ଼ିଙ୍ଗ୍ ଗ୍ରାମର ଚାଷଜମିରେ ୧୧ କେଭିର ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ଏ ବିଷୟରେ ବିଦ୍ୟୁତ୍ ବିଭାଗ କୌଣସି ସୂଚନା ପାଇପାରି ନ ଥିଲା। ସୋମବାର ପୂର୍ବାହ୍ନରେ ଚାଷଜମିକୁ ଚରିବା ପାଇଁ ଯାଇଥିବା ଗୋରୁପଲ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଏଥିରେ ୧୧ଟି ଗାଈ ମୃତ୍ୟୁବରଣ କରିଛନ୍ତି। ଏଭଳି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଶେରଗଡ଼-ନୀଳଗିରି ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କରିବା ସହ ବିଦ୍ୟୁତ୍ ବିଭାଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଆନ୍ଦୋଳନକାରୀ ଗ୍ରାମବାସୀ କହିଛନ୍ତି ଯେ, ସେମାନେ ସୋମବାର ପୂର୍ବାହ୍ନରେ ଦୁର୍ଘଟଣା ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଫୋନ୍ କରିଥିଲେ। କିନ୍ତୁ କେହି ଫୋନ୍ ଉଠାଇ ନ ଥିଲେ। ଏ ନେଇ ଉତ୍ତେଜନା ବୃଦ୍ଧି ପାଇଥିଲା। ରାସ୍ତା ଅବରୋଧ ଖବର ପାଇ ବିଦ୍ୟୁତ୍ ବିଭାଗର ଅଧିକାରୀ ଦେବାଶିଷ ପଣ୍ଡା, ନୀଳଗିରି ଆଇଆଇସି ନଳିତା ମୋଦି, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପ୍ରମୁଖ ଆସି ପହଞ୍ଚିଥିଲେ। ରାସ୍ତାରୋକୋ କରିଥିବା ଚାଷୀ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ଲାଗି ବିଦ୍ୟୁତ୍ କାର୍ଯ୍ୟାଳୟକୁ ଡକାଯାଇଥିଲା। ସେଠାରେ ବିଭାଗ ପକ୍ଷରୁ ପ୍ରଶାସନିକସ୍ତରରେ ସମସ୍ତ ସରକାରୀ ସହାୟତା ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ବିଧାୟକ ସୁକାନ୍ତ ବ୍ୟକ୍ତିଗତ ୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ମୃତ ଗାଈଗୁଡ଼ିକର ବ୍ୟବଚ୍ଛେଦ କରାଯାଇ ପୋତିବାର ବ୍ୟବସ୍ଥା କରାଯାଇଥିଲା।

## କୁମ୍ଭୀର ଟାଣି ନେଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ପଟ୍ଟାମୁଣ୍ଡାଇ,୩।୬(ସ୍ୱ.ପ୍ର):** ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଥିବା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ମଣ୍ଡପଡା ଗ୍ରାମର ସଞ୍ଜୟ କୁମାର ପ୍ରଧାନ(୪୭)ଙ୍କ ମୃତଦେହ ସୋମବାର ସକାଳ ୭ଟାରେ ଉଦ୍ଧାର କରାଯାଇଛି। କୁମ୍ଭୀର ଆକ୍ରମଣରେ ତାଙ୍କର ୨ ଗୋଡ, ହାତ ଖଣ୍ଡିଆ ଖାବରା ହୋଇଯାଇଛି। ରବିବାର ସକାଳ ୯ଟା ବେଳେ ସଞ୍ଜୟ ଗାଁ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀକୁ ତାଙ୍କ ସାଙ୍ଗ ସହ ଗାଧୋଇବା ପାଇଁ ଯାଇ ନିଖୋଜ ଥିଲେ। ଗତକାଲି ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ସୋମବାର ସକାଳୁ ଗାଁ ଲୋକେ ଗାଧୁଆ ତୁଠ ଠାରୁ ଅଳ୍ପ ଦୂରରେ ସଞ୍ଜୟଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।



# ଜିଲ୍ଲା କାର୍ଯ୍ୟାଳୟ, ନୟାଗଡ

ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ଓ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଏନ୍‌ଏଚ୍‌ଏଆଇ, ନୟାଗଡ
ନୟାଗଡ ମ୍ୟୁନିସିପାଲିଟି, ୱାର୍ଡ ନଂ. ୧୩, ଶିବାଜୀ ନଗର, ଲେନ୍-୧, ନୟାଗଡ

## ସର୍ବସାଧାରଣ ନୋଟିସ୍

ସଂଖ୍ୟା: ୨୭ ତାରିଖ: ୩୧.୦୫.୨୦୧୯

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଉପଧାରା (୧) ଧାରା ୩-A ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ.-୧୬ ର ଓଡ଼ିଶା ରାଜ୍ୟର ନୟାଗଡ ଜିଲ୍ଲା ଅନ୍ତର୍ଗତ ରଣପୁର ତହସିଲର ବେଣ୍ଟ, ଚମ୍ପାଗଡ, କଟକସହର, ଶ୍ରୀକୃଷ୍ଣପୁର ଓ ଉପେନ୍ଦ୍ରପୁର ମୌଜାର ସଂପ୍ରସାରଣ (ଯଥା ୨ ଲେନ୍ ସହିତ ପେଭଡ୍ ସୋଲ୍ଡର / ୪ ଲେନ୍ / ରକ୍ଷଣା ବେକ୍ଷଣ/ ପରିଚାଳନା ଇତ୍ୟାଦି) (୩୫୬ କି.ମି. ରୁ ୩୬୧ କି.ମି.) (ନୟାଗଡ) ନିମନ୍ତେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି। ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ର ୪୮ ନଂ. ଅଧିନିୟମ) ର ଧାରା ୩-A ର ଉପଧାରା-(୧) ଅନୁଯାୟୀ ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୧୮୩୫(E) ତା.୨୪.୦୫.୨୦୧୯ରିଖରେ ପ୍ରକାଶିତ ବିଜ୍ଞପ୍ତି ରାଜପତ୍ର ସଂଖ୍ୟା- ୧୬୩୮ ତା.୨୫.୦୫.୨୦୧୯ରିଖରେ ପ୍ରୋକ୍ତ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜାରିକରିଛନ୍ତି।

ଏତଦ୍‌ଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ସେ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ **ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ଓ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟର ଉପରୋକ୍ତ ଠିକଣା** ରେ ଉପରୋକ୍ତ ଆଇନର ଧାରା-୩-Cର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ।

ଏ ସମ୍ପର୍କରେ ଧାରା ୩-C ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡାନ୍ତ ବିବେଚିତ ହେବ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ଓ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଏନ୍‌ଏଚ୍‌ଏଆଇ, ନୟାଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି।

ସ୍ୱା/-
ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ତଥା କ୍ଷମତାପନ୍ନ ପ୍ରାଧିକାରୀ,
ନୟାଗଡ

## MINISTRY OF ROAD TRANSPORT AND HIGHWAYS

## NOTIFICATION

New Delhi, the 24th May, 2019

**S.O: 1835(E)-** In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening / two lane with paved shoulder / four laning etc.), maintenance, management and operation of NH16 in the stretch of land from Km.356 to Km.361 (Nayagarh) in the district of NAYAGARH in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, LAND ACQUISITION OFFICER AND COMPETENT AUTHORITY (NH) in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief Description of the land to be acquired with or without structures falling NH16 in the stretch of land from Km.356 to Km.361 (Nayagarh) in the district of NAYAGARH in the state of ODISHA.**

ରାଜ୍ୟ: ଓଡ଼ିଶା ଜିଲ୍ଲା: ନୟାଗଡ

| କ୍ର. ନ. | ସର୍ଭେ / ପ୍ଲଟ୍ ନଂ. | ଜମିର ପ୍ରକାର | ଜମିର କିସମ | ଅଧିଗ୍ରହଣ ଜମିର ରକବା (ସ୍ଥାନୀୟ ୟୁନିଟ୍‌ରେ) | ଅଧିଗ୍ରହଣ ଜମିର ରକବା (ହେକ୍ଟରରେ) |
|---|---|---|---|---|---|
| ତହସିଲ: ରଣପୁର | | | | | |
| ଗ୍ରାମ: ବେଣ୍ଟ | | | | | |
| ୧. | ୫୩୪ | ବେସରକାରୀ() | ବଗାୟତ - ଦୁଇ | ୦.୧୧୧୫୦୦୦(ହେକ୍ଟର) | ୦.୧୧୧୫୦୦୦ |
| ୨. | ୮୩/୨୨୨୪ | ବେସରକାରୀ() | ବଗାୟତ - ଦୁଇ | ୦.୦୪୮୦୦୦୦(ହେକ୍ଟର) | ୦.୦୪୮୦୦୦୦ |
| ୩. | ୧୨୫ | ବେସରକାରୀ() | ବଗାୟତ - ଦୁଇ | ୦.୦୩୭୦୦୦୦(ହେକ୍ଟର) | ୦.୦୩୭୦୦୦୦ |
| ୪. | ୧୨୬ | ବେସରକାରୀ() | ବଗାୟତ - ଦୁଇ | ୦.୦୪୨୫୦୦୦(ହେକ୍ଟର) | ୦.୦୪୨୫୦୦୦ |
| ୫. | ୧୨୭ | ବେସରକାରୀ() | ବଗାୟତ - ଦୁଇ | ୦.୦୨୬୦୦୦୦(ହେକ୍ଟର) | ୦.୦୨୬୦୦୦୦ |
| ୬. | ୧୨୮ | ବେସରକାରୀ() | ବଗାୟତ - ଦୁଇ | ୦.୦୨୫୫୦୦୦(ହେକ୍ଟର) | ୦.୦୨୫୫୦୦୦ |
| ୭. | ୧୨୯ | ବେସରକାରୀ() | ବଗାୟତ - ଦୁଇ | ୦.୦୮୧୦୦୦୦(ହେକ୍ଟର) | ୦.୦୮୧୦୦୦୦ |
| ୮. | ୧୩୯ | ବେସରକାରୀ() | ବଗାୟତ - ଦୁଇ | ୦.୦୪୫୦୦୦୦(ହେକ୍ଟର) | ୦.୦୪୫୦୦୦୦ |
| ୯. | ୧୪୦ | ବେସରକାରୀ() | ଘରବାରି | ୦.୦୪୭୫୦୦୦(ହେକ୍ଟର) | ୦.୦୪୭୫୦୦୦ |
| ୧୦. | ୧୪୧ | ବେସରକାରୀ() | ବଗାୟତ - ଦୁଇ | ୦.୦୯୭୦୦୦୦(ହେକ୍ଟର) | ୦.୦୯୭୦୦୦୦ |
| ୧୧. | ୧୪୫ | ବେସରକାରୀ() | ବଗାୟତ - ଦୁଇ | ୦.୦୫୭୦୦୦୦(ହେକ୍ଟର) | ୦.୦୫୭୦୦୦୦ |
| ୧୨. | ୧୮୨ | ସରକାରୀ() | ଗୋଚର | ୦.୪୦୫୦୦୦୦(ହେକ୍ଟର) | ୦.୪୦୫୦୦୦୦ |
| ୧୩. | ୪୦୯ | ସରକାରୀ() | କଚା ରାସ୍ତା | ୦.୦୭୨୮୦୦୦(ହେକ୍ଟର) | ୦.୦୭୨୮୦୦୦ |
| ୧୪. | ୪୨୧ | ସରକାରୀ() | ଗୋଚର | ୦.୦୭୩୫୦୦୦(ହେକ୍ଟର) | ୦.୦୭୩୫୦୦୦ |
| ୧୫. | ୪୯୧ | ବେସରକାରୀ() | ଶାରଦ ଅଣଜଳସେଚିତ - ଏକ | ୦.୦୦୨୦୦୦୦(ହେକ୍ଟର) | ୦.୦୦୨୦୦୦୦ |
| ୧୬. | ୪୯୨ | ବେସରକାରୀ() | ଶାରଦ ଅଣଜଳସେଚିତ - ଏକ | ୦.୦୩୦୦୦୦୦(ହେକ୍ଟର) | ୦.୦୩୦୦୦୦୦ |
| ୧୭. | ୪୯୩ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୨୩୫୦୦୦(ହେକ୍ଟର) | ୦.୦୨୩୫୦୦୦ |
| ୧୮. | ୪୯୪ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୧୧୦୦୦୦(ହେକ୍ଟର) | ୦.୦୧୧୦୦୦୦ |
| ୧୯. | ୪୯୫ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୬୬୫୦୦୦(ହେକ୍ଟର) | ୦.୦୬୬୫୦୦୦ |
| ୨୦. | ୫୩୩ | ବେସରକାରୀ() | ବଗାୟତ - ଦୁଇ | ୦.୧୦୫୫୦୦୦(ହେକ୍ଟର) | ୦.୧୦୫୫୦୦୦ |
| ୨୧. | ୫୩୩/୨୧୮୮ | ବେସରକାରୀ() | ବଗାୟତ - ଦୁଇ | ୦.୦୩୭୦୦୦୦(ହେକ୍ଟର) | ୦.୦୩୭୦୦୦୦ |
| ୨୨. | ୫୫୦ | ବେସରକାରୀ() | ବଗାୟତ - ଦୁଇ | ୦.୦୫୭୦୦୦୦(ହେକ୍ଟର) | ୦.୦୫୭୦୦୦୦ |
| ୨୩. | ୫୫୦/୨୨୩୮ | ବେସରକାରୀ() | ବଗାୟତ - ଦୁଇ | ୦.୦୫୫୦୦୦୦(ହେକ୍ଟର) | ୦.୦୫୫୦୦୦୦ |
| ୨୪. | ୫୫୪ | ବେସରକାରୀ() | ଶାରଦ ଅଣଜଳସେଚିତ - ତିନି | ୦.୦୩୫୦୦୦୦(ହେକ୍ଟର) | ୦.୦୩୫୦୦୦୦ |
| ୨୫. | ୫୫୫ | ସରକାରୀ() | ପତିତ | ୦.୦୨୦୫୦୦୦(ହେକ୍ଟର) | ୦.୦୨୦୫୦୦୦ |
| ୨୬. | ୫୫୬ | ସରକାରୀ() | ବସ୍ତି ଯୋଗ୍ୟ | ୦.୦୧୫୦୦୦୦(ହେକ୍ଟର) | ୦.୦୧୫୦୦୦୦ |
| ୨୭. | ୫୫୭ | ସରକାରୀ() | ବସ୍ତି ଯୋଗ୍ୟ | ୦.୦୫୭୦୦୦୦(ହେକ୍ଟର) | ୦.୦୫୭୦୦୦୦ |
| ୨୮. | ୫୫୮ | ବେସରକାରୀ() | ଶାରଦ ଅଣଜଳସେଚିତ - ଏକ | ୦.୦୫୫୫୦୦୦(ହେକ୍ଟର) | ୦.୦୫୫୫୦୦୦ |
| ୨୯. | ୭୯ | ବେସରକାରୀ() | ବଗାୟତ - ଦୁଇ | ୦.୦୨୭୦୦୦୦(ହେକ୍ଟର) | ୦.୦୨୭୦୦୦୦ |
| ୩୦. | ୮୦ | ବେସରକାରୀ() | ବଗାୟତ - ଦୁଇ | ୦.୦୨୪୦୦୦୦(ହେକ୍ଟର) | ୦.୦୨୪୦୦୦୦ |
| ୩୧. | ୮୧ | ବେସରକାରୀ() | ବଗାୟତ - ଦୁଇ | ୦.୦୦୫୦୦୦୦(ହେକ୍ଟର) | ୦.୦୦୫୦୦୦୦ |
| ୩୨. | ୮୨ | ବେସରକାରୀ() | ବଗାୟତ - ଦୁଇ | ୦.୦୧୭୦୦୦୦(ହେକ୍ଟର) | ୦.୦୧୭୦୦୦୦ |
| ୩୩. | ୮୩ | ବେସରକାରୀ() | ବଗାୟତ - ଦୁଇ | ୦.୦୧୨୫୦୦୦(ହେକ୍ଟର) | ୦.୦୧୨୫୦୦୦ |
| ୩୪. | ୮୩/୨୨୨୬ | ସରକାରୀ() | ପତିତ | ୦.୦୦୮୦୦୦୦(ହେକ୍ଟର) | ୦.୦୦୮୦୦୦୦ |
| ଗ୍ରାମ: ଚମ୍ପାଗଡ | | | | | |
| ୧. | ୧୦୮୪ | ସରକାରୀ() | ଗୋଚର | ୦.୧୩୦୫୦୦୦(ହେକ୍ଟର) | ୦.୧୩୦୫୦୦୦ |
| ୨. | ୨୦୦ | ସରକାରୀ() | ଗୋଚର | ୦.୦୩୧୦୦୦୦(ହେକ୍ଟର) | ୦.୦୩୧୦୦୦୦ |
| ୩. | ୨୨୬ | ସରକାରୀ() | ଗୋଚର | ୦.୦୧୪୦୦୦୦(ହେକ୍ଟର) | ୦.୦୧୪୦୦୦୦ |
| ୪. | ୨୬୫ | ସରକାରୀ() | ଗୋଚର | ୦.୦୫୫୦୦୦୦(ହେକ୍ଟର) | ୦.୦୫୫୦୦୦୦ |
| ୫. | ୨୭୭ | ସରକାରୀ() | ଗୋଚର | ୦.୦୦୧୫୦୦୦(ହେକ୍ଟର) | ୦.୦୦୧୫୦୦୦ |
| ୬. | ୨୭୮ | ସରକାରୀ() | ଗୋଚର | ୦.୦୦୩୫୦୦୦(ହେକ୍ଟର) | ୦.୦୦୩୫୦୦୦ |
| ୭. | ୨୭୯ | ବେସରକାରୀ() | ଘରବାରି | ୦.୦୦୯୦୦୦୦(ହେକ୍ଟର) | ୦.୦୦୯୦୦୦୦ |
| ୮. | ୨୮୦ | ବେସରକାରୀ() | ଘରବାରି | ୦.୦୦୯୦୦୦୦(ହେକ୍ଟର) | ୦.୦୦୯୦୦୦୦ |
| ୯. | ୨୮୧ | ବେସରକାରୀ() | ଘରବାରି | ୦.୦୧୩୦୦୦୦(ହେକ୍ଟର) | ୦.୦୧୩୦୦୦୦ |
| ୧୦. | ୨୮୨ | ବେସରକାରୀ() | ଘରବାରି | ୦.୦୧୫୦୦୦୦(ହେକ୍ଟର) | ୦.୦୧୫୦୦୦୦ |
| ୧୧. | ୨୮୩ | ବେସରକାରୀ() | ଘରବାରି | ୦.୦୧୭୦୦୦୦(ହେକ୍ଟର) | ୦.୦୧୭୦୦୦୦ |
| ୧୨. | ୨୮୪ | ସରକାରୀ() | ରାସ୍ତା | ୦.୦୦୬୫୦୦୦(ହେକ୍ଟର) | ୦.୦୦୬୫୦୦୦ |
| ୧୩. | ୨୮୫ | ସରକାରୀ() | ଗୋଚର | ୦.୦୦୪୦୦୦୦(ହେକ୍ଟର) | ୦.୦୦୪୦୦୦୦ |
| ୧୪. | ୩୩୫ | ସରକାରୀ() | ରାସ୍ତା | ୦.୦୧୩୦୦୦୦(ହେକ୍ଟର) | ୦.୦୧୩୦୦୦୦ |
| ୧୫. | ୩୭୮ | ବେସରକାରୀ() | ଘରବାରି | ୦.୦୦୧୫୦୦୦(ହେକ୍ଟର) | ୦.୦୦୧୫୦୦୦ |
| ୧୬. | ୩୭୯ | ସରକାରୀ() | ଗୋଚର | ୦.୦୦୫୫୦୦୦(ହେକ୍ଟର) | ୦.୦୦୫୫୦୦୦ |
| ୧୭. | ୩୮୦ | ସରକାରୀ() | ଗୋଚର | ୦.୦୦୮୫୦୦୦(ହେକ୍ଟର) | ୦.୦୦୮୫୦୦୦ |
| ୧୮. | ୩୮୧ | ସରକାରୀ() | ଗୋଚର | ୦.୦୧୨୦୦୦୦(ହେକ୍ଟର) | ୦.୦୧୨୦୦୦୦ |
| ୧୯. | ୩୮୨ | ବେସରକାରୀ() | ଘରବାରି | ୦.୦୧୧୫୦୦୦(ହେକ୍ଟର) | ୦.୦୧୧୫୦୦୦ |
| ୨୦. | ୩୮୩ | ବେସରକାରୀ() | ଘରବାରି | ୦.୦୧୧୦୦୦୦(ହେକ୍ଟର) | ୦.୦୧୧୦୦୦୦ |
| ୨୧. | ୩୮୪ | ସରକାରୀ() | ଗୋଚର | ୦.୦୪୦୦୦୦୦(ହେକ୍ଟର) | ୦.୦୪୦୦୦୦୦ |
| ୨୨. | ୩୮୫ | ସରକାରୀ() | ଗୋଚର | ୦.୦୧୮୫୦୦୦(ହେକ୍ଟର) | ୦.୦୧୮୫୦୦୦ |
| ୨୩. | ୩୮୬ | ସରକାରୀ() | ରାସ୍ତା | ୦.୦୧୩୫୦୦୦(ହେକ୍ଟର) | ୦.୦୧୩୫୦୦୦ |
| ୨୪. | ୪୦୮ | ସରକାରୀ() | ପତିତ | ୦.୦୫୫୫୦୦୦(ହେକ୍ଟର) | ୦.୦୫୫୫୦୦୦ |
| ୨୫. | ୪୦୯ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୨୧୫୦୦୦(ହେକ୍ଟର) | ୦.୦୨୧୫୦୦୦ |
| ୨୬. | ୪୧୦ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୧୫୦୦୦୦(ହେକ୍ଟର) | ୦.୦୧୫୦୦୦୦ |
| ୨୭. | ୪୧୧ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୧୧୫୦୦୦(ହେକ୍ଟର) | ୦.୦୧୧୫୦୦୦ |
| ୨୮. | ୪୧୨ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୦୬୫୦୦୦(ହେକ୍ଟର) | ୦.୦୦୬୫୦୦୦ |
| ୨୯. | ୬୨୮ | ସରକାରୀ() | ଗୋଚର | ୦.୨୦୦୦୦୦୦(ହେକ୍ଟର) | ୦.୨୦୦୦୦୦୦ |
| ୩୦. | ୬୩୫ | ସରକାରୀ() | ଗୋଚର | ୦.୧୭୦୫୦୦୦(ହେକ୍ଟର) | ୦.୧୭୦୫୦୦୦ |
| ୩୧. | ୬୩୫/୧୯୩୨ | ସରକାରୀ() | ଗୋଚର | ୦.୦୦୫୫୦୦୦(ହେକ୍ଟର) | ୦.୦୦୫୫୦୦୦ |
| ୩୨. | ୬୩୬ | ସରକାରୀ() | ଗ୍ରାମ୍ୟ ରାସ୍ତା | ୦.୦୧୧୦୦୦୦(ହେକ୍ଟର) | ୦.୦୧୧୦୦୦୦ |
| ୩୩. | ୬୩୭ | ସରକାରୀ() | ଗୋଚର | ୦.୧୫୦୦୦୦୦(ହେକ୍ଟର) | ୦.୧୫୦୦୦୦୦ |
| ୩୪. | ୬୫୩ | ବେସରକାରୀ() | ତଇଲା | ୦.୦୪୮୦୦୦୦(ହେକ୍ଟର) | ୦.୦୪୮୦୦୦୦ |
| ୩୫. | ୬୫୪ | ବେସରକାରୀ() | ତଇଲା | ୦.୦୩୦୦୦୦୦(ହେକ୍ଟର) | ୦.୦୩୦୦୦୦୦ |
| ୩୬. | ୬୫୫ | ବେସରକାରୀ() | ତଇଲା | ୦.୦୩୯୫୦୦୦(ହେକ୍ଟର) | ୦.୦୩୯୫୦୦୦ |
| ୩୭. | ୬୫୫/୧୯୯୬ | ବେସରକାରୀ() | ତଇଲା | ୦.୦୧୮୫୦୦୦(ହେକ୍ଟର) | ୦.୦୧୮୫୦୦୦ |
| ୩୮. | ୬୫୫/୧୯୯୭ | ବେସରକାରୀ() | ତଇଲା | ୦.୦୧୯୫୦୦୦(ହେକ୍ଟର) | ୦.୦୧୯୫୦୦୦ |
| ୩୯. | ୬୫୫/୧୯୯୮ | ବେସରକାରୀ() | ତଇଲା | ୦.୦୧୯୫୦୦୦(ହେକ୍ଟର) | ୦.୦୧୯୫୦୦୦ |
| ୪୦. | ୬୫୭ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୨୮୦୦୦୦(ହେକ୍ଟର) | ୦.୦୨୮୦୦୦୦ |
| ୪୧. | ୬୫୭/୧୯୯୯ | ବେସରକାରୀ() | ପତିତ | ୦.୦୨୫୫୦୦୦(ହେକ୍ଟର) | ୦.୦୨୫୫୦୦୦ |
| ୪୨. | ୬୫୮ | ସରକାରୀ() | ଜଳାଶୟ - ଦୁଇ | ୦.୦୫୨୫୦୦୦(ହେକ୍ଟର) | ୦.୦୫୨୫୦୦୦ |
| ୪୩. | ୬୫୯ | ସରକାରୀ() | ଆଡି | ୦.୦୪୨୦୦୦୦(ହେକ୍ଟର) | ୦.୦୪୨୦୦୦୦ |
| ୪୪. | ୬୭୮ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୩୭୮୦୦୦୦(ହେକ୍ଟର) | ୦.୩୭୮୦୦୦୦ |
| ୪୫. | ୬୮୯/୧୮୦୩ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୨୫୦୦୦୦(ହେକ୍ଟର) | ୦.୦୨୫୦୦୦୦ |
| ୪୬. | ୬୯୦ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୮୦୦୦୦୦(ହେକ୍ଟର) | ୦.୦୮୦୦୦୦୦ |
| ୪୭. | ୬୯୧ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୨୮୫୦୦୦(ହେକ୍ଟର) | ୦.୦୨୮୫୦୦୦ |
| ୪୮. | ୬୯୨ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୨୪୫୦୦୦(ହେକ୍ଟର) | ୦.୦୨୪୫୦୦୦ |
| ୪୯. | ୬୯୩ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୧୬୨୦୦୦(ହେକ୍ଟର) | ୦.୦୧୬୨୦୦୦ |
| ୫୦. | ୬୯୪ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୩୧୦୦୦୦(ହେକ୍ଟର) | ୦.୦୩୧୦୦୦୦ |
| ୫୧. | ୬୯୮ | ସରକାରୀ() | ଜଳାଶୟ - ଏକ | ୦.୦୦୮୧୦୦୦(ହେକ୍ଟର) | ୦.୦୦୮୧୦୦୦ |
| ୫୨. | ୬୯୮/୧୮୦୬ | ବେସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୬୮୦୦୦୦(ହେକ୍ଟର) | ୦.୦୬୮୦୦୦୦ |
| ୫୩. | ୬୯୮/୧୮୦୭ | ସରକାରୀ() | ଶାରଦ ଅଣଜଳସେଚିତ - ଦୁଇ | ୦.୦୪୫୫୦୦୦(ହେକ୍ଟର) | ୦.୦୪୫୫୦୦୦ |
| ୫୪. | ୬୯୯/୧୮୩୦ | ସରକାରୀ() | ଗୋଚର | ୦.୨୫୭୫୦୦୦(ହେକ୍ଟର) | ୦.୨୫୭୫୦୦୦ |
| ଗ୍ରାମ: କଟକସହର | | | | | |
| ୧. | ୧୩୪ | ସରକାରୀ() | ପତିତ | ୦.୧୨୨୦୦୦୦(ହେକ୍ଟର) | ୦.୧୨୨୦୦୦୦ |
| ୨. | ୧୫୦ | ସରକାରୀ() | ଗ୍ରାମ୍ୟ ରାସ୍ତା | ୦.୦୧୪୦୦୦୦(ହେକ୍ଟର) | ୦.୦୧୪୦୦୦୦ |
| ୩. | ୧୫୧ | ସରକାରୀ() | ଘରବାରି | ୦.୦୯୩୫୦୦୦(ହେକ୍ଟର) | ୦.୦୯୩୫୦୦୦ |
| ୪. | ୧୫୨ | ସରକାରୀ() | ପତିତ | ୦.୧୧୪୦୦୦୦(ହେକ୍ଟର) | ୦.୧୧୪୦୦୦୦ |
| ୫. | ୧୬୭ | ସରକାରୀ() | ବସ୍ତି ଯୋଗ୍ୟ | ୦.୦୦୨୦୦୦୦(ହେକ୍ଟର) | ୦.୦୦୨୦୦୦୦ |
| ୬. | ୧୬୮ | ସରକାରୀ() | ରାସ୍ତା | ୦.୦୨୬୫୦୦୦(ହେକ୍ଟର) | ୦.୦୨୬୫୦୦୦ |
| ୭. | ୧୯୯ | ସରକାରୀ() | ଗୋବର ଖାତ | ୦.୦୮୦୦୦୦୦(ହେକ୍ଟର) | ୦.୦୮୦୦୦୦୦ |
| ୮. | ୪୮୭ | ସରକାରୀ() | ଗୋଚର | ୦.୨୬୪୦୦୦୦(ହେକ୍ଟର) | ୦.୨୬୪୦୦୦୦ |
| ୯. | ୪୮୮ | ସରକାରୀ() | ପତିତ | ୦.୦୪୦୫୦୦୦(ହେକ୍ଟର) | ୦.୦୪୦୫୦୦୦ |
| ୧୦. | ୪୯୦ | ସରକାରୀ() | ଗୋଚର | ୦.୦୧୨୦୦୦୦(ହେକ୍ଟର) | ୦.୦୧୨୦୦୦୦ |
| ଗ୍ରାମ: ଶ୍ରୀକୃଷ୍ଣପୁର | | | | | |
| ୧. | ୧ | ସରକାରୀ() | ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ | ୦.୦୧୬୫୦୦୦(ହେକ୍ଟର) | ୦.୦୧୬୫୦୦୦ |
| ୨. | ୧୦ | ବେସରକାରୀ() | ବଗାୟତ - ଦୁଇ | ୦.୦୨୧୫୦୦୦(ହେକ୍ଟର) | ୦.୦୨୧୫୦୦୦ |
| ୩. | ୧୦୧ | ସରକାରୀ() | ଗୋଚର | ୦.୪୯୦୦୦୦୦(ହେକ୍ଟର) | ୦.୪୯୦୦୦୦୦ |
| ୪. | ୧୧ | ବେସରକାରୀ() | ବଗାୟତ - ଦୁଇ | ୦.୦୨୨୫୦୦୦(ହେକ୍ଟର) | ୦.୦୨୨୫୦୦୦ |
| ୫. | ୧୨ | ବେସରକାରୀ() | ବଗାୟତ - ଦୁଇ | ୦.୦୩୬୦୦୦୦(ହେକ୍ଟର) | ୦.୦୩୬୦୦୦୦ |
| ୬. | ୧୩ | ସରକାରୀ() | ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ | ୦.୦୧୪୦୦୦୦(ହେକ୍ଟର) | ୦.୦୧୪୦୦୦୦ |
| ୭. | ୧୪ | ବେସରକାରୀ() | ବଗାୟତ - ଦୁଇ | ୦.୦୨୧୦୦୦୦(ହେକ୍ଟର) | ୦.୦୨୧୦୦୦୦ |
| ୮. | ୧୫ | ବେସରକାରୀ() | ବଗାୟତ - ଦୁଇ | ୦.୦୧୯୦୦୦୦(ହେକ୍ଟର) | ୦.୦୧୯୦୦୦୦ |
| ୯. | ୧୬ | ବେସରକାରୀ() | ଘରବାରି | ୦.୦୧୫୫୦୦୦(ହେକ୍ଟର) | ୦.୦୧୫୫୦୦୦ |
| ୧୦. | ୧୭ | ବେସରକାରୀ() | ବଗାୟତ - ଦୁଇ | ୦.୦୧୯୦୦୦୦(ହେକ୍ଟର) | ୦.୦୧୯୦୦୦୦ |
| ୧୧. | ୧୮ | ବେସରକାରୀ() | ବଗାୟତ - ଦୁଇ | ୦.୦୧୬୫୦୦୦(ହେକ୍ଟର) | ୦.୦୧୬୫୦୦୦ |
| ୧୨. | ୧୯ | ସରକାରୀ() | ରାସ୍ତା | ୦.୦୧୫୦୦୦୦(ହେକ୍ଟର) | ୦.୦୧୫୦୦୦୦ |
| ୧୩. | ୨ | ବେସରକାରୀ() | ବଗାୟତ - ଦୁଇ | ୦.୦୬୪୦୦୦୦(ହେକ୍ଟର) | ୦.୦୬୪୦୦୦୦ |
| ୧୪. | ୩ | ବେସରକାରୀ() | ବଗାୟତ - ଦୁଇ | ୦.୦୧୧୦୦୦୦(ହେକ୍ଟର) | ୦.୦୧୧୦୦୦୦ |
| ୧୫. | ୩୮ | ସରକାରୀ() | ଘରବାରି | ୦.୦୧୯୦୦୦୦(ହେକ୍ଟର) | ୦.୦୧୯୦୦୦୦ |
| ୧୬. | ୩୯ | ବେସରକାରୀ() | ବଗାୟତ - ଦୁଇ | ୦.୦୧୬୦୦୦୦(ହେକ୍ଟର) | ୦.୦୧୬୦୦୦୦ |
| ୧୭. | ୪ | ସରକାରୀ() | ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ | ୦.୦୧୬୦୦୦୦(ହେକ୍ଟର) | ୦.୦୧୬୦୦୦୦ |
| ୧୮. | ୪୦ | ବେସରକାରୀ() | ବଗାୟତ - ଦୁଇ | ୦.୦୧୬୦୦୦୦(ହେକ୍ଟର) | ୦.୦୧୬୦୦୦୦ |
| ୧୯. | ୪୧ | ବେସରକାରୀ() | ବଗାୟତ - ଦୁଇ | ୦.୦୦୮୦୦୦୦(ହେକ୍ଟର) | ୦.୦୦୮୦୦୦୦ |
| ୨୦. | ୪୨ | ବେସରକାରୀ() | ବଗାୟତ - ଦୁଇ | ୦.୦୦୮୫୦୦୦(ହେକ୍ଟର) | ୦.୦୦୮୫୦୦୦ |
| ୨୧. | ୪୩ | ବେସରକାରୀ() | ବଗାୟତ - ଦୁଇ | ୦.୦୮୬୦୦୦୦(ହେକ୍ଟର) | ୦.୦୮୬୦୦୦୦ |
| ୨୨. | ୫ | ବେସରକାରୀ() | ବଗାୟତ - ଦୁଇ | ୦.୦୧୭୫୦୦୦(ହେକ୍ଟର) | ୦.୦୧୭୫୦୦୦ |
| ୨୩. | ୫୩ | ବେସରକାରୀ() | ବଗାୟତ - ଦୁଇ | ୦.୦୧୪୫୦୦୦(ହେକ୍ଟର) | ୦.୦୧୪୫୦୦୦ |
| ୨୪. | ୫୪ | ସରକାରୀ() | ବଗାୟତ - ଦୁଇ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୨୫. | ୫୫ | ବେସରକାରୀ() | ବଗାୟତ - ଦୁଇ | ୦.୦୧୬୫୦୦୦(ହେକ୍ଟର) | ୦.୦୧୬୫୦୦୦ |
| ୨୬. | ୫୬ | ବେସରକାରୀ() | ବଗାୟତ - ଦୁଇ | ୦.୦୧୪୦୦୦୦(ହେକ୍ଟର) | ୦.୦୧୪୦୦୦୦ |
| ୨୭. | ୫୭ | ବେସରକାରୀ() | ବଗାୟତ - ଦୁଇ | ୦.୦୦୮୦୦୦୦(ହେକ୍ଟର) | ୦.୦୦୮୦୦୦୦ |
| ୨୮. | ୫୮ | ବେସରକାରୀ() | ବଗାୟତ - ଦୁଇ | ୦.୦୦୫୫୦୦୦(ହେକ୍ଟର) | ୦.୦୦୫୫୦୦୦ |
| ୨୯. | ୫୯ | ବେସରକାରୀ() | ବଗାୟତ - ଦୁଇ | ୦.୦୨୪୫୦୦୦(ହେକ୍ଟର) | ୦.୦୨୪୫୦୦୦ |
| ୩୦. | ୬ | ବେସରକାରୀ() | ବଗାୟତ - ଦୁଇ | ୦.୦୧୫୦୦୦୦(ହେକ୍ଟର) | ୦.୦୧୫୦୦୦୦ |
| ୩୧. | ୬୦ | ବେସରକାରୀ() | ବଗାୟତ - ଦୁଇ | ୦.୦୬୦୦୦୦୦(ହେକ୍ଟର) | ୦.୦୬୦୦୦୦୦ |
| ୩୨. | ୬୧ | ବେସରକାରୀ() | ବଗାୟତ - ଦୁଇ | ୦.୦୨୮୫୦୦୦(ହେକ୍ଟର) | ୦.୦୨୮୫୦୦୦ |
| ୩୩. | ୬୨ | ବେସରକାରୀ() | ବଗାୟତ - ଦୁଇ | ୦.୦୩୦୦୦୦୦(ହେକ୍ଟର) | ୦.୦୩୦୦୦୦୦ |
| ୩୪. | ୬୩ | ବେସରକାରୀ() | ବଗାୟତ - ଦୁଇ | ୦.୦୪୬୫୦୦୦(ହେକ୍ଟର) | ୦.୦୪୬୫୦୦୦ |
| ୩୫. | ୭ | ବେସରକାରୀ() | ବଗାୟତ - ଦୁଇ | ୦.୦୧୭୦୦୦୦(ହେକ୍ଟର) | ୦.୦୧୭୦୦୦୦ |
| ୩୬. | ୮ | ବେସରକାରୀ() | ବଗାୟତ - ଦୁଇ | ୦.୦୨୩୫୦୦୦(ହେକ୍ଟର) | ୦.୦୨୩୫୦୦୦ |
| ୩୭. | ୯ | ବେସରକାରୀ() | ବଗାୟତ - ଦୁଇ | ୦.୦୨୨୫୦୦୦(ହେକ୍ଟର) | ୦.୦୨୨୫୦୦୦ |
| ଗ୍ରାମ: ଉପେନ୍ଦ୍ରପୁର | | | | | |
| ୧. | ୭୨୬/୭୬୮ | ବେସରକାରୀ() | ଘରବାରି | ୦.୦୧୫୦୦୦୦(ହେକ୍ଟର) | ୦.୦୧୫୦୦୦୦ |
| ୨. | ୬୨୩ | ସରକାରୀ() | ପତିତ | ୦.୦୦୭୫୦୦୦(ହେକ୍ଟର) | ୦.୦୦୭୫୦୦୦ |
| ୩. | ୬୨୩/୮୦୫ | ସରକାରୀ() | ତଇଲା | ୦.୦୨୪୫୦୦୦(ହେକ୍ଟର) | ୦.୦୨୪୫୦୦୦ |
| ୪. | ୬୬୭ | ସରକାରୀ() | ତଇଲା | ୦.୦୧୨୫୦୦୦(ହେକ୍ଟର) | ୦.୦୧୨୫୦୦୦ |
| ୫. | ୬୬୮ | ବେସରକାରୀ() | ଶାରଦ ଅଣଜଳସେଚିତ - ଏକ | ୦.୦୪୧୫୦୦୦(ହେକ୍ଟର) | ୦.୦୪୧୫୦୦୦ |
| ୬. | ୬୭୦ | ବେସରକାରୀ() | ତଇଲା | ୦.୦୨୬୦୦୦୦(ହେକ୍ଟର) | ୦.୦୨୬୦୦୦୦ |
| ୭. | ୭୨୬/୭୮୫ | ବେସରକାରୀ() | ବଗାୟତ - ଦୁଇ | ୦.୦୨୮୫୦୦୦(ହେକ୍ଟର) | ୦.୦୨୮୫୦୦୦ |
| | | | ସମୁଦାୟ | ୬.୪୬୦୫ | ୬.୪୬୦୫ |

[ F.No. NHAI/11019/02/Bhubaneswar-Puintola(LA 3a)2018/PIU/BBSR/3A2]
RAJESH GUPTA, Dy. Secy.



ସୋମବତୀ ଅମାବାସ୍ୟା ତିଥିରେ ଲକ୍ଷ ଲକ୍ଷ ଭକ୍ତ ହରିଦ୍ୱାର ଦେଇ ପ୍ରବାହିତ ପବିତ୍ର ଗଙ୍ଗାନଦୀରେ ବୁଡ ପକାଇଛନ୍ତି। ଭକ୍ତମାନେ ନିକଟବର୍ତ୍ତୀ ମନ୍ଦିରକୁ ଯାଇ ପ୍ରାର୍ଥନା କରିଥିଲେ। ଏହି ଅବସରରେ ମହିଳାମାନେ ପରିବାରର ସୁଖ ସମୃଦ୍ଧି ପାଇଁ ବରଗଛକୁ ପୂଜା କରିବା ସହ ପ୍ରାର୍ଥନା କରିଥିଲେ। ପାରମ୍ପରିକ ସ୍ନାନ ଲାଗି ପାଖାପାଖି ୪୦ଲକ୍ଷ ଭକ୍ତ ହର୍ କୀ ପୌରିଠାରେ ସମବେତ ହୋଇଥିଲେ ବୋଲି ଭାରପ୍ରାପ୍ତ ଏସ୍‌ପି କମଳେଶ ଉପାଧ୍ୟାୟ ପ୍ରକାଶ କରିଛନ୍ତି।

## ■ ଆମ୍ବ ବଜାରରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

# ଟିମ୍ ସଦସ୍ୟଙ୍କୁ ଅଟକ ରଖିଲେ ବ୍ୟବସାୟୀ

ବ୍ରହ୍ମପୁର ଅଫିସ୍,୩।୬

ଓଡ଼ିଶାର ସର୍ବବୃହତ୍ ଆମ୍ବ ବଜାର ହେଉଛି ବ୍ରହ୍ମପୁର ନୀଳକଣ୍ଠେଶ୍ୱର ଆମ୍ବ ବଜାର। ଆନ୍ଧ୍ରପ୍ରଦେଶରୁ ଦୈନିକ ଶହ ଶହ ଟ୍ରକ୍ ଆମ୍ବ ଏହି ବଜାରରେ ପହଞ୍ଚିଥାଏ। ସେଠାରୁ ସାରା ରାଜ୍ୟକୁ ବିକ୍ରି ଲାଗି ପଠାଯାଏ। ତେବେ ଅଭିଯୋଗ ହେଉଛି, ଆମ୍ବକୁ ପଚାଇବା ପାଇଁ କେତେକ ବ୍ୟବସାୟୀ କେମିକାଲ୍ ସ୍ପ୍ରେର ଅଧିକ ବ୍ୟବହାର କରୁଛନ୍ତି। ଏହି କେମିକାଲ୍ ଦ୍ୱାରା ଶୀଘ୍ର ଆମ୍ବ ପାଚି ଚଢ଼ା ଦରରେ ବିକ୍ରି ହୁଏ। ତେବେ କେମିକାଲ୍‌ମିଶା ଆମ୍ବ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏନେଇ ସହରର କେତେକ ବୁଦ୍ଧିଜୀବୀଙ୍କ ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସୋମବାର ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଯାଞ୍ଚ ପାଇଁ ଆମ୍ବ ବଜାରରେ ପହଞ୍ଚିଥିଲେ। ହେଲେ କେତେକ ଅସାଧୁ ବ୍ୟବସାୟୀ ସେମାନଙ୍କୁ ଅଟକ ରଖିଥିଲେ। ଖବରପାଇ ଗୋସାଇଁନୂଆଗାଁ ପୋଲିସ ପହଞ୍ଚି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ସଦସ୍ୟଙ୍କୁ ଉଦ୍ଧାର କରିଥିଲା। ଏହାକୁ ନେଇ ବଜାରରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ, ସାବିତ୍ରୀ ବ୍ରତ ଥିବା ଯୋଗୁ ଆମ୍ବ ଚାହିଦା ଅଧିକ ରହିଥିଲା। ଏଣୁ ପାଚି ନ ଥିବା ଆମ୍ବକୁ ବ୍ୟବସାୟୀମାନେ ଆନ୍ଧ୍ରରୁ କିଣି ଆଣିଥିଲେ। ଏହାକୁ ପଚାଇବା ପାଇଁ ସେଥିରେ କ୍ଷତିକାରକ କେମିକାଲ୍ ସ୍ପ୍ରେ କରାଯାଇଥିଲା। କେତେକ ଅସାଧୁ ବ୍ୟବସାୟୀ ରାତିରେ ଏହି କାର୍ଯ୍ୟ କରୁଥିଲେ। ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସୋମବାର ମଧ୍ୟାହ୍ନରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ବଜାରରେ ପହଞ୍ଚିଥିଲା। ଗୋଟିଏ ପରେ ଗୋଟିଏ ଦୋକାନକୁ ଯାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ କେମିକାଲ୍ ମିଳିଥିଲା।



ବ୍ୟବସାୟୀ ଏବଂ ପୋଲିସ ମଧ୍ୟରେ ଆଲୋଚନା ଚାଲିଛି।

■ ଉଦ୍ଧାର କଲା ଗୋସାଇଁନୂଆଗାଁ ପୋଲିସ

■ ସଂଗ୍ରହ ହେଲା କେମିକାଲ୍, ଆମ୍ବ ନମୁନା

ତେବେ ଠିକ୍ ଏତିକି ବେଳେ କେତେକ ଅସାଧୁ ବ୍ୟବସାୟୀ ଏହାର ତୀବ୍ର ବିରୋଧ କରିଥିଲେ। ସେମାନେ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଘେରାଉ କରି ଚଢ଼ାଉକୁ ବିରୋଧ କରିଥିଲେ। ଏହାକୁ ନେଇ କିଛି ସମୟ ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉତ୍ତେଜନା ଦେଖାଦେଇଥିଲା। ଏପରିକି ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ କେତେକ ବ୍ୟବସାୟୀ ନିକଟରେ ଥିବା ଏକ ଘରକୁ ନେଇ ବନ୍ଦ କରି ରଖିଥିଲେ। ବିଏମ୍‌ସି ପକ୍ଷରୁ ଏ ସମ୍ପର୍କରେ ଗୋସାଇଁନୂଆଗାଁ ଥାନାକୁ ଖବର ଦିଆଯାଇଥିଲା। ଆଇଆଇସି ସୁମିତ ସୋରେନ୍ ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ବ୍ୟବସାୟୀଙ୍କ କବଳରୁ ପୋଲିସ ଉଦ୍ଧାର କରିଥିଲା। ଏହି ସମୟରେ ବିଏମ୍‌ସିର ଅନ୍ୟ ଅଧିକାରୀମାନେ ମଧ୍ୟ ପହଞ୍ଚିଥିଲେ। ବଜାରର ବିଭିନ୍ନ ଦୋକାନରୁ ଆମ୍ବ ଏବଂ ବ୍ୟବହୃତ କେମିକାଲ୍ ନମୁନା ସଂଗ୍ରହ କରିଛନ୍ତି। ଏହି ନମୁନା ଭୁବନେଶ୍ୱର ଫରେନ୍ସିକ୍ ଲ୍ୟାବ୍‌ରେ ପରୀକ୍ଷା କରାଯିବ ବୋଲି ବିଏମ୍‌ସିର ଜଣେ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ଏନେଇ ଗୋସାଇଁନୂଆଗାଁ ଆଇଆଇସି ସୁମିତ ସୋରେନ୍ କହିଛନ୍ତି, ବ୍ୟବସାୟୀ ଏବଂ ବିଏମ୍‌ସି ଅଧିକାରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇଥିଲା। ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗ ବଡ଼ ବାଗ**
**ମଝି ଫୁଲ ଖଞ୍ଜା,**
**ପଛ ଗୁହ ପୋଛ।**

ଯିଏ କର୍ମଠ, ସବୁ କ୍ଷେତ୍ରରେ ଆଗୁଆ ରୁହେ ସେ ଭଲ ଫଳ ପାଇଥାଏ। ପରନ୍ତୁ ଯିଏ କର୍ମଠ ନୁହେଁ, ଚଳଚଞ୍ଚଳ ନୁହେଁ ତଥା ପଛରେ ପଡ଼େ ସେ କିଛି ପାଇ ନ ଥାଏ। ଅନ୍ୟଠାରୁ ପଛୁଆ ରହୁଥିବା ବ୍ୟକ୍ତି ନିକୃଷ୍ଟ ଫଳ ପାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପଣା କଥା ଆପେ କର**
**ପରକୁ ଅପେକ୍ଷା ନ କର।**

ଯେତେ କଷ୍ଟ ପଡୁ ପଛେ ନିଜେ ଯାଇ ନିଜ କାର୍ଯ୍ୟ ସମ୍ପାଦନା କରିବା ଉଚିତ। ପରକୁ ଅପେକ୍ଷା କଲେ ହେବା କାର୍ଯ୍ୟ ହୋଇପାରି ନ ଥାଏ ଓ ବିଗିଡ଼ି ମଧ ଯାଇଥାଏ। ଅନ୍ୟକେହି ନିଜ କର୍ମ ଫଳର ଅଂଶୀଦାର ହୋଇ ନ ଥାନ୍ତି। ତେଣୁ ପରକୁ ଅପେକ୍ଷା କରିବାରେ ଲାଭ କିଛି ମିଳି ନ ଥାଏ। ଅନ୍ୟକୁ ଅପେକ୍ଷା ନ କରି ନିଜ କଥା ବୁଝି ବିଚାରି କଲେ କାମ ସଫଳ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ହାଲ୍‌ରେ ଶଟ୍ ସର୍କିଟ, ୨ କର୍ମଚାରୀ ଗୁରୁତର

ସେମିଳିଗୁଡ଼ା/କୋରାପୁଟ,୩।୬(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ସ୍ଥିତ ହାଲ୍‌ରେ ବିଦ୍ୟୁତ ମରାମତି କାମ ଚାଲିଥିବା ବେଳେ ଶଟ୍ ସର୍କିଟ୍ ଯୋଗୁ ସୋମବାର ୨ ଜଣ ଠିକା କର୍ମଚାରୀ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ଅର୍ଦ୍ଧଦଗ୍ଧ ଅବସ୍ଥାରେ ସେମାନଙ୍କୁ ବିଶାଖାପାଟଣା ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ସେନ୍‌ସେକ୍ସର ନୂଆ ରେକର୍ଡ

ମୁମ୍ବାଇ,୩।୬

ମୋଦି ସରକାର କ୍ଷମତାକୁ ଫେରିବା ପରେ ନିବେଶକଙ୍କ ଆସ୍ଥା ବଢ଼ିବାରେ ଲାଗିଛି। ସୋମବାର କାରବାର ବନ୍ଦ ହେବା ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ବିଏସ୍‌ଇ ସେନ୍‌ସେକ୍ସ ୫୫୩.୪୨ ପଏଣ୍ଟ ବୃଦ୍ଧି ପାଇ ୪୦,୨୬୭.୬୨ରେ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ନିଫ୍ଟି ୧୬୫.୭୫ ପଏଣ୍ଟ ବଢ଼ି ୧୨,୦୮୮.୫୫ରେ ରହି ନୂଆ ରେକର୍ଡ ସୃଷ୍ଟି କରିଛି। ଫଳରେ ନିବେଶକଙ୍କ ୧.୭୬ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ସେନ୍‌ସେକ୍ସର ୩୧ ମଧ୍ୟରୁ ୨୮ ଶେୟାର ଏବଂ ନିଫ୍ଟିରେ ୫୦ ମଧ୍ୟରୁ ୪୬ ଶେୟାର ବୃଦ୍ଧି ସହ ବନ୍ଦ ହୋଇଛି। ଚତୁର୍ଥ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୫ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ବେଳେ ବେକାରି ସମସ୍ୟା ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି।

ପ୍ରଥମ ପୃଷ୍ଠାରୁ...

## ହାସ୍ୟ ଅଭିନେତା ସଲିଲ...

ନିକଟରେ କାର୍ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ତାଙ୍କ ଛାତି ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପ୍ରଥମେ ତାଙ୍କୁ ଘଟଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ସେ ଚିକିତ୍ସାଧୀନ ଥିଲେ। ତାଙ୍କର ସ୍ତ୍ରୀ ଓ ୨ଝିଅ ଅଛନ୍ତି। ସେ ଟେଲିଭିଜନ ଓ ଚଳଚ୍ଚିତ୍ର ଜଗତରେ ଜଣେ ଲୋକପ୍ରିୟ ହାସ୍ୟ ଅଭିନେତାଭାବେ ସୁନାମ ଅର୍ଜନ କରିଥିଲେ। ନାଟକରୁ ଅଭିନୟ ଜୀବନ ଆରମ୍ଭ କରିଥିବା ଏହି ବିଶିଷ୍ଟ କଳାକାର ୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ହେଉଛି 'ଶାସ୍ତି'। ୧୯୯୯ରେ ଓଡ଼ିଆ ଚଳଚ୍ଚିତ୍ର 'ପୁଅ ଭାଙ୍ଗି ଦେଲା ସୁନା ସଂସାର', ୨୦୦୫ରେ ଅର୍ଜୁନ, ୨୦୧୦ରେ ଶୁଭ ବିବାହ, ୨୦୧୧ରେ ହୀରୋ, ବାଲୁଙ୍ଗା ଟୋକା, ୨୦୧୨ରେ କେବେ ତମେ ନାହଁ କେବେ ମୁଁ ନାହିଁ, ତୁ ମୋ ଆରମ୍ଭ ତୁ ମୋ ଶେଷ, ୨୦୧୪ରେ ଗଞ୍ଜା ଲଢ଼େଇ, ୨୦୧୫ରେ ଗପ ହେଲେ ବି ସତ ଓ ୨୦୧୭ରେ ସିଷ୍ଟର ଶ୍ରୀଦେବୀରେ ଅଭିନୟ କରିଥିଲେ। ଫିଲ୍ମ 'ଲଭ ଷ୍ଟେଶନ'ରେ ତାଙ୍କ ଅଭିନୟ ସର୍ବାଧିକ ଆଦୃତ ହୋଇଥିଲା। ଏଥିସହିତ ସେ ଅନେକ ଓଡ଼ିଆ ଧାରାବାହିକ, ଭଜନ ଓ ଆଧୁନିକ ଆଲ୍‌ବମ ଗୀତରେ ଅଭିନୟର ଯାଦୁ ଦେଖାଇଥିଲେ। ତରଙ୍ଗ ଚ୍ୟାନେଲରେ ପ୍ରସାରିତ କମେଡି ଧାରାବାହିକ 'ଫୁଲ୍ ଗଡ଼ବଡ଼'ରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣି ପାରିଥିଲେ। ପ୍ରସ୍ତୁତି ପଥରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ମାଲ୍ ମହୁ ଜୀବନ ମାଟି'ରେ ସେ ଅଭିନୟ କରୁଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ଫିଲ୍ମ ଦୁନିଆର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ରିୟଲ ଜୀବନରେ ସେ ଜଣେ ଅତ୍ୟନ୍ତ ସାଧାସିଧା, ମିଷ୍ଟଭାଷୀ ଓ ପରୋପକାରୀ ଭାବେ ବେଶ୍ ଜଣାଶୁଣା ଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ହିନ୍ଦୁସ୍ତାନ ଫାଇନାନ୍ସ
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
୪୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଳିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

ଋଣ ଧମାକା - ଋଣ ଧମାକା
KUMAR FINANCE Regd. Co.
ମାର୍କଶିଟ୍ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
12 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକମାନଙ୍କ ପ୍ରତି ସାବଧାନ
7084824686, 7347856284
H. No. 2, Ram Nagar, Narnol, Haryana

FINANCE
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486, 09485827609

All INDIA FINANCIAL SERVICES
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BUSINESS

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଇଂଣ୍ଡସ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ, ସର୍ଭେ କରାନ୍ତୁ ଏଂବ ହାତା ହାତୀ ଚେକ୍ ପାଆନ୍ତୁ
Plot No - 15/012, Devaraja Mohalla, Bangalore, Karnataka 570001
9499321886

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

DHARITRI Career appointment Every Wednesday and Saturday

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

TO LET

OFFICE SPACE FOR RENT
REDUCE OFFICE RENTAL BY 50% RELOCATE TO GROWING LOCATION ON 200 FEET WIDE BHIMTANGI MAIN ROAD. JUST 2KMs FROM BHUBANESWAR AIRPORT. 3 FLOORS 6000 SQFT NEW BUILDING FOR RENT. EDUCATION INSTITUTES / OFFICES / BANKS / CORPORATE GUEST HOUSES PREFERRED. PROVISION FOR LIFT AND POWER BACKUP.
CONTACT: 9958003695
Email: mishrab1962@gmail.com

AVAILABLE FOR RENT / LEASE
3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION
Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ। ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଦ୍ଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303, 9354145347


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସବୁ ସମସ୍ୟାର ମୂଳ କାରଣ ହେଉଛି, ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ଯୁକ୍ତ୨ ବିଜ୍ଞାନ ପାସ୍ ହାର: ୩ବର୍ଷରେ ୯ ପ୍ରତିଶତ ହ୍ରାସ

ଭୁବନେଶ୍ୱର, ୩।୬(ବ୍ୟୁରୋ): ସୋମବାର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ପାସ୍ ହାର ୪.୬୫ ପ୍ରତିଶତ କମିଛି। କେବଳ ଏବର୍ଷ ନୁହେଁ, ଗତ ୩ବର୍ଷ ହେବ ଲଗାତର ଭାବେ ବିଜ୍ଞାନ ପାସ୍ ହାର କମିବାରେ ଲାଗିଛି। ୨୦୧୭ରେ ୯୦,୬୪୩ଜଣ ପରୀକ୍ଷା ଦେଇଥିବାବେଳେ ୭୩,୫୨୩ଜଣ ପାସ୍ ହୋଇଥିଲେ ଏବଂ ପାସ୍ ହାର ରହିଥିଲା ୮୧.୧୧ ପ୍ରତିଶତ। ୨୦୧୮ରେ ୯୫,୦୯୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୩,୨୧୧ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଓ ପାସ୍ ହାର ୭୬.୯୮ ପ୍ରତିଶତ ରହିଥିଲା। କିନ୍ତୁ ଚଳିତ ବର୍ଷ ୯୭,୭୫୦ଜଣ ପରୀକ୍ଷା ଦେଇଥିବାବେଳେ ୭୦,୭୦୬ଜଣ ପାସ୍ ହୋଇଛନ୍ତି। ଏଥର ପାସ୍ ହାର ୭୨.୩୩କୁ ଖସି ଆସିଛି। ତେଣୁ ଗତ ୩ବର୍ଷ ମଧ୍ୟରେ ପାସ୍ ହାର ପ୍ରାୟ ୯ ପ୍ରତିଶତ ହ୍ରାସ ପାଇଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ଦାଶ କହିଛନ୍ତି, ପରୀକ୍ଷା ପରିଚାଳନାକୁ କଡାକଡି କରାଯିବାକୁ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବାରୁ ପିଲାମାନେ କପି କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ତେଣୁ ପୂର୍ବାପେକ୍ଷା ପାସ୍ ହାର କମୁଛି ବୋଲି ସେ କହିଛନ୍ତି।

### ପୁରୀ ଜିଲା: ପାସ୍ ହାର ୮୦.୭୧%

■ ୪୨୩୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪୧୯ ପାସ୍

ପୁରୀ ଅଫିସ,୩।୬:ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ବିଜ୍ଞାନ ଫଳାଫଳ ସୋମବାର ପ୍ରକାଶ ପାଇଛି। ଚଳିତ ବର୍ଷ ପୁରୀ ଜିଲାରେ ପାସ୍ ହାର ୮୦.୭୧ ପ୍ରତିଶତ ହୋଇଛି। ଜିଲାରେ ୪୨୬୬ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଆବେଦନ କରିଥିଲେ। ୪୨୩୬ଜଣ ପରୀକ୍ଷା ଦେଇଥିଲେ। ୧୭ଜଣ କପି କରି ଧରା ପଡ଼ିଥିବାବେଳେ ୩୪୧୯ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୯୨୫ ପ୍ରଥମ, ୧୩୦୬ ଦ୍ୱିତୀୟ ଓ ୧୩୦୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୮ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ତେବେ ଫଳାଫଳକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷତଃ ଇଂଲିଶ, ସଂସ୍କୃତ, ଗଣିତ ପରୀକ୍ଷାରେ ବହୁ ବିଦ୍ୟାର୍ଥୀ ଆଶାଠାରୁ କମ୍ ମାର୍କ ପାଇଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। କେତେଜଣ ଖାତା ରି ଚେକିଂ ପାଇଁ ଆବେଦନ କରିବେ ବୋଲି କହିଛନ୍ତି।

# ମେଧାବୀଙ୍କ ମୁହଁରୁ...

ସୋମବାର ପ୍ରକାଶ ପାଇଛି ଓଡ଼ିଶାର ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ। ପାସ୍ ହାର ହ୍ରାସ ପାଇଥିଲେ ମଧ ୨୯ ପ୍ରତିଶତ ଅର୍ଥାତ୍ ୨୦,୭୦୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯୩୨ ଜଣ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ନିଜ ଶିକ୍ଷାନୁଷ୍ଠାନ, ଅଞ୍ଚଳ ଓ ପରିବାର ପାଇଁ ଗୌରବ ଆଣିଛନ୍ତି। ତେବେ ଏହି ମେଧାବୀ ମାନଙ୍କର ଆଗାମୀ ଲକ୍ଷ୍ୟ କ'ଣ ରହିଛି ସେ ନେଇ ପ୍ରସ୍ତୁତି...



### ଇଞ୍ଜିନିୟର ହେବାକୁ ଲକ୍ଷ୍ୟ



"ରେଜଲ୍ଟ ଭଲ ହେବ ବୋଲି ଆଶା କରିଥିଲି। କିନ୍ତୁ ଶ୍ରେଷ୍ଠ ହେବି ବୋଲି କେବେ ଭାବି ପାରି ନ ଥିଲି। ଫିଜିକ୍ସରେ ମୋର ୭୦ରୁ ୭୦ ରହିଛି। ଅନ୍ୟ ବିଷୟରେ ସବୁ ଭଲ ନମ୍ବର ରହିଛି। ତେବେ ଇଂଲିଶରେ ନମ୍ବର କମିଯାଇଛି। ୧୦୦ ନମ୍ବରରୁ ୮୭ ରହିଛି। ତେବେ ମୁଁ ମୋଟ ୫୫୯ ନମ୍ବର (୯୩.୧୫%) ପାଇଛି। ଏହି ସଫଳତାର ଶ୍ରେୟ ମୁଁ ମୋ ମା' ବାପା, ଶିକ୍ଷକ ତଥା ସାଙ୍ଗସାଥୀଙ୍କୁ ଦେଉଛି। ବର୍ତ୍ତମାନ ମୁଁ ଆଇଆଇଟି ପାଇଁ ପ୍ରସ୍ତୁତ ହେଉଛି। ଭବିଷ୍ୟତରେ ଜଣେ ଭଲ ଇଞ୍ଜିନିୟର ହେବା ପାଇଁ ଲକ୍ଷ୍ୟ ରଖିଛି।

– ଭବାନୀଶଙ୍କର ପଟ୍ଟନାୟକ, ବିଜେବି ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର

### ଡାକ୍ତର ହେବାକୁ ଇଚ୍ଛା



"ମୋର ଆଶାନୁଯାୟୀ ନମ୍ବର ରହିଛି। ଦିନକୁ ମୁଁ ୧୦ଘଣ୍ଟା ପରିଶ୍ରମ କରୁଥିଲି। ମୋର ୫୫୧ ନମ୍ବର ସହ ୯୧.୮% ନମ୍ବର ରହିଛି। ମୋ ସଫଳତାର ଶ୍ରେୟ ମୁଁ ମୋ ମା', ବାପା ଓ ଶିକ୍ଷକଙ୍କୁ ଦେବାକୁ ଚାହେଁ। ତେବେ ଭବିଷ୍ୟତରେ ଡାକ୍ତର ହେବାକୁ ମୁଁ ଲକ୍ଷ୍ୟ ରଖିଛି।

– ନେହା ଅଗ୍ରୱାଲ, ଜୁପିଟର ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ନୟାପଲ୍ଲୀ

### ବୈଜ୍ଞାନିକ ହେବାର ସ୍ୱପ୍ନ ରହିଛି



"ବର୍ଷ ଆରମ୍ଭରୁ ଭଲ ରେଜଲ୍ଟ କରିବା ଲକ୍ଷ୍ୟରେ ଥିଲି। ପରିଶ୍ରମର ଫଳ ମିଳିଛି। ଦିନକୁ ଅତିକମ୍‌ରେ ୮ରୁ ୧୦ଘଣ୍ଟା ପଢୁଥିଲି। ବୈଜ୍ଞାନିକ ହେବାର ସ୍ୱପ୍ନ ରହିଛି ବୋଲି ସତ୍ୟଜିତ୍ ବେହେରା କହିଛନ୍ତି। ତାଙ୍କ ଘର ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରେ। ସଫଳତାର ଶ୍ରେୟ ମା' ହୀରାବତୀ ବେହେରାଙ୍କୁ ଦେବି। ବାପା ସ୍ୱର୍ଗତ ସଲେକରାମ ବେହେରାଙ୍କ ଆଶୀର୍ବାଦ ସବୁବେଳେ ମୋ ସହ ଅଛି।

- ସତ୍ୟଜିତ ବେହେରା, ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ, କଟକ

### ଠିକ ଢଙ୍ଗରେ ପରିଶ୍ରମ ସଫଳତା ଦିଏ



"ଠିକ ଢଙ୍ଗରେ ପରିଶ୍ରମ କଲେ ଫଳ ଭଲ ହୋଇଥାଏ। ସିଲାବସକୁ ଆଧାର କରି ପଢ଼ିବା ସହ ବିଭିନ୍ନ ପରୀକ୍ଷା ମଧ ଦେଉଥିଲି। ୯ରୁ ୧୦ଘଣ୍ଟା ପାଠ ପଢୁଥିବା ବେଳେ ପରୀକ୍ଷା ସମୟରେ ଅଧିକ ପଢ଼ିବା ପାଇଁ ଚେଷ୍ଟା କରୁଥିଲି। ଡାକ୍ତର ହେବାର ଲକ୍ଷ୍ୟ ରହିଛି ବୋଲି ୫୪୮ ମାର୍କ ରଖିଥିବା ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ସୁନିତା ନନ୍ଦ କହିଛନ୍ତି। ତାଙ୍କ ଘର କଟକ ନୂଆବଜାର ଅନ୍ତର୍ଗତ ମହିମାନଗରରେ। ବାପା ସଚ୍ଚିଦାନନ୍ଦ ନନ୍ଦ ଓ ମା' ଗୀତାଞ୍ଜଳି ନନ୍ଦଙ୍କୁ ସେ ସଫଳତାର ଶ୍ରେୟ ଦେଇଛନ୍ତି।

- ସୁନିତା ନନ୍ଦ, ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ, କଟକ

### ପରିଶ୍ରମ ଅନୁସାରେ ଫଳ ମିଳିଛି



"ଜାତୀୟ କବି ବୀର କିଶୋର (ଜେକେବିକେ) ସରକାରୀ କଲେଜର ଟପ୍ପର ହୋଇଛନ୍ତି ସମନ୍ୱିତା ଦେବତା। ସେ ୫୨୯ମାର୍କ ହାସଲ କରିଛନ୍ତି। ଡାକ୍ତର ହେବାର ଲକ୍ଷ୍ୟ ରହିଛି। ପରିଶ୍ରମ ଅନୁସାରେ ଫଳ ମିଳିଛି ବୋଲି ସମନ୍ୱିତା କହିଥିଲେ। ବାପା ବରଦାକାନ୍ତ ଦେବତା ଓ ମା' ଅଞ୍ଜଳି ଦେବତାଙ୍କ ଝିଅ ସମନ୍ୱିତାଙ୍କ ଘର କଟକ ଜିଲା ବୟାଳିଶି ମୌଜାର ବ୍ରହ୍ମପୁରା ଅଞ୍ଚଳରେ।

- ସମନ୍ୱିତା ଦେବତା, ଜେକେବିକେ ସରକାରୀ କଲେଜ, କଟକ

### ଡାକ୍ତର ହେବାର ଲକ୍ଷ୍ୟ ରହିଛି



"ପରୀକ୍ଷା ପୂର୍ବରୁ ଦିନକୁ ୧୨ରୁ ୧୫ଘଣ୍ଟା ପାଠପଢାରେ ସମୟ ଦେଉଥିଲି। ଫଳ କିପରି ଭଲ ରହିବ ସେ ନେଇ ବହୁ ଚିନ୍ତାରେ ଥିଲି। ହେଲେ ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ଡାକ୍ତର ହେବାର ଲକ୍ଷ୍ୟ ରହିଛି ବୋଲି ଜେକେବିକେ ସରକାରୀ କଲେଜର ଛାତ୍ର ସତ୍ୟବ୍ରତ ପୃଷ୍ଟି କହିଛନ୍ତି। କଲେଜଛକ ଅଞ୍ଚଳରେ ରହୁଥିବା ସତ୍ୟବ୍ରତ ୫୧୧ମାର୍କ ହାସଲ କରିଛନ୍ତି। ବାପା ସୁରେନ୍ଦ୍ର କୁମାର ପୃଷ୍ଟି ଓ ମା' ଚମ୍ପକମାଳା ପୃଷ୍ଟିଙ୍କୁ ସେ ସଫଳତାର ଶ୍ରେୟ ଦେଇଛନ୍ତି।

- ସତ୍ୟବ୍ରତ ପୃଷ୍ଟି, ଜେକେବିକେ ସରକାରୀ କଲେଜ, କଟକ

### ଅଧ୍ୟାପିକା ହେବାକୁ ଲକ୍ଷ୍ୟ



"୯୦ ପ୍ରତିଶତ ମାର୍କ ରହିବ ବୋଲି ଆଶା ରଖିଥିଲି। ୮୨ପ୍ରତିଶତ (୪୯୬ ନମ୍ବର) ରହିଛି। ଅନ୍ୟ ସବୁ ବିଷୟରେ ଭଲ ନମ୍ବର ରହିଥିବାବେଳେ ଗଣିତ ଓ ସଂସ୍କୃତରେ ମୋ' ଆଶାଠାରୁ ବହୁ କମ୍ ମାର୍କ ରହିଛି। ଭଲ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି। ମୋର ଏହି ସଫଳତାରେ ପରିବାର ଏବଂ ଟ୍ୟୁଶନ ସାର୍‌ଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଛି।

- ସୀମା ବିଶ୍ୱାଳ, ଏସ୍‌ସିଏସ୍ କଲେଜ, ପୁରୀ

### କୃଷି ବୈଜ୍ଞାନିକ ହେବାକୁ ଇଚ୍ଛା



"୫୦୬ ମାର୍କ ରହିଛି। ୯୨% ଆଶା କରିଥିଲି, ୮୪% ମାର୍କ ରହିଛି। ଇଂଲିଶ ଓ ସଂସ୍କୃତରେ କମ୍ ମାର୍କ ପାଇଛି। ତେଣୁ ରି ଚେକିଂ ଲାଗି ଆବେଦନ କରିବି। ପିଲାବେଳୁ ଜଣେ କୃଷି ବୈଜ୍ଞାନିକ ହେବାକୁ ଇଚ୍ଛା ରଖିଛି। ଓୟୁଏଟିରେ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇଛି। କୃତକାର୍ଯ୍ୟ ହେଲେ ସେଠାରେ ପଢ଼ିବି।

- ସସ୍ମିତା ବିଶ୍ୱାଳ, ଏସ୍‌ସିଏସ୍ କଲେଜ, ପୁରୀ

### ଆଇଏଏସ୍ ହେବାକୁ ଚାହେଁ



"ରସାୟନ ବିଜ୍ଞାନ ଓ ବାୟୋଲୋଜିରେ ବହୁ କମ୍ ମାର୍କ ରହିଛି। ୯୪ ପ୍ରତିଶତ ମାର୍କ ପାଇଁ ଆଶା ରଖିଥିଲି, ୮୫ ପ୍ରତିଶତ ଅର୍ଥାତ୍ ୫୧୦ ମାର୍କ ରହିଛି। ତେଣୁ ମୋ' ମନ ଦୁଃଖୀ। ରି ଚେକିଂ ଲାଗି ଆବେଦନ କରିବି। ଯୁକ୍ତ୩ ପରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଲାଗି ପ୍ରସ୍ତୁତ ହେବି।

- ଲକ୍ଷ୍ମୀପ୍ରିୟା ସାହୁ, ଏସ୍‌ସିଏସ୍ କଲେଜ, ପୁରୀ

## ସତ୍ୟଜିତ, ପ୍ରଜ୍ଞା ପରମିତା କଟକ ଜିଲା ଯୁଗ୍ମ ଟପ୍ପର

କଟକ ଅଫିସ,୩।୬

ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଚଳିତଥର ସହରର ବିଭିନ୍ନ ଜୁନିୟର କଲେଜର ଫଳାଫଳ ମିଶ୍ରିତ ରହିଛି। ପୂର୍ବବର୍ଷ ତୁଳନାରେ କେତେକ କଲେଜରେ ଫଳାଫଳ ଭଲ ରହିଥିବାବେଳେ ଅନ୍ୟ କିଛି କଲେଜରେ ଫଳ ଅତ୍ୟନ୍ତ ଖରାପ ହୋଇଥିବା ଜଣାପଡ଼ିଛି। ତେବେ କଟକ ଜିଲାରେ ଯୁଗ୍ମ ଟପ୍ପର ହୋଇଛନ୍ତି ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲର ସତ୍ୟଜିତ ବେହେରା ଓ ଶକ୍ତି ହାୟର ସେକେଣ୍ଡାରୀ ସ୍କୁଲର ପ୍ରଜ୍ଞା ପରମିତା ସାହୁ। ଉଭୟ ୫୪୯ ମାର୍କ ଲେଖାଏ ହାସଲ କରିଛନ୍ତି। ଜାତୀୟ କବି ବୀର କିଶୋର ସରକାରୀ କଲେଜରେ ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାରରେ ୨୫୩ଜଣ ପରୀକ୍ଷା ଦେଇଥିବା ବେଳେ ୨୩୩ ଜଣ ପାସ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ରେଗୁଲାରରେ ୧୪୩ଜଣ ପ୍ରଥମ ଶ୍ରେଣୀ, ୬୨ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୮ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୭ଜଣ ଫେଲ ଓ ୩ଜଣଙ୍କ ପରୀକ୍ଷା ଫଳ ସ୍ଥଗିତ ରହିଛି। ଏହି କଲେଜର ଟପ୍ପର ହେଉଛନ୍ତି ସମନ୍ୱିତା ଦେବତା। ସେହିପରି ଶୈଳବାଳା ମହିଳା କଲେଜରେ ପରୀକ୍ଷା ଦେଇଥିଲେ ୨୫୧ଜଣ। ୨୧୨ଜଣ ପାସ୍ ହୋଇଥିବାବେଳେ ୩୭ଜଣ ଫେଲ ଓ ଜଣେ ଲେଖାଏ ଅନୁପସ୍ଥିତ ଓ ମାଲପ୍ରାକ୍ଟିସ ହୋଇଛନ୍ତି। ଏହି କଲେଜରେ ୭୮ଜଣ ଛାତ୍ରୀ ପ୍ରଥମଶ୍ରେଣୀ, ୯୪ଜଣ ଦ୍ୱିତୀୟ ଶ୍ରେଣୀ ଓ ୪୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜରେ ୧୪୦ଜଣ ପରୀକ୍ଷା ଦେଇଥିଲେ। ୧୦୮ଜଣ ପାସ୍ ଓ ୩୨ଜଣ ଫେଲ ହୋଇଛନ୍ତି। ୫ଜଣ ପ୍ରଥମ ଶ୍ରେଣୀରେ, ୫୧ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୨ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି।

## ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ: ଶ୍ରେଷ୍ଠ ୧୦ ଛାତ୍ରୀଛାତ୍ର

| | | |
|---|---|---|
| ଭବାନୀ ଶଙ୍କର ପଟ୍ଟନାୟକ | ୫୫୯ | ବିଜେବି ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର |
| ଶୁଭଶ୍ରୀ ମହାରଣା | ୫୫୮ | ବିଜେବି ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର |
| ଅଂଶୁମାନ୍ କର | ୫୫୭ | ଜୁପିଟର ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର |
| ଶୁଭାଶିଷ ପାଣି | ୫୫୪ | ଇଟେକ୍ ରେସିଡେନ୍‌ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ |
| ଓମ୍ ଶୁଭମ୍ ପଣ୍ଡା | ୫୫୩ | ନରସିଂହ ଚୌଧୁରୀ ହାୟର ସେକେଣ୍ଡାରୀ ସ୍କୁଲ, ଯାଜପୁର |
| ସତ୍ୟ ରଞ୍ଜନ ଦତ୍ତ | ୫୫୩ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ |
| ଅନିଲ ଜେନା | ୫୫୩ | ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଭୁବନେଶ୍ୱର |
| ଦେବସ୍ମିତା ସାହୁ | ୫୫୨ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ |
| ଆୟୁଷ ବିଶ୍ୱାଳ | ୫୫୨ | ଆଦ୍ୟାନ୍ତ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର |
| ମନ୍‌ଜିତ୍ କୁମାର ଦାଶ | ୫୫୧ | ଯୁବୋଦୟା ହାୟର ସେକେଣ୍ଡାରୀ ସ୍କୁଲ, ସୁଦୁପଡ଼ା, ବଲାଙ୍ଗୀର |
| ଆୟୁଷ ବିଶ୍ୱାଳ | ୫୫୧ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ |
| ସ୍ୱସ୍ତିକ ରଞ୍ଜନ ପଣ୍ଡା | ୫୫୧ | ପ୍ରଗତି ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭବାନୀପାଟଣା |
| ନେହା ଅଗ୍ରୱାଲ | ୫୫୧ | ଜୁପିଟର ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ନୟାପଲ୍ଲୀ, ଭୁବନେଶ୍ୱର |
| ଶିବସୁନ୍ଦର ଦାସ | ୫୫୦ | ବିଦ୍ୱାନ୍ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ଯାଜପୁର |
| ଶୁଭମ୍ ରଥ | ୫୫୦ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ |
| ସତ୍ୟଜିତ୍ ମହାରଣା | ୫୫୦ | ବିଜେବି ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର |
| ବିଶ୍ୱଦର୍ଶୀ ବେହେରା | ୫୫୦ | କିଟ୍, ପଟିଆ, ଭୁବନେଶ୍ୱର |
| ସତ୍ୟଜିତ୍ ବେହେରା | ୫୪୯ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ, କଟକ |
| ପ୍ରଜ୍ଞା ପରମିତା ସାହୁ | ୫୪୯ | ଶକ୍ତି ହାୟର ସେକେଣ୍ଡାରୀ ସ୍କୁଲ, କଟକ |
| ଆଦିତ୍ୟ ରଞ୍ଜନ ନାୟକ | ୫୪୯ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ |
| ସୁପ୍ରିୟା ବେହେରା | ୫୪୯ | ନୟାଗଡ଼ ହାୟର ସେକେଣ୍ଡାରୀ ସ୍କୁଲ, ନୟାଗଡ଼ |
| ସମୀର ସାହୁ | ୫୪୯ | ଏଆଇଏମ୍‌ଏସ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ, ସମ୍ବଲପୁର |
| କିରଣମୟୀ ବାରିକ | ୫୪୮ | ଗୋପାଳପୁର ହାୟର ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର |
| ସୁନୀତା ନନ୍ଦ | ୫୪୮ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ, କଟକ |
| କୁନ୍‌ମୁନ୍ ଦେବତା | ୫୪୮ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ, କଟକ |
| ଶ୍ରଦ୍ଧାଞ୍ଜଳି ସାହୁ | ୫୪୮ | ଇଟେକ୍ ରେସିଡେନ୍‌ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ |
| ସୌମ୍ୟ ରଞ୍ଜନ ପରିଡ଼ା | ୫୪୮ | ବିଜେବି ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର |
| ଅରଜିତ୍ ପ୍ରଧାନ | ୫୪୮ | ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଭୁବନେଶ୍ୱର |

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର,୩।୬

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ପରୀକ୍ଷା ଫଳାଫଳରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଶେଷ ସଫଳତା ଅର୍ଜନ କରିଛି। ବିଦ୍ୟାଳୟର ପାସ୍ ହାର ୯୭% ରହିଛି। ଛାତ୍ର ବିଶ୍ୱଦର୍ଶୀ ବେହେରା ୫୫୦ ନମ୍ବର ରଖିଥିବା ବେଳେ ଅଭିଜିତ୍ ପ୍ରଧାନ ୫୪୭ ଏବଂ ସତ୍ୟଜିତ୍ ପ୍ରଧାନ ୫୪୫ ନମ୍ବର ରଖିଛନ୍ତି। ୮୦%ରୁ ଅଧିକ ମାର୍କ ରଖି ୩୦ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ୧୮ ଜଣ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ପ୍ରଥମ ଶ୍ରେଣୀରେ ୧୫୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୬୯ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୧ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏହାବାଦ ଜେଇଇ ଆଡଭାନ୍‌ସ-୨୦୧୯ରେ ବିଦ୍ୟାଳୟର ୧୩ ଜଣ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ଲାଗି ବିଦ୍ୟାଳୟର ଚେୟାରମ୍ୟାନ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି।



### ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୩।୬: ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷାରେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସ୍କୁଲର ୩୨୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଆୟୁଷ ବିଶ୍ୱାଳ, ବିଶ୍ୱଜିତ ମହାପାତ୍ର, ନିହାର ରଞ୍ଜନ ବାରିକ ଯଥାକ୍ରମେ ୫୫୨, ୫୪୧ ଏବଂ ୫୩୯ ନମ୍ବର ରଖିଛନ୍ତି। ମୋଟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୫୮ ଜଣ ଛାତ୍ରୀଛାତ୍ର ୫୦୦ ଏବଂ ତଦୂର୍ଦ୍ଧ୍ୱ ନମ୍ବର ରଖି ସ୍କୁଲ ପାଇଁ ସୁନାମ ଆଣିଛନ୍ତି। ୨୦୧୨ଠାରୁ ସ୍କୁଲ ଶତ ପ୍ରତିଶତ ଫଳାଫଳ କରୁଛି। ଶିକ୍ଷକମାନଙ୍କ ଅବିରତ ଉଦ୍ୟମ, ଉଚ୍ଚ କୋଟିର ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ଉଦ୍ୟମ ଏବଂ ଟ୍ରଷ୍ଟ ସଭାପତିଙ୍କ ସଦିଚ୍ଛା ଫଳରେ ଏଭଳି ସଫଳତା ସମ୍ଭବ ହୋଇଥିବା ସ୍କୁଲ ପକ୍ଷରୁ କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅସିତ୍



ବିଶ୍ୱଜିତ୍



ଶଙ୍କର



ଟୁନା



ସୁନୀଲ



ରାଜେଶ



ସିପୁ



ସ୍ନେହାଶିଷ





**ପୁରୀ ଜିଲା:** ଉଜୁଡ଼ିଛି ଶିକ୍ଷା ଭିତ୍ତିଭୂମି

# ବାଧାପ୍ରାପ୍ତ ହେବ ପାଠପଢ଼ା

ପୁରୀ ଅଫିସ,୩।୬

ବାତ୍ୟା 'ଫନୀ' ଯୋଗୁ ପୁରୀ ଜିଲାରେ ବ୍ୟାପକ କ୍ଷତି ଘଟିଛି। ଏଥିରୁ ବର୍ତ୍ତିପାରିନି ସ୍କୁଲ, କଲେଜ। ଅଧିକାଂଶ ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। କାହାର ଆଜବେଷ୍ଟସ୍ ଛାତ ଉଡ଼ିଯାଇଛି ତ କାହାର କାନ୍ଥ, ପାଚେରି ଭୁଶୁଡ଼ି ପଡ଼ିଛି। ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକର ମରାମତି ହୋଇନାହିଁ। ଶିକ୍ଷା ଭିତ୍ତିଭୂମି ଉଜୁଡ଼ିଯାଇଛି। ଫଳରେ ଚଳିତ ବର୍ଷ ପାଠପଢା ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି।

ଗ୍ରୀଷ୍ମକାଳୀନ ଛୁଟି ପାଇଁ ଗତ ମେ ୩ ତାରିଖଠାରୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଛୁଟି ସରିବା ପରେ ଆସନ୍ତା ୧୭ତାରିଖରୁ ସ୍କୁଲ, କଲେଜ ଖୋଲିବ। ତେବେ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ମରାମତି କାମ ହୋଇନାହିଁ। ସ୍କୁଲ, କଲେଜ ପରିସରରେ ଗଛ ଭାଙ୍ଗି ପଡ଼ିରହିଛି। ଝରକା, କବାଟ, ଆଜବେଷ୍ଟସ୍ ସବୁ ଭଙ୍ଗା ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ ପାଠପଢା କିପରି ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ଶିକ୍ଷାବର୍ଷ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଅଭିଭାବକ ନବକିଶୋର ପ୍ରଧାନ କହିଛନ୍ତି, ଚଳିତ ଶିକ୍ଷାବର୍ଷ ପାଇଁ ଚିନ୍ତା ଘାରିଛି। ପିଲାଙ୍କ ଭବିଷ୍ୟତକୁ ନେଇ ମନରେ ଆଶଙ୍କା ଲାଗିରହିଛି। ଅନ୍ୟପଟେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲର ଶ୍ରେଣୀଗୃହ କୋଠରିଗୁଡ଼ିକ ନଷ୍ଟ ହୋଇଛି। ଆଜବେଷ୍ଟସ ସବୁ ଉଡ଼ିଯାଇଛି। ସେହିପରି ଜିଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ, ଭୋଳାନାଥ ବିଦ୍ୟାପୀଠ, ଗଦାଧର ବିଦ୍ୟାପୀଠ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ନରେନ୍ଦ୍ରକୋଣସ୍ଥିତ ମହିଳା ମହାବିଦ୍ୟାଳୟ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନରେ ବ୍ୟାପକ କ୍ଷତି ଘଟିଛି। ନୂତନ ଶିକ୍ଷାବର୍ଷରୁ କିପରି ପିଲାଙ୍କ ପାଠପଢା ହେବ ସେନେଇ ଚିନ୍ତାବ୍ୟକ୍ତ କରିଛନ୍ତି ସ୍କୁଲ ଓ କଲେଜ କର୍ତ୍ତୃପକ୍ଷ। ଏସ୍‌ସିଏସ୍ କଲେଜର ଅଧ୍ୟକ୍ଷା ସୁଜାତା ମିଶ୍ର କହିଛନ୍ତି, ବହୁ ଶ୍ରେଣୀଗୃହ, ବିଜ୍ଞାନ ବିଭାଗ, କମ୍ପ୍ୟୁଟର ଲ୍ୟାବ, ସ୍ମାର୍ଟ ହଲ, ୪ଟି ହଷ୍ଟେଲ କୋଠା କ୍ଷତିଗ୍ରସ୍ତ ହୋଇଛି। କଲେଜ ପାଚେରୀ ଭୁଶୁଡ଼ି ପଡ଼ିଛି। ପ୍ରାୟ ୩୭କୋଟି ଟଙ୍କାର କ୍ଷୟକ୍ଷତି ରିପୋର୍ଟ ଦିଆଯାଇଛି। ଛୁଟିପରେ ପିଲାମାନେ ଆସିଲେ କେଉଁଠି ରହିବେ ତାହା ଚିନ୍ତାର କାରଣ ହୋଇଛି। ସେହିପରି ସରକାରୀ ମହିଳା ମହାବିଦ୍ୟାଳୟର ୨କୋଟି ଟଙ୍କାର କ୍ଷତି ଘଟିଛି। ନବନିର୍ମିତ ୩ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନଷ୍ଟ ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ମଧ ବ୍ୟାପକ କ୍ଷତି ଘଟିଛି। ୩ ଛାତ୍ରାବାସ, କୋଠା, ପାଚେରି ନଷ୍ଟ ହୋଇଛି। ସରକାରଙ୍କୁ ୩୭ କୋଟି ଟଙ୍କାର କ୍ଷୟକ୍ଷତି ରିପୋର୍ଟ ଦିଆଯାଇଛି ବୋଲି କୁଳପତି ପ୍ରଫେସର ରାଧାମାଧବ ଦାଶ କହିଛନ୍ତି। ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ୩୦ଲକ୍ଷ ଟଙ୍କା କ୍ଷତି ଘଟିଥିବା ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର କହିଛନ୍ତି। ଛାତ୍ର ନେତା ସୌଭାଗ୍ୟ ଦାଶ କହିଛନ୍ତି, କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡି କହିଛନ୍ତି, ଜିଲାର ୨୩୫୫ଟି ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ୩୭କୋଟି ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ପରିସ୍ଥିତି ଅନୁଧ୍ୟାନ କରି ନୂତନ ଶିକ୍ଷାବର୍ଷ ଆରମ୍ଭ ହେବା ନେଇ ବିଇଓ ଏବଂ ପ୍ରଧାନ ଶିକ୍ଷକମାନଙ୍କ ସହିତ ଆଲୋଚନା କରାଯାଉଛି। ସେହିପରି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଶିକ୍ଷା ହେଉଛି ସଫଳତାର ମାପକାଠି। ପ୍ରାଥମିକ ପର୍ଯ୍ୟାୟରେ ବିଦ୍ୟାଳୟଗୁଡ଼ିକର ସଫେଇ ଉପରେ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ନିକଟକୁ କ୍ଷୟକ୍ଷତି ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ବିଦ୍ୟାଳୟ ଭିତ୍ତିଭୂମି ସଜାଡ଼ିବା ଲାଗି ଉଦ୍ୟମ ହେବ। ସ୍କୁଲ ପରିସରରେ ବ୍ୟାପକ ଚାରାରୋପଣ କରାଯିବ।

## ବାଲିଅନ୍ତା: ଅନ୍ଧାରରେ ୨୦ଗ୍ରାମ

**ବାଲିଅନ୍ତା,୩।୬(ଡି.ଏନ୍.ଏ.):** ଗତ ମେ ୩ରେ ସାମୁଦ୍ରିକ ବାତ୍ୟା ଫନୀ ଆସି ପୁରୀ ସମେତ ଭୁବନେଶ୍ୱର, କଟକ ସହରକୁ ଛାରଖାର କରିଦେଇଥିଲା। ଏହି ବାତ୍ୟା ଦ୍ୱାରା ବହୁ ଧନଜୀବନ ଯିବାସହ ବିଦ୍ୟୁତଖୁଣ୍ଟ ଭାଙ୍ଗିଯିବା ସହ ଗଛ ସବୁ ଉପୁଡି ଯାଇଥିଲା। ଇତି ମଧ୍ୟରେ ଫନୀ ଯିବାର ମାସେ ହୋଇଯାଇଥିବା ବେଳେ ଅଧିକାଂଶ ଅଞ୍ଚଳ ବିଦ୍ୟୁତ ସଂଯୋଗ ନ ହୋଇ ଅନ୍ଧାରରେ ପଡିରହିଛି। ଖୋଦ ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର, ପ୍ରତାପରୁଦ୍ରପୁର ଓ ଜୟଦେବ ପଞ୍ଚାୟତର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗ୍ରାମ ଏପର୍ଯ୍ୟନ୍ତ ଅନ୍ଧାରରେ ରହିଛି। ବାଲିପାଟଣା ବିଦ୍ୟୁତ ବିଭାଗ ଅଧୀନରେ ଏହି ୩ ପଞ୍ଚାୟତବାସୀ ବିଦ୍ୟୁତ ପାଇ ନ ଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନରେ ଅସହ୍ୟ ଗରମକୁ ରାତିରେ ଗୁଳୁଗୁଳି ହେଉଥିବାରୁ ୩ ପଞ୍ଚାୟତର ଲୋକେ ହନ୍ତସନ୍ତ ହେଉଛନ୍ତି। ରାଜଧାନୀର ଉପକଣ୍ଠରେ ଥାଇ ମଧ୍ୟ ବିଦ୍ୟୁତ ସେବା ନ ମିଳିବା ଦୁର୍ଭାଗ୍ୟ ବୋଲି କାକରୁଦ୍ରପୁରର ପୂର୍ବତନ ସରପଞ୍ଚ ବିଜୟ ଚାନ୍ଦ କହିଛନ୍ତି। ତୁରନ୍ତ ବିଦ୍ୟୁତ ସେବା ଯୋଗାଇ ନ ଦିଆଗଲେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ସେ କହିଛନ୍ତି।

# ୨୨୬.୬୭ ହେକ୍ଟର ପାନ ବରଜ ନଷ୍ଟ

ପୁରୀ ଅଫିସ, ୩।୬

ଠିକ୍ ୧ ମାସ ପୂର୍ବେ ବାତ୍ୟା ଫନୀ ପୁରୀ ଜିଲାରେ ତାଣ୍ଡବ ରଚିଥିଲା। ଭାଙ୍ଗିଥିଲା ଘର, ଗଛ, ବିଦ୍ୟୁତ୍ ଖୁଣ୍ଟ। ଲକ୍ଷ ଲକ୍ଷ ଲୋକ ବିପନ୍ନ ହୋଇପଡ଼ିଥିବା ବେଳେ ବହୁ ସଂଖ୍ୟାରେ ପଶୁପକ୍ଷୀଙ୍କ ଜୀବନ ଯାଇଥିଲା। ପୁଣି ଅନେକଙ୍କ ଜୀବନ ଜୀବିକାକୁ ଉଜାଡ଼ି ଦେଇଥିଲା। ଶିକ୍ଷାନୁଷ୍ଠାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ହସ୍ତଶିଳ୍ପ କାରିଗର ବି ବାଦ୍ ପଡ଼ି ନ ଥିଲେ। ଜିଲାରେ କେଉଁ କେଉଁ କ୍ଷେତ୍ରରେ କେତେ ପରିମାଣରେ କ୍ଷୟକ୍ଷତି ହୋଇଛି ତାହାର ଆକଳନ କରୁଛି ପ୍ରଶାସନ। ଆକଳନ ପ୍ରକ୍ରିୟା ଜାରି ରହିଛି। କ୍ଷୟକ୍ଷତି ନେଇ ପୁରୀ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଉଛି। ଏହାକୁ ଭିତ୍ତିକରି କ୍ଷତିଗ୍ରସ୍ତଙ୍କୁ ମିଳିବ ସହାୟତା।

ବାତ୍ୟାରେ ପୁରୀ ଜିଲାରେ ୨୩,୦୦୪.୭୮ ହେକ୍ଟର ଫସଲ ନଷ୍ଟ ହୋଇଛି। ପ୍ରାୟ ୨୫ କୋଟି ୪୧ ଲକ୍ଷ ଟଙ୍କାର ଫସଲ ନଷ୍ଟ ହୋଇଥିବା ଜିଲା କୃଷି କାର୍ଯ୍ୟାଳୟ ରିପୋର୍ଟ ଦେଇଛି। ସେହିପରି ଉଦ୍ୟାନ କୃଷି ବିଭାଗର ୧,୦୬୪୧.୧୧ ହେକ୍ଟର ଫସଲ ନଷ୍ଟ ହୋଇଛି। ସର୍ବାଧିକ ନଡ଼ିଆ ଗଛ ଭାଙ୍ଗିଛି। ରିପୋର୍ଟ ଅନୁଯାୟୀ, ଜିଲାରେ ୯,୫୮,୧୩୦ଟି ନଡ଼ିଆ ଗଛ ଭାଙ୍ଗିଥିବାବେଳେ ୭୪,୫୧୦ଟି ଆମ୍ବ ଗଛ ଏବଂ ୩,୪୫,୨୩୧ କାଜୁ ଗଛ ଭାଙ୍ଗିଛି। ସେହିପରି ୨୩,୦୨୦ଟି ଅମୃତଭଣ୍ଡା ଗଛ, ୫,୦୩,୨୬୨ କଦଳୀ ଗଛ, ୧୯,୧୮୬ଟି ଗୁଆ ଗଛ ଭାଙ୍ଗିପଡ଼ିଛି। ବ୍ୟାପକ ପାନ ବରଜ ବି ଧରାଶାୟୀ ହୋଇପଡ଼ିଛି। ଜିଲାରେ ୨୨୬.୬୭ ହେକ୍ଟର ପାନ ବରଜ ନଷ୍ଟ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଜିଲା ସର୍ବଶିକ୍ଷା ଅଭିଯାନର କ୍ଷୟକ୍ଷତି ରିପୋର୍ଟ ମୁତାବକ, ଜିଲାରେ ୧,୭୧୭ଟି ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ୨୬୪ଟି ଏଡେଡ୍ ଏବଂ ବ୍ଲକ ଗ୍ରାଣ୍ଟ ସ୍କୁଲ ପ୍ରଭାବିତ ହୋଇଛି। ଶିକ୍ଷା ବିଭାଗର ୧୩ଟି କାର୍ଯ୍ୟାଳୟ ନଷ୍ଟ ହୋଇଛି। ମୋଟ ୨୦୮କୋଟି ୭୪ ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତି ହୋଇଛି। ବହୁ ମତ୍ସ୍ୟଜୀବୀ ଏ ପର୍ଯ୍ୟନ୍ତ ସେମାନଙ୍କ ଜୀବନ ଜୀବିକାକୁ ସଜାଡ଼ି ପାରିନାହାନ୍ତି। ବ୍ୟାପକ ମାତ୍ରାରେ ଡଙ୍ଗା ଜାଲ ନଷ୍ଟ ହୋଇଛି। ମତ୍ସ୍ୟ ଏବଂ ସାମୁଦ୍ରିକ ମତ୍ସ୍ୟ ବିଭାଗ ରିପୋର୍ଟ ଅନୁଯାୟୀ, ମଧୁର ଜଳରେ ମାଛ ମାରୁଥିବା ୫୨୪ଟି ଡଙ୍ଗା ଏବଂ ସମାନ ସଂଖ୍ୟକ ଜାଲ ନଷ୍ଟ ହୋଇଛି। ସେହିପରି ସମୁଦ୍ରରେ ମାଛ ଧରୁଥିବା ୨,୮୭୮ଟି ଡଙ୍ଗା ଏବଂ ୧୪୬୦ଟି ଜାଲ ନଷ୍ଟ ହୋଇଛି। ସମୁଦାୟ କ୍ଷୟକ୍ଷତିର ପରିମାଣ ୨କୋଟି ୮୯ଲକ୍ଷ ୮୫ ହଜାର ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ହସ୍ତଶିଳ୍ପ କାରିଗର ମଧ୍ୟ ବହୁଳ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି) ପକ୍ଷରୁ ଦିଆଯାଇଥିବା ରିପୋର୍ଟ ମୁତାବକ, ୬,୬୯୧ଟି ହସ୍ତଶିଳ୍ପ ୟୁନିଟ୍ ଏବଂ ୧,୧୭୦ ଟେରାକୋଟା ୟୁନିଟ୍ ଏହିପରି ୭,୮୬୧ ୟୁନିଟ୍ ନଷ୍ଟ ହୋଇଛି। ମୋଟ ୬ କୋଟି ୪୪ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଡିଆଇସି ଦର୍ଶାଇଛି।

ବାତ୍ୟାରେ ଅନେକ କୁକୁଡ଼ା ଚାଷୀ ବେସାହାରା ହୋଇପଡିଛନ୍ତି। ଜିଲା ପ୍ରାଣୀଧନ କାର୍ଯ୍ୟାଳୟ ରିପୋର୍ଟ ଅନୁଯାୟୀ, ୧୭୯୬ଟି ଗାଈ ଓ ମଇଁଷିଙ୍କ ମୃତ୍ୟୁ ଘଟିଛି। ୧,୪୦୦ ଛେଳି ଓ ମେଣ୍ଢା, ୪୦୬ ବାଛୁରୀ ଓ ୧୦୩ଟି ବଳଦଙ୍କ ଜୀବନ ଯାଇଛି। ତେବେ ସରକାରଙ୍କ ନିୟମ ଅନୁଯାୟୀ, ୧୩୮୩ ମଇଁଷି ଓ ଗାଈ, ୧,୩୦୮ ଛେଳି ଓ ମେଣ୍ଢା, ୬୬ ବଳଦ ଏବଂ ୨୬୪ ବାଛୁରୀଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ସହାୟତା ଦିଆଯିବ। ତେବେ କୁକୁଡା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି ଫନୀ। ୨୬,୬୮,୨୨୪ କୁକୁଡା ବାତ୍ୟାରେ ମରିଥିବା ବେଳେ ୧,୪୩୬ ଚାଷୀ ପ୍ରଭାବିତ ହୋଇଛନ୍ତି। କିନ୍ତୁ କୁକୁଡା ଫାର୍ମଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲେ ମଧ୍ୟ କଣ ସରକାରୀ ସହାୟତା ମିଳିବ ସେ ନେଇ ସରକାର ବିଧିବଦ୍ଧ ଭାବେ କିଛି ଘୋଷଣା କରିନାହାନ୍ତି। ତେଣୁ ପୁରୀ ଜିଲାର କୁକୁଡ଼ା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଛି। ସରକାର ତୁରନ୍ତ ସହାୟତା ଘୋଷଣା ନ କଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଜିଲା କୁକୁଡା ଚାଷୀ ସଂଘ ସଭାପତି ଅଶୋକ କୁମାର ପ୍ରଧାନ କହିଛନ୍ତି।

- ଭାଙ୍ଗିଛି ୯ ଲକ୍ଷରୁ ଉର୍ଦ୍ଧ୍ୱ ନଡ଼ିଆ ଗଛ
- ମରିଛନ୍ତି ୨୬,୬୮,୨୨୪ କୁକୁଡ଼ା





# ଝାଡ଼ାବାନ୍ତି ପରେ ଚର୍ମ ରୋଗ ବ୍ୟାପିଲା

- ବସ୍ତି ଅଞ୍ଚଳରେ ଅନେକ ଶିଶୁ ଆକ୍ରାନ୍ତ
- ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ସ୍ଥିତି ଅନୁଧ୍ୟାନ

**ପୁରୀ ଅଫିସ,୩।୬:** ପୁରୀ ସହରରେ ଝାଡ଼ାବାନ୍ତି ପରେ ଏବେ ଚର୍ମରୋଗ ବ୍ୟାପିବାରେ ଲାଗିଛି। ଝାଡ଼ାବାନ୍ତିରେ ମଙ୍ଗଳା ବସ୍ତିର ଆକାଶ ସ୍ୱାଇଁ(୮)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିଲା। ଗତ ୩ଦିନ ଧରି ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି। ବର୍ତ୍ତମାନ ବିଭିନ୍ନ ବସ୍ତିରେ ବହୁ ଶିଶୁ ଚର୍ମରୋଗରେ ଆକ୍ରାନ୍ତ ହୋଇଛନ୍ତି। ଶିଶୁଙ୍କ ଦେହ ସାରା ଘା' ଭଳି ଚିହ୍ନ ଦେଖିବାକୁ ମିଳିଛି। ଏହା କୁଣ୍ଡାଇବା ମାତ୍ରକେ ଫଳିଯାଉଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ର ମହାନ୍ତି, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ବିରାଜ ଶଙ୍କର ଦାଶ ପ୍ରମୁଖ କେତୋଟି ବସ୍ତିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏକ ଟିମ୍ ଆକ୍ରାନ୍ତ ଶିଶୁଙ୍କ ଚିକିତ୍ସା ଜାରି ରଖିଛନ୍ତି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ବସ୍ତି ଅଞ୍ଚଳରେ ୱାଟର ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି। ପ୍ରକାଶ ଯେ, ବଳିଆପଣ୍ଡା ଅଞ୍ଚଳରେ ମଙ୍ଗଳା, ଶିବଶକ୍ତି, ଗଜଲକ୍ଷ୍ମୀ, କଣ୍ଡରା, ସନ୍ତୋଷୀ ମା', ନାଳିଫିଲ୍ଡ, ସମତି ଲେନ୍, ମହାରଣା ପ୍ରଭୃତି ସାହି ରହିଛି। ଏହି ବସ୍ତିଗୁଡ଼ିକରେ ୧୦ହଜାରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ମନୋଜ କୁମାର ମଣ୍ଡଳ ଓ ବିକ୍ରମ କୁମାର ନାୟକ କହିଛନ୍ତି, ବାତ୍ୟା ପରଠାରୁ ବସ୍ତିରେ ନାନା ସମସ୍ୟା ଲାଗିରହିଛି। ଗତ ୪ଦିନ ହେଲା ରୋଗ ବ୍ୟାପିଲାଣି। ଅଥଚ ପ୍ରଶାସନର ବିଳମ୍ବରେ ଚେତା ପଶିଲା।





# ବିଦ୍ୟୁତ୍ ସଂଯୋଗ ଦାବିରେ ରାସ୍ତାରୋକୋ

**ନିମାପଡ଼ା,୩।୬(ଡି.ଏନ୍.ଏ.):** ବାତ୍ୟା 'ଫନୀ'କୁ ଏକ ମାସ ବିତିଯାଇଥିଲେ ମଧ ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ବେହେରା ସାହି, ଚଇତା ସାହି, ସିଠ ସାହି, ଗୋଚ୍ଛା ସାହି ସମେତ ବହୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ସୋମବାର ଶତାଧିକ ଉତ୍ୟକ୍ତ ଲୋକେ ଚାରିଛକ-କାକଟପୁର ରାସ୍ତାର ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ନିକଟରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ଓ ଯୋଗେଶ୍ୱରପୁର ବିଦ୍ୟୁତ୍ ସେକ୍ସନର କନିଷ୍ଠ ଯନ୍ତ୍ରୀ ପି.କେ. ପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏକ ସପ୍ତାହ ମଧ୍ୟରେ ତୁଳସୀପୁର ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ରାସ୍ତାରୋକୋ ପୂର୍ବାହ୍ନ ୧୦ଟା ରୁ ୧୨ଟା ପର୍ଯ୍ୟନ୍ତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ବରୁଣୀଚକ ଠାକୁରାଣୀ ସାହି ସମେତ କେତେକ ସାହିକୁ ବିଦ୍ୟୁତ୍ ସଂଯୋଗ ଦାବିରେ ଶତାଧିକ ଲୋକେ ଅପରାହ୍ନ ୩ଟାରେ ନିମାପଡ଼ା-ପିପିଲି ରାସ୍ତାର ବରୁଣିଚକ ଗ୍ରାମ ନିକଟରେ ରାସ୍ତାରୋକୋ କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



# ସହରରେ ଜଳୁଛି, ଗାଁ ଅନ୍ଧାର

ପୁରୀ ଅଫିସ,୩।୬

ଇତିମଧ୍ୟରେ ବାତ୍ୟାକୁ ମାସେ ପୂରିଯାଇଛି। ସବୁଠୁ ଅଧିକ କ୍ଷତିଗ୍ରସ୍ତ ପୁରୀ ଜିଲାରେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତି ଫେରୁଛି। ହେଲେ ବିଦ୍ୟୁତ୍ ଯୋଗାଣ ଏ ପର୍ଯ୍ୟନ୍ତ ଠିକ୍ ହୋଇପାରିନାହିଁ। ପୁରୀ ସହରକୁ ଛାଡିଦେଲେ, ଜିଲାର ଗାଁ ଗହଳିକୁ ବିଦ୍ୟୁତ୍ ଯୋଗାଣ ମନ୍ଥର ଗତିରେ ଚାଲିଛି। ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ଲୋକେ କଲବଲ ହେଉଛନ୍ତି। ଅନେକ ଗାଁ ଏବେ ବି ଅନ୍ଧାରରେ ରହିଛି। ପୂର୍ବରୁ ଗରମ ହେଲେ ଲୋକେ ଗଛ ଛାଇରେ ବିଶ୍ରାମ ନେଉଥିଲେ। ହେଲେ ଏବେ ସେତକ ବି ନାହିଁ, ବାତ୍ୟା ଏହାକୁ ଲୁଟି ନେଇଛି। ଗାଁ ଲୋକେ ଶାନ୍ତିରେ ଶୋଇ ନ ପାରି ଅସ୍ତବ୍ୟସ୍ତ ହେଉଥିଲେ ମଧ୍ୟ କାହାକୁ କିଛି କହିପାରୁ ନାହାନ୍ତି। ଏପଟେ ଜିଲାରେ ବିଦ୍ୟୁତ୍ ସଂଯୋଗ ସ୍ଥିତିକୁ ଦେଖିଲେ ବାତ୍ୟାର ଠିକ୍ ମାସେ ପରେ ଅର୍ଥାତ୍ ୩ ତାରିଖ ସୁଦ୍ଧା ପୁରୀ ପୌରାଞ୍ଚଳରେ ୯୯ ପ୍ରତିଶତ ଗ୍ରାହକଙ୍କୁ ସଂଯୋଗ ଦିଆସରିଛି। ସେହିପରି କୃଷ୍ଣପ୍ରସାଦ ବ୍ଲକର ସବୁଠୁ କମ୍ ଅର୍ଥାତ୍ ୨୦ ପ୍ରତିଶତ ଉପଭୋକ୍ତାଙ୍କ ପାଖରେ ବିଜୁଳି ପହଞ୍ଚିଛି। ସେସୁ ପୁରୀ ଡିଭିଜନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପୁରୀ ପୌରାଞ୍ଚଳରେ ମୋଟ ୬୩,୦୨୬ ଗ୍ରାହକଙ୍କ ମଧ୍ୟରୁ ୬୨,୩୯୬ ଜଣଙ୍କୁ (୯୯ ପ୍ରତିଶତ) ସଂଯୋଗ ଦିଆ ସରିଲାଣି। ସେହିପରି ପୁରୀ ସଦର ଅଞ୍ଚଳରେ ୨୧,୮୭୦ ଗ୍ରାହକଙ୍କ ମଧ୍ୟରୁ ୧୦,୭୮୦ (୪୯ ପ୍ରତିଶତ), ବ୍ରହ୍ମଗିରିରେ ୨୦,୯୩୯ ଉପଭୋକ୍ତାଙ୍କ ମଧ୍ୟରୁ ୬,୧୮୧ (୩୦ ପ୍ରତିଶତ), ସତ୍ୟବାଦୀରେ ୨୧,୫୪୬ ଗ୍ରାହକଙ୍କ ମଧ୍ୟରୁ ୭,୭୩୦ (୩୬ ପ୍ରତିଶତ), କୃଷ୍ଣପ୍ରସାଦରେ ୮,୮୭୩ ଗ୍ରାହକଙ୍କ ମଧ୍ୟରୁ ୧,୮୦୦ (୨୦ ପ୍ରତିଶତ), ପିପିଲିରେ ୫,୨୬୦ ଉପଭୋକ୍ତାଙ୍କ ମଧ୍ୟରୁ ୧,୬୦୦ (୩୦ ପ୍ରତିଶତ), ଡେଲାଙ୍ଗରେ ୭,୫୧୩ ଗ୍ରାହକଙ୍କ ମଧ୍ୟରୁ ୪,୨୩୫ (୫୬ ପ୍ରତିଶତ)କଣାସରେ ୯,୭୭୮ ଉପଭୋକ୍ତାଙ୍କ ମଧ୍ୟରୁ ୨,୫୪୦ (୨୬ ପ୍ରତିଶତ)ଜଣଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆସରିଛି। ଜିଲାର ମୋଟ ୧ଲକ୍ଷ ୫୮ ହଜାର ୮୦୫ ଗ୍ରାହକଙ୍କ ମଧ୍ୟରୁ ୯୭,୨୬୨ ପରିବାରକୁ ସଂଯୋଗ ଦିଆଯାଇଛି। ସହରରେ ବିଦ୍ୟୁତ୍ ସ୍ୱାଭାବିକ ହୋଇଯାଇଥିବା ବେଳେ ଗାଁ ଲୋକେ ଅନ୍ଧାରରେ ରହୁଛନ୍ତି। ସେସୁ ପୁରୀ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର (ଏସ୍‌ଇ) ପ୍ରଦୀପ କୁମାର ସାହୁ କହିଛନ୍ତି, ବାତ୍ୟାରେ ପୁରୀ ଜିଲାରେ ବିଦ୍ୟୁତ୍ ବିଭାଗର ବ୍ୟାପକ ମାତ୍ରାରେ କ୍ଷତି ହୋଇଛି। ୩୩ କେଭି ଲାଇନ ୭୦କିମି, ୧୧କେଭି ଲାଇନ ୨,୫୦୦ କିମି, ଏଲ୍‌ଟି ଲାଇନ ୩ ହଜାର କିମି ଏବଂ ୪ ହଜାର ସବ୍‌ଷ୍ଟେସନ ନଷ୍ଟ ହୋଇଯାଇଛି। ତେଣୁ ଏ ସବୁକୁ ପୁନରୁଦ୍ଧାର କରି ଲୋକଙ୍କ ପାଖରେ ବିଦ୍ୟୁତ୍ ପହଞ୍ଚାଇବା ନିଶ୍ଚିତ ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ହେଲେ ଯୁଦ୍ଧକାଳୀନଭିତ୍ତିରେ କାମ ଚାଲି ବିଭିନ୍ନ ଅଞ୍ଚଳକୁ ପର୍ଯ୍ୟାୟକ୍ରମେ ସଂଯୋଗ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମିଶାଇ ଜିଲାରେ ୬୧ ପ୍ରତିଶତ ଗ୍ରାହକଙ୍କୁ ସଂଯୋଗ ଦିଆସରିଲାଣି। ଆସନ୍ତା ସପ୍ତାହକ ମଧ୍ୟରେ ୮୦ ପ୍ରତିଶତ ସଂଯୋଗ ଦେବାକୁ ଲକ୍ଷ୍ୟ ରଖି ଦ୍ରୁତଗତିରେ କାମ ଚାଲିଛି।

**ପୁରୀ ପୌରାଞ୍ଚଳରେ ୯୯ ପ୍ରତିଶତ, କୃଷ୍ଣପ୍ରସାଦ ବ୍ଲକରେ ୨୦ ପ୍ରତିଶତ ସଂଯୋଗ ସରିଛି**

# ବିଦ୍ୟୁତ୍ ସଂଯୋଗ ବିଳମ୍ବ ପ୍ରତିବାଦରେ କର୍ମଚାରୀଙ୍କୁ ମାଡ଼

ବାଲିପାଟଣା,୩।୬(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀକୁ ବିତିଯାଇଛି ଏକ ମାସ। ବାତ୍ୟା ପ୍ରଭାବରେ ବାଲିପାଟଣା ବିଦ୍ୟୁତ ସବଷ୍ଟେଶନ ଅଧୀନରେ ଚାରୋଟି ଫିଡରର ତିନି ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ପ୍ରାୟ ୧୮ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ ସୁବିଧାରୁ ବଞ୍ଚିତ ହୋଇଥିଲେ। ମେ ୨୮ତାରିଖ ସୁଦ୍ଧା କେତେକ ଗ୍ରାମକୁ ଲାଇନ ସଂଯୋଗ କରାଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଥିଲେ ସୁଦ୍ଧା କାମ ସମ୍ପୂର୍ଣ୍ଣ ସରିପାରି ନାହିଁ। ବହୁ ଗ୍ରାମର ଯୁବକମାନେ ବିଭିନ୍ନ ପ୍ରକାରର ବିରୋଧୀ ସ୍ଲୋଗାନ, ନାରା ଦେଇ ବାଲିପାଟଣା ବିଦ୍ୟୁତ ଷ୍ଟେଶନରେ ଗଣ୍ଡଗୋଳ ଓ ପାଟିତୁଣ୍ଡ କରୁଛନ୍ତି। ରବିବାର ରାତିରେ ବିଶ୍ୱନାଥପୁର ଗାଁରେ ଉତ୍ୟକ୍ତ ଯୁବକମାନେ ଅନ୍ୟ ଏକ ସାହିରେ କାହିଁକି ଜଳିଲା କହି ସେହି ଗାଁର ଲାଇନମ୍ୟାନ ଜିତୁ ମହାପାତ୍ରଙ୍କୁ ମାଡ଼ ମାରିବା ସହ ତାଙ୍କ ଘରକୁ ଟେକା ପଥର ଫିଙ୍ଗି ମୁଖ୍ୟ ଦ୍ୱାର ଭାଙ୍ଗି ଦେଇଛନ୍ତି। ସେହିପରି କାକରୁଦ୍ରପୁର ଗାଁରୁ ବହୁ ସଂଖ୍ୟାରେ ଯୁବକ ଆସି ସୋମବାର ଇଲେକ୍ଟ୍ରିକ ଅଫିସର ଆସବାବପତ୍ର ଭାଙ୍ଗିବା ସହ କଣ୍ଟ୍ରୋଲରୁମ କର୍ମଚାରୀ ଓ ଲେବରଙ୍କୁ ମାଡ଼ ମାରିଛନ୍ତି। ଏହାସହ ଜଣେ ଡାକ୍ତର ଜ୍ୟୋତି ନାୟକଙ୍କୁ ମଧ ମାଡ଼ମାରିଛନ୍ତି। ଏ ଘଟଣାକୁ ନେଇ ଡାକ୍ତରଙ୍କ ସମେତ ସମୁଦାୟ ତିନୋଟି ଅଭିଯୋଗ ହୋଇଛି। ଖବର ଲେଖା ହେବା ବେଳକୁ କେଶ ରୁଜୁ ହୋଇ ନାହିଁ।





ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

- ଆବ୍ରାହମ୍ ଲିଙ୍କନ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଗଣ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ଅଭିଲାଶା ନାଟ୍ୟଶାଳା ଗ୍ରୁପ ପକ୍ଷରୁ ଓଡ଼ିଆ ଡ୍ରାମା ପ୍ରଦର୍ଶନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ପାରିଶ୍ରମିକ ମାଗିବାରୁ ଶ୍ରମିକଙ୍କୁ ମାଡ଼, ୩ ଗିରଫ

**ବାଲିପାଟଣା,୩।୬(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ କାଣ୍ଡୁରିବିଲ ଗ୍ରାମର ଜଣେ ଶ୍ରମିକଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଇମତାଜ ଖାଁ, ଏସ.କେ. ନସିମ ଖାଁ ଓ ଏସ.କେ.ଫାରୁଦିନ। ପ୍ରକାଶ ଯେ, ବାଲିପାଟଣା ଅଧୀନ ଆଇତଲଙ୍ଗ ଗ୍ରାମର ସୋବନୀ ଭୋଇ ଇମତାଜଙ୍କ କୁକୁଡା ଫାର୍ମରେ ଶ୍ରମିକ ଭାବେ କାମ କରୁଥିଲେ। ପାରିଶ୍ରମିକ ବାବଦରେ ୨୦ହଜାର ଟଙ୍କା ପୂର୍ବରୁ ବାକି ଥିଲା। ଏ ନେଇ ସେ ବାରମ୍ବାର ମାଗୁଥିଲେ ମଧ ଇମତାଜ ଦେଉ ନଥିଲେ। କିନ୍ତୁ ରବିବାର ସୋବନୀ ଉକ୍ତ ଟଙ୍କା ପୁଣି ଇମତାଜଙ୍କୁ ମାଗିବା ବେଳେ ସେ ମନା କରିବାରୁ ସୋବନୀ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଇମତାଜ ଓ ତାଙ୍କ ସମ୍ପର୍କୀୟ ନସିମ ଓ ଫାରୁଦିନ ମିଶି ସୋବନୀଙ୍କୁ ମାଡ଼ ମାରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ ୧୨୯/୧୯ରେ ଏକ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା।

## ଆର୍‌ବିଆଇର ଆର୍ଥିକ ସାକ୍ଷରତା ସପ୍ତାହ

**ଭୁବନେଶ୍ୱର,୩-୬:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରାଯାଉଛି। ଏହା ଚଳିତ ମାସ ୩ରୁ ୭ ଯାଏ ଅନୁଷ୍ଠିତ ହେବ। ଅର୍ଥ ସଂକ୍ରାନ୍ତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ଲୋକଙ୍କ ମଧ୍ୟରେ ସଚେତନତା ଲାଗି ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଚଳିତ ବର୍ଷ ଥିମ ଭାବେ 'କୃଷକ'କୁ ରଖାଯାଇଛି। ବ୍ୟାଙ୍କିଙ୍ଗ ସିଷ୍ଟମ ସହ ଜଡିତ ହେବା ଦ୍ୱାରା ସେମାନେ କିଭଳି ଭାବେ ଲାଭବାନ ହୋଇଛନ୍ତି ତାହା ଗୁରୁତ୍ୱାରୋପ କରାଯାଇଛି। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି କୃଷି କ୍ଷେତ୍ରର ଏକ ପ୍ରମୁଖ ଭୂମିକା ରହିଥିବା ବେଳେ ଉକ୍ତ କ୍ଷେତ୍ରର ବିକାଶ ଲାଗି ଅର୍ଥ ଯୋଗାଣ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଠିକ୍ ନୀତି ନିର୍ଦ୍ଧାରଣ ଦ୍ୱାରା କୃଷକମାନେ କିଭଳି ଋଣ ଲାଭ କରି ପାରିବେ ସେ ଦିଗରେ ରିଜର୍ଭ ବ୍ୟାଙ୍କ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଛି। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ଲାଗି ରିଜର୍ଭ ବ୍ୟାଙ୍କ ସମସ୍ତ ଅଂଶୀଦାରଙ୍କୁ ନିବେଦନ କରିଛି।

## ଶ୍ରୀ ଗୋପାଳଜୀଉଙ୍କ ଚନ୍ଦନ ମହୋତ୍ସବ ଉଦ୍‌ଯାପିତ

**ପୁରୁଣା ଭୁବନେଶ୍ୱର,୩।୬(ଡି.ଏନ୍.ଏ.):** ନୂଆଗାଁର ଆରାଧ ଦେବତା ଶ୍ରୀ ଗୋପାଳଜୀଉଙ୍କ ଚନ୍ଦନ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ଗ୍ରାମବାସୀଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଠାକୁରଙ୍କ ଏହି ୨୨ଦିନିଆ ଚନ୍ଦନ ଯାତ୍ରାର ଶେଷ ୬ଦିନ ଠାକୁର ନିକଟସ୍ଥ ଚନ୍ଦନ ପୋଖରୀରେ ଚାପକ୍ରୀଡା କରିଥାନ୍ତି। ତା'ପର ଦିନ ଠାରୁ ୬ଦିନ ବ୍ୟାପି ନୂଆଗାଁ ନାଥପୁର, ଡିହପୁର, ଉତ୍ତରା, ଇଟିପୁର, ଗୋପୀନାଥପୁର, କୁକୁଡାଘାଇ ପାଟଣା ଗାଁର ଦଶ ଭାଇ ଉଦ୍ୟମରେ ଏଭଳି କାର୍ଯ୍ୟକ୍ରମ କରାଯାଉଛି। ଫଳରେ ଗାଁ ଗାଁ ମଧରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଯୋଡି ହେଉଛି ବୋଲି ଗ୍ରାମ କମିଟି ସଭାପତି ବସନ୍ତ କୁମାର ବରାଳ କହିଛନ୍ତି।

## ବିଶ୍ୱପରିବେଶ ଦିବସରୁ ନଦୀ ସୁରକ୍ଷା ଅଭିଯାନ

ଭୁବନେଶ୍ୱର, ୩।୬(ବ୍ୟୁରୋ): ଆସନ୍ତା ୫ ତାରିଖ ପରିବେଶ ଦିବସରୁ ବ୍ରାହ୍ମଣୀ ନଦୀକୁ ପ୍ରଦୂଷଣ ମୁକ୍ତ କରିବା ସହ ସମସ୍ତ ନଦୀଗୁଡିକର ସୁରକ୍ଷା ପାଇଁ ଲୋକଶକ୍ତି ଅଭିଯାନ ପକ୍ଷରୁ ନଦୀ ସୁରକ୍ଷା ଅଭିଯାନ ଆରମ୍ଭ କରାଯିବ। ଜୁନ ୪ ରେ କଳିଙ୍ଗନଗର ନିକଟସ୍ଥ ବ୍ରାହ୍ମଣୀ ନଦୀକୂଳ ବୃନ୍ଦାଦେଇପୁର ଶହୀଦ୍ ବାଜି ରାଉତ ସ୍ମାରକୀରୁ ଏକ ପଦଯାତ୍ରାରେ ନଦୀ ସୁରକ୍ଷା ଅଭିଯାନ ଆରମ୍ଭ ହୋଇ ରାତିରେ ନୀଳକଣ୍ଠପୁରରେ ପହଞ୍ଚିବ ଓ ଏହା ମଧରେ ଲୋକଙ୍କୁ ସଚେତନ କରାଯିବ ବୋଲି ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି।

### ■ଅଟାକଲ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା ଘଟଣା

# ଅଧୁରା ରହିଲା ସାବିତ୍ରୀ ବ୍ରତ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

- ■ ସ୍ୱାମୀଙ୍କ ମୃତ୍ୟୁକୁ ବିଶ୍ୱାସ କରିପାରୁନାହାନ୍ତି ସ୍ତ୍ରୀ
- ■ ହତ୍ୟାକାରୀ ଲୁଚାଇଥିବା ଛୁରି ଜବତ କଲା ପୋଲିସ

ନୟାପଲ୍ଲୀ ଥାନା ରେଣ୍ଟାଲ କଲୋନୀ ଅଟାକଲ କର୍ମଚାରୀ ଦିଲୀପ ସାହୁ ହତ୍ୟା ମାମଲାର ପୋଲିସ ଅଭିଯୁକ୍ତ ବିରୋଧରେ ପ୍ରମାଣ ଯୋଗାଡରେ ଲାଗିଛି। ସେମବାର ସକାଳେ ମୃତ ଦିଲୀପଙ୍କ ପରିବାର ଲୋକେ ନୟାଗଡରୁ ଆସିବା ପରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଥିଲା। ଏବେ ବି ଦିଲୀପଙ୍କ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁକୁ ବିଶ୍ୱାସ କରିପାରୁନାହାନ୍ତି। ସାବିତ୍ରୀ ପାଇଁ ସବୁ ସାମଗ୍ରୀ କିଣି ରବିବାର ସକାଳେ ଘରକୁ ପଠାଇବେ ବୋଲି ରାତି ପ୍ରାୟ ୯ଟାରେ କଥା ହୋଇଥିଲି, ହେଲେ ସକାଳୁ ତାଙ୍କ ମୃତ୍ୟୁ ଖବର ପାଇ ସେ ଚକିତ ହୋଇଯାଇଥିଲେ। ଏପରି କି ସ୍ତ୍ରୀ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିବା ପଡୋଶୀ କହିଥିଲେ। ସାବିତ୍ରୀ ବ୍ରତ ପାଳନ ପାଇଁ ଚାହିଁ ରହିଥିବା ସ୍ତ୍ରୀଙ୍କର ଆଶା ପୂରଣ ନ ହୋଇ ଅଧାରେ ରହିଗଲା।

ଅନ୍ୟପକ୍ଷରେ ହତ୍ୟାକାରୀ ବ୍ୟବହୃତ କରିଥିବା ଛୁରିକୁ ପୋଲିସ ଜବତ କରି ନ ଥିବାରୁ ସୋମବାର ତାଙ୍କୁ କୋର୍ଟ ଚାଲାଣ କରିପାରି ନ ଥିଲା। ପୋଲିସ ଅଭିଯୁକ୍ତ ପ୍ରକାଶ ଜେନାଙ୍କୁ ମାରାଥନ ଜେରା କରିବା ପରେ ସେ ଛୁରିକୁ ଲୁଚାଇ ରଖିଥିବା ଜାଗା ସମ୍ପର୍କରେ କହିଥିଲା। ଅଭିଯୁକ୍ତଙ୍କ କହିବା ଅନୁଯାୟୀ ମୃତ ଦିଲୀପ ରହୁଥିବା ରୁମ୍ ଗେଟ୍‌ର ଏକ କଣରୁ ପୋଲିସ ଛୁରିକୁ ଜବତ କରିଛି। ଏହାସହ ଛୁରିରେ ଲାଗିଥିବା ରକ୍ତକୁ ଫରେନ୍‌ସିକ୍ ଲ୍ୟାବକୁ ପଠାଇ ଦେଇଛି। ଅଭିଯୁକ୍ତଙ୍କ ବୟସକୁ ନେଇ ପୋଲିସ ଚିନ୍ତାରେ ପଡିଛି। ଅଭିଯୁକ୍ତ ତାଙ୍କ ବୟସ ୧୭ ବୋଲି କହୁଥିବା ବେଳେ ପୋଲିସ ଏହାକୁ ବିଶ୍ୱାସ କରୁନି। ପୋଲିସ ଅଭିଯୁକ୍ତଙ୍କ ବୟସ ଜାଣିବା ପାଇଁ ତାଙ୍କର ଆଧାର କାର୍ଡ କିମ୍ବା ଅନ୍ୟ କିଛି ପ୍ରମାଣ ପତ୍ର ଦେଖାଇବା ପାଇଁ ପରିବାର ଲୋକଙ୍କୁ କହିଛି। ମଙ୍ଗଳବାର ତାହା ଜଣାପଡିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ। ଯଦି ସେ ନାବାଳକ ହୋଇଥାନ୍ତି ତେବେ ବାଳ ସୁଧାର ଗୃହକୁ ପଠାଯିବ ବୋଲି ପୋଲିସ କହିଛି।

ପୋଲିସ ଜେରା ସମୟରେ ଅଭିଯୁକ୍ତ ଦିଲୀପଙ୍କୁ କିଭଳି ହତ୍ୟାକଲେ ତାହା ବିସ୍ତୃତଭାବେ ପ୍ରକାଶ କରିଛନ୍ତି। ଦିଲୀପଙ୍କୁ ମାରିବାକୁ ଯୋଜନା ନ ଥିଲା। ସାବିତ୍ରୀ ପାଇଁ ମାଲିକଙ୍କ ନିକଟରୁ ୧୦ ହଜାର ଟଙ୍କା ଅଗ୍ରିମ ଆକାରରେ ଆଣିଥିବା ଜାଣିବାକୁ ପାଇଥିଲେ। ଶନିବାର ରାତି ୧୦ଟାରେ ଦିଲୀପ ଦୋକାନ ବନ୍ଦ କରି ରୁମ୍‌କୁ ଯାଇଥିଲେ। ଦିଲୀପ ଆଣିଥିବା ଟଙ୍କାରେ ମଦ କିଣି ପିଇବା ପାଇଁ କହିଥିଲେ। ହେଲେ ଦିଲୀପ ଏଥିରେ ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ହଠାତ୍ ଉତ୍‌କ୍ଷିପ୍ତ ହୋଇ ନିକଟରେ ଥିବା ଏକ ଛୁରିରେ ଦିଲୀପଙ୍କ ବେକକୁ ଭୁସି ଦେଇଥିଲେ। ଫଳରେ ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। କିଛି ବାଟ ନ ପାଇ ପ୍ରକାଶ ଅଧଘଣ୍ଟା ବାହାରକୁ ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦିଲୀପ ରୁମ୍‌ରେ ଛଟପଟ ହେଉଥିଲେ। ଅଧ ଘଣ୍ଟା ପରେ ପ୍ରକାଶ ରୁମ୍‌କୁ ଆସିବା ପରେ ଦିଲୀପଙ୍କ ମୃତ୍ୟୁ ଘଟିଥିବା ଜାଣି ତାଙ୍କ ମୁଣ୍ଡ ଚକ୍କର ଖାଇଥିଲା। ହଠାତ୍ ଏକ ଝୋଟ ଅଖା ଆଣି ଦିଲୀପଙ୍କ ମୁଣ୍ଡରୁ ଅଣ୍ଟା ପର୍ଯ୍ୟନ୍ତ ବାନ୍ଧିଥିଲେ। ସେଥିରେ ରକ୍ତ ବନ୍ଦ ହୋଇ ନ ଥିଲା। ପୁଣି ଏକ ପ୍ଲାଷ୍ଟିକ୍ ଅଖାଆଣି ପୂରାଇଥିଲେ। ସେଥିରେ ରକ୍ତ ବନ୍ଦ ନ ହେବାରୁ ଏକ କାଟୁନରେ ଗୁଡାଇ ବାନ୍ଧିଥିଲେ। ଏହାପରେ ସେ ମୃତଦେହକୁ ଲୁଚାଇବା ପାଇଁ ଯୋଜନା କରିଥିଲା। ସେ ମୃତଦେହକୁ ଛାତ ଉପରକୁ ନେବାକୁ ଭାବିଥିଲା। ହେଲେ ରୁମ୍‌ରୁ ମୃତଦେହ ଶିଡିକୁ ଟେକି ନେବାକୁ ସେ ନାକେଦମ ହୋଇଯାଇଥିଲେ। ଏପରି କି ଘୋଷାଡି ଘୋଷାଡି ନେଇଥିଲେ। ଅଧା ଶିଡିରେ ରହି ରହି ନେଇଥିଲେ। ଯାହାଫଳରେ ସିଡି ଘରେ ରକ୍ତର ଛିଟା ପଡିଥିଲା। ଶେଷରେ ଛାତ ଉପରକୁ ନେଇ ହର୍ଟିକଲ୍‌ଚର(ଉଦ୍ୟାନ) ବିଭାଗ ଅଫିସ ପରିସରରେ ଥିବା ବଣୁଆ ସ୍ଥାନକୁ ଫିଙ୍ଗି ରାତି ପ୍ରାୟ ଗୋଟାଏ ସମୟରେ ଫେରାର ହୋଇଯାଇଥିଲେ ବୋଲି ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।



ଭୁବନେଶ୍ୱର ରାଜମହଲ ଛକ ନିକଟରେ ବାତ୍ୟାରେ ଉପୁଡି ପଡିଥିବା ଏକ ପୁରୁଣା ଗଛର ମୂଳ ପଡିରହିଛି। ପ୍ରତିବର୍ଷ ସାବିତ୍ରୀ ଅମାବାସ୍ୟାରେ ମହିଳାମାନେ ଏହି ଗଛରେ ବ୍ରତ ବାନ୍ଧି ପୂଜାର୍ଚ୍ଚନା କରିଥାନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏଆଇବିଓସିର ୧୦ ଲକ୍ଷ ସହାୟତା



**ଭୁବନେଶ୍ୱର,୩।୬**

ଫନୀ ପ୍ରଭାବିତଙ୍କୁ ସହାୟତା ଲାଗି ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ (ଏଆଇବିଓସି) ପକ୍ଷରୁ ୧୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ସର୍ବଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫିସର୍ସ ଫେଡେରେଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୧ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯାଇଛି। ମହାସଂଘର ସାଧାରଣ ସମ୍ପାଦକ ସୌମ୍ୟ ଦତ୍ତଙ୍କ ସମେତ ସମ୍ବିତ ମିଶ୍ର, ଦାମୋଦର ନନ୍ଦ, ଅରୁଣ ବିଶୋୟୀ, ସଦିସାଚୀ ସ୍ୱାଇଁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ।



ଶିକ୍ଷାବିତ୍ ଅବନୀ ବରାଳଙ୍କ ଜୟନ୍ତୀ ଅବସରରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ଇଉ୍‌କଲ ଅଡିଟୋରିୟମରେ ଆୟୋଜିତ ଅବନୀ ବରାଳ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅତିଥିବୃନ୍ଦ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଇ-କମର୍ସ ସଂସ୍ଥାର ପାର୍ସଲ ଲୋକଙ୍କୁ ନଦେଇ ଲୁଟ୍

### ୬ମାସ ପରେ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ଗ୍ରାହକମାନେ ଅନ୍‌ଲାଇନ୍‌ରେ ବିଭିନ୍ନ ଇ-କମର୍ସ ସଂସ୍ଥାରୁ ଅନେକ ସାମଗ୍ରୀ କିଣା କିଣି କରିବାକୁ ପସନ୍ଦ କରୁଛନ୍ତି। ମାତ୍ର ଅନେକ ସମୟରେ ଏହି ସବୁ ସଂସ୍ଥାରେ କାମ କରୁଥିବା କର୍ମଚାରୀଙ୍କ ଅସାଧୁ କାର୍ଯ୍ୟ କାରଣରୁ ସଂସ୍ଥାମାନଙ୍କୁ ବଦ୍‌ନାମ ହେବାକୁ ପଡୁଛି। ଏପରି ଏକ ଘଟଣା ସାମ୍ନାକୁ ଆସିଛି ରାଜଧାନୀ ଭୁବନେଶ୍ୱରରେ। ଜଣେ କର୍ମଚାରୀ ଗ୍ରାହକ ଅର୍ଡର କରୁଥିବା ପାର୍ସଲକୁ ସଂସ୍ଥାରୁ ଦେବାକୁ ଆଣି ଲୁଟ କରିଛନ୍ତି। ଏନେଇ ଥାନରେ ଅଭିଯୋଗ ହେବା ପରେ ୬ମାସ ପରେ ପୋଲିସ ଉକ୍ତ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ରମ୍ଭା ଅଞ୍ଚଳର ଦୁର୍ଗାଚରଣ ସ୍ୱାଇଁ। ତାଙ୍କ ବିରୋଧରେ କେସ୍ ନଂ-୨୮/୧୯ରେ କୋର୍ଟ ଚାଲାଣ କରିଛି। ଦୁର୍ଗାଚରଣ ୫ମାସ ହେବ ନୟାପଲୀ ଭିଆଇପି କଲୋନୀରେ ଥିବା ଫ୍ଲିପ୍‌କାର୍ଟ ଇ-କମର୍ସ ସଂସ୍ଥାରେ ଡେଲିଭରି ବୟ ଭାବେ ଚାକିରି କରୁଥିଲେ। ଜାନୁୟାରୀ ମାସରେ ଦୁର୍ଗାଚରଣ ପ୍ରାୟ ୫୪ଟି ପାର୍ସଲ ସଂସ୍ଥାରୁ ଆଣିଥିଲେ। ଯେଉଁଥିରେ ଏକାଧିକ ଦାମୀ ମୋବାଇଲ୍ ରହିଥିଲା। ଅର୍ଡର କରିଥିବା ଗ୍ରାହକମାନେ ପାର୍ସଲ ନ ପାଇ କମ୍ପାନୀ ନିକଟରେ ଅଭିଯୋଗ କରିଥିଲେ। କମ୍ପାନୀ ଏନେଇ ସନ୍ଦେହ ହେବାରୁ ସେ ଯାଞ୍ଚ କରିଥିଲେ। ହେଲେ ଏହା ପୂର୍ବରୁ ଦୁର୍ଗାଚରଣ ଫେରାର ହୋଇଯାଇଥିଲେ। ଶେଷରେ ଏନେଇ ଜାନୁୟାରୀ ୧୭ ରେ ସଂସ୍ଥାର ଦାଇତ୍ୱରେ ଥିବା ଶୈଳେନ୍ଦ୍ର ମିଶ୍ର ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଖୋଜୁଥିଲା।

## ଅବନୀ ବରାଳ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍‌ପ୍ରଫେସର ଅବନୀ ବରାଳଙ୍କ ୮୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଫାଉଣ୍ଡେଶନର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ସୂଚନା ଭବନରେ ଆୟୋଜିତ ଏହି ସମାରୋହରେ ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ଓ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଅବନୀ ବରାଳଙ୍କ କାଳଜୟୀ କୃତୀ ତଥା ସିଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସମାଜ ସେବାରେ ସମର୍ପିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପଦ୍ମଚରଣ ନାୟକ, ନାଟ୍ୟ ଓ ମଞ୍ଚର ବରିଷ୍ଠ କଳାକାର ଅଜିତ୍ ନାରାୟଣ ଦାସ, ସାହିତ୍ୟିକ ତଥା ଆଲୋଚକ ଅସିତ୍ ମହାନ୍ତି, ସାମ୍ବାଦିକତା ଓ ସ୍ତମ୍ଭଲେଖକ ଶୈଳେନ୍ ରାଉତରାୟ, ଗଣସଂଗ୍ରାମ ନେତା ଇଂ ବଳରାମ ବସୁମଲ୍ଲିକ, ଶିକ୍ଷାସାଧକ ପଞ୍ଚାନନ ଗୌଡ଼ ଓ ଭାଗୀରଥୀ ନାୟକ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ.ମହେନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖବରଦାତା ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ଜେନା, ମାଧବ ଚନ୍ଦ୍ର ବିଶ୍ୱାଳ ଓ ବହୁ ଶିକ୍ଷାବିତ୍ ଉପସ୍ଥିତ ଥିଲେ।



ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସୋମବାର ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ଗୀତିନାଟ୍ୟ କାଳିଜାଈର ଏକ ଦୃଶ୍ୟ।

### ■ ସଙ୍ଗୀତ ସୁଧାକରଙ୍କ ୯୬ତମ ଜୟନ୍ତୀ ଉତ୍ସବ

## ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ ପାଇଲେ ଗୋପାଳ ପଣ୍ଡା

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ୍ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ସଙ୍ଗୀତ ସୁଧାକରଙ୍କ ୯୬ତମ ଜୟନ୍ତୀ ଏବଂ ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ସଙ୍ଗୀତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ରାଶିସ୍ୱରୂପ ୧ଲକ୍ଷ ଟଙ୍କା ସହ ମାନପତ୍ର ଏବଂ ଉପଢୌକନ ଦିଆଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଚଳିତବର୍ଷ ଲାଗି କୁମୁଦଲତା ମହନ୍ତିଙ୍କୁ ଗୀତି ସରସ୍ୱତୀ ସମ୍ମାନ, ମୃଦଙ୍ଗ ବାଦ୍ୟକାର ଡି ଧନୁର୍ଦ୍ଧର ରେଡ୍ଡୀଙ୍କୁ ବାଦ୍ୟ ସରସ୍ୱତୀ ସମ୍ମାନ, କଣ୍ଠଶିଳ୍ପୀ ବୀଣାପାଣି ନାୟକଙ୍କୁ ସଙ୍ଗୀତ ସରସ୍ୱତୀ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶୀ କଣ୍ଠ ସଙ୍ଗୀତରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅର୍ଚ୍ଚନା ଜେନାଙ୍କୁ ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସାମ୍ବାଦିକ ବଳରାମ ମହାନ୍ତି ଓ ଗୋପୀନାଥ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନାଲ୍‌କୋ ଅର୍ଥ ବିଭାଗର ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରିୟମ୍ବଦା ମହାନ୍ତି ହେଜମାଦି, କଣ୍ଠଶିଳ୍ପୀ ଶ୍ୟାମାମଣି ପଟ୍ଟନାୟକ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସଙ୍ଗୀତା ଗୋସାଇଁ ଯୋଗଦେଇ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ଧୀରେନ୍ଦ୍ର ରାୟ, ଉପସଭାପତି କ୍ଷୀରୋଦ ପଟ୍ଟନାୟକ, ସମ୍ପାଦକ ରାମହରି ଦାସ ଏବଂ ଆବାହକ ଅରକ୍ଷିତ ଦାଶ ଉପସ୍ଥିତ ଥିଲେ। ସବୁଥିରୁ ବଞ୍ଚିତ କରି..ଏଭଳି ବିଭିନ୍ନ ଗୀତ ପରିବେଷିତ ହୋଇଥିଲା। ଏହାକୁ ବିଭିନ୍ନ ସଙ୍ଗୀତଜ୍ଞ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବୋମାମାଡ଼ରେ ଆହତ ରିଙ୍କୁ ଆଖି ବୁଜିଲେ

## ସୁନାମି କ୍ଲବ୍ ଚଢ଼ାଉ କରିବ ପୋଲିସ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

**ବସ୍ତିରେ ଉତ୍ତେଜନା**

ନୟାପଲ୍ଲୀ ଥାନା ଅନ୍ତର୍ଗତ ସୁନାମି କ୍ଲବରେ ଜମୁଛି ଅସାମାଜିକ ଯୁବକଙ୍କ ଆଡ୍ଡା। ବିନା ପଞ୍ଜୀକରଣରେ ଚାଲୁଥିବା ଏହି କ୍ଲବ୍‌ରେ ବିଭିନ୍ନ ଆପରାଧିକ କାର୍ଯ୍ୟ ପାଇଁ ବ୍ଲୁ-ପ୍ରିଣ୍ଟ ହେଉଛି। ଗତ ୨୯ ତାରିଖରେ କ୍ଲବର କେତେଜଣ ସଦସ୍ୟ ଅନ୍ୟଜଣେ ସଦସ୍ୟଙ୍କୁ ବୋମା ମାଡ଼ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଅନ୍ୟପକ୍ଷରେ ବୋମା ମାଡ଼ରେ ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ରିଙ୍କୁ ସ୍ୱାଇଁ ନାମକ ଜଣେ କ୍ଲବ୍ ସଦସ୍ୟ ସୋମବାର ଆଖି ବୁଜିଛନ୍ତି। ମୃତ୍ୟୁ ଖବର ପାଇବା ପରେ ରିଙ୍କୁ ରହୁଥିବା ବସ୍ତିରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ବସ୍ତି ବାସିନ୍ଦା ମୁହଁ ଖୋଲିଛନ୍ତି। ସୁନାମି କ୍ଲବ୍‌ରେ ଅପରାଧୀ ଆଡ୍ଡା ଜମାଇ ସହରରେ ଅପରାଧ ଘଟାଉଥିବା ଅଭିଯୋଗ ଉଠାଇଛନ୍ତି। ତୁରନ୍ତ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଘଟଣାରେ ରବିବାର ପୋଲିସ ସାଲିଆସାହି ବସ୍ତି ବିକାଶ ପରିଷଦ ଅଞ୍ଚଳରେ ରହୁଥିବା ସନ୍ତୋଷ ରେଡ୍ଡୀ ଓ ବିକ୍ରମ ରେଡ୍ଡୀଙ୍କୁ ଗିରଫ କରିଥିଲା। ହେଲେ ବୋମାମାଡ଼ର ମାଷ୍ଟର ମାଇଣ୍ଡକୁ ପୋଲିସ ଗିରଫ କରିପାରିନାହିଁ। ଏପରିକି ପୋଲିସ କେବଳ ହାତଗଣତି କେତେକ ଜଣଯୁବକଙ୍କ ନାମରେ ମାମଲା ରୁଜୁ କରି ବସି ପଡିଛି। ଏଥିରେ ୭ଜଣ ଯୁବକ ସାମିଲ୍ ଥିବା ମୃତ ରିଙ୍କୁଙ୍କ ପରିବାର ଲୋକେ କହିଛନ୍ତି। ଏନେଇ ନୟାପଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଆହତ ରିଙ୍କୁର ମୃତ୍ୟୁ ଘଟିବା ପରେ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ପରିଣତ କରାଯାଇଛି। ଘଟଣାରେ ସଂପୃକ୍ତଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି।

### ■ ବଣିକ୍‌ର ୬ଷ୍ଠ ପ୍ରତିଷ୍ଠା ଦିବସ ଏବଂ ସମ୍ମାନ ପର୍ବ

## ୧୦୦ରୁ ୧୫ ହଜାରରେ ପହଞ୍ଚିଛି ଛାତ୍ରୀଛାତ୍ରଙ୍କ ସଂଖ୍ୟା

**ଭୁବନେଶ୍ୱର,୩।୬(ବ୍ୟୁରୋ)**

**ସମ୍ବର୍ଦ୍ଧିତ ହେଲେ ୭୨୮ କୃତୀ ଛାତ୍ରୀଛାତ୍ର**

VANIK
Leading Institute for Banking, Railway & SSC

ଓଡ଼ିଶା ସହ ପୂର୍ବ ଭାରତରେ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ୨୦୧୩ରେ ପ୍ରତିଷ୍ଠା ହୋଇଥିବା 'ବଣିକ୍' ମାତ୍ର କିଛିବର୍ଷ ମଧ୍ୟରେ ଢେର୍ ସଫଳତା ହାସଲ କରିପାରିଛି। ଛାତ୍ରୀଛାତ୍ରମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଙ୍ଗ୍ ଦେବାରେ ଓଡିଶାର ଏହା ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ ହୋଇଛି। ଆଇଏଏସ୍, ଓଏଏସ୍‌ଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ୍, ଷ୍ଟାଫ୍ ସିଲେକ୍ସନ୍, ରେଲ୍‌ୱେ ସହିତ ବିଭିନ୍ନ ଇଞ୍ଜିନିୟରିଂ ଓ ସାମରିକ ପରୀକ୍ଷା ପାଇଁ ଏହା ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରୁଛି। ଉତ୍ତମ ମାନର ଭିତ୍ତିଭୂମି, ଉତ୍କୃଷ୍ଟ ଶିକ୍ଷାଦାନ ପ୍ରଣାଳୀ, ଭଲ ଷ୍ଟଡି ମ୍ୟାଟେରିଆଲ୍, ପରୀକ୍ଷା ପରିଚାଳନା, ୨୪ ଘଣ୍ଟିଆ ପାଠାଗାରର ସୁବିଧା ଯୋଗୁ ବଣିକ୍‌ର ଛାତ୍ରୀଛାତ୍ରମାନେ ସଫଳ ହେଉଛନ୍ତି। ମାତ୍ର ୧୦୦ ଛାତ୍ରୀଛାତ୍ରରେ ଆରମ୍ଭ ହୋଇଥିବା ଏହି କୋଚିଙ୍ଗ୍ ସେଣ୍ଟର୍ ଏବେ ଦ୍ୱୈତନଗରୀରେ ୫ଟି ସେଣ୍ଟରରେ ଚାଲୁଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୫,୦୦୦ ରେ ପହଞ୍ଚିଛି। ୭୦ରୁ ଅଧିକ ନିଜସ୍ୱ ଦକ୍ଷ ପ୍ରଶିକ୍ଷକ ଏବଂ ବିଭିନ୍ନ ବିଷୟର ବରିଷ୍ଠ ଶିକ୍ଷାବିତ୍‌ଙ୍କ ସହଯୋଗରେ ଛାତ୍ରୀଛାତ୍ରମାନେ ଉଭୟ ଲିଖିତ ଏବଂ ସାକ୍ଷାତକାର ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି। ପ୍ରତିଷ୍ଠା ହେବାର ପ୍ରଥମ ବର୍ଷରୁ ବଣିକ୍‌ର ଛାତ୍ରୀଛାତ୍ରମାନେ ସଫଳତାର ଯାତ୍ରା ଜାରି ରଖିଛନ୍ତି ବୋଲି ଏହାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ କହିଛନ୍ତି।

ସୋମବାର ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ବଣିକ୍‌ର ୬ଷ୍ଠ ପ୍ରତିଷ୍ଠା ଦିବସ ଏବଂ ସମ୍ମାନ ପର୍ବ ୨୦୧୯ରେ ବକ୍ତବ୍ୟ ରଖି ଛାଟୋଇ ଓଡିଶା ପ୍ରଶାସନିକ ସେବା, ବ୍ୟାଙ୍କିଙ୍ଗ୍, ଷ୍ଟାଫ୍ ସିଲେକ୍ସନ୍ ଏବଂ ରେଲ୍‌ୱେ ଇତ୍ୟାଦି ପରୀକ୍ଷାରେ ଓଡିଶାରୁ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏକ ତୃତୀୟାଂଶ ବଣିକ୍‌ରୁ ଶିକ୍ଷାଲାଭ କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ଉତ୍ସବରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ୨୦୧୭ରେ ସଫଳତା ଲାଭ କରିଥିବା ବଣିକ୍‌ର ୨୬ଜଣ ଛାତ୍ରୀଛାତ୍ରଙ୍କ ସହିତ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅନୁଷ୍ଠାନର ୭୨୮ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଏଏସ୍ ହେମନ୍ତ କୁମାର ପାଢୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୂର୍ଯ୍ୟମଣି ତ୍ରିପାଠୀ ମୁଖ୍ୟବକ୍ତା, ବ୍ରେନଷ୍ଟ୍ରେନ ନିର୍ଦ୍ଦେଶକ ଡ. ଅଶୋକ ମଙ୍ଗରାଜ ଏବଂ ପ୍ରଶାସକ ପ୍ରତାପ ପ୍ରତିମୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ତରଫରୁ ସ୍ମୃତିରଞ୍ଜନ ଛାଟୋଇ, ପ୍ରମୋଦ ପାଢୀ, ଗଣେଶ ଖଟୁଆ ଏବଂ ଅନ୍ୟ ବରିଷ୍ଠ ଶିକ୍ଷକମାନେ ପରିଚାଳନା କରିଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ କୁମାର ଛାଟୋଇ ଧନ୍ୟବାଦ ଦେଇଥିଲେ।



ସୌ|ନ୍ଦ|ର୍ଯ୍ୟ

# ଆଲୋଭେରା ଓ ରୂପଚର୍ଯ୍ୟା

**ନିଜ ସୌନ୍ଦର୍ଯ୍ୟରେ ଚମକ ଆଣିବାକୁ ପ୍ରାୟ ସବୁ ମହିଳାଙ୍କର ଇଚ୍ଛା ଥାଏ। ବିୟୁଟିପାର୍ଲର ଯାଇ ସେଠାରେ ନିଜ ତ୍ୱଚାକୁ ନୂଆ ରୂପଦେବାକୁ ସେମାନେ ଚେଷ୍ଟା କରନ୍ତି। ହେଲେ ଏ କ୍ଷେତ୍ରରେ ଘିକୁଆଁରୀ(ଆଲୋଭେରା) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

**ଶୁଷ୍କ ତ୍ୱଚା ପାଇଁ:** ତ୍ୱଚାକୁ ଓଦାଳିଆ ରଖିବାରେ ଏହା ଖୁବ୍ ସହାୟକ ହୁଏ। କେବଳ ଆଲୋଭେରା ଜେଲ୍ ଅଲିଭ୍ ଅଏଲ, ମହୁ ଓ ବାଦାମ ତେଲ ସହିତ ମିଶାଇ ଦିଅନ୍ତୁ। ଏହାକୁ ମୁହଁରେ ଲଗାନ୍ତୁ। ପୁଣି ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ଚେହେରାକୁ ଅଧିକ ସମୟ ପର୍ଯ୍ୟନ୍ତ ମଶ୍ଚରାଇଜ୍ କରି ରଖିବ। ବୟସ ବଢ଼ିବା ସାଙ୍ଗକୁ ଚର୍ମ ଲୋଚାକୋଚା ହେବାରୁ ରକ୍ଷା କରିଥାଏ।

**ଅଏଲି ସ୍କିନ୍ ପାଇଁ:** ଦହି ସହିତ ଅଳ୍ପ ପରିମାଣରେ ଆଲୋଭେରା ଜେଲ୍ ଓ ଟମାଟୋ ରସ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ହାଲ୍କା ମସାଜ୍ କରନ୍ତୁ। ଏହାଦ୍ୱାରା ମୁହଁରେ ଅଏଲ ବାହାରିଯିବ ଓ ବ୍ରଣର ଚିହ୍ନ ମଧ୍ୟ ଦୂର ହେବ। ଏହି ପେଷ୍ଟକୁ ମୁହଁରେ ୨୦ମିନିଟ୍ ଲଗାଇ ଛାଡ଼ି ଦିଅନ୍ତୁ। ପୁଣି ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ।

**ସେନସିଟିଭ୍ ସ୍କିନ୍ ଲାଗି:** ଯାହାର ସ୍କିନ୍ ସେନ୍‌ସିଟିଭ୍ ହୋଇଥାଏ ତାଙ୍କ ମୁହଁରେ ଖୁବ୍ ଶୀଘ୍ର ବୟସର ଛାପ ଦେଖିବାକୁ ମିଳେ। ଯଦି ଆପଣଙ୍କ ସ୍କିନ୍ ସେନ୍‌ସିଟିଭ୍ ହୋଇଥାଏ ଆଲୋଭେରା ଓ ଅମୃତଭଣ୍ଡାର ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ। ଏହା ସ୍କିନ୍‌କୁ ହାଇଡ୍ରେଟ୍ କରିଥାଏ ଓ ବ୍ରଣଠାରୁ ରକ୍ଷା କରିଥାଏ। ଏହା ବ୍ୟତୀତ ମୁହଁରେ ତୁରନ୍ତ ଚମକ ଆସିଥାଏ।





–ଡା. ଲିପ୍‌ସା ମିଶ୍ର

କୈଶୋରାବସ୍ଥାରେ..

# ଅନିୟମିତ ଜୀବନଶୈଳୀ ଓ ଅପ୍ରଜନନତା







ଜୀବନଶୈଳୀ ରୋଗ ଏବଂ ଅପ୍ରଜନନତା ମଧ୍ୟରେ ଯୋଗସୂତ୍ର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶ କୈଶୋରଙ୍କ କ୍ଷେତ୍ରରେ ଏହା ଅପ୍ରଜନନତାର କାରଣ ହୋଇଥାଏ, ଯେଉଁଥିରେ ଆଡେନୋମାଓସିସ୍, ଏଣ୍ଡୋମେଟ୍ରିଓସିସ୍ ଏବଂ ପିସିଓଡି (ପଲିସିଷ୍ଟିକ୍ ଓଭାରି ଡିଜିଜ୍) ଅନ୍ତର୍ଭୁକ୍ତ। ଯେତେବେଳେ ଗର୍ଭାଶୟର ଆଭ୍ୟନ୍ତର ଲାଇନିଂ, ଯାହାକି ଏଣ୍ଡୋମେଟ୍ରିୟମ ୟୁଟେରିନ୍ ମସଲରେ ପ୍ରବାସ କରିଥାଏ, ସେତେବେଳେ ଏଣ୍ଡୋମେଟ୍ରିଆଲର ଗ୍ରହଣଶୀଳତା ହ୍ରାସ ପାଇଥାଏ ଏବଂ ଭୁଲ୍ ଧାରଣା ଅଧିକ ଜଟିଳ ହେବା ସହିତ ୟୁଟ୍ରିନ୍ କଣ୍ଟ୍ରାକ୍ସନର କାରଣ ହୋଇଥାଏ। ଉକ୍ତ ଅବସ୍ଥାକୁ ଆଡେନୋମାଓସିସ୍ କୁହାଯାଏ।

ଏଣ୍ଡୋମେଟ୍ରିଓସିସ୍ ହେଉଛି ଏକ ସମାନ ପରିସ୍ଥିତି ଯେଉଁଠାରେ ଗର୍ଭାଶୟର ଲାଇନ ଏହାର ବାହାର ଆଡ଼କୁ ବୃଦ୍ଧି ପାଇବା ଆରମ୍ଭ ହୋଇଥାଏ (ଏଣ୍ଡୋମେଟ୍ରିଆଲ ଇମ୍ପ୍ଲାଣ୍ଟ) ଅତିଶୟ ଯନ୍ତ୍ରଣା ଏବଂ ଗର୍ଭଧାରଣ ଡିମ୍ବକୁ ରୋପଣ କରିବାରେ ବାଧା ସୃଷ୍ଟି କରିଥାଏ । ଏକ ପଲିସିଷ୍ଟିକ୍ ଓଭାରି ଡିଜିଜ୍ (ପିସିଓଡି) ହେଉଛି ବର୍ତ୍ତମାନ କମ୍ ବୟସର ଯୁବତୀମାନଙ୍କ ମଧ୍ୟରେ ଦେଖାଯାଉଥିବା ଏକ ସାଧାରଣ ପରିସ୍ଥିତି, ଯାହାକି ସ୍ତ୍ରୀ ଡିମ୍ବାଶୟ ବୃଦ୍ଧିର ଏକ ପ୍ରମୁଖ କାରଣ ।

ଏହି ସବୁ ରୋଗର ଲକ୍ଷଣ ପ୍ରାୟତଃ ସମାନ ହୋଇଥିବାବେଳେ, ଏହା ମାସିକ ଋତୁସ୍ରାବ ସହିତ ସଂଶ୍ଳିଷ୍ଟ। ଏହା ବହୁତ କମ୍ ସମୟ ପର୍ଯ୍ୟନ୍ତ କିମ୍ବା ବହୁତ ଲମ୍ବା ଅବଧି ପର୍ଯ୍ୟନ୍ତ ଏବଂ କ୍ୱଚିତ ହେଉଥିବାବେଳେ ଅଧିକ ରକ୍ତସ୍ରାବ ଏବଂ ଯନ୍ତ୍ରଣାଦାୟକ ହୋଇଥାଏ। ପିସିଓଡିର କିଛି ନିର୍ଦ୍ଦିଷ୍ଟ ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଅଧିକ କେଶ ବୃଦ୍ଧି, ନାଲି ବ୍ରଣ ଏବଂ ହଠାତ୍ ଓଜନ ବୃଦ୍ଧି ଅନ୍ତର୍ଭୂକ୍ତ, ଯାହାକି ଭବିଷ୍ୟତର ଜଟିଳତା ଯେପରିକି ଟାଇପ୍-୨ ଡାଇବେଟିସ୍ ମେଲିଟସ୍ ଏବଂ ଅନ୍ୟ ହୃଦୟ ସମ୍ବନ୍ଧିତ ରୋଗରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ପରାମର୍ଶ ଆବଶ୍ୟକ । ଯଦିଓ ଏହିପରି ପରିସ୍ଥିତି ୩୫ରୁ ୫୦ ବର୍ଷ ବୟସ ମଧ୍ୟରେ ଏକ ସାଧାରଣ ଘଟଣା। କିନ୍ତୁ ଅଧିକାଂଶ ଯୁବତୀ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ଏହି ଅନିୟମିତ ମାସିକ ଋତୁସ୍ରାବ କିମ୍ବା କମ୍ ବୟସରେ ଏହିସବୁ ଲକ୍ଷଣ ଦେଖାଗଲେ ଭବିଷ୍ୟତ ଅସୁବିଧାକୁ ଏଡ଼ାଇବା ପାଇଁ ଯଥାଶୀଘ୍ର ଚିକିତ୍ସା କରାଇବାକୁ ପରାମର୍ଶ ଦିଆଯାଇଥାଏ ।

## ଅପ୍ରଜନନତାର ଚିକିତ୍ସା

ସେହି ସମାନ ଗବେଷଣା ଯଦିଓ ଚିକିତ୍ସା ପଦ୍ଧତି ପାଇଁ ବାଟ ଦେଖାଇଛି, ଯାହାକି ମହିଳାମାନେ ଏହିସବୁ ଜୀବନଶୈଳୀ ସମ୍ବନ୍ଧୀୟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ନୂତନ ଜ୍ଞାନକୌଶଳ ଯେପରି କି ୩ଡି ଅଲଟ୍ରାସୋନୋଗ୍ରାଫି ଏବଂ ଏମ୍‌ଆର୍‌ଆଇ ଆଡେନୋମାଓସିସ୍‌ର ଚିକିତ୍ସାକୁ ସମ୍ଭବ କରିପାରିଛି । ଗୋଟିଏ ନିଦାନ ହେଲା ପରେ ରୋଗକୁ ବିଭିନ୍ନ ପ୍ରକାର ଔଷଧ ଏବଂ ମେଡିକାଲ ଏବଂ ମିଳିତ ମେଡିକୋ ସର୍ଜିକାଲ ଚିକିତ୍ସା ମାଧ୍ୟମରେ ଆରୋଗ୍ୟ କରାଯାଇପାରେ, ଯାହାକି ଗତ ୨୦ବର୍ଷ ଧରି ଚାଲୁଅଛି । ପ୍ରଥମ ଏଜେଣ୍ଟ ଏଥିପାଇଁ ବ୍ୟବହୃତ ହୋଇଥିବାବେଳେ ଗୋଣ୍ଡାଅଟ୍ରୋଫିନ୍ ନିର୍ଗତ କରୁଥିବା ହରମୋନ୍ ଆଗୋନିଷ୍ଟସ (ଜିଏନ୍‌ଆର୍‌ଏଚ୍‌ଏ) ଏବଂ ଏ ପର୍ଯ୍ୟନ୍ତ ସଫଳତା ହାର ମଧ୍ୟ ସର୍ବାଧିକ ରହିଛି । ଏହିପରି ଅନେକ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ଆଡେନୋମାଓସିସ୍ ସମ୍ବନ୍ଧୀୟ ଅପ୍ରଜନନତା ସହିତ ଜିଏନ୍‌ଆର୍‌ଏଚ୍‌ଏର ସଫଳ ଚିକିତ୍ସା ସମ୍ପର୍କରେ ଉଲ୍ଲେଖ କରାଯାଇଛି, ଯାହାକି ଏକୁଟିଆ କିମ୍ବା ମିଳିତ ଅସ୍ତ୍ରୋପଚାର ଦ୍ୱାରା ସମ୍ଭବ ହୋଇପାରିଛି। ଏଥିସହିତ ଆଡେନୋମାଓସିସ୍ ଯୁବ ମହିଳାମାନଙ୍କଠାରେ ମଧ୍ୟ ଦେଖାଯାଇଥାଏ ଏବଂ ପେଲଭିକ୍ ଏଣ୍ଡୋମେଟ୍ରିଓସିସ୍ ଏବଂ ଇନ୍‌ଫର୍ଟିଲିଟି ସହିତ ସଂଯୋଗ ହୋଇପାରେ, ଯାହାକି ଯଥାଶୀଘ୍ର ଚିହ୍ନଟ କରିବା ପରେ ଆଇଭିଏଫ୍ ଚିକିତ୍ସା ସମ୍ଭବପର ହୋଇପାରିଛି । ଏଥିମଧ୍ୟରେ ଏହା ମଧ୍ୟ ମହିଳା ସହଯୋଗୀମାନଙ୍କୁ ଆଇଭିଏଫ୍ ସାଇକେଲ ପୂର୍ବରୁ ଏବଂ ଚିକିତ୍ସା ଚାଲୁଥିବା ସମୟରେ କ୍ୟାଫିନ୍ ଗ୍ରହଣ ନ କରିବାକୁ ପରାମର୍ଶ ଦିଆଯାଇଥାଏ ।

ସହଯୋଗୀମାନେ ଆଇଭିଏଫ୍ ସାଇକେଲ ସମୟରେ ଆଲକୋହଲ ପିଇବା ଉଚିତ ନୁହେଁ। ଉକ୍ତ ସର୍ବେକ୍ଷଣରୁ ପ୍ରକାଶ ଗର୍ଭାବସ୍ଥାରେ ଅବନତି ଏବଂ ଗର୍ଭପାତର ସମ୍ଭାବନା ହାରରେ ବୃଦ୍ଧି ହୋଇଥାଏ । ପରିଶେଷରେ ଜୀବନ ପସନ୍ଦ ସମ୍ପର୍କରେ ଯେକୌଣସି ଆଲୋଚନା ଏବଂ ଆର୍ଥିକ ସ୍ଥିତି, ଚାପ ଏବଂ ବିଷାଦ ବିନା ଆଲୋଚନାରେ ପ୍ରଜନନତା ଅସମ୍ପୂର୍ଣ୍ଣ ରହିବ। ବିଭିନ୍ନ ପ୍ରକାର ସର୍ବେକ୍ଷଣରୁ ପ୍ରକାଶ ଯେ, ଏହିସବୁ ଲକ୍ଷଣ ମହିଳାମାନଙ୍କଠାରେ ଗର୍ଭାଶୟ ସଫଳତା ହାରରେ ଅବନତି କରିଥାଏ । ଦୈନନ୍ଦିନ ଜୀବନରେ ଆମର ପସନ୍ଦ ଭବିଷ୍ୟତର ସମ୍ଭାବନାକୁ ଅନୁମାନ କରିପାରିଥାଏ। ସକ୍ଷମ ଅଭିଭାବକ ନିଶ୍ଚିତରୂପେ ଭବିଷ୍ୟତରେ ଆଗାମୀ ବର୍ଷଗୁଡ଼ିକରେ ଏକ ସମ୍ପୂର୍ଣ୍ଣ ପରିବାର ଗଠନ କରିବା ଦିଗରେ ଦୃଷ୍ଟିକେନ୍ଦ୍ରିତ କରିବା ଆବଶ୍ୟକ।

ଉପରୋକ୍ତ ବିଷୟ ସହ ନିମ୍ନୋକ୍ତ ଟିପ୍ସ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ।

–ଏହା ଏକ ଧାରଣା କିନ୍ତୁ ସତ୍ୟ ଯେ, ସବୁ ଜିନିଷର ଅଧିକ ହେଉଛି କ୍ଷତିକାରକ! ଦୀର୍ଘଦିନ ପର୍ଯ୍ୟନ୍ତ କ୍ୟାଫିନ୍ ଗ୍ରହଣ ହେଉଛି କ୍ଷତିକାରକ ଏବଂ ଯେଉଁ ମହିଳାମାନେ ଅଧିକ କ୍ୟାଫିନ୍ ଗ୍ରହଣ କରିଥାନ୍ତି, ତାହା ଦିନକୁ ପାଞ୍ଚ କପ୍ କଫି ପିଇବା ସହିତ ସମାନ ବୋଲି ଧରାଯାଏ, ଯାହାକି ଗର୍ଭଧାରଣ ପାଇଁ ଅଧିକ ଦିନ ସମୟ ଲାଗିବାରେ କାରଣ ହୋଇଥାଏ ।

–ଉଭୟ ଆଲକୋହଲ ଏବଂ ଧୂମପାନ ଗର୍ଭସଞ୍ଚାର ହାରକୁ ହ୍ରାସ ଏବଂ ଗର୍ଭପାତ ସମ୍ଭାବନାକୁ ବୃଦ୍ଧି କରିଥାଏ । ଆହୁରି ମଧ୍ୟ ସିଗାରେଟରେ ଥିବା କେମିକାଲ ପୁରୁଷମାନଙ୍କର ପ୍ରଜନନ କ୍ଷମତାକୁ ହ୍ରାସ କରିଥାଏ । ମାରିଜୁଆନା ଏବଂ କୋକେନ୍ ମଧ୍ୟ ବୀର୍ଯ୍ୟ ସଂଖ୍ୟା ଏବଂ ଗତିକୁ ହ୍ରାସ କରିପାରେ ଏବଂ ଖରାପ ବୀର୍ଯ୍ୟ ପ୍ରତିଶତକୁ ବୃଦ୍ଧି କରିଥାଏ ।

–ମେଦବୃଦ୍ଧି (୩୦ରୁ ଊର୍ଦ୍ଧ୍ୱ ବିଏମ୍‌ଆଇ) ଜଣେ ମହିଳାଙ୍କ ପ୍ରଜନନତା ହ୍ରାସ, ଗର୍ଭପାତ ସମ୍ଭାବନାରେ ବୃଦ୍ଧି ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ଅପରିପକ୍ୱ ଜନ୍ମ ହାରରେ ବୃଦ୍ଧି ସମ୍ଭାବନା ଦେଖାଯାଇଥାଏ। ୫% ରୁ ୧୦% ଓଜନ ହ୍ରାସ ଅହେତୁକ ଭାବରେ ଡିମ୍ବାଣୁ ସୃଷ୍ଟି କରିବା ଏବଂ ଗର୍ଭସଞ୍ଚାର ହାରରେ ଉନ୍ନତି କରିଥାଏ ।

–ମଧ୍ୟମ ଧରଣର ବ୍ୟାୟାମ ଉଭୟ ପୁରୁଷ ଏବଂ ମହିଳା ପ୍ରଜନନତାରେ ବୃଦ୍ଧି କରିଥାଏ (ଉଦାହରଣ: ଚଞ୍ଚଳ ଚାଲିବା)। ବର୍ତ୍ତମାନ ସମୟରେ ସମସ୍ତ ବୟସ୍କଙ୍କୁ ସପ୍ତାହରେ ଅଧିକାଂଶ ଦିନ ୩୦ ମିନିଟ୍ ଚାଲିବାକୁ ପରାମର୍ଶ ଦିଆଯାଉଛି ଏବଂ ଉକ୍ତ ସ୍ତର ପ୍ରଜନନତା ପାଇଁ ସର୍ବୋତ୍କୃଷ୍ଟ ।

–ଗର୍ଭାବସ୍ଥା ପାଇଁ ଚାପ ବହୁତ କ୍ଷତିକାରକ, ଯେତେବେଳେ ଏହାର ସଂଯୋଗ ସିଧାସଳଖ ନୁହେଁ, ଯାହାକି ଉକ୍ତ ଆର୍ଟିକିଲର ଶେଷରେ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରାଯାଇଛି । ଯେତେବେଳେ ଚାପ, ବିଷାଦ କିମ୍ବା ଉଦ୍‌ବେଗ ପ୍ରତ୍ୟକ୍ଷ ଭାବରେ ଆପଣଙ୍କ ପ୍ରଜନନତାକୁ ପ୍ରଭାବ ପକାଇ ନ ଥାଏ, ସେଗୁଡ଼ିକ ଆପଣଙ୍କଠାରେ କିଛି ହରମୋନାଲ ବ୍ୟାଘାତ ସୃଷ୍ଟି କରିଥାନ୍ତି। ଏହା ଆପଣଙ୍କ ମାସିକ ଋତୁଚକ୍ର ଉପରେ ପ୍ରଭାବ ପକାଇଥାଏ ଏବଂ ଆହୁରି ମଧ୍ୟ ଅଳ୍ପ କିଛି ଡିମ୍ବାଣୁ ଉତ୍ପାଦନ କରିଥାଏ ।

*–ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*

> "ଏଣ୍ଡୋମେଟ୍ରିଓସିସ୍ ହେଉଛି ଏକ ସମାନ ପରିସ୍ଥିତି ଯେଉଁଠାରେ ଗର୍ଭାଶୟର ଲାଇନ ଏହାର ବାହାର ଆଡ଼କୁ ବୃଦ୍ଧି ପାଇବା ଆରମ୍ଭ ହୋଇଥାଏ(ଏଣ୍ଡୋମେଟ୍ରିଆଲ ଇମ୍ପ୍ଲାଣ୍ଟ), ଅତିଶୟ ଯନ୍ତ୍ରଣା ଏବଂ ଗର୍ଭଧାରଣ ଡିମ୍ବକୁ ରୋପଣ କରିବାରେ ବାଧା ସୃଷ୍ଟି କରିଥାଏ । ଏକ ପଲିସିଷ୍ଟିକ୍ ଓଭାରି ଡିଜିଜ୍(ପିସିଓଡି) ହେଉଛି ବର୍ତ୍ତମାନ କମ୍ ବୟସର ଯୁବତୀମାନଙ୍କ ମଧ୍ୟରେ ଦେଖାଯାଉଥିବା ଏକ ସାଧାରଣ ପରିସ୍ଥିତି, ଯାହାକି ସ୍ତ୍ରୀ ଡିମ୍ବାଶୟ ବୃଦ୍ଧିର ଏକ ପ୍ରମୁଖ କାରଣ ।"

## କମ୍ ବୟସରେ ଅପ୍ରଜନନତା ପାଇଁ ପ୍ରମୁଖ କାରଣ

ଏଥିପାଇଁ ଏକ ପ୍ରମୁଖ କାରଣ ଯେପରି ବୟସ, ଓଜନ ଏବଂ ଧୂମପାନ ସାଧାରଣ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ ଏବଂ ବ୍ୟକ୍ତିବିଶେଷଙ୍କଠାରେ ପ୍ରଜନନ ଦକ୍ଷତାରେ ଅବନତି ହୋଇଥାଏ। ସମୟାନୁସାରେ ଅକ୍ସିଡେଟିଭ୍ ଚାପ ବୃଦ୍ଧି ଏବଂ ବୀର୍ଯ୍ୟରେ ଆଣ୍ଟିଅକ୍ସିଡାଣ୍ଟ ସ୍ତର ହ୍ରାସ ପାଇଥାଏ। ଶୁକ୍ରାଣୁ ଡିଏନ୍‌ଏ ବିଖଣ୍ଡନ ମଧ୍ୟ ପୁରୁଷର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବୃଦ୍ଧି ପାଇଥାଏ। ଯେଉଁ ପୁରୁଷମାନେ ପୌଷ୍ଟିକ ଆହାର ଗ୍ରହଣ କରି ନ ଥାନ୍ତି ସେମାନଙ୍କର ବୀର୍ଯ୍ୟର ଗୁଣବତ୍ତା ମଧ୍ୟ କମ୍ ରହିଥାଏ ।



ଆଣ୍ଟିଅକ୍ସିଡାଣ୍ଟ ବୀର୍ଯ୍ୟର ଗତିଶୀଳରେ ଉନ୍ନତି କରିଥାଏ ଏବଂ ଯେଉଁ ପୁରୁଷଙ୍କର ଶୁକ୍ରାଣୁ ଠିକ୍‌ଭାବେ ଗତିକରି ନ ଥାଏ ଏବଂ ସେମାନଙ୍କ ବର୍ଦ୍ଧିତ ବିଖଣ୍ଡିତ ଡିଏନ୍‌ଏ ଅକ୍ସିଡେଟିଭ ଚାପ ସୃଷ୍ଟିକରିଥାଏ । ଆହୁରି ମଧ୍ୟ ମହିଳାମାନଙ୍କ ଦ୍ୱାରା ହେଉଥିବା ଧୂମପାନ ଯୋଗୁ ସଫଳତା ହାର ୫୦ ପ୍ରତିଶତ ହ୍ରାସ ପାଇଥାଏ ଏବଂ ଗର୍ଭପାତ ବୃଦ୍ଧି ପାଇଥାଏ । ଏଠାରେ ଲିଷ୍ଟ ସରିଯାଉ ନାହିଁ! ଯେତେବେଳେ ଉକ୍ତ ଘଟଣା ସମ୍ପର୍କରେ ଅଧିକ ସର୍ବେକ୍ଷଣର ଆବଶ୍ୟକତା ରହିଛି, ବିଶେଷଜ୍ଞମାନେ ମୁଖ୍ୟତଃ ମାନସିକ ଚାପ, ଚା କିମ୍ବା କଫିର ସେବନ, ମାଦକଦ୍ରବ୍ୟ ବ୍ୟବହାର ଏବଂ ପରିବେଶ ପ୍ରଦୂଷଣ ହେଉଛି କେତେକ ପ୍ରମୁଖ କାରଣ ଯାହାକି ଜୀବନଶୈଳୀ ଅନିୟମିତତାର କାରଣ ଏବଂ ପରୋକ୍ଷ ଭାବରେ ଅପ୍ରଜନନତାର କାରଣ ହୋଇଥାଏ ।

## ଗୃହିଣୀଙ୍କ ପାଇଁ..



❖ରସୁଣରୁ ଚୋପା ଛଡ଼ାଇବା ପାଇଁ ସର୍ବପ୍ରଥମେ ରସୁଣକୁ ଏକ ବକ୍ସରେ ପୂରାଇ ରଖନ୍ତୁ। ପୁଣି ଡବା ବନ୍ଦ କରି ଦିଅନ୍ତୁ। ଏହା ପରେ ପରେ ଡବାରେ ଜୋର୍‌ରେ ହଲାନ୍ତୁ। ଦେଖିବେ ଏହାଦ୍ୱାରା ରସୁଣର ସବୁ ଚୋପା ଅଲଗା ହୋଇଯିବ।

❖ଏହାବ୍ୟତୀତ ଆପଣ ରସୁଣ ଚୋପା ଛଡ଼ାଇବା ପାଇଁ ମାଇକ୍ରୋୱେଭ୍‌ର ସହାୟତା ନେଇପାରିବେ। ଏହି ଟ୍ରିକ୍ସର ଆପଣାଇବାକୁ ହେଲେ ଆପଣ ଏକ ବାଓଲରେ ରସୁଣ ମାଇକ୍ରୋୱେଭ୍‌ରେ ୨୦-୩୦ସେକେଣ୍ଡ ପାଇଁ ରଖି ଦିଅନ୍ତୁ। ଏହାପରେ ରସୁଣକୁ ଭଲଭାବେ ଚୋପା ଛଡ଼ାଇ ଏହାକୁ ବ୍ୟବହାର କରିପାରିବେ।

❖ଏବେ ଆମେ ଆପଣଙ୍କୁ ଏମିତି ଟ୍ରିକ୍ସ କହିବୁ ଯାହା ପ୍ରଫେସନାଲ ସେଫ୍ ବ୍ୟବହାର କରିଥାନ୍ତି। ଏଥିପାଇଁ ଆପଣ ଏକ ରସୁଣ ନିଅନ୍ତୁ। ଏହାକୁ ମଝିରୁ କାଟି ଦିଅନ୍ତୁ। ଏହାଦ୍ୱାରା ରସୁଣର ଚୋପା ସହଜରେ ଛାଡ଼ିଯିବ।

ଖା|ଦ୍ୟ|ରୁ|ଚି

## ପଟାଟୋ ଏଗ୍ ବଲ୍ସ

**ଆବଶ୍ୟକ ସାମଗ୍ରୀ**

୫ଟି ଆଳୁ,୨ଟି ଅଣ୍ଡା,୨ଟି କଞ୍ଚାଲଙ୍କା ଛୋଟ ଆକରରେ କଟା ହୋଇଥିବା , ଦୁଇ ବଡ଼ ଚାମଚ ମଇଦା,୬ଟି ଛୋଟ ବ୍ରେଡ୍ କ୍ରମ୍ବସ,ସ୍ୱାଦ ଅନୁସାରେ ଲୁଣ, ଲାଗି ଛାଣିବା ତେଲ ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁରୁ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। ଏଥିରେ ଅଣ୍ଡା ଫଟାଇ ପକାନ୍ତୁ। ଏବେ ସେଥିରେ ମଇଦା,ବ୍ରେଡ୍ କ୍ରମ୍ବସ ,କଞ୍ଚାଲଙ୍କା ଓ ଲୁଣ ମିଶାନ୍ତୁ। ମିଡିୟମ ଆଞ୍ଚରେ ତେଲ ଗରମ ପାଇଁ ପ୍ୟାନ୍ ବସାନ୍ତୁ। ତେଲ ଗରମହେବା ମାତ୍ରେ ଏଥିରେ ଆଳୁର ବଲ୍ସ କରି ପ୍ୟାନ୍‌ରେ ପକାନ୍ତୁ। ସବୁ ବଲ ଗୋଲ୍‌ଡେନ୍ କଲର ହେବା ପର୍ଯ୍ୟନ୍ତ ରଖନ୍ତୁ। ତା'ପରେ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ପଟାଟୋ ଏଗ୍ ବଲ । ଏହାକୁ ଏବେ ଟମାଟୋ କେଚ୍‌ଅପ୍ ଓ ପିଆଜ ସହ ସର୍ଭ କରନ୍ତୁ।



# ସମର ଶପିଂ

**ଖରାଦିନେ କପଡ଼ା ଚୟନ କରିବା କଷ୍ଟକର ହୋଇଥାଏ। ଏପରି ଡ୍ରେସ ଚୟନ କରନ୍ତୁ ଯାହା ଆପଣଙ୍କୁ ଷ୍ଟାଇଲିଶ ଲୁକ୍ ଦେବା ସହ ଆରାମ ବି ଲାଗିବ। ଏମିତିରେ ଶପିଂ ସମୟରେ ସାବଧାନତା ହେବା ଜରୁରୀ। ଆଜି ଆପଣଙ୍କୁ ଏଠାରେ ଖରାଦିନେ ଶପିଂ ସହିତ ଜଡ଼ିତ କେତୋଟି ଟିପ୍ସ ଦେଉଛୁ ...**

–ଆଜିକାଲି ଅଧିକାଂଶ କପଡ଼ାରେ ପଲିଷ୍ଟର ଥାଏ ଯାହାକୁ ପିନ୍ଧିବା ଦ୍ୱାରା ଶରୀରକୁ ପବନ ପ୍ରବେଶ କରିପାରେ ନାହିଁ। ଏହି କାରଣରୁ ଝାଳ ବୋହିଲେ କପଡ଼ା ଉପରେ ଅଲଗା ପ୍ରକାର ସ୍ୱଟ୍ ଦେଖିବାକୁ ମିଳେ। ଏମିତି କପଡ଼ା ଚୟନ କରନ୍ତୁ, ଯାହା ଶରୀରକୁ କୁଲ୍ ରଖିବା ସହ ଝାଳ ଶୁଖିବା ରୋକିବାରେ ସାହାଯ୍ୟ କରିବ।

–ଖରାଦିନ ଓ ଶୀତଦିନେ ଫୁଟୱେର ଚୟନ କରିବାର ଉପାୟ ଅଲଗା ଅଲଗା। ଖରାଦିନେ ଏପରି ସାଇଜର ଫୁଟ୍‌ୱେର ଚୟନ କରନ୍ତୁ, ଯାହା ଆପଣଙ୍କ ପାଦଠୁ ବଡ଼ ହୋଇଥିବ। ଏହା ଏଥିପାଇଁ ଯେ ଖରାଦିନେ ପାଦରେ ଯନ୍ତ୍ରଣା ଅନୁଭୂତ ହୁଏ।

–ଖରାଦିନେ ଟାଇଟ କପଡ଼ା ପିନ୍ଧିବାଠୁ ଦୂରେଇ ରୁହନ୍ତୁ। ଝାଳ ଓ ଗରମ ଯୋଗୁ ସ୍କିନ୍‌ରେ ଲାଗି ଯାଉଥିବା କପଡ଼ା ଇରିଟେସନ ହୋଇଥାଏ। ଏହାଦ୍ୱାରା ରାଶେସ୍ ହେବା ଆଶଙ୍କା ରହିଛି।

–କପଡ଼ା ଷ୍ଟାଇଲିଶ୍ ଦେଖାଯିବାକୁ ମେଟାଲ ରିଙ୍ଗସ କିମ୍ବା ସେଥିରେ ଅନ୍ୟ ଡିଜାଇନ ବ୍ୟବହାର ହୋଇଥାଏ। ଏପରି ଡ୍ରେସ ପିନ୍ଧିବା ଦ୍ୱାରା ଅନ୍‌କମ୍ଫଟେବଲ ଲାଗିଥାଏ।



Dollar 69.26 (44) | Sensex 40,267.62 (553.42) | Nifty 12,088.55 (165.75) | Gold 33,195.00 (₹75) | Silver 37,500.00 (₹80)



"ଚଳିତବର୍ଷ ଏଫ୍‌ଏମ୍‌ସିଜି ସେକ୍ଟରରେ ବେଶ ଅଭିବୃଦ୍ଧି ଦେଖାଯିବ। ହିନ୍ଦୁସ୍ତାନ ୟୁନିଲିଭର ଯୁବବର୍ଗରେ ଆଦୃତ ହେଉଥିବା ପ୍ରିମିୟମ ସାମଗ୍ରୀଗୁଡ଼ିକରେ ଆହୁରି ଉନ୍ନତି ଆଣିବ।"
– ସଞ୍ଜୀବ ମେହେଟା, ସିଏମ୍‌ଡି, ଏଚ୍‌ୟୁଏଲ୍



"ଅଶୋଧିତ ତୈଳ ଦର ହ୍ରାସ ପାଇବା, ଟଙ୍କାର ମୂଲ୍ୟ ସ୍ଥିର ହେବା ଓ ସୁଧ ହାର ହ୍ରାସ ହେଉଥିବାରୁ ଆଗାମୀ ଦିନରେ ଆର୍ଥିକ ଅଭିବୃଦ୍ଧି ଫେରୁଥିବା ସଙ୍କେତ ମିଳୁଛି।"
–ଏସ୍.ସି.ଗର୍ଗ, କେନ୍ଦ୍ର ଅର୍ଥ ସଚିବ

## ସଂକ୍ଷେପରେ

### ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି ବୈଠକ ଆରମ୍ଭ

ମୁମ୍ବାଇ,୩-୬: ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ସୋମବାର ଠାରୁ ୩ ଦିନିଆ ଦ୍ୱିମାସିକ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ଆରମ୍ଭ ହୋଇଛି। ଆସନ୍ତା ୬ରେ ଏହି କମିଟି ମୁଦ୍ରା ନୀତି ଘୋଷଣା କରିବେ। ତେବେ ଏଥର ମୁଦ୍ରାନୀତିରେ ରେପୋ ରେଟ୍ ପୁନର୍ବାର ୦.୨୫% ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏହାପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଦୁଇଥର ତାଙ୍କ ମୁଦ୍ରାନୀତିରେ ୦.୨୫% ଲେଖାଏ ରେପୋ ରେଟ୍ ହ୍ରାସ କରିଛନ୍ତି। ସାଧାରଣ ନିର୍ବାଚନ ପରେ ରିଜର୍ଭ ବ୍ୟାଙ୍କର ଏହା ପ୍ରଥମ ମୁଦ୍ରାନୀତି ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏମ୍‌ଡି ଉଦୟ କୋଟାକ କହିଛନ୍ତି ଯେ, ଧିମା ଅର୍ଥନୀତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର କମାଇବା ଆବଶ୍ୟକ। ସେହିପରି ସିଆଇଆଇ ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି ଯେ, ଅର୍ଥନୀତିକୁ ପ୍ରୋତ୍ସାହନ ଜାରି ରଖିବାକୁ ହେଲେ ସୁଧ ହାର ହ୍ରାସ କରିବାକୁ ହେବ।

### ସିଏଜି ମେହେର୍ଷି ଡବ୍ଲ୍ୟୁଏଚ୍‌ଓର ଅଡିଟର ନିର୍ବାଚିତ



ନୂଆଦିଲ୍ଲୀ,୩-୬: ଦେଶର ମହାଲେଖା ନିୟନ୍ତ୍ରକ ଏବଂ ପରୀକ୍ଷକ(ସିଏଜି) ରାଜୀବ ମେହେର୍ଷି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ବାହ୍ୟ ଲେଖା ପରୀକ୍ଷକ ବା ଅଡିଟର ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କର କାର୍ଯ୍ୟକାଳ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ରହିବ। ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ପ୍ରଦାନ କରାଯାଇଛି। ମେହେର୍ଷିଙ୍କୁ ଗତ ମାସରେ ଜେନିଭାରେ ଅନୁଷ୍ଠିତ ୭୨ତମ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାସଭାରେ ବହୁମତରେ ନିର୍ବାଚିତ କରାଯାଇଥିଲା। ଭାରତ ବ୍ୟତୀତ ଏହି ପଦ ଲାଗି କଂଗୋ, ଫ୍ରାନ୍ସ, ଘାନା, ଟ୍ୟୁନିସିଆ, ବ୍ରିଟେନ ଏବଂ ଉତ୍ତର ଆର୍ୟ୍ୟଲାଣ୍ଡର ସିଏଜି ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ସିଏଜି ମେହେର୍ଷି ଡବ୍ଲ୍ୟୁଏଚ୍‌ଓରେ ବାହ୍ୟ ଅଡିଟର ଭାବେ କାର୍ଯ୍ୟରତ ଫିଲିପାଇନ୍ସର ସୁପ୍ରିମ ଅଡିଟ ଇନ୍‌ଷ୍ଟିଚ୍ୟୁଶନର ସ୍ଥାନ ନେବେ। ସିଏଜି ମେହେର୍ଷିଙ୍କ ଲାଗି ଚଳିତ ବର୍ଷ ଦ୍ୱିତୀୟ ବଡ଼ ଅନ୍ତଃରାଷ୍ଟ୍ରୀୟ ଲେଖା ପରୀକ୍ଷଣ କାମ ହେବ। ଏଥିପୂର୍ବରୁ ମାର୍ଚ୍ଚ ୨୦୧୯ରେ ତାଙ୍କୁ ରୋମ୍‌ରେ ଖାଦ୍ୟ ଏବଂ କୃଷି ସଂଗଠନର ବାହ୍ୟ ଲେଖା ପରୀକ୍ଷକ ଭାବେ ନିର୍ବାଚିତ କରାଯାଇଥିଲା। ସେ ଏବେ ଜାତିସଂଘର ବୋର୍ଡ ଅଫ୍ ଅଡିଟର୍ସରେ ସାମିଲ ହୋଇଛନ୍ତି। ଏଥିସହିତ ସେ ଜାତିସଂଘର ବାହ୍ୟ ଅଡିଟର୍ସ ପ୍ୟାନେଲର ଅଧ୍ୟକ୍ଷ ମଧ୍ୟ ରହିଛନ୍ତି।

### ମର୍ଚ୍ଚାଣ୍ଟ ଖଣି ଲିଜ୍ ବୃଦ୍ଧି ପ୍ରସ୍ତାବକୁ ଶିଳ୍ପର ବିରୋଧ

ନୂଆଦିଲ୍ଲୀ,୩-୬ : ଅଣକ୍ୟାପ୍ଟିଭ ବା ମର୍ଚ୍ଚାଣ୍ଟ ଖଣିର ଲିଜ୍ ଅବଧି ବଢାଇବା ଲାଗି ଖଣିଜ ସଂଘ ଫିମି ପକ୍ଷରୁ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗକୁ ଦିଆଯାଇଥିବା ପ୍ରସ୍ତାବକୁ ଇସ୍ପାତ ଏବଂ ପେଲେଟ ନିର୍ମାତାମାନେ ବିରୋଧ କରିଛନ୍ତି। ଲିଜ୍ ଅବଧି ଆସନ୍ତା ବର୍ଷ ମାର୍ଚ୍ଚରେ ସରୁଥିବାରୁ ଲୁହା ପଥର ଯୋଗାଣରେ ଏହା ଅସୁବିଧା ସୃଷ୍ଟି କରିବ ବୋଲି ଫିମି ସରକାରଙ୍କୁ କହିଛି। ମାତ୍ର ଫିମି ପକ୍ଷରୁ ସରକାରଙ୍କୁ ଯେଉଁ ପ୍ରସଙ୍ଗରେ କୁହାଯାଇଛି ତାହା ବିଭ୍ରାନ୍ତିକର ବୋଲି ପେଲେଟ୍ ମାନୁଫାକଚରର ଆସୋସିଏଶନ ଅଫ୍ ଇଣ୍ଡିଆ(ପିଏମ୍‌ଏଆଇ) ନୀତି ଆୟୋଗକୁ ଚିଠି ଯୋଗେ ଜଣାଇଛି। ଯଦି ମର୍ଚ୍ଚାଣ୍ଟ ମାଇନରମାନେ ପରିବେଶ ମଞ୍ଜୁରୀ ସୀମା ମୁତାବକ ଲୁହା ପଥର ଉତ୍ପାଦନ କରିବେ ତେବେ ୨୦୨୦ ପରେ କଞ୍ଚାମାଲର ଅଭାବ ରହିବ ନାହିଁ ବୋଲି ପିଏମ୍‌ଏଆଇ ଚିଠିରେ ଉଲ୍ଲେଖ କରିଛି। ୨୦୨୦ପରେ ପ୍ରାୟ ୨୦୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଖଣି ପରିଚାଳିତ ହେଉଥିବ। ଖଣି ଗୁଡିକର ନିଲାମ ପରେ ଶିଳ୍ପଗୁଡିକ ଅଧିକ କଞ୍ଚାମାଲ ପାଇବା ଲାଗି ସୁବିଧା ହେବ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି। ଲିଜ ଅବଧି ବଢାଇବା ପ୍ରସ୍ତାବ ଯୁକ୍ତିଯୁକ୍ତ ନୁହେଁ। ଏପରି ସ୍ଥଳେ ଲିଜ୍ ଅବଧି ବଢ଼ିଲେ ସରକାରଙ୍କ ରାଜସ୍ୱ ହାନି ହେବ ବୋଲି ପିଏମ୍‌ଏଆଇ ପ୍ରକାଶ କରିଛି।

## ■ଶୀର୍ଷ ଟିକସଦାତାଙ୍କୁ ପ୍ରୋତ୍ସାହନ

# ମୋଦିଙ୍କ ସହ ମିଳିବ ଚା' ପିଇବାର ସୁଯୋଗ

ନୂଆଦିଲ୍ଲୀ,୩-୬



କେନ୍ଦ୍ର ସରକାର ଶୀର୍ଷ ଟିକସଦାତାଙ୍କୁ ପୁରସ୍କୃତ କରିବା ଲାଗି ଏକ ନୂଆ ଯୋଜନା ପ୍ରସ୍ତୁତ କରୁଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ ଟିକସଦାତାଙ୍କୁ ପ୍ରୋତ୍ସାହିତ କରିବାକୁ ଯାଇ ସେମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଥବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଚା' ପିଇବାର ସୁଯୋଗ ଦିଆଯିବ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆୟକର ବିଭାଗ ପକ୍ଷରୁ ଶୀର୍ଷ ଟିକସଦାତାଙ୍କ ଲାଗି ପୂର୍ବରୁ ବହୁ ପୁରସ୍କାର ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ଉପର ବର୍ଣ୍ଣିତ ଯୋଜନା ସମ୍ପୂର୍ଣ୍ଣ ଅଭିନବ ହେବ। କାରଣ ପ୍ରଧାନମନ୍ତ୍ରୀଙ୍କ ସହ ଚା' ପିଇବାର ଅନନ୍ୟ ଅନୁଭୂତି ହାସଲ କରିବାକୁ ଯେକେହି ବି ଚାହିଁବ। ରିପୋର୍ଟ ଅନୁଯାୟୀ, ଅଧିକରୁ ଅଧିକ ଟିକସ ଆଦାୟ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଜୁଲାଇ ୫ରେ ଉପସ୍ଥାପନ କରାଯିବାକୁ ଥିବା ପୂର୍ଣ୍ଣାଙ୍ଗ ବଜେଟରେ ଉକ୍ତ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ଘୋଷଣା କରାଯିବ। ସୂଚନାଥାଉ କି, ନିୟମିତ ତଥା ଅଧିକ ମାତ୍ରାରେ ଟିକସ ଦେଉଥିବା ବ୍ୟକ୍ତିଙ୍କୁ ଆୟକର ବିଭାଗ ପକ୍ଷରୁ ମାନପତ୍ର ଜାରି କରାଯାଉଛି। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନୀଙ୍କୁ ମାନପତ୍ର ଦେବା ଏଭଳି ଉଦାହରଣ ମାତ୍ର। ଆୟକର ଆଇନରେ ସଂଶୋଧନ ପାଇଁ ଗଠିତ ଏକ କମିଟି ଜୁଲାଇ ଶେଷ ସୁଦ୍ଧା ତାଙ୍କର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାକୁ ଯାଉଛି। ଉଲ୍ଲେଖ କରାଯାଇପାରେ ଯେ, ବର୍ଷକରେ ୧୦ ଲକ୍ଷ ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କୁ ଆୟକର ବାବଦରେ ୩୦ ପ୍ରତିଶତ ଟିକସ ଦେବାକୁ ପଡିଥାଏ। ସେହିପରି ୫୦ଲକ୍ଷରୁ ୧ କୋଟି ଟଙ୍କା ଆୟକାରୀ ଟିକସ ବ୍ୟତୀତ ୧୦ ପ୍ରତିଶତ ସରଚାର୍ଜ ଦେଇଥାନ୍ତି। ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟ ପାଇଁ ୧୫% ସରଚାର୍ଜ ଦେବାକୁ ପଡେ। ଅନୁରୂପ ଭାବେ ୧ କୋଟିରୁ ଅଧିକ କିନ୍ତୁ ୧୦ କୋଟି ଟଙ୍କାରୁ କମ୍ ବାର୍ଷିକ ଆୟ କରୁଥିବା କମ୍ପାନୀଙ୍କୁ ୭% ସରଚାର୍ଜ ଦେବାକୁ ପଡିଥାଏ। ତେବେ ବିଦେଶୀ କମ୍ପାନୀଙ୍କ କ୍ଷେତ୍ରରେ ଏହା ୨% ହୋଇଥାଏ। ୧୦ କୋଟି ଟଙ୍କାରୁ ଅଧିକ ଆୟ କ୍ଷେତ୍ରରେ ଘରୋଇ କମ୍ପାନୀଙ୍କ ଠାରୁ ୧୨% ଓ ବିଦେଶୀଙ୍କୁ ୫ ପ୍ରତିଶତ ସରଚାର୍ଜ ଆଦାୟ କରାଯାଇଥାଏ। ସରକାରୀ ତଥ୍ୟ ଅନୁଯାୟୀ, ୫ କୋଟି ଅଥବା ତଦୁର୍ଦ୍ଧ୍ୱ ଟଙ୍କା ଆୟ କରୁଥିବା ୧୦୫୩ ଜଣଙ୍କ ଠାରୁ ନିର୍ଦ୍ଧାରଣ ବର୍ଷ ୨୦୧୭-୧୮ରେ ୧୨ ହଜାର କୋଟି ଟଙ୍କା ଟିକସ ଆଦାୟ କରାଯାଇଥିଲା। ସରକାର ବିତ୍ତୀୟ ନିଅଣ୍ଟ ଭରଣା ପାଇଁ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ସରକାର ବିଭିନ୍ନ ଯୋଜନା ପାଇଁ ଅତିରିକ୍ତ ଅର୍ଥ ଆବଶ୍ୟକ କରୁଥିବାରୁ ଟିକସ ଆଦାୟ ବୃଦ୍ଧି କରିବା ଜରୁରୀ ହୋଇପଡିଛି। ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଆର୍ଥିକ ବର୍ଷ ୨୦୧୮-୧୯ ପାଇଁ ସରକାର ପ୍ରତ୍ୟକ୍ଷ ଟିକସ ବାବଦରେ ୧୨ ଲକ୍ଷ କୋଟି ଟଙ୍କା ଆଦାୟ କରିବେ ବୋଲି ସଂଶୋଧିତ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ମିଳିଥିଲା ୧୧.୫ ଲକ୍ଷ କୋଟି ଟଙ୍କା। କେନ୍ଦ୍ର ସରକାରଙ୍କ ଥିଙ୍କଟ୍ୟାଙ୍କ କୁହାଯାଉଥିବା ଇଣ୍ଡିଆନ କାଉନ୍‌ସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାଶନାଲ ଇକୋନୋମିକ ରିଲେସନ୍ସର ଡାଇରେକ୍ଟର ତଥା ଚିଫ୍ ଏକ୍‌ଜିକ୍ୟୁଟିଭ ରଜତ୍ କାଠୁରିଆ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଅତିରିକ୍ତ ଆର୍ଥିକ ସହାୟତା ବହୁତ ବଡ଼ କଥା। କିନ୍ତୁ ଜଣେ ଧନୀ ବ୍ୟକ୍ତିଙ୍କ ପାଇଁ ନିଜ ଆୟରୁ ଅଧିକ ଟିକସ ଦେଲେ ସେଭଳି ଫରକ ପଡିବ ନାହିଁ। ସବୁଦୃଷ୍ଟିରୁ ଦେଖିଲେ ପେନ୍‌ସନ ଦେଇ ଅଥବା ନୂଆ ନିଯୁକ୍ତି ସୃଷ୍ଟି କରି ଆୟର ପୁନଃବଣ୍ଟନ କରିବା ମୋଦି ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ।

- ■ବଜେଟରେ ହେବ ଘୋଷଣା
- ■୨୦୧୮-୧୯ରେ ଆଦାୟ ହୋଇଥିଲା ୧୧.୫ ଲକ୍ଷ କୋଟି ପ୍ରତ୍ୟକ୍ଷ ଟିକସ
- ■ପୂର୍ବରୁ ଶୀର୍ଷ ଟିକସଦାତାଙ୍କୁ ଆୟକର ବିଭାଗ ମାନପତ୍ର ଦେଉଛି
- ■୨୦୧୭-୧୮ ନିର୍ଦ୍ଧାରଣ ବର୍ଷରେ ୧୦୫୩ ଜଣଙ୍କଠାରୁ ୧୨ ହଜାର କୋଟି ଆଦାୟ ହୋଇଥିଲା

## ଫିନୋଲେକ୍ସ ପକ୍ଷରୁ ଫନୀ ସହାୟତା



ଭୁବନେଶ୍ୱର,୩-୬

ଭାରତର ସର୍ବବୃହତ୍ ପିଭିସି ପାଇପ୍ସ ଏବଂ ଫିଟିଂ ନିର୍ମାଣକାରୀ କମ୍ପାନୀ ଫିନୋଲେକ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ସହାୟତା ଯୋଗାଇ ଦିଆଯାଇଛି। କମ୍ପାନୀ ଏହାର ସିଏସ୍‌ଆର୍ ପାର୍ଟନର ମୁକୁଲ ମାଧବ ଫାଉଣ୍ଡେଶନ ସହ ମିଳିତ ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ଆଗେଇ ଆସିଛି। ଏହା ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟରେ ନିଜର ଯୋଗଦାନ ରଖିଛି। କମ୍ପାନୀ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ଏବଂ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛି। ସେହିଭଳି କମ୍ପାନୀ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଓଆର୍‌ଏସ୍, ଟି-ଶାର୍ଟ, ଟ୍ରାକ୍ ପ୍ୟାଣ୍ଟ, ଯୁବକଙ୍କ ଲାଗି ଡ୍ରେସ, ମହିଳାଙ୍କ ଲାଗି ଶାଢି ଏବଂ ଝିଅଙ୍କ ଲାଗି ସାଲଓ୍ୱାର କମିଜ ପ୍ରଦାନ କରାଯାଇଥିଲା। ପୁରୀ,ଖୋର୍ଦ୍ଧା ଏବଂ କଟକର ବିଭିନ୍ନ ସ୍ଥାନରେ ମେ ୧୩ ରୁ ୩୦ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଏଭଳି ସ୍ଥିତିରେ ପ୍ରଭାବିତ ଲୋକଙ୍କୁ ସହାୟତା ଲାଗି ଆଗେଇ ଆସିବାକୁ କମ୍ପାନୀ ପକ୍ଷରୁ ନିଷ୍ପତ୍ତି ହୋଇଥିବା ମୁକୁଳ ମାଧବ ଫାଉଣ୍ଡେଶନର ପରିଚାଳନା ଟ୍ରଷ୍ଟି ରିତୁ ପ୍ରକାଶ ଛାବ୍ରିଆ କହିଛନ୍ତି।

## ପୂର୍ବତଟ ରେଳପଥ,ରାଇଟ୍ସ, ଏମ୍‌ସିଏଲ୍ ବୁଝାମଣାପତ୍ର




### ୨୩୨ ରେଳ ଷ୍ଟେଶନରେ ନିର୍ମାଣ ହେବ ପୂର୍ବନିର୍ମିତ ଶୌଚାଳୟ

ଭୁବନେଶ୍ୱର,୩-୬

ସ୍ୱଚ୍ଛ ଭାରତ ମିଶନ ପଦକ୍ଷେପ ଅନ୍ତର୍ଗତ ୨୩୨ ରେଳ ଷ୍ଟେଶନରେ ପୂର୍ବନିର୍ମିତ ଶୌଚାଳୟ ନିର୍ମାଣ କରାଯିବ। ଏଥି ଲାଗି ପୂର୍ବତଟ ରେଳପଥ, ରାଇଟ୍ସ ଏବଂ ମହାନଦୀ କୋଲ ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରେଳ ଷ୍ଟେଶନର ବିସ୍ତୃତ ସ୍ଥାନଗୁଡିକରେ ଏହା ନିର୍ମାଣ ହେବ। ସ୍ଥାନୀୟ ଏମ୍‌ସିଏଲ୍ କାର୍ଯ୍ୟାଳୟଠାରେ ପୂର୍ବତଟ ରେଳପଥ ପ୍ରମୁଖ ଯନ୍ତ୍ରୀ ଏନ୍.ଏସ୍.ଉଇକେ, ଏମ୍‌ସିଏଲ୍ ସମ୍ବଲପୁର ସିଏସ୍‌ଆର୍ ମହାପ୍ରବନ୍ଧକ ବି.ସାଇରାମ, ରାଇଟ୍ସ ମହାପ୍ରବନ୍ଧକ ପ୍ରେମ ରଞ୍ଜନ କୁମାର ଏବଂ ପୂର୍ବତଟ ରେଳପଥର ଯୋଜନା ବିଭାଗ ମୁଖ୍ୟଯନ୍ତ୍ରୀ ବ୍ରଜେଶ ମିଶ୍ରଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ମୁତାବକ ଓଡ଼ିଶାର ୧୨୭, ଦକ୍ଷିଣ ପୂର୍ବ ରେଲୱେର ୫୫ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ୫ଟି ଷ୍ଟେଶନରେ ଶୌଚାଳୟ ନିର୍ମାଣ କରାଯିବ। ଏହା ଦ୍ୱାରା ରେଳଯାତ୍ରୀଙ୍କ ସମେତ ବିଭିନ୍ନ ଲୋକ ଉପକୃତ ହେବେ। ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଭାବେ ରାଇଟ୍ସ ନିୟୋଜିତ ହୋଇଥିବା ସୂଚନା ରହିଛି।

## ଧରାପଡିଛି ୭୧,୫୦୦ କୋଟିର ବ୍ୟାଙ୍କ ଠକେଇ

ମୁମ୍ବାଇ,୩-୬



ଆର୍ଥିକ ବର୍ଷ ୨୦୧୮-୧୯ରେ ୭୧,୫୦୦ କୋଟି ଟଙ୍କାର ୬୮୦୦ ବ୍ୟାଙ୍କ ଠକେଇ ଧରାପଡିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ଏହାର ପୂର୍ବବର୍ଷ ୨୦୧୭-୧୮ରେ ୪୧,୧୬୭.୦୩ କୋଟି ଟଙ୍କାର ୫୯୧୬ ମାମଲା ସାମ୍‌ନାକୁ ଆସିଥିଲା। ବର୍ଷକ ଭିତରେ ବ୍ୟାଙ୍କ ଠକେଇ ମାମଲାରେ ୭୩% ବୃଦ୍ଧି ଘଟିଛି। ଆର୍‌ଟିଆଇ ପ୍ରଶ୍ନର ଉତ୍ତର ଦେଇ ଆର୍‌ବିଆଇ କହିଛି ଯେ, ଗତ ୧୧ ବର୍ଷରେ ମୋଟ ୫୩,୩୩୪ ମାମଲାରେ ୨.୦୫ ଲକ୍ଷ କୋଟି ଟଙ୍କା ଜାଲିଆତି ମାମଲା ଧରାପଡିଛି। ଏଥିପୂର୍ବରୁ ୨୦୦୮-୦୯ରେ ୧୮୬୦.୦୯ କୋଟି ଟଙ୍କାର ୪୩୭୨ ମାମଲା ଧରାପଡିଥିଲା। ଏହାପରେ ୨୦୦୯-୧୦ରେ ୧୯୯୮.୯୪ କୋଟି ଟଙ୍କାର ୪୬୬୯ ମାମଲା, ୨୦୧୦-୧୧ରେ ୩୮୧୫.୭୬କୋଟି ଟଙ୍କାର ୪୫୩୪ ମାମଲା, ୨୦୧୧-୧୨ରେ ୪୫୦୧.୧୫ କୋଟି ଟଙ୍କାର ୪୦୯୩ ମାମଲା, ୨୦୧୨-୧୩ରେ ୮୫୯୦.୮୬ କୋଟି ଟଙ୍କାର ୪୨୩୫ ମାମଲା, ୨୦୧୩-୧୪ରେ ୧୦,୧୭୦.୮୧ କୋଟି ଟଙ୍କାର ୪୩୦୬ ମାମଲା, ୨୦୧୪-୧୫ରେ ୧୯,୪୫୫.୦୭ କୋଟି ଟଙ୍କାର ୪୬୩୯ ମାମଲା, ୨୦୧୫-୧୬ରେ ୧୮,୬୯୮.୮୨ କୋଟି ଟଙ୍କାର ୪୬୯୩ ମାମଲା, ୨୦୧୬-୧୭ରେ ୨୩,୯୩୩.୮୫ କୋଟି ଟଙ୍କାର ୪୬୯୩ ମାମଲା, ୨୦୧୭-୧୮ରେ ୪୧,୧୬୭.୦୩ କୋଟି ଟଙ୍କାର ୫୯୧୬ ମାମଲା ସାମ୍‌ନାକୁ ଆସିଥିଲା। ଆର୍‌ଟିଆଇ ଉତ୍ତରରେ ଆର୍‌ବିଆଇ କହିଛି ଯେ, ଜାଲିଆତି କ୍ଷେତ୍ରରେ ସମ୍ପୃକ୍ତ ବ୍ୟାଙ୍କଦ୍ୱାରା ତଦନ୍ତକାରୀ ଏଜେନ୍ସିଙ୍କ ନିକଟରେ ଆପରାଧିକ ମାମଲା ଦାଏର କରିବାକୁ ପଡିଥାଏ। କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କୌଣସି ତଥ୍ୟ ଉପଲବ୍ଧ ନାହିଁ।

## ୧୦୦ ଦିନ ଭିତରେ ୫ଜିର ପରୀକ୍ଷା

ନୂଆଦିଲ୍ଲୀ,୩-୬

ଟେଲିକମ୍ ମନ୍ତ୍ରୀ ଭାବେ ରବିଶଙ୍କର ପ୍ରସାଦ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ୧୦୦ ଦିନ ଭିତରେ ୫ଜି ସ୍ପେକ୍ଟ୍ରମ ପରୀକ୍ଷା ଆରମ୍ଭ କରିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ୫ଜି ଏବଂ ଅନ୍ୟ ବ୍ୟାଣ୍ଡ ଲାଗି ସ୍ପେକ୍ଟ୍ରମ ନିଲାମୀ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସଙ୍କଟଗ୍ରସ୍ତ ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ଏବଂ ମହାନଗର ଟେଲିଫୋନ ନିଗମ ଲିଃ(ଏମ୍‌ଟିଏନ୍‌ଏଲ୍)ର ପୁନରୁଦ୍ଧାରକୁ ସରକାର ପ୍ରାଥମିକତା ଦେବେ ବୋଲି ପ୍ରସାଦ ସ୍ପଷ୍ଟ କରିଛନ୍ତି। ତେବେ ଦୁଇଟିଯାକ ରାଷ୍ଟ୍ରାୟତ୍ତ କମ୍ପାନୀକୁ ପେସାଦାର ମନୋବୃତ୍ତି ଆପଣାଇବାକୁ ହେବ ଏବଂ କମ୍ପାନୀ ପୁନରୁଦ୍ଧାର ଦିଗରେ କାମ କରିବାକୁ ହେବ। ଚାଇନାର କମ୍ପାନୀ ହୁଏଇକୁ ୫ଜି ପରୀକ୍ଷଣରେ ସାମିଲ କରାଯିବ କି ନା ପ୍ରଶ୍ନର ଉତ୍ତର ଦେଇ ପ୍ରସାଦ କହିଛନ୍ତି ଯେ, ସୁରକ୍ଷା ଦୃଷ୍ଟିକୋଣକୁ ଧ୍ୟାନରେ ରଖି ଏଭଳି ଜଟିଳ ପ୍ରସଙ୍ଗ ଉପରେ ନଜର ଦିଆଯିବ। ସୂଚନାଥାଉ କି, ଗତ ମାସରେ ଆମେରିକାର ଟ୍ରମ୍ପ ପ୍ରଶାସନ ହୁଏଇ ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକୁ ସୁରକ୍ଷା କାରଣରୁ କଳା ତାଲିକାଭୁକ୍ତ କରିଛି।

## ମେ'ରେ ମାନୁଫାକ୍‌ଚରିଂ ସୂଚକାଙ୍କ ୫୨.୭

ନୂଆଦିଲ୍ଲୀ,୩-୬

ଚାହିଦା ବୃଦ୍ଧି ପାଇବା ଯୋଗୁ କମ୍ପାନୀଗୁଡ଼ିକର ଉତ୍ପାଦନ ଚଳିତ ବର୍ଷ ମେ'ରେ ବଢ଼ିଛି। ଫଳରେ ମାନୁଫାକ୍‌ଚରିଂ କ୍ଷେତ୍ର ଗତିବିଧିରେ ଉନ୍ନତି ପରିଲକ୍ଷିତ ହୋଇଛି। ଏହାଦ୍ୱାରା ଏହି କ୍ଷେତ୍ରରେ ନିଯୁକ୍ତି ମଧ୍ୟ ବଢ଼ିଛି ବୋଲି ସୋମବାର ଜାରି ମାସିକ ସର୍ବେକ୍ଷଣରୁ ଏହା ଜଣାପଡିଛି। ନିକ୍କେଇ ଇଣ୍ଡିଆ ମାନୁଫାକ୍‌ଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ(ପିଏମ୍‌ଆଇ) ମେ'ରେ ବୃଦ୍ଧି ପାଇ ୫୨.୭ ପଏଣ୍ଟରେ ପହଞ୍ଚିଛି, ଯାହା କି, ଏପ୍ରିଲରେ ୫୧.୮ ଥିଲା। ଗତ ୩ ମାସ ମଧ୍ୟରେ ଏହା ସର୍ବାଧିକ। ସୂଚନାଯୋଗ୍ୟ ଯେ, କ୍ରମାଗତ ୨୨ ସପ୍ତାହ ହେବ ମାନୁଫାକ୍‌ଚରିଂ ପିଏମ୍‌ଆଇ ୫୦ ପଏଣ୍ଟ ଉପରେ ରହିଛି।

## ରାଶନ କାର୍ଡଧାରୀଙ୍କୁ ମିଳିପାରେ ୧ କେଜି ଚିନି

ନୂଆଦିଲ୍ଲୀ,୩-୬




କେନ୍ଦ୍ର ସରକାର ସାର୍ବଜନୀନ ବିତରଣ ପ୍ରଣାଳୀ ଅର୍ଥାତ୍ ରାଶନ କାର୍ଡ ଜରିଆରେ ଶସ୍ତା ଦରରେ ୧୬.୩ କୋଟି ଅତିରିକ୍ତ ପରିବାରଙ୍କୁ ୧ କେଜି ଲେଖାଏ ଚିନି ଉପଲବ୍ଧ କରିବେ। ଏନେଇ ବିଚାର ଚାଲିଥିବା ଜଣାପଡିଛି। ଏହାଦ୍ୱାରା ସରକାରୀ କୋଷାଗାର ଉପରେ ୪,୭୨୭ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ। କାରଣ ମୌସୁମୀ ପୂର୍ବରୁ ଭଣ୍ଡାର କମାଇବା ସରକାରଙ୍କ ଉଦ୍ଦେଶ୍ୟ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଖାଦ୍ୟ ମନ୍ତ୍ରଣାଳୟର ପ୍ରସ୍ତାବ ଉପରେ ଗତ ସପ୍ତାହରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଆଲୋଚନା ହୋଇଛି। ତେବେ ଏ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଚିନି ଛଡ଼ା ରାଶନ କାର୍ଡଧାରୀଙ୍କୁ ଚାଉଳ ଓ ଗହମ ଭଳି ଖାଦ୍ୟଶସ୍ୟ ଅତିରିକ୍ତ ଭାବେ ବାଣ୍ଟିବାକୁ ନେଇ ଆଲୋଚନା ହୋଇଛି। ବର୍ତ୍ତମାନ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅନ୍ତର୍ଗତରେ ୨.୫ କୋଟି ପରିବାରଙ୍କୁ ୧୩.୫ ଟଙ୍କା ଦରରେ ଚିନି ଦିଆଯାଉଛି। ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୮୦ କୋଟି ଲୋକଙ୍କୁ ପ୍ରତି ମାସରେ ୫ କେଜି ଚାଉଳ ବା ଗହମ ଯୋଗାଇ ଦିଆଯାଉଛି। ଗହମ କେଜି ୨ ଟଙ୍କାରେ ଓ ଚାଉଳ ୩ ଟଙ୍କାରେ ବିକ୍ରି କରାଯାଉଛି। ରାଷ୍ଟ୍ରାୟତ୍ତ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ) ଗୋଦାମରେ ଏବେ ଖାଦ୍ୟଶସ୍ୟ ଭରପୂର ରହିଛି। ମୌସୁମୀ ପରେ ନୂଆ ଉତ୍ପାଦିତ ଖାଦ୍ୟ ପଦାର୍ଥ ରଖିବା ଲାଗି ସ୍ଥାନର ଅଭାବ ରହିଛି। ଏହି କାରଣରୁ ଅତିରିକ୍ତ ବଣ୍ଟନ ମାଧ୍ୟମରେ ଗୋଦାମ ଖାଲି କରିବାର ପ୍ରୟାସ କରାଯିବ।


**ଆଗ୍ରହର ପରିପ୍ରକାଶ (ଇଓଆଇ)**

ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍), ଦୁର୍ଲଗା, ଝାରସୁଗୁଡ଼ାଠାରେ ଉପଲବ୍ଧ ୧୫ ଟନ୍ (ଆନୁମାନିକ) ଅଙ୍ଗାର ବିକ୍ରୟ ପାଇଁ ଇଓଆଇ ଆମନ୍ତ୍ରଣ କରାଯାଉଛି। ବିବରଣୀ ପାଇଁ ଆଗ୍ରହୀ ପାର୍ଟିମାନେ www.hudco.org ପରିଦର୍ଶନ କରିପାରନ୍ତି।



**ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା**

ପତ୍ର ସଂଖ୍ୟା:....... ତାରିଖ:.........

**ଟେଣ୍ଡର ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ବିଭିନ୍ନ ସଇରାତ ତା:୦୧।୦୭।୨୦୧୯ରିଖଠାରୁ ତା:୩୦।୦୬।୨୦୨୨ରିଖ ପର୍ଯ୍ୟନ୍ତ ବନ୍ଧକତା। ଏବଂ ଦୈନିକ ବଜାର, ସାପ୍ତାହିକ ବଜାର ଓ କଲ୍ୟାଣମଣ୍ଡପ ପାଇଁ ତା:୦୧।୦୭।୨୦୧୯ରୁ ୩୧।୦୩।୨୦୨୦ପର୍ଯ୍ୟନ୍ତ ନିଲାମ ଦିଆଯିବା ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀ ନିର୍ଦ୍ଦିଷ୍ଟ ଫର୍ମରେ ଜଉମୁଦ ଟେଣ୍ଡର ଆହ୍ୱାନ କରୁଅଛନ୍ତି। ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟ ତା:୦୪।୦୬।୨୦୧୯ରିଖଠାରୁ ତା:୧୮।୦୬।୨୦୧୯ରିଖ ମଧ୍ୟରେ କାର୍ଯ୍ୟଦିବସଗୁଡିକରେ କାର୍ଯ୍ୟାଳୟ ସମୟ ମଧ୍ୟରେ ପ୍ରାପ୍ତ କରିପାରିବେ, କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ୍ www.nuapadanic.inରୁ ଦେଖିପାରିବେ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ
ନୂଆପଡ଼ା



**ନିୟନ୍ତ୍ରିତ ବଜାର କମିଟି, ଜୟପୁର**

ବନ୍ଧୁଗଣ,
ଚଳିତବର୍ଷ ଯଥା ୨୦୧୮-୧୯ ବର୍ଷ ପାଇଁ ରବି ଧାନ କ୍ରୟ-ବିକ୍ରୟ କରିବା ବିଷୟରେ ଗତ ତା୩୦।୦୪।୨୦୧୯ରିଖ ଦିନ କୋରାପୁଟ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମାନ୍ୟବର ବିଧାୟକ, ମିଲ୍-ମାଲିକ ଓ ସରକାରୀ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ଦରରେ ଏଫ୍.ଏ.କ୍ୟୁ. ମାନର ଧାନ କ୍ରୟ-ବିକ୍ରୟ କରିବା ଓ ଜୟପୁର ଉପଖଣ୍ଡ ଅଞ୍ଚଳରେ ୩୫ ଗୋଟି ମଣ୍ଡି ଖୋଲି ଚାଷୀମାନେ ସୁବିଧାରେ ଧାନ ବିକ୍ରି କରିବା ପାଇଁ ବିଶେଷ ଭାବେ ଆଲୋଚନା କରାଯାଇ ନିମ୍ନଲିଖିତ ବିଷୟଗୁଡ଼ିକ ନିଷ୍ପତ୍ତି ନିଆଗଲା।

୧. ଧାନ କ୍ରୟ-ବିକ୍ରୟ କେନ୍ଦ୍ର (ମଣ୍ଡି)ରେ ହିଁ ସମବାୟ ସଂସ୍ଥା (LAMPS) ମାଧ୍ୟମରେ ଧାନ କ୍ରୟ କରାଯିବ।
୨. ଆସନ୍ତା ତା୨୫।୦୫।୨୦୧୯ରିଖ ଶନିବାର ଦିନଠାରୁ ଧାନ କ୍ରୟ କରାଯିବ।
୩. ଚାଷୀ ଭାଇମାନଙ୍କୁ ଅନୁରୋଧ ଯେ ସେମାନେ ସେମାନଙ୍କର ଧାନ ବିକ୍ରି ପାଇଁ ଆଣିବା ପୂର୍ବରୁ ସମ୍ପୃକ୍ତ କ୍ରୟ ସଂସ୍ଥାରୁ ଆଗୁଆ ଟୋକେନ ନେଇ ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣନ୍ତୁ। ବିନା ଟୋକେନ୍‌ରେ ଧାନ ଆଣିଲେ କ୍ରୟ ଯୋଗ୍ୟ ହେବ ନାହିଁ।
୪. ସରକାରଙ୍କ ନିର୍ଦ୍ଦେଶ କ୍ରମେ P.PAS ମାଧ୍ୟମରେ ଧାନ କ୍ରୟ କରିବାର ଯୋଜନା କରାଯାଇଅଛି ଏବଂ ବିକ୍ରୟ ଲବ୍ଧ ଧନ କେବଳ ବ୍ୟାଙ୍କ ପାସ୍‌ବୁକ୍ ହିସାବକୁ ଟ୍ରାନ୍ସଫର କରାଯିବ। ଏଣୁ ସମସ୍ତ ଧାନ ବିକ୍ରେତା ଚାଷୀଭାଇମାନଙ୍କୁ ଅନୁରୋଧ ଯେ ରେଜିଷ୍ଟ୍ରେସନ କରିବା ସମୟରେ ଦେଇଥିବା ପାସ୍‌ବୁକ୍ ଧାନ ବିକିବା ବେଳେ ସାଥିରେ ଧରି ଆସନ୍ତୁ।

୨୦୧୮-୧୯ ବର୍ଷର ଏଫ.ଏ.କ୍ୟୁ. ଧାନ ପାଇଁ ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ଦର
**ସାଧାରଣ ଧାନ କୁଇଣ୍ଟାଲ ପ୍ରତି ଦର ଟ.୧୭୫୦ଙ୍କା**
ଏଫ.ଏ.କ୍ୟୁ ଧାନର ଅନୁମୋଦିତ ମିଶ୍ରିତ ବାହ୍ୟ-ପଦାର୍ଥ ଓ ଜଳୀୟ ଅଂଶର ସର୍ବୋଚ୍ଚ ସୀମା।
**ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ-ବିକ୍ରୟ କେନ୍ଦ୍ର**

| ଲ୍ୟାମ୍ପସ୍‌ର ନାମ | ମଣ୍ଡିର ନାମ | ବାରର ନାମ |
|---|---|---|
| ଉମୁରୀ ଲ୍ୟାମ୍ପସ୍ | କାଳିଆଗାଁ | ସୋମବାର, ବୁଧବାର ଓ ଶୁକ୍ରବାର |
| | ଡଙ୍ଗରଛିନ୍ଦି | ସୋମବାର ଓ ଶୁକ୍ରବାର |
| | ଟାଙ୍କୁଆ | ବୁଧବାର ଓ ଶୁକ୍ରବାର |
| | ଜୟପୁର | ସୋମବାର, ବୁଧବାର ଓ ଶୁକ୍ରବାର |
| | ଅନ୍ତା | ମଙ୍ଗଳବାର ଓ ଗୁରୁବାର |
| | ଫାମ୍ପୁଣୀ | ମଙ୍ଗଳବାର ଓ ଗୁରୁବାର |
| | ପଲକାପୁଟ | ମଙ୍ଗଳବାର ଓ ଶନିବାର |
| | ବଡ଼ଜିଉନା | ମଙ୍ଗଳବାର ଓ ଶନିବାର |
| | ଘିଉଁରୀ | ଶନିବାର |
| କୁମୁଲିପୁଟ ଲ୍ୟାମ୍ପସ୍ | କୁମୁଲିପୁଟ | ସୋମବାର ଓ ଶୁକ୍ରବାର |
| | କଙ୍ଗା | ମଙ୍ଗଳବାର ଓ ଗୁରୁବାର |
| | ଜୟନ୍ତୀଗିରି | ସୋମବାର ଓ ବୁଧବାର |
| | ଡାମୁଣ୍ଡା | ବୁଧବାର ଓ ଶୁକ୍ରବାର |
| | ହାଡ଼ିଆ | ମଙ୍ଗଳବାର, ଗୁରୁବାର ଓ ଶନିବାର |
| କୁନ୍ଦୁରା ଲ୍ୟାମ୍ପସ୍ | ଡଙ୍ଗରପାଉଁସୀ | ମଙ୍ଗଳବାର ଓ ଶୁକ୍ରବାର |
| | ଦିଗାପୁର | ମଙ୍ଗଳବାର ଓ ଶୁକ୍ରବାର |
| | କୁନ୍ଦୁରା | ସୋମବାର ଓ ଗୁରୁବାର |
| | ପକନାଗୁଡ଼ା | ସୋମବାର ଓ ଗୁରୁବାର |
| | ରାଣୀଗଡ଼ | ବୁଧବାର ଓ ଶନିବାର |
| | ଖଟଲାପଦର | ସୋମବାର ଓ ଗୁରୁବାର |
| | ବାଗଦେରି | ବୁଧବାର ଓ ଶନିବାର |
| ବୋରିଗୁମ୍ମା ଲ୍ୟାମ୍ପସ୍ | କାମରା | ମଙ୍ଗଳବାର ଓ ଗୁରୁବାର |
| | ଶଶାହାଣ୍ଡି | ସୋମବାର ଓ ବୁଧବାର |
| | ମାଲଦା | ଶୁକ୍ରବାର ଓ ଶନିବାର |
| | ଡେଙ୍ଗପଦର | ଶୁକ୍ରବାର ଓ ଶନିବାର |
| କାମତା ଲ୍ୟାମ୍ପସ୍ | କାମତା | ଶୁକ୍ରବାର |
| | ପୋଡ଼ାପଦର | ମଙ୍ଗଳବାର |
| କୋଟପାଡ଼ ଲ୍ୟାମ୍ପସ୍ | କୋଟପାଡ଼ | ବୁଧବାର |
| | କୁସୁମି | ମଙ୍ଗଳବାର, ଗୁରୁବାର, ଶନିବାର |
| | ବଡେୟା | ସୋମବାର, ବୁଧବାର, ଶୁକ୍ରବାର |
| | ବଡାସନା | ସୋମବାର ଓ ବୁଧବାର |
| | ଡାମଣାହାଣ୍ଡି | ମଙ୍ଗଳବାର ଓ ଶନିବାର |
| | ଘୁମର | ସୋମବାର ଓ ଶୁକ୍ରବାର |
| | ମୁର୍ତ୍ତା ହାଣ୍ଡି | ଶୁକ୍ରବାର |
| ବୈପାରୀଗୁଡ଼ା ଲ୍ୟାମ୍ପସ୍ | ବୈପାରିଗୁଡ଼ା | ବୁଧବାର |

ନିୟନ୍ତ୍ରିତ ବଜାର କମିଟି, ଜୟପୁର

# ୩ ବ୍ୟୟବହୁଳ ଓଭର

 କ୍ରିକେଟ୍‌ରେ ଏମିତି ଗୋଟିଏ ଗୋଟିଏ ଓଭର ଥାଏ ଯେଉଁଥିରେ ପୂରା ମ୍ୟାଚ୍‌ର ଚିତ୍ର ବଦଳିଯାଏ। ବିସ୍ଫୋରକ ବ୍ୟାଟିଂ ପାଇଁ ଖ୍ୟାତି ଅର୍ଜନ କରିଥିବା ବ୍ୟାଟ୍ସମ୍ୟାନମାନେ ବ୍ୟାଟିଂ ଫ୍ରେଣ୍ଡଲୀ ଟ୍ରାକ୍, ଛୋଟିଆ ବାଉଣ୍ଡରିରେ ବୋଲରଙ୍କୁ ନିର୍ଘୁମ ପ୍ରହାର କରି ପ୍ରତ୍ୟେକ ବଲ୍‌କୁ ପଡ଼ିଆର ଚତୁଃପାର୍ଶ୍ୱ ବାଉଣ୍ଡରିକୁ ପଠାଇବାକୁ ଚେଷ୍ଟା କରିଥାନ୍ତି। ସେହି ଗୋଟିଏ ଓଭରରେ ବୋଲର ଅସହାୟ ହେବା ସହ ବେଶ୍ ମହଙ୍ଗା ସାବ୍ୟସ୍ତ ମଧ ହୋଇଥାଆନ୍ତି । ଏପରିକି ସେହି ମହଙ୍ଗା ଓଭର ହିଁ ପୂରା ମ୍ୟାଚ୍‌ର ମୋଡ଼କୁ ବଦଳାଇ ଦେଇଥାଏ। କ୍ରିକେଟ ବିଶ୍ୱକପ୍ ଇତିହାସର ସେହିଭଳି ୩ଟି ବ୍ୟୟବହୁଳ ଓଭର ସମ୍ପର୍କରେ ଏକ ଉପସ୍ଥାପନା...


ହର୍ଶେଲ ଗିବ୍ସ

## ୧ ଡାନ୍ ଭାନ୍ ବଙ୍ଗ୍- ୩୬ ରନ (୬,୬,୬,୬,୬,୬)

କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟ୍ସମ୍ୟାନ ହର୍ଶେଲ ଗିବ୍ସ ଗୋଟିଏ ଓଭରରେ ୬ଟି ଛକା ମାରିବାର ବିରଳ କୃତିତ୍ୱ ହାସଲ କରିଥିଲେ। ୨୦୦୭ ବିଶ୍ୱକପ୍‌ରେ ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଗିବ୍ସ ଏହି ସଫଳତା ପାଇଥିଲେ। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୯ ଓଭରରେ ୨ ଉଇକେଟ୍ ହରାଇ ୧୭୮ ରନ କରିଥିଲା। ନେଦରଲାଣ୍ଡ ଲେଗ୍-ସ୍ପିନର ଡାନ୍ ଭାନ୍ ବଙ୍ଗ୍ ଇନିଂସର ୩୦ତମ ଓଭର ବୋଲିଂ କରିବାକୁ ଆସିଥିଲେ। ସେତେବେଳେ ଗିବ୍ସ ୩୦ ବଲ୍‌ରୁ ୩୨ ରନ୍ କରି ଷ୍ଟ୍ରାଇକ୍ କରୁଥିଲେ। ଭାନ୍‌ଙ୍କ ପ୍ରଥମ ୩ଟି ବଲ୍‌କୁ ଗିବ୍ସ ଯଥାକ୍ରମେ ଲଙ୍ଗ୍‌ଅନ୍, ଷ୍ଟ୍ରେଟ୍ ଡ୍ରାଇଭ୍ ଓ ଲଙ୍ଗ୍ ଅଫ୍ ଉପରେ ଲଫ୍ଟିଂ କରି ଛକା ମାରିଥିଲେ। ଏହାପରେ ୪ର୍ଥ ବଲ୍‌କୁ ଭାନ୍ ୟର୍କର ପକାଇବାକୁ ଚେଷ୍ଟା କରିଥିବାବେଳେ ଏହା ଫୁଲ୍‌ଟସ୍ ହୋଇଥିଲା ଏବଂ ଗିବ୍ସ ଏହାକୁ ମିଡ୍ ଉଇକେଟ୍ ଉପରେ ବାଉଣ୍ଡରି ବାହାରକୁ ପଠାଇ ଦେଇଥିଲେ। ଅସହାୟ ହୋଇପଡ଼ିଥିବା ଭାନ୍‌ଙ୍କ ପରବର୍ତ୍ତୀ ୨ଟି ବଲରେ ବିଶାଳ ଛକା କରିଥିଲେ ଗିବ୍ସ। ଫଳରେ ଓଭରରୁ ୩୬ ରନ୍ ସଂଗ୍ରହ ହୋଇଥିଲା। ଜ୍ୟାକ୍ କାଲିସ (୧୨୮)ଙ୍କ ଶତକ ଏବଂ ଗିବ୍ସ (୪୦ ବଲ୍ ୭୨ ରନ୍) ଓ ମାର୍କ ବାଉଚର (୩୧ ବଲ ୭୫ ରନ୍)ଙ୍କ ଉପଯୋଗୀ ଇନିଂସ ବଳରେ ଦକ୍ଷିଣ ଆଫ୍ରିକା ୪୦ ଓଭରରେ ୩ ଉଇକେଟ୍‌ରେ ୩୫୩ ରନ କରିଥିଲା। ନେଦରଲାଣ୍ଡ ୪୦ ଓଭରରେ ୯ ଉଇକେଟ୍‌ରେ ୧୩୯ ରନ କରିପାରିଥିଲା।


ଏବି ଡି ଭିଲିର୍ସ

## ୨ ଜାସନ ହୋଲ୍ଡର- ୩୪ ରନ (୪, ନୋ ବଲ୍ ୬, ୨, ନୋ ବଲ୍ ୪, ୪, ୪, ୨, ୬)

ଆଇସିସି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ୨୦୧୫ରେ ମିଳିତ ଭାବେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଆୟୋଜିତ ହୋଇଥିଲା। ଟୁର୍ନାମେଣ୍ଟର ୧୯ତମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ରେ ଜାସନ ହୋଲ୍ଡରଙ୍କ ଏକ ଓଭରରେ ଦକ୍ଷିଣ ଆଫ୍ରିକାର ଦୁର୍ଦ୍ଧର୍ଷ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଏବି ଡି ଭିଲର୍ସ ୩୪ ରନ ସଂଗ୍ରହ କରିବା ସହ ମ୍ୟାଚରେ ୬୬ ବଲରୁ ୧୬୨ ରନ ଇନିଂସ ଖେଳିଥିଲେ। ଏବିଙ୍କ ଏହି ଇନିଂସ ଆଜି ବି କ୍ରିକେଟପ୍ରେମୀଙ୍କ ମନରେ ଉଜ୍ଜିବିତ ରହିଛି। ଦକ୍ଷିଣ ଆଫ୍ରିକା ଇନିଂସର ୪୮ତମ ଓଭରକୁ ପ୍ରତିପକ୍ଷ ଅଧିନାୟକ ହୋଲ୍ଡର ବୋଲିଂ କରିବାକୁ ଆସିଥିଲେ। ଏହି ଓଭରର ୭ଟି ଯାକ ବଲ୍‌ରୁ ଡି ଭିଲର୍ସ ଯଥାକ୍ରମେ ୪, ନୋ ବଲ ୬, ୨, ନୋ ବଲ୍ ୪, ୪, ୪, ୨, ୬ ସହ ମୋଟ୍ ୩୪ ରନ ସଂଗ୍ରହ କରିଥିଲେ। ହୋଲ୍ଡର ୨ୟ ଓ ୩ୟ ବଲ ଓଭରଷ୍ଟେପ୍ ପାଇଁ ନୋ ବଲ୍ ହୋଇଥିଲା। ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୪ ଉଇକେଟ୍ ହରାଇ ୪୦୮ ରନ କରିଥିଲା। ଜବାବରେ ଇମ୍ରାନ ତାହିର (୫/୪୫)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୫୧ ରନରେ ସୀମିତ ରହିଥିଲା। ଫଳରେ ଦକ୍ଷିଣ ଆଫ୍ରିକା ୨୫୭ ରନରେ ବିଜୟୀ ହୋଇଥିଲା।


ଜେମ୍ସ ଫ୍ରାଙ୍କଲିନ

## ୩ ରିଜୱାନ ଚିମା ଓ ହର୍‌ବୀର ବୈଦୱାନ- ୩୧ ରନ (୧, ୬, ୬, ୪, ୬, ନୋ ବଲ ୪, ୱାଇଡ୍, ୨)

ଭାରତରେ ଖେଳାଯାଇଥିବା ୨୦୧୧ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଓ କାନାଡା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଏକ ବ୍ୟୟବହୁଳ ଓଭର ଦେଖିବାକୁ ମିଳିଥିଲା। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୪୯ ଓଭରରେ ୩୩୭ ରନ କରିଥିଲା। ଇନିଂସର ଅନ୍ତିମ ଓଭର ବୋଲିଂ କରିବାକୁ ଆସିଥିବା କାନାଡାର ରିଜୱାନ ଚିମାଙ୍କ ଓଭରରୁ ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ଜେମ୍ସ ଫ୍ରାଙ୍କଲିନ ୩୧ ରନ ସଂଗ୍ରହ କରିଥିଲେ। ଚିମାଙ୍କ ପ୍ରଥମ ବଲ୍ କେନ୍ ୱିଲିୟମ୍ସ ଗୋଟିଏ ରନ୍ ସଂଗ୍ରହ କରି ନନ୍ ଷ୍ଟ୍ରାଇକ୍ ପଟକୁ ଚାଲିଯାଇଥିଲେ। ଏହାପରେ ଫ୍ରାଙ୍କଲିନ୍ ଷ୍ଟ୍ରାଇକ୍ କରିଥିଲେ। ସେ ପରବର୍ତ୍ତୀ ୫ ବଲରୁ ୩୦ ରନ୍ ସଂଗ୍ରହ କରିଥିଲେ। ୨, ୩ୟ, ୪ର୍ଥ ଓ ୫ମ ବଲ୍‌ରୁ ଫ୍ରାଙ୍କଲିନ୍ ଯଥାକ୍ରମେ ୬, ୬, ୪, ୬ ରନ ସଂଗ୍ରହ କରିଥିଲେ। ତେବେ ଚିମାଙ୍କ ୫ମ ବଲ୍‌ଟି ସିଧା ଫ୍ରାଙ୍କଲିନଙ୍କ ଅଣ୍ଟା ଉପରେ ରହିବାରୁ ଅମ୍ପାୟର ଏହାକୁ ନୋ ବଲ୍ ଘୋଷଣା କରିଥିଲେ। ଏହି ବଲ୍‌ରୁ ମଧ ଫ୍ରାଙ୍କଲିନ ୪ ରନ ସଂଗ୍ରହ କରିଥିଲେ। ମ୍ୟାଚ୍‌ରେ ଚିମାଙ୍କ ଏହା ୨ୟ ବିମର୍ ବଲ୍ ଥିବାରୁ ସେ ବୋଲିଂରୁ ବାଦ୍ ପଡ଼ିଥିଲେ। ଫଳରେ ଅନ୍ତିମ ବଲ ବୋଲିଂ କରିବାକୁ ହରବୀର ବୈଦୱାନ ଆସିଥିଲେ। ସେ ପ୍ରଥମେ ଏକ ୱାଇଡ୍ ଓ ପରେ ୨ ରନ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୩୫୮ ରନ କରିଥିବାବେଳେ କାନାଡା ୨୬୧ ରନ କରି ପରାସ୍ତ ହୋଇଥିଲା।

## ଭାରତୀୟ ଦଳ ପାଇଁ ବିକଳ୍ପ କମଳା ରଙ୍ଗର ଜର୍ସି

କ୍ରିକେଟ ପ୍ରଶଂସକମାନେ ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ଅଭିଯାନ ଆରମ୍ଭ ହେବାକୁ ଅପେକ୍ଷା କରିଛନ୍ତି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳକୁ ଏଥର କେବଳ ନୀଳ ରଙ୍ଗରେ ଦେଖିବାକୁ ମିଳିବ ନାହିଁ। ଆଇସିସିର ନୂଆ ନିୟମ ଅନୁଯାୟୀ, ଆୟୋଜକ ଦଳ ବ୍ୟତୀତ ଭ୍ରମଣକାରୀ ଦଳଗୁଡ଼ିକୁ ବିଶ୍ୱକପ୍ ବେଳେ ବିକଳ୍ପ ଜର୍ସି ବ୍ୟବହାର କରିବାକୁ ପଡ଼ିବ। କାରଣ ଦୁଇ ଦଳର ଖେଳାଳି ସମାନ ରଙ୍ଗର ଜର୍ସି ପିନ୍ଧି ଖେଳିଲେ ଦର୍ଶକମାନଙ୍କ ପାଇଁ ସମସ୍ୟା ହୋଇଥାଏ। ବହୁ ଦଳ ନୀଳ ଓ ସବୁଜ ରଙ୍ଗର ଜର୍ସି ବ୍ୟବହାର କରିଥାନ୍ତି। ସେମାନେ ବିକଳ୍ପ ଜର୍ସି ଉନ୍ମୋଚିତ କରିସାରିଛନ୍ତି। ହେଲେ ଭାରତୀୟ ଦଳ ଏହାର ବିକଳ୍ପ ଜର୍ସିର ରୂପରେଖ ଗୋପନ ରଖିଛି। ଏକ ଖବର ସରବରାହ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳକୁ କୌଣସି ଏକ ମ୍ୟାଚରେ କମଳା ରଙ୍ଗର ଜର୍ସି ସହ ଦେଖିବାକୁ ମିଳିପାରେ। ଏହି ଜର୍ସିକୁ ନେଇ ଏବେଠାରୁ ବହୁପ୍ରକାର ଆଲୋଚନା ଆରମ୍ଭ ହୋଇଯାଇଛି। କମଳା ରଙ୍ଗର ଜର୍ସି ଭାରତୀୟ ଦଳ ସମ୍ଭବତଃ ଇଂଲଣ୍ଡ ମ୍ୟାଚ୍‌ରେ ପରିଧାନ କରିପାରେ।


ଅଭ୍ୟାସ ସେସନ ଅବସରରେ ଏକ ହାଲ୍‌କା ମୁହୂର୍ତ୍ତରେ ଭାରତ ଅଧିନାୟକ ବିରାଟ କୋହଲି ଓ ଅନ୍ୟମାନେ।

## ଭାରତ ବିପକ୍ଷ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ

ଜ୍ୟାକ୍ କାଲିସ୍

ବିଶ୍ୱକପ୍‌ରେ ବାଂଲାଦେଶଠାରୁ ଦକ୍ଷିଣ ଆଫ୍ରିକା ପରାସ୍ତ ହେବା ଏକ ସାମାନ୍ୟ ଘଟଣା ନୁହଁ। ଏହା ଦକ୍ଷିଣ ଆଫ୍ରିକା ଦୃଷ୍ଟିକୋଣରୁ ନିଶ୍ଚିତ ଭାବେ ଗୁରୁତର। ଏବେ ଫାଫ୍ ଡୁପ୍ଲେସିଙ୍କ ଦକ୍ଷିଣ ଆଫ୍ରିକା ଦଳ ପାଇଁ କଷ୍ଟକର ସମୟ ଆସି ଉପନୀତ ହୋଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ସୌମ୍ୟ ସରକାର ପ୍ରଥମେ ଦ୍ରୁତ ବୋଲରଙ୍କର ସଫଳ ମୁକାବିଲା କରିଥିଲେ ଓ ଏହାପରେ ପ୍ରତି ଆକ୍ରମଣ କରିଥିଲେ। ମ୍ୟାଚ୍ ପୂର୍ବରୁ ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା ବାଂଲାଦେଶ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ ବୋଲି କହିଥିଲେ। ବାଂଲାଦେଶ ମଧ ସେହିଭଳି କ୍ରିକେଟ ଖେଳିଥିଲା।

ଦକ୍ଷିଣ ଆଫ୍ରିକା ବୋଲର ଏଭଳି ବିଫଳ ହେବା ଚିନ୍ତାଜନକ ନିଶ୍ଚୟ। ରଣନୀତି କାମରେ ନ ଆସିଲେ ଦକ୍ଷିଣ ଆଫ୍ରିକା ବୋଲର ପ୍ଲାନ୍- ବି ଆପଣେଇବାର ଥିଲା। ଅବଶ୍ୟ ପିଚ୍ ଦ୍ରୁତ ବୋଲରଙ୍କୁ ଆଦୌ ସୁହାଇ ନ ଥିଲା। ଫଳରେ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ନିୟନ୍ତ୍ରଣକୁ ଆଣିବାରେ ବୋଲରମାନେ ସଫଳ ହୋଇପାରି ନ ଥିଲେ। ଶର୍ଟ ଓ ବାଉନ୍ସର ବଲକୁ ବାଂଲାଦେଶ ବ୍ୟାଟ୍ସମ୍ୟାନ ଉଚିତ ମୁକାବିଲା କରି ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲେ। ବୋଲିଂ ରଣନୀତିରେ ଦକ୍ଷିଣ ଆଫ୍ରିକା ପରିବର୍ତ୍ତନ କରିବ ବୋଲି ଆଶା ରଖିଥିଲି। ଷ୍ଟମ୍ପ ଉପରକୁ ଦକ୍ଷିଣ ଆଫ୍ରିକା ବୋଲର ଫୁଲର ଲେନ୍ଥ ବଲ୍ ପକାଇବେ ବୋଲି ଚାହିଁ ବସିଥିଲି। କିନ୍ତୁ ତାହା ହେଲା ନାହିଁ। ମିଡ୍ ଉଇକେଟ ଓ ମିଡ୍ ଅଫ୍‌ରେ ଅଳ୍ପ ରନ୍ ସଂଗ୍ରହ ହୋଇଛି। ଶର୍ଟ ବଲ ଯଦି କାମ ନ କଲା, ତାହେଲେ ବ୍ୟାଟ୍ସମ୍ୟାନଙ୍କୁ ଡ୍ରାଇଭ କରିବାର ସୁଯୋଗ ଦିଆଯିବାର ଥିଲା। କିନ୍ତୁ ସେପରି କିଛି ହେଲା ନାହିଁ। ତଥାପି ଦକ୍ଷିଣ ଆଫ୍ରିକା ଦଳ ନିଜର ଦୋଷ ଦୁର୍ବଳତା ଓ ତ୍ରୁଟି ନେଇ ଆଲୋଚନ କରିବେ ଓ ବୁଧବାର ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍‌ରେ ତ୍ରୁଟି ସୁଧାରିବାକୁ ପ୍ରୟାସ କରିବେ ବୋଲି ଆଶା କରୁଛି।

ଭାରତ ବିପକ୍ଷ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଯଦି ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ହାରେ ତାହେଲେ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ବାକିଥିବା ୬ଟି ମ୍ୟାଚ୍ ଦକ୍ଷିଣ ଆଫ୍ରିକାକୁ ଜିତିବାକୁ ପଡିବ ଓ ବିଶ୍ୱକପ୍ ଜିତିବାକୁ ହେଲେ ଏହି ଦଳକୁ ସେମିଫାଇନାଲ ଓ ଫାଇନାଲ ସମେତ ମୋଟ ଉପରେ କ୍ରମାଗତ ୮ଟି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। ଭାରତଠାରୁ ହାରିଲେ ଦକ୍ଷିଣ ଆଫ୍ରିକାର ଅଭିଯାନ ଏକ ପ୍ରକାର ଶେଷ ହେବ ବୋଲି କୁହାଯାଇପାରେ। କାରଣ ଭାରତ ସେତେବେଳକୁ ମାତ୍ର ଗୋଟିଏ ମ୍ୟାଚ୍ ଖେଳିଥିବ। କୋହଲିଙ୍କ ନେତୃତ୍ୱରେ ଭାରତ ନିଶ୍ଚିତ ଭାବେ ଭଲ ପ୍ରସ୍ତୁତି କରିଥିବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳି ସବୁ ଭାରତୀୟ ଖେଳାଳି ଫିଟ୍ ଥିବେ ଓ ଦୁଇଟି ଅଭ୍ୟାସ ମ୍ୟାଚ୍ ଖେଳିବା ପରେ ବହୁ ପରିମାଣରେ ବିଶ୍ରାମ ନେଇଥିବେ। ଇଂଲଣ୍ଡ ସମେତ ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଭାରତ ନିକଟରେ ପ୍ରତ୍ୟେକ ବିଭାଗରେ ବିକଳ୍ପ ରହିଛି। ଇଂଲଣ୍ଡ, ଅଷ୍ଟ୍ରେଲିଆ ସମେତ ଭାରତ ସେମିଫାଇନାଲରେ ପ୍ରବେଶ କରିବ ବୋଲି ପୂର୍ବରୁ କହିସାରିଛି। ଦକ୍ଷିଣ ଆଫ୍ରିକାକୁ ଡାର୍କ ହର୍ଶ ବୋଲି କହୁଥିଲି। କିନ୍ତ ଏହି ଦଳ ଏବେ ଆହରି ଅଧିକ ଡାର୍କ ହର୍ଶ ହୋଇଯାଇଛି। ଏବେ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରୁ ଗୋଟିଏ ଦଳ ସେମିକୁ ଉଠିବ। ତେବେ ଦକ୍ଷିଣ ଆଫ୍ରିକା ପାଇଁ ଶେଷ ପର୍ଯ୍ୟନ୍ତ ସୁଯୋଗ ରହିବ ବୋଲି ଆଶା କରିବି। ଶତପ୍ରତିଶତ ଫିଟ୍ ନ ଥିଲେ ମଧ ଡେଲ ଷ୍ଟେଇନ୍ ଭାରତ ବିପକ୍ଷରେ ପଡିଆକୁ ଓହ୍ଲାଇବେ ବୋଲି ଆଶା କରୁଛି। ଲୁନ୍‌ଗି ଏନ୍‌ଗିଡି ଠିକ୍ ସମୟରେ ଫିଟ୍ ହୋଇ ନ ଥିବେ। ତେବେ ଦକ୍ଷିଣ ଆଫ୍ରିକା ଏବେ ଏକ ବିଜୟ ସନ୍ଧାନରେ ରହିଛି। ଷ୍ଟେଇନ୍‌ଙ୍କୁ ଖେଳାଇବା ଏକ ଜୁଆ ସଦୃଶ ହେବ। ଦକ୍ଷିଣ ଆଫ୍ରିକା ଏବେ ପରୀକ୍ଷାର ସମ୍ମୁଖୀନ ହୋଇଛି।

(ଗେମ୍‌ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)

THE ULTIMATE INVERTER BATTERY
EXIDE INVATUBULAR

# ପାକିସ୍ତାନର ପ୍ରଥମ ବିଜୟ

ନଟିଂହାମ୍, ୩।୬

ଜୋ ରୁଟ୍ ଓ ଜୋଶ୍ ବଟଲରଙ୍କ ଦ୍ରୁତ ଶତକ ସତ୍ତ୍ୱେ ଇଂଲଣ୍ଡ ଚଳିତ ଆଇସିସି ବିଶ୍ୱକପର ସୋମବାର ଅନୁଷ୍ଠିତ ହାଇସ୍କୋରିଂ ମ୍ୟାଚରେ ପାକିସ୍ତାନଠାରୁ ୧୪ ରନରେ ପରାଜିତ ହୋଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ବିଶାଳ ସ୍କୋର୍ ୩୪୯ ରନ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୩୪ ରନ କରିବାକୁ ସକ୍ଷମ ହୋଇଛି। ରୁଟ୍ ୧୦୪ ବଲ୍‌ରୁ ୧୦୭(୧୦ ଚୌକା, ୧ ଛକା) ଓ ବଟଲର ୭୬ ବଲ୍‌ରୁ ୧୦୩(୯ ଚୌକା, ୨ ଛକା) ରନ ସହ ୫ମ ଉଇକେଟ ଭାଗୀଦାରିରେ ୧୩୦ ରନ ସଂଗ୍ରହ କରିଥିଲେ, ତାହା ଇଂଲଣ୍ଡ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ପାକିସ୍ତାନ ପକ୍ଷରୁ ୱାହାବ ରିଆଜ ୩ଟି, ଶାଦବ ଖାଁ, ମହମ୍ମଦ ଅମିର ୨ଟି ଲେଖାଏ ଏବଂ ମହମ୍ମଦ ହାଫିଜ ଓ ସୋଏବ ମଲିକ ଗୋଟିଏ ଲେଖାଏ ଉଇକେଟ ନେଇ ଦଳର ବିଜୟରେ ସହାୟକ ହୋଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୧୦୪ ରନରେ ହରାଇଥିବା ଇଂଲଣ୍ଡର ୨ ମ୍ୟାଚରୁ ଏହା ପ୍ରଥମ ପରାଜୟ। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜଠାରୁ ୭ ଉଇକେଟରେ ହାରିଥିବା ପାକିସ୍ତାନ ଏଠାରେ ପ୍ରଥମ ବିଜୟ ହାସଲ କରିଛି। କୌଣସି ବ୍ୟାଟ୍ସମ୍ୟାନ ଶତକ ହାସଲ ନ କରି ବିଶ୍ୱକପର କୌଣସି ମ୍ୟାଚରେ ପାକିସ୍ତାନର ୩୪୮ ରନ ସର୍ବୋଚ୍ଚ ସ୍କୋର। ପୂର୍ବରୁ ୨୦୧୫ରେ ୱେଲିଂଟନଠାରେ ୟୁଏଇ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ୩୪୧ ରନ କରି ରେକର୍ଡର ଅଧିକାରୀ ଥିଲା।

ଇଂଲଣ୍ଡ ଟସ୍ ଜିତି ପାକିସ୍ତାନକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପୂର୍ବରୁ ଇଂଲଣ୍ଡଠାରୁ କ୍ରମାଗତ ୪ ମ୍ୟାଚ ପରାଜୟ ସହ ପଡ଼ିଆକୁ ଓହ୍ଲାଇଥିବା ପାକିସ୍ତାନ ଏଠାରେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲା। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଦଳ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା।

**ଆଜିର ମ୍ୟାଚ୍**
**ଆଫଗାନିସ୍ତାନ**
ବନାମ
**ଶ୍ରୀଲଙ୍କା**
ସ୍ଥାନ
କାର୍ଡିଫ
ସମୟ
ଅପରାହ୍ନ
୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ରୁଟ୍, ବଟଲରଙ୍କ ଶତକ ଫିକା

ଇମାମ୍-ଉଲ-ହକ୍ ଓ ଫକର ଜମାନ ଓପନିଂ ଯୋଡ଼ିରେ ୮୨ ରନ କରି ଦଳ ପାଇଁ ଭଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଫକର ୪୦ ବଲ୍‌ରୁ ୩୬ ରନ କରି ଆଉଟ ହୋଇଥିଲେ। ୧୫ତମ ଓଭରର ପ୍ରଥମ ବଲ୍‌ରେ ମୋଇନ୍ ଅଲୀ ଇଂଲଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଇମାମ ୫୮ ବଲ୍‌ରୁ ୩ ଚୌକା ଓ ୧ ଛକା ବଳରେ ୪୪ ରନ ସ୍କୋର କରିଥିଲେ। ପରବର୍ତ୍ତୀ ୩ ବ୍ୟାଟ୍ସମ୍ୟାନ ବାବର ଆଜମ ୬୬ ବଲ୍‌ରୁ ୬୩(୪ ଚୌକା, ୧ ଛକା), ମହମ୍ମଦ ହାଫିଜ ୮୪(୬୨ ବଲ, ୮ ଚୌକା, ୨ ଛକା) ଓ ଅଧିନାୟକ ସର୍ଫରାଜ ଅହମଦ ୪୪ ବଲ୍‌ରୁ ୫୫(୫ ଚୌକା) ରନ ସ୍କୋର କରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଅସିଫ ଅଲୀ (୧୪) ଓ ସୋଏବ ମଲିକ(୮) ବିଫଳ ହୋଇଥିଲେ ହେଁ ଟେଲ୍ ଏଣ୍ଡର ହାସନ ଅଲୀ ୫ ବଲ୍‌ରୁ ୧୦(୧ ଛକା) ଓ ଶାଦବ ଖାଁ ୪ ବଲ୍‌ରୁ ୧୦(୨ ଚୌକା) ରନ କରି ଅପରାଜିତ ରହିବାରୁ ପାକିସ୍ତାନ ୫୦ ଓଭରରେ ୮ ଉଇକେଟ ହରାଇ ୩୪୮ ରନ କରିବାକୁ ସକ୍ଷମ ହୋଇଥିଲା। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ କ୍ରିସ୍ ଓକ୍ସ ଓ ମୋଇନ ଅଲୀ ୩ଟି ଲେଖାଏ ଏବଂ ମାର୍କ ଉଡ୍ ୨ଟି ଉଇକେଟ ନେଇଥିଲେ।


ମ୍ୟାନ୍ ଅଫ୍ ଦ ମ୍ୟାଚ୍ ମହମ୍ମଦ ହାଫିଜ।

### ସଂକ୍ଷିପ୍ତ ସ୍କୋର

■ ପାକିସ୍ତାନ ୫୦ ଓଭରରେ ୩୪୮/୮(ମହମ୍ମଦ ହାଫିଜ-୮୪, ବାବର ଆଜମ-୬୩, ସର୍ଫରାଜ ଅହମ୍ମଦ-୫୫, ଇମାମ ଉଲ୍ ହକ୍-୪୪, ଫକର ଜମାନ-୩୬, କ୍ରିସ୍ ଓକ୍ସ-୩/୭୧, ମୋଇନ ଅଲୀ-୩/୫୦, ମାର୍କ ଉଡ୍-୨/୫୩)।

■ ଇଂଲଣ୍ଡ ୫୦ ଓଭରରେ ୩୩୪/୯ (ଜୋ ରୁଟ୍-୧୦୭, ଜୋସ୍ ବଟଲର-୧୦୩, ଜନି ବେୟାରଷ୍ଟୋ-୩୨, ୱାହାବ ରିଆଜ-୩/୮୨ ,ଶାଦବ ଖାଁ-୨/୬୩, ମହମ୍ମଦ ଅମିର-୨/୬୭, ମହମଦ ହାଫିଜ-୧/୪୩, ସୋଏବ ମଲିକ-୧/୧୦)।

ଜନ୍ମଦିନ ଶୁଭେଚ୍ଛା



ସୋନି
**କବିତା ମଞ୍ଜରୀ**
ସ୍ୱର୍ଗରେ ଫୁଟଇ ପାରିଜାତ ଫୁଲ
ମର୍ତ୍ତ୍ୟରେ ଫୁଟଇ ମଲ୍ଲି
ଜନ୍ମଦିନର ଏ ଶୁଭ ଅବସରେ
ଶୁଭେଚ୍ଛା ଜଣାଇ ଦେଲି
ଶୁଭେଚ୍ଛାସହ: ମା, ବାବା, ଭାଇ, ପୁଷ୍ପାଞ୍ଜଳି, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୫୫୯

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ଶ୍ରୀମୁନ୍)
**ଶ୍ରଦ୍ଧାଞ୍ଜଳି ନାୟକ**
ଦରଡ଼ାପାରି, କଇଜଙ୍ଗା, ଜଗତ୍‌ସିଂହପୁର
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଶ୍ରୀମୁନ୍‌ର ଚଲାପଥ କୁସୁମିତ ହେଉ ଓ ତାଙ୍କ ସୁଦୀର୍ଘ ଭବିଷ୍ୟତକୁ ପ୍ରଭୁ ଶ୍ରୀଜଗନ୍ନାଥ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛାସହ: ଜେଜେମା, ବଡ଼ବାପା, ବଡ଼ବୋଉ, ପିଉସୀ, ଅଜା, ଆଇ, ମାମୁ, ମାଉସୀ, ପାପୁନ୍ତୁ, ଇଲୁ, କୁନୁମୁନ୍, ମାମୁନ୍ତୁ, ବନ୍ଧୁ ଓ ପରିବାରବର୍ଗ।
ବାପା-ମାନସ ନାୟକ, ମା- ବିଜୟଲକ୍ଷ୍ମୀ ମହାପାତ୍ର।
ଧ-୧୨୭୫୦

1st Birthday celebrations



**Sriyanshu (Dudu)**
Venue- Sahebnagar Balipatna
Son of- Jyoti and Binmayee
Best wishes: Gudu, Adi, Saumya, Raja, Sudeep, Googly.
D-12806

## ରାକେଶ ପାତ୍ରଙ୍କୁ ୭ମ ସ୍ଥାନ

**ନୂଆଦିଲ୍ଲୀ, ୩।୬ (ପି.ଟି.):** ସ୍ଲୋଭେନିଆରେ ଅନୁଷ୍ଠିତ ଏଫ୍‌ଆଇଜି ବିଶ୍ୱକପ୍ ପାରାଲେଲ୍ ବାରସ୍ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଜିମ୍ନାଷ୍ଟ ରାକେଶ କୁମାର ପାତ୍ର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଆଠଜଣିଆ ଫାଇନାଲରେ ରାକେଶ ୧୩.୬୫୦ ସ୍କୋର କରିଥିଲେ। ଗ୍ରେଟ୍ ବ୍ରିଟେନର ଫ୍ରାଙ୍କ ବୈନେସ ଶୀର୍ଷ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଥିଲେ।

୧୫ତମ ଜନ୍ମଦିନ ଶୁଭେଚ୍ଛା



(ପୁପୁନ୍)
**ସୌମିତ୍ ବେହେରା**
ଦଳକଷୋଟି, ବାଲିପାଟଣା, ଖୋର୍ଦ୍ଧା
ଆଜି ତୋ ଜନ୍ମଦିନରେ ଅନେକ ଅନେକ ଆଶୀର୍ବାଦ, ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ବାବା ମୁକ୍ତେଶ୍ୱର ଦୟାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ: ବାବା, ବୋଉ, ଜେଜେ, ମାଆ, ଅଜା, ଆଇ, ବଡ଼ବାବା, ବଡ଼ମମି, ଦାଦା, ଖୁଡ଼ୀ, ମାମୁ, ମାଈଁ, ପିଉସା, ପିଉସୀ, ବବୁଭାଇ, ଭାଉଜ, ଶଶୀନାନା, ମୀତାନାନା, ଲୀଲାନାନା, ପିହୁ, ପାୟଲ, ଖୁସି, ରିଷି, ସାଇ, ଲିକୁଭାଇ, ଚିକୁଭାଇ।
ଧ-୧୨୮୧୦

Birthday Wish



Happy Birthday
**Lijina**
Wishes from:
Family, friends, Anil
D-12812

## ଭାରତ-ୱେଷ୍ଟଇଣ୍ଡିଜ ଦିନକିଆ ବାରବାଟୀରେ

ନୂଆଦିଲ୍ଲୀ, ୩।୬ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମଗ୍ର ଘରୋଇ ସିଜନ ପାଇଁ ସୋମବାର କାର୍ଯ୍ୟସୂଚୀ ଘୋଷଣା କରିଛି। ସୂଚନା ଅନୁସାରେ କଟକ ବାରବାଟୀ ଷ୍ଟାଡିୟମରେ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆ ଡିସେମ୍ବର ୨୨ ତାରିଖରେ ଖେଳାଯିବ। ଆସନ୍ତା ସିଜନରେ ଭାରତରେ ଏଥିରେ ମୋଟ ୫ ଟେଷ୍ଟ, ୯ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୨ ଟି୨୦ ଖେଳାଯିବ। ବାଂଲାଦେଶ କ୍ରିକେଟ ଦଳ ପ୍ରଥମ ଥର ଭାରତରେ ଏକ ସିରିଜ ଖେଳିବ। ଏହି ଅବସରରେ ଦଳ ତିନୋଟି ଟି୨୦ ଏବଂ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ। ଉଦ୍‌ଘାଟନୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ସ୍ୱରୂପ ଭାରତ ଅକ୍ଟୋବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ଟେଷ୍ଟ ଏବଂ ଅକ୍ଟୋବରରେ ବାଂଲାଦେଶ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ।

କାର୍ଯ୍ୟସୂଚୀ ଅନୁସାରେ ସେପ୍ଟେମ୍ବର ୧୫ରୁ ତିନୋଟି ଟି୨୦ ମ୍ୟାଚ ସହ ଦକ୍ଷିଣ ଆଫ୍ରିକାର ପ୍ରଥମେ ଭାରତ ଟୁର୍ କରିବ। ପରେ ଅକ୍ଟୋବର ୨ରୁ ୨୩ ତିନୋଟି ଟେଷ୍ଟ ମ୍ୟାଚ ଖେଳିବା ପରେ ସ୍ୱଦେଶ ଫେରିଯିବ। ଦଳ ପୁଣି ୨୦୨୦ ମାର୍ଚ୍ଚରେ ଭାରତ ଆସି ତିନୋଟି ଆନ୍ତର୍ଜାତୀୟ ଦିନିକିଆ ଖେଳିବ। ଦିଲ୍ଲୀରେ ପ୍ରଥମ ଟି୨୦ ସହ ବାଂଲାଦେଶ ବିପକ୍ଷ ସିରିଜ ଆରମ୍ଭ ହେବ। ଏହି ଦଳ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ ଇନ୍ଦୋର (ନଭେମ୍ବର ୧୪ରୁ ୧୮) ଏବଂ କୋଲାକାତା (ନଭେମ୍ବର ୨୨ରୁ ୨୬)ଠାରେ ଖେଳାଯିବ। ୨୦୧୭ ପରେ ବାଂଲାଦେଶ ପ୍ରଥମ ଥର ଭାରତ ଗସ୍ତରେ ଆସିଥିଲା ଏବଂ ହାଇଦ୍ରାବାଦରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳିଥିଲା। ନଭେମ୍ବର ଶେଷ ସପ୍ତାହରେ ବାଂଲାଦେଶର ପ୍ରସ୍ଥାନ ପରେ ଡିସେମ୍ବର ୬ରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ତିନୋଟି ଟି୨୦ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ପରବର୍ତ୍ତୀ ମାସ ଅର୍ଥାତ ଜାନୁୟାରୀ ୫ରୁ ୧୦ ମଧ୍ୟରେ ଭାରତ ଜିମ୍ବାୱେ ବିପକ୍ଷରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳିବ। ଏହାର୪ ଦିନ ପରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ। ମାର୍ଚ୍ଚରେ ଦକ୍ଷିଣ ଆଫ୍ରିକାର ଭାରତକୁ ଦିନିକିଆ ଟୁର୍ ସହ ଘରୋଇ ସିଜନ ଶେଷ ହେବ।

## ଦୁଇ ଜାତୀୟ ଚାମ୍ପିୟନଶିପ ପାଇଁ ରୋଇଂ ଦଳ ଘୋଷିତ

**କଟକ ଅଫିସ,୩।୬:** ପୁଣେର ଆର୍ମି ରୋଇଂ ନୋଡରେ ଜୁନ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ୨୨ତମ ସବଜୁନିୟର ଜାତୀୟ ରୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ଅବସରରେ ଏକକାଳୀନ ୪ର୍ଥ ଆନ୍ତଃ ରାଜ୍ୟ ଚାଲେଞ୍ଜର୍ସ ସ୍ପ୍ରିଣ୍ଟ ଚାମ୍ପିୟନଶିପ ମଧ୍ୟ ହେବ। ଉଭୟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂ ପକ୍ଷରୁ ସୋମବାର ୨୮ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ସବଜୁନିୟରରେ ଓଡ଼ିଶା ବାଳକମାନେ ଗୋଟିଏ ଓ ବାଳିକାମାନେ ୩ଟି ଇଭେଣ୍ଟରେ ମୁକାବିଲା କରିବେ। ଜଗନ୍ନାଥ ବେହେରା, ଶୁଭମ କୁମାର ମିଶ୍ର, ରାଜେନ ଟପ୍ପୋ, ସଞ୍ଜୟ ଯାଦବଙ୍କୁ ନେଇ ଗଠନ ଓଡ଼ିଶା ବାଳକ ଦଳ କକ୍ସଲେସ-୪ ଇଭେଣ୍ଟରେ ଭାଗ ନେବ। ଧନଶ୍ରୀ ପ୍ରମୋଦ ମନେ, ସୌମ୍ୟାଶ୍ରୀ ପଣ୍ଡା, ଆଣ୍ଡ୍ରିୟା ପାଲୁସ, ସ୍ମରଣିକା ଦାସ, ହରନୁର ସିଦ୍ଧୁ, ଶୁଭଶ୍ରୀ ସୁସ୍ମିତା ବିଶ୍ୱାଳ ବାଳିକା ଦଳରେ ରହିଛନ୍ତି। ଆନ୍ତଃ ରାଜ୍ୟ ଚାଲେଞ୍ଜର୍ସ ସ୍ପ୍ରିଣ୍ଟ ଚାମ୍ପିୟନଶିପରେ ଓଡ଼ିଶା ବାଳକମାନେ ୪ଟି ଓ ବାଳିକାମାନେ ୩ଟି ଇଭେଣ୍ଟରେ ଭାଗ ନେବେ। ଅରବିନ୍ଦର ସିଂ, ସଗନଦୀପ ସିଂ, କରଣବୀର ସିଂ, ଅମନଦୀପ ସିଂ, ଗୁରପ୍ରୀତ ସିଂ, ରାକେଶ ତିର୍କୀ, କରମ ଚାନ୍ଦ, ଶଶବିନ୍ଦର ସିଂ, ଆକାଶ ଦୀପ, ରାଚେଲ ଲାକ୍ରା, ନୂତନ ସାଇନି ତିର୍କୀ, ସୋନାଲିକା ଦାସ ଓ ରେଶ୍ମା ଲାକ୍ରା ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। ପି.ଟି. ପାଲୁସ ଦଳର କୋଚ୍ ରହିଛନ୍ତି।

## ଜୋକୋଭିଚ୍, ନିଶିକୋରି ବିଜୟୀ

ପ୍ୟାରିସ,୩।୬

ଟପ୍ ସିଡ୍ ତଥା ନୋଭାକ୍ ଜୋକୋଭିଚ୍, ଜାପାନର କେଇ ନିଶିକୋରି ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଜୋକୋଭିଚ୍ ଜର୍ମାନୀର ଜାନ୍-ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ୬-୩, ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି।

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

୩୨ ବର୍ଷୀୟ ସର୍ବୀୟ ଖେଳାଳି ଚଳିତ ବର୍ଷ ରୋଲାଣ୍ଡ ଗ୍ୟାରୋସଠାରେ ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନାହାନ୍ତି। ସୋମବାର ଏହି ବିଜୟ ଦ୍ୱାରା ଜୋକୋଭିଚ୍ ଫ୍ରେଞ୍ଚ ଓପନ୍ ଇତିହାସରେ ପ୍ରଥମ ପୁରୁଷ ଖେଳାଳି ହିସାବରେ ଲଗାତର ୧୦ମ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ୫ମ ସିଡ୍ ତଥା ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭେରେଭ କିମ୍ବା ଇଟାଲିର ୯ମ ସିଡ୍ ଫାବିଓ ଫଗ୍ନିନିଙ୍କୁ ଭେଟିବେ। ୭ମ ସିଡ୍ ନିଶିକୋରି ଦୀର୍ଘ ୪ଘଣ୍ଟା ପାଖାପାଖି ଖେଳାଯାଇଥିବା ଏକ ମ୍ୟାଚରେ ଫ୍ରାନ୍ସର ବେନଏଟ୍ ପାଇରେଙ୍କୁ ୬-୨, ୬-୭ (୮/୧୦), ୬-୨, ୬-୭(୮/୧୦)ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ରାଫାଲ ନାଡାଲଙ୍କୁ ଭେଟିବେ।




## ଟେଷ୍ଟୋଷ୍ଟେରୋନ ନିୟମ ସସ୍‌ପେଣ୍ଡ

ଜେନେଭା, ୩।୬ (ଏଏଫ୍‌ପି)

ସୁଇଜରଲାଣ୍ଡର ଟପ୍ କୋର୍ଟ ସୋମବାର ସାମୟିକ ଭାବେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ ଫେଡେରେଶନ୍ସ (ଆଇଏଏଏଫ୍)ର ବିବାଦୀୟ ଟେଷ୍ଟୋଷ୍ଟେରୋନ ନିୟମକୁ ସସ୍‌ପେଣ୍ଡ କରିଛନ୍ତି। ଏହି ନିୟମ ଯୋଗୁ କେତୋଟି ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଡବଲ ଅଲିମ୍ପିକ ଚାମ୍ପିୟନ କାଷ୍ଟର ସିମେନ୍ୟାଙ୍କ ସମେତ କେତେଜଣ ଆଥଲେଟଙ୍କୁ ସେମାନଙ୍କ ଶରୀରରେ ଟେଷ୍ଟୋଷ୍ଟେରୋନ ମାତ୍ରାକୁ ହ୍ରାସ କରିବାକୁ ପଡ଼ିବ। ସୁଇସ୍ ଫେଡେରାଲ ଟ୍ରିବ୍ୟୁନାଲ ମୁଖପାତ୍ର ପିଟର ଯୋଶୀ କହିଛନ୍ତି କୋର୍ଟ ସୁପର ପ୍ରୋଭିଜନାଲ ଅର୍ଡର ଜାରି କରିଛନ୍ତି। ପୁନର୍ବାର ଏକ ଶୁଣାଣି ନ ହେବା ପର୍ଯ୍ୟନ୍ତ ଆଇଏଏଏଫ୍‌ର ନୂଆ ନିୟମକୁ ସସ୍‌ପେଣ୍ଡ କରାଯାଇଛି। ସୂଚନାଯୋଗ୍ୟ, ଆଇଏଏଏଫ୍‌ର ଏହି ନୂଆ ନିୟମ ପୂର୍ବରୁ ଲାଉସାନେସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍) ଦ୍ୱାରା ଅନୁମୋଦନ ଲାଭ କରିସାରିଥିଲା।

## ଭାରତ-ଏ'ର କ୍ଲିନ୍‌ସୁଇପ୍

ବେଙ୍ଗାଲୁରୁ, ୩।୬

ହୁବ୍‌ଲୀସ୍ଥିତ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ ୧୫୨ ରନରେ ଭ୍ରମଣକାରୀ ଶ୍ରୀଲଙ୍କା-ଏ'କୁ ପରାସ୍ତ କରିଛି। ଏଥିସହ ପ୍ରିୟଙ୍କ ପଞ୍ଚାଲଙ୍କ ନେତୃତ୍ୱାଧୀନ ଭାରତ-ଏ ଦୁଇ ମ୍ୟାଚ୍‌ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌କୁ ୨-୦ରେ କ୍ଲିନ୍‌ସୁଇପ୍ କରିଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌ରେ ଭାରତ ଏକ ଇନିଂସ ଓ ୨୨୫ ରନରେ ବିଜୟ ଲାଭ କରିଥିଲା।

## ଆଦିତ୍ୟ ଚାମ୍ପିୟନ, ସାର୍ଥକଙ୍କୁ ତୃତୀୟ ସ୍ଥାନ

ଭୁବନେଶ୍ୱର, ୩।୬(କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୧୨ତମ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର 'ବି' କାଟେଗୋରି ପ୍ରତିଯୋଗିତା ସୋମବାର ଶେଷ ହୋଇଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ମୋଟ ୨୯୭ ପ୍ରତିଯୋଗୀ ଭାଗ ନେଇଥିବାବେଳେ ଗୁଜରାଟର ଆଦିତ୍ୟ ପି. ମେଲାନି ଓ ପଶ୍ଚିମବଙ୍ଗର ଗୌରବ ଦାସ ୮.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଓଡ଼ିଶାର ସାର୍ଥକ ଦେବତା କାର୍ଜି ମନିନ୍ଦ୍ର(କିସ୍) ୮ ପଏଣ୍ଟ ଲେଫାଏ ହାସଲ କରି ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ୮ ପଏଣ୍ଟ ଲେଖାଏ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଆନ୍ଧ୍ର ପ୍ରଦେଶର ମଦୁରି ସତ୍ୟ ତେଜେଶ୍ୱର ଓ ପଶ୍ଚିମବଙ୍ଗର ଆକାଶ ତିୱାରୀ। ୯ ଜଣ ଖେଳାଳି ୭.୫ ପଏଣ୍ଟ ଲେଖାଏ ପାଇଥିବାବେଳେ ୨୧ ଜଣ ୭ ପଏଣ୍ଟ ସହ ପ୍ରତିଯୋଗିତା ଶେଷ କରିଛନ୍ତି। ଆୟୋଜିତ ଉତ୍ସବରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷା ଡ. ମୋନାଲିସା ବଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ବିଭୁ ଭୂଷଣ ମିଶ୍ର, ଉପସଭାପତି ରଞ୍ଜନ ମହାନ୍ତି, ମୁଖ୍ୟ ଆର୍ବିଟର ଆର.ଅନନ୍ତରାମ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର 'ସି' କାଟେଗୋରି (୧୬୦୦ ରେଟିଂରୁ କମ୍) ମଙ୍ଗଳବାରଠାରୁ ଆରମ୍ଭ ହେବ।


ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀ।

**ଜିଏମ୍ ଫାରୁଖ ଅଗ୍ରଣୀ**

ଚେସ୍ ଫେଷ୍ଟିଭାଲର ମୁଖ୍ୟ ତଥା କାଟେଗୋରି-ଏର ପ୍ରତିଯୋଗିତାର ୫ମ ରାଉଣ୍ଡ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ଶେଷସୁଦ୍ଧା ତାଜିକସ୍ତାନ ଗ୍ରାଣ୍ଡମାଷ୍ଟର(ଜିଏମ୍) ଆମୋନାତୋଭ ଫାରୁଖ ୫ ପଏଣ୍ଟ ସହ ଏକକ ଅଗ୍ରଣୀ ହାସଲ କରିଛନ୍ତି। ଭେନେଜୁଏଲା ଜିଏମ୍ ଇଡିରିଜଗା ବୋନେଲି, ରୁଷିଆ ଜିଏମ୍ ମାକ୍ସିମ ତୁରୋଭ, ୟୁକ୍ରେନ ଜିଏମ ନେଭେରଭ ଭାଲେରି, ଚିଲି ଜିଏମ ଭାସ୍କେଜ ସ୍କୋର୍ଡେର ରୋଡ୍ରିଗୋ ଏବଂ ଭାରତର (ତାମିଲନାଡୁ ଅନ୍ତର୍ଜାତୀୟ ମାଷ୍ଟର) ପି.ଶ୍ୟାମ ନିଖିଲ ୪.୫ ପଏଣ୍ଟ ଲେଖାଏ ପାଇ ପଛକୁ ପଛ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ରାଜେଶ ନାୟକ (୨୧୭୫ ରେଟିଂ) ଓ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ୫ମ ରାଉଣ୍ଡରେ ରାଜେଶ ଆର୍ମେନିଆ ଗ୍ରାଣ୍ଡମାଷ୍ଟର ତେର-ସାହାକ୍ୟାନ ସାମ୍‌ଭେଲ(୨୬୧୧)ଙ୍କ ସହ ମ୍ୟାଚ ଡ୍ର ରଖି ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଦେବାଶିଷ ଅନ୍ୟତମ ଓଡ଼ିଆ ଖେଳାଳି ସମ୍ବିତ ପଣ୍ଡାଙ୍କୁ ପରାସ୍ତ କରିଛନ୍ତି।

## ମନେ ପଡ଼ନ୍ତି

**୬ଷ୍ଠତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରହ୍ଲାଦ ନାୟକ**
Uco bank, ପୁରୀ
ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ
ଆବିର୍ଭାବ: ୦୪।୦୩।୧୯୫୯
ତିରୋଧାନ: ୦୯।୦୬।୨୦୧୩
ବାପା, ତୁମ ଅନୁପସ୍ଥିତି ଆମ ପାଇଁ ଅପୂରଣୀୟ। ତୁମ ଆଶିର୍ବାଦରୁ ସବୁ ଅସୁବିଧା ସୁବିଧାରେ ପରିଣତ ହୋଇ ଚାଲିଛି। ପ୍ରଭୁ କାଳିଆ ଠାକୁର ପାଖେ ଏତିକି ପ୍ରାର୍ଥନା ସେ ତୁମକୁ ସର୍ବଦା ସୁଖ ଓ ଶାନ୍ତିରେ ରଖନ୍ତୁ।
ଶୋକସନ୍ତପ୍ତ: ତୁମ ପିଲାମାନେ
ଧ-୬୧୯୧୪

**ଶ୍ରଦ୍ଧାଞ୍ଜଳୀ**



**✓ କୃପାସିନ୍ଧୁ ସାହୁ**
ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୬୬୨୩୬

**୧୮ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସୁବାଷ ଚନ୍ଦ୍ର ଦାଶ**
ବାମନାଳ, ନିମାପଡ଼ା, ପୁରୀ
ଆବିର୍ଭାବ: ୧୫।୦୩।୧୯୫୯
ତିରୋଧାନ: ୨୩।୦୫।୨୦୦୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଏବଂ ପରିବାରବର୍ଗ
ଧ-୧୨୬୮୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୪/୨୦୧୯ Bhubaneswar, Tuesday, June 4/2019

# ଉଚ୍ଚ ରକ୍ତଚାପ ଜନିତ ମୃତ୍ୟୁହାରରେ ଓଡ଼ିଶା ତୃତୀୟ

ଭୁବନେଶ୍ୱର,୩।୬(ବ୍ୟୁରୋ)

ଓଡ଼ିଶାରେ ୧୫ ରୁ ୪୯ ବର୍ଷ ବୟସ ମଧ୍ୟରେ ୧୮.୨% ଲୋକ ହାଇପରଟେନ୍‌ଶନ ବା ଉଚ୍ଚ ରକ୍ତଚାପ ଭଳି ମାରାତ୍ମକ ଲକ୍ଷଣରେ ଆକ୍ରାନ୍ତ। ଏଥିପାଇଁ ସୃଷ୍ଟି ହେଉଥିବା ରୋଗ ଯଥା ହାର୍ଟ ଆଟାକ୍, ଅନ୍ଧତ୍ୱ, କିଡ୍‌ନୀ ଫେଲ୍ୟୁୟର ଓ ପାରାଲିସିସ୍ ଭଳି ରୋଗ ରାଜ୍ୟରେ ବହୁଳ ଭାବେ ଦେଖିବାକୁ ମିଳୁଛି। ସବୁଠାରୁ ବଡ଼ କଥା ହେଉଛି, ଉଚ୍ଚ ରକ୍ତଚାପ ଜନିତ ମୃତ୍ୟୁ କ୍ଷେତ୍ରରେ ଓଡ଼ିଶା ୩ୟ ସ୍ଥାନରେ ରହିଛି। ଉଚ୍ଚ ରକ୍ତଚାପ ଯୋଗୁ ପଙ୍ଗୁ ତଥା ଶାରୀରିକ ଭାବେ ଅକ୍ଷମ ହେଉଥିବା ରୋଗୀଙ୍କ କ୍ଷେତ୍ରରେ ଓଡ଼ିଶା ୪ର୍ଥ ସ୍ଥାନରେ ରହିଛି ବୋଲି ବିଶେଷଜ୍ଞ ଡାକ୍ତର ସୁଧୀର ପଟ୍ଟନାୟକ କହିଛନ୍ତି।

ୱାର୍ଲ୍ଡ ହାଇପରଟେନ୍‌ଶନ ଡ଼େ' ଏବଂ ହାଇ ବ୍ଲଡ଼ ପ୍ରେସର ଏଜୁକେଶନ ମନ୍ଥ୍ ପାଳନ ଅବସରରେ ଡା. ପଟ୍ଟନାୟକ କହିଛନ୍ତି, ହାଇପରଟେନ୍‌ଶନ ବା ଉଚ୍ଚ ରକ୍ତଚାପ ହେଉଛି ଏକ 'ସାଇଲେଣ୍ଟ କିଲର'। ରୋଗୀଙ୍କଠାରେ ଏହାର କୌଣସି ପ୍ରକାର ଲକ୍ଷଣ ଦେଖାଯାଇ ନ ଥାଏ। ମାତ୍ର ଏହା କାର୍ଡ଼ିଓଭାସ୍‌କ୍ୟୁଲାର ସମେତ ନାନା ମାରାତ୍ମକ ରୋଗକୁ ଡାକି ଆଣିବା ସହ ମୃତ୍ୟୁର କାରଣ ପାଲଟିଥାଏ। ଏ କ୍ଷେତ୍ରରେ ଲୋକେ ନିୟମିତ ଭାବେ ରକ୍ତଚାପ ପରୀକ୍ଷା କରାଇନେବା ଉଚିତ୍। ଚଳିତବର୍ଷ ୱାର୍ଲଡ ହାଇପରଟେନ୍‌ଶନ ଡ଼େ'ର ଥିମ୍ 'ନୋ ୟୋର ନମ୍ବର୍ସ' ରହିଥିବାବେଳେ ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହେବା ଉଚିତ୍ ବୋଲି ସେ କହିଛନ୍ତି। ହାଇପରଟେନ୍‌ଶନ ବହୁ ଜୀବନ ହାନିକାରକ ରୋଗକୁ ଡାକି ଆଣିଥାଏ। ଯେତେବେଳେ ରକ୍ତ ଚାପ ଦୀର୍ଘ ସମୟ ପର୍ଯ୍ୟନ୍ତ ବଳବତ୍ତର ରୁହେ ସେତେବେଳେ ଏହି ରୋଗ ଦେଖାଯାଏ। ତେଣୁ ଲୋକମାନେ ନିୟମିତ ରୂପେ ଡ଼ାକ୍ତରଙ୍କ ଦ୍ୱାରା ସେମାନଙ୍କ ରକ୍ତଚାପର ସ୍ଥିତି ବିଷୟରେ ଜାଣିବା ଆବଶ୍ୟକ। ରକ୍ତଚାପ ସ୍ତରକୁ ପରିଚାଳନା କରିବା ପାଇଁ କିଛି ସରଳ ପଦକ୍ଷେପ ନେବା ଆବଶ୍ୟକ। ୧୮ ବର୍ଷ ବୟସର ବ୍ୟକ୍ତିମାନେ ପ୍ରତ୍ୟେକ ଦୁଇ ବର୍ଷରେ ଥରେ ଡ଼ାକ୍ତରଙ୍କ ଦ୍ୱାରା ସେମାନଙ୍କ ରକ୍ତଚାପ ପରୀକ୍ଷା କରାଇନେବା ଉଚିତ। ୪୦ ବର୍ଷ ପରେ ଏହାକୁ ପ୍ରତ୍ୟେକ ବର୍ଷ କରାଇବା ଉଚିତ୍। ସ୍ୱାସ୍ଥ୍ୟ ପରୀକ୍ଷା ସହ ଦୈନିକ ଖାଦ୍ୟରେ ଫଳ, ପନିପରିବା, ଶସ୍ୟ, କମ୍ ଲୁଣ ଥିବା ଖାଦ୍ୟ ଇତ୍ୟାଦି ଗ୍ରହଣ କରିବା ଆବଶ୍ୟକ। ଏଥିସହିତ ସପ୍ତାହକୁ ୧୫୦ ମିନିଟ୍‌ର ଆରୋବିକ୍ସ ଅଭ୍ୟାସ କରିବା ଆବଶ୍ୟକ। ଉପରୋକ୍ତ ପରାମର୍ଶଗୁଡ଼ିକ ରୋଗୀର ଚାପକୁ ହ୍ରାସ କରିବା ସହିତ ଠିକ୍ ଓଜନ ବଜାୟ ରଖିପାରେ। ମାଦକ ଦ୍ରବ୍ୟ ସେବନ ବନ୍ଦକରି ଡ଼ାକ୍ତରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଔଷଧ ସେବନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।


ସୋମବାର ସାବିତ୍ରୀ ଅମାବାସ୍ୟା ପାଳନ ଅବସରରେ ଭୁବନେଶ୍ୱର ରାମମନ୍ଦିରଠାରେ ଥିବା ଅଶ୍ୱତ୍ଥ ଗଛ ମୂଳରେ ମହିଳାମାନେ ପୂଜାର୍ଚ୍ଚନା କରିବା ସହ ଗଛରେ ବ୍ରତ ବାନ୍ଧୁଛନ୍ତି।

## ସଂକ୍ଷେପରେ

### ଅବଢ଼ା ଦର ଦୁଇଗୁଣା

**ପୁରୀ ଅଫିସ,୩।୬:** ସାବିତ୍ରୀ ବ୍ରତ ଅବସରରେ ସୋମବାର ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ବେଢ଼ା ପରିସରସ୍ଥ ସାବିତ୍ରୀ ମନ୍ଦିରରେ ସକାଳୁ ସଧବା ମହିଳାମାନେ ଧାଡ଼ି ଲଗାଇ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପକ୍ଷରେ ଆନନ୍ଦ ବଜାରରେ ଅବଢ଼ା ଦର ପୂର୍ବାପେକ୍ଷା ଦୁଇ ଗୁଣାରୁ ଅଧିକ ରହିଥିଲା। ତଥାପି ଭକ୍ତଙ୍କ ମଧ୍ୟରେ ମହାପ୍ରସାଦ ପାଇବା ଲାଗି ଉତ୍ସୁକତା ଦେଖିବାକୁ ମିଳିଥିଲା। ନୟାଗଡ଼ର ସସ୍ମିତା ପାତ୍ର କହିଛନ୍ତି, ସପରିବାର ଶ୍ରୀମନ୍ଦିରକୁ ଆସିଥିଲୁ। ବେଢ଼ା ପରିସରସ୍ଥ ସାବିତ୍ରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲି। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ କରି ଆନନ୍ଦ ବଜାରକୁ ଯାଇଥିଲୁ। ହେଲେ ଦର ବହୁତ ଅଧିକ ଥିଲା। ପୂର୍ବରୁ ଯେଉଁ ମହାପ୍ରସାଦ ୭୦ଟଙ୍କାରେ ମିଳୁଥିଲା ତାହା ୧୫୦ ଟଙ୍କାରେ ବିକ୍ରି ହେଉଥିଲା। ଆମେ ସେହି ଦାମ୍‌ରେ ଅବଢ଼ା ଆଣିଥିଲୁ। ମହାରାଷ୍ଟ୍ର ଅକୋଲାର ଅର୍ଚ୍ଚନା ମାନସିଂ କହିଛନ୍ତି, ସ୍ୱାମୀଙ୍କ ସହ ଶ୍ରୀକ୍ଷେତ୍ର ବୁଲିବାକୁ ଆସିଛି। ସୋମବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛୁ। ଅବଢ଼ା ପାଇଁ ଆନନ୍ଦ ବଜାରକୁ ଯାଇଥିଲୁ। ଅନ୍ୟ ଦିନ ଅପେକ୍ଷା ଦର ଅଧିକ ରହିଥିଲା। ଏଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି କଟକରୁ ଆସିଥିବା ମାନସ ସାହୁ ସମାନ ମତ ରଖିଥିଲେ। ସେ କହିଥିଲେ, ବୋଧହୁଏ ସାବିତ୍ରୀ ଯୋଗୁ ଦର ବଢ଼ିଥିଲା। ତଥାପି ସପରିବାର ମହାପ୍ରସାଦ ପାଇ ଆନନ୍ଦ ଅନୁଭବ କରିଛୁ। ଭୁବନେଶ୍ୱରର ରବୀନ୍ଦ୍ର ମହାପାତ୍ର କହିଥିଲେ, ଶ୍ରୀମନ୍ଦିର ପ୍ରଶାସନ ଦର ଉପରେ ନିୟନ୍ତ୍ରଣ କରିବା ଦରକାର।

### ହାତୀ ଉପଦ୍ରବ: ଫସଲ ନଷ୍ଟ



**ଖୁଣ୍ଟୁଣୀ,୩।୬(ଡି.ଏନ୍.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡାବର ଗ୍ରାମରେ ଏକ ହାତୀପଲ ରବିବାର ବିଳମ୍ବିତ ରାତିରେ ପଶି ୩ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ କରିଛନ୍ତି। ନିକଟସ୍ଥ ସୁବାସୀ ସଂରକ୍ଷିତ ଜଙ୍ଗଲରେ ରହୁଥିବା ୭ଟି ହାତୀ ୫୫ନଂ. ଜାତୀୟ ରାଜପଥ ଅତିକ୍ରମ କରି ରମ୍ଭେଇ ଷ୍ଟେଶନ ରୋଡ୍‌ର ରଜନୀକାନ୍ତ ଜେନାଙ୍କ ୧ ଏକରରୁ ଊର୍ଦ୍ଧ୍ୱ ଜମିରେ କଟା ହୋଇ ତଳେ ବିଛା ଯାଇଥିବା ଡାଲୁଅ ଧାନକୁ ନଷ୍ଟ କରିଥିଲେ। ପରେ ଡାବର ଗ୍ରାମରେ ପଶି ଟିକମ ପ୍ରଧାନ ଓ ବସନ୍ତ ପ୍ରଧାନଙ୍କ ବାରିରେ ଥିବା ଧାନ ଖାଇବା ସହ ଦଳିଚକଟି ନଷ୍ଟ କରିଥିଲେ। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା ଘଟଣାସ୍ଥଳକୁ ଫରେଷ୍ଟରଙ୍କୁ ପଠାଇଥିଲେ। ସେଠାରେ ଫରେଷ୍ଟର ତଦନ୍ତ କରି ଫେରିଥିବା ଜଣାପଡିଛି। କ୍ଷତିଗ୍ରସ୍ତ ଚାଷୀ ଦରଖାସ୍ତ ଦେଲେ କ୍ଷତିପୂରଣ ବ୍ୟବସ୍ଥା କରାଯିବ ବୋଲି ବେହେରା କହିଛନ୍ତି। ହାତୀଙ୍କର ଏଭଳି ଉପଦ୍ରବ ଯୋଗୁ ଡାଲୁଅ ଧାନ ଫସଲ କରିଥିବା ଚାଷୀମାନେ ଏବେ ଆତଙ୍କିତ ହୋଇପଡିଛନ୍ତି। ହାତୀମାନଙ୍କୁ ଜଙ୍ଗଲ ଭିତରକୁ ଘଉଡାଇବା ପାଇଁ ହାତୀ ଘଉଡାଳି ଟିମ୍ ନିଯୁକ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆମ୍ବୁଲାନ୍ସ ପଛରେ ପିଟିହେଲା ସ୍କର୍ପିଓ: ନାବାଳିକା ମୃତ

**ଟାଙ୍ଗୀ(କଟକ)୩।୬(ଡି.ଏନ୍.ଏ):** ଟାଙ୍ଗୀ ଥାନା ୧୬ନଂ. ଜାତୀୟ ରାଜପଥର ଡ୍ରିମ୍ସ ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୀପାଳି ଦାସ(୧୫) ଓ ତାଙ୍କ ଘର ପୂର୍ବ ମେଦିନୀପୁର ଜିଲା ଗ୍ରାମନଗର ଥାନା ଅନ୍ତର୍ଗତ ଘୋଲ ଅଞ୍ଚଳରେ। ଦୀପାଳିଙ୍କ ଶରୀର ଅସୁସ୍ଥ ଥିବାରୁ ପିତା ଚତୁର୍ଭୁଜ ଏକ ସ୍କର୍ପିଓ ଯୋଗେ ତାଙ୍କୁ ଧରି ଭୁବନେଶ୍ୱରସ୍ଥିତ ଏମ୍ସ ଆସୁଥିଲେ। ଡ୍ରିମ୍ସ ଛକ ନିକଟସ୍ଥ ହମ୍ପସରେ ଆଗରେ ଯାଉଥିବା ଏକ ଆମ୍ବୁଲାନ୍ସ ହଠାତ ବ୍ରେକ ମାରିବାରୁ ଭାରସାମ୍ୟ ହରାଇ ସ୍କର୍ପିଓଟି ତା' ପଛରେ ପିଟି ହୋଇଯାଇଥିଲା। ଫଳରେ ଦୀପାଳିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଆହତ ହୋଇ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଆଇଆଇସି ବିମଳ କୁମାର ବାରିକ କହିଛନ୍ତି।

# ନନ୍ଦନକାନନରେ ଚିତାବିରାଡ଼ି ମୃତ

ବାରଙ୍ଗ,୩।୬(ଡି.ଏନ୍.ଏ.)

ବାତ୍ୟା ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଯେପରିକି ମଡ଼ୁଡ଼ି ଲାଗିଛି। ଗତ ୪ଦିନ ମଧ୍ୟରେ ଚରୋଟି ପ୍ରାଣୀଙ୍କ ଜୀବନ ଚାଲିଯାଇଥିବା ବେଳେ ସୋମବାର ପୁଣି ଏକ ପ୍ରାଣୀର ଜୀବନ ଯାଇଛି। ନନ୍ଦନକାନନର ଏନକ୍ଲୋଜର ନଂ୨୨ରେ ଥିବା ୧୨ବର୍ଷର ଏକ ଅଣ୍ଡିରା ଚିତାବିରାଡିର ମୃତ୍ୟୁ ହୋଇଛି। ସୋମବାର ସକାଳେ ବିରାଡିଟି ଏନକ୍ଲୋଜରରେ ମରିପଡିଥିବାର କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏହାର ମୃତ୍ୟୁ ପରେ ଏକ ମାଈ ଚିତାବିରାଡିଟି ସାଥୀହରା ହେବା ସହ ଏକୁଟିଆ ଥିବା ପଶୁପକ୍ଷୀ ତାଲିକାରେ ତା'ର ନାମ ଯୋଡି ହୋଇଯାଇଛି। ୨୩ ଅଗଷ୍ଟ ୨୦୧୧ରେ ଆସାମର ଚିଡିଆଖାନା ଗୁଆହାଟିରୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ୮ଟି ପଶୁପକ୍ଷୀ ଦିଆଯାଇ ୧୦ଟି ପଶୁପକ୍ଷୀ ନନ୍ଦନକାନନକୁ ଅଣାଯାଇଥିଲା। ସେଥିମଧ୍ୟରେ ୩ଟି ଚିତାବିରାଡି ରହିଥିଲେ। ଚିତାବିରାଡି ଆସିବାର ୧୬ଦିନ ପରେ ଗୋଟିଏ ଛୁଆ ଜନ୍ମ କରିଥିଲେ ମଧ୍ୟ କିଛିଦିନ ପରେ ସେ ମରିଯାଇଥିଲା। ୨୦୧୨ ମେ ୪ତାରିଖରେ ପୁଣି ଏକ ମାଈ ଚିତାବିରାଡି ମୃତ୍ୟୁ କରିଥିଲା।


ଚିତାବିରାଡ଼(ଫାଇଲ୍ ଫଟୋ)

ଏହାପରେ ଫୁଲବାଣୀରୁ ୧ମାସର ଛୁଆ ୨୦୧୩ ଏପ୍ରିଲ ୧୩ ଓ ୨୦୧୮ ନଭେମ୍ବର୨୫ରେ କେନ୍ଦୁଝରରୁ ୩ମାସର ଛୁଆ ଚିତାବିରାଡି ନନ୍ଦନକାନନକୁ ଆସିଥିଲେ ମଧ୍ୟ ପର୍ଯ୍ୟାୟକ୍ରମେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏହି ରାତ୍ରୀଚର ପ୍ରାଣୀର ଶରୀରର ବିଭିନ୍ନ ସ୍ଥାନରେ କଲରାପତ୍ରିଆ ବାଘଭଳି ଟିପାଟିପା ଚିହ୍ନ ରହିଥିବାରୁ ଏହାକୁ କଲରାପତ୍ରିଆ ଛୁଆ ବୋଲି କୁହାଯାଉଛି। ତେଣୁ ଏମାନଙ୍କର ନାମ ଚିତାବିରାଡି ରଖାଯାଇଛି ବୋଲି ନନ୍ଦନକାନନ ଜନ୍ତୁ ବିଭାଗ ଦାୟିତ୍ୱରେ ଥିବା ଏସିଏଫ ଅଶୋକ କୁମାର ଦାସ କହିଛନ୍ତି।

# ୩୬ ରଥ ଚକ ନିର୍ମାଣ ସରିଲା

ପୁରୀ ଅଫିସ,୩।୬

ଜୁଲାଇ ୪ରେ ଘୋଷଯାତ୍ରା। ପବିତ୍ର ଅକ୍ଷୟତୃତୀୟାଠାରୁ ଶ୍ରୀନଅର ସମ୍ମୁଖ ରଥଖଳାରେ ଆରମ୍ଭ ହୋଇଛି ରଥ ନିର୍ମାଣ କାର୍ଯ୍ୟ। ତାଳଧ୍ୱଜ ରଥର ମୁଖ୍ୟ ମହାରଣା ନରସିଂହ ମହାପାତ୍ର, ଦର୍ପଦଳନ ରଥର କୃଷ୍ଣଚନ୍ଦ୍ର ମହାରଣା ଓ ନନ୍ଦିଘୋଷ ରଥର ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ଚାଲିଛି ରଥକାମ। ସୋମବାର ସୁଦ୍ଧା ତିନି ରଥର ୩୬ଟି ଚକ ତିଆରି ସରିଛି। ନନ୍ଦିଘୋଷ ରଥର ୧୪, ତାଳଧ୍ୱଜ ରଥର ୧୨, ଦର୍ପଦଳନ ରଥର ୧୦ଟି ଚକ ନିର୍ମାଣ ହୋଇଛି। ନୃସିଂହ ଚତୁର୍ଦ୍ଦଶୀଠାରୁ କାମରେ ଯୋଗଦେଇଛନ୍ତି ରୂପକାର ସେବକ। ଏମାନେ କଣଗୁଜରେ ସିଂହବିରାଳ ଖୋଦେଇ କରୁଛନ୍ତି। କମାର ଚାଳିରେ କମାର ସେବକମାନେ ଅରକଣ୍ଟା, ପନ୍ଦାରୀ ଓ ବଳା କାମରେ ବ୍ୟସ୍ତ ରହିଛନ୍ତି। ସମସ୍ତଙ୍କ ମଧ୍ୟରେ ଆନନ୍ଦ ଭାବ ରହିଛି। ଭାଇଚାରର ବାର୍ତ୍ତା ଦେଉଛି ରଥଖଳା। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାମ ଚାଲୁଛି। ଏହି ସମୟ ମଧ୍ୟରେ କାମରୁ ଟିକିଏ ଫୁରସତ ପାଇଲେ ପରସ୍ପର ମଧ୍ୟରେ ହସଖୁସି ହେଉଛନ୍ତି। କାହାର କେଉଁ କାମ କେତେ ବାଟ ଗଲା, କଣ ଅସୁବିଧା ହେଉଛି ସେନେଇ ଆଲୋଚନା କରୁଛନ୍ତି। ଭକ୍ତ ଓ ପର୍ଯ୍ୟଟକ ମଧ୍ୟ ରଥକାମ ଉପଭୋଗ କରୁଛନ୍ତି।

# ଜେଲ୍‌ରେ ସାବିତ୍ରୀ ବ୍ରତ ପାଳିଲେ ଅନ୍ତେବାସୀ

ଚୌଦ୍ୱାର,୩।୬(ଡି.ଏନ୍.ଏ.)

ସାବିତ୍ରୀ ବ୍ରତ ଉପଲକ୍ଷେ ସୋମବାର ସକାଳେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ମହିଳାଙ୍କ ଭିଡ ଲାଗିଥିଲା। ସେହିପରି ଚୌଦ୍ୱାର ଜେଲ୍‌ରେ ମଧ୍ୟ ୨୨ ଜଣ ମହିଳା ଅନ୍ତେବାସୀ ଏହି ବ୍ରତ ପାଳନ କରିଥିଲେ। ବ୍ରତ ପୂଜା ପାଇଁ ସମସ୍ତ ବ୍ୟବସ୍ଥା ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଇଥିବା ଜେଲର ହେମନ୍ତ କୁମାର ସେଠୀ କହିଛନ୍ତି। ଅନ୍ୟପକ୍ଷରେ ଜେଲ୍‌ରେ ଥିବା ପୁରୁଷ କଏଦୀମାନଙ୍କ ଦୀର୍ଘାୟୁ କାମନା କରି ସେମାନଙ୍କୁ ଦେଖା କରିବା ପାଇଁ ସ୍ତ୍ରୀମାନେ ଜେଲ୍‌କୁ ଆସିଥିଲେ। ହେଲେ ଜେଲ୍ ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଏକ ବେଲଗଛ ମୂଳେ ୨ଜଣ ମହିଳାଙ୍କ ପୂଜାର୍ଚ୍ଚନା ଦେଖିବାକୁ ଲୋକଙ୍କ ମନରେ କୌତୂହଳ ଜାତ ହୋଇଥିଲା।

# ଅବସର ନେଲେ କେ.ବି. ସିଂହ

## ଆଇପିଏସ୍ ସଂଘ ତରଫରୁ ବିଦାୟ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୩।୬(ବ୍ୟୁରୋ):** ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମର ଅଧ୍ୟକ୍ଷ ଥିବା ପୂର୍ବତନ ପୋଲିସ ଡିଜି କେ.ବି. ସିଂ ଗତ ୩୧ ତାରିଖରୁ ଚାକିରିରୁ ଅବସର ନେଇଛନ୍ତି। ଏନେଇ ଆଇପିଏସ୍ ସଂଘ ପକ୍ଷରୁ ପୋଲିସ ଭବନଠାରେ ସୋମବାର ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅୟୋଜନ କରାଯାଇଥିଲା। ପୋଲିସ ଡିଜି ଡା.ରଜେନ୍ଦ୍ର ପ୍ରସାଦ ଶର୍ମା ଅଧ୍ୟକ୍ଷ କରିଥିଲେ। ସଂଘର ବହୁ ବରିଷ୍ଠ ଆଇପିଏସ୍ ଅଫିସର ଯୋଗଦେଇ ସିଂହଙ୍କୁ ସମ୍ବର୍ଦ୍ଧନା ଦେବା ସହ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଡିଜିପି ଡା.ଶର୍ମା, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନିଲ ରାୟ, ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଆଇଜି ଅସୀତ ପାଣିଗ୍ରାହୀ ପ୍ରମୁଖ ସିଂହଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ।

୧୯୮୫ ବ୍ୟାଚର ଆଇପିଏସ୍ ଅଧିକାରୀ କେ.ବି. ସିଂହ ଉତ୍ତର ପ୍ରଦେଶ ବଲିଆର ମୂଳ ବାସିନ୍ଦା। କାର୍ଯ୍ୟକାଳ ସମୟରେ ସେ ନଭେମ୍ବର ୨୦୧୫ରୁ ଅଗଷ୍ଟ ୨୦୧୭ ପର୍ଯ୍ୟନ୍ତ ରାଜ୍ୟ ପୋଲିସ ଡିଜି ଭାବେ ରହି ସଫଳଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହା ପୂର୍ବରୁ ସିଂହ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ,ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ନିର୍ଦ୍ଦେଶକ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟକରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଂଜୀବ ପଣ୍ଡା ଓ ଆଇଜି ଅସୀତ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ସ୍ପେସ୍ ଆପ୍ଲିକେଶନ ସେଣ୍ଟର ପରିଦର୍ଶନରେ ଗଲେ ୨୦ ଯୁବ ଜ୍ୟୋତିର୍ବିଜ୍ଞାନୀ

ଭୁବନେଶ୍ୱର,୩।୬(ବ୍ୟୁରୋ)

## ୱାଇଏଟିଏସ୍ ତ୍ରୟୋଦଶ ସଂସ୍କରଣ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଦ୍ୱାଦଶ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା(ୱାଇଏଟିଏସ୍)ର କୃତି ପ୍ରତିଯୋଗୀଙ୍କ ଏକ୍ସପୋଜର୍ ଭିଜିଟ୍ କାର୍ଯ୍ୟକ୍ରମକୁ ସୋମବାର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନ ନିବାସ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ରାଜ୍ୟର ଶ୍ରେଷ୍ଠ ୨୦ଜଣ କୁନି ତଥା ଯୁବ ଜ୍ୟୋତିର୍ବିଜ୍ଞାନୀ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ଅହମ୍ମଦାବାଦସ୍ଥିତ ସ୍ପେସ୍ ଆପ୍ଲିକେଶନ ସେଣ୍ଟର ପରିଦର୍ଶନ ପାଇଁ ଯାତ୍ରାରମ୍ଭ କରିଛନ୍ତି।

ଏଥିସହ ଏହି ଅବସରରେ ମୁଖ୍ୟମନ୍ତ୍ରୀ ତ୍ରୟୋଦଶ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ୨୦୧୯-୨୦ ସଂସ୍କରଣର ଥିମ୍ 'ଅନ୍‌ରାଭେଲିଙ୍ଗ୍ ଦ ୱାଣ୍ଡର୍ସ ଅଫ୍ ଦି ୟୁନିଭର୍ସ' ରହିଥିବାବେଳେ ଏଥର ୬ଷ୍ଠରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓପନ୍ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ୯ମ ଓ ୧୦ମ ଶ୍ରେଣୀ ପିଲାମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା କରାଯିବ। ପ୍ରତି ଜିଲାରୁ ଦୁଇଜଣ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ୨୦୧୯ ଡିସେମ୍ବର ୧୨ ଓ ୧୩ ତାରିଖରେ ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେକୁ ନିମନ୍ତ୍ରଣ କରାଯିବ। ଏହାପରେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୨୦ଜଣଙ୍କୁ ବଛାଯାଇ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅଧିକ ଜାଣିବା ପାଇଁ ଏକ୍ସପୋଜର ଭିଜିଟିରେ ପଠାଯିବ।

ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଭାଗୀୟ ସଚିବ ଓ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସାହୁ, ଟାଟା ଷ୍ଟିଲ୍ ଇଣ୍ଡିଆ ଆଣ୍ଡ ସାଉଥ୍ ଇଷ୍ଟ କର୍ପୋରେଟ୍ କମ୍ୟୁନିକେଶନ ମୁଖ୍ୟ କୁଲ୍‌ଭିନ୍ ସୁରୀ ଏବଂ ଟାଟା ଷ୍ଟିଲ୍ ଭୁବନେଶ୍ୱର ଚିଫ୍ ରେସିଡେଣ୍ଟ ଏକ୍‌ଜିକ୍ୟୁଟିଭ୍ ଦେବାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶିତ

### ଆର୍‌ପି ଆବାସିକ ବିଜ୍ଞାନ ଉଚ୍ଚ ବିଦ୍ୟାଳୟ୍ ପାସ୍ ହାର ୯୯ ପ୍ରତିଶତ

**ତିଗିରିଆ,୩।୬(ଡି.ଏନ.ଏ.):** ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁରସ୍ଥିତ ଆର୍‌ପି ଆବାସିକ ବିଜ୍ଞାନ ଉଚ୍ଚ ବିଦ୍ୟାଳୟର ପାସ ହାର ୯୯ ପ୍ରତିଶତ ରହିଥିବା ଅଧକ୍ଷ ମୃତ୍ୟୁଞ୍ଜୟ୍ ଜେନା ସୂଚନା ଦେଇଛନ୍ତି। ୧୮୩ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦୩, ୨ୟ ଶ୍ରେଣୀରେ ୬୨ ଓ ୩ୟ ଶ୍ରେଣୀରେ ୧୬ଜଣ ପାସ କରିଛନ୍ତି। ସେଥି ମଧ୍ୟରୁ ଛାତ୍ରୀ ରାମେଶ୍ୱରୀ ଗୁଇଁ ସର୍ବାଧିକ ୫୦୫ ନମ୍ବର ରଖି ପାସ୍ କରିଥିବା ଜଣାପଡ଼ିଛି।

### ଚୈତନ୍ୟସାହୁ କନିଷ୍ଠ ମହାବିଦ୍ୟାଳୟର ପାସ ହାର ୯୦%

**ତିଗିରିଆ,୩।୬(ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟସାହୁ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କଲେଜର ପାସହାର ୯୦ପ୍ରତିଶତ ରହିଛି। ୬୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୭ଜଣ, ୨ୟ ଶ୍ରେଣୀରେ ୨୪ ଓ ୩ୟ ଶ୍ରେଣୀରେ ୧୩ ଜଣ ପାସ୍ କରିଛନ୍ତି। ତେବେ ସେଥିରୁ ୬ଜଣ ଫେଲ ହୋଇଥିବା ଅଧକ୍ଷା ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଓ ବର୍ତ୍ତମାନର ଦାୟିତ୍ୱରେ ଥିବା ଅଧକ୍ଷ ରମେଶ ଚନ୍ଦ୍ର ଡାଳୁଆ ସୂଚନା ଦେଇଛନ୍ତି।

### ଗୋପବନ୍ଧୁ ବିଜ୍ଞାନ କଲେଜର ପାସ୍ ହାର ୭୩ ପ୍ରତିଶତ

**ଆଠଗଡ଼,୩।୬(ସ୍ୱ.ପ୍ର.):** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ କଲେଜର ୭୩ ପ୍ରତିଶତ ପାସ୍‌ହାର ହୋଇଛି। ଏହି କଲେଜରେ ମୋଟ ୧୬୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୭ଜଣ ପାସ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୮, ଦ୍ୱିତୀୟ ଶ୍ରେଣୀରେ ୪୩ ଏବଂ ତୃତୀୟ ଶ୍ରେଣୀରେ ୫୬ ଜଣ ରହିଛନ୍ତି। ୪୧ଜଣ ଫେଲ୍ ହୋଇଥିବାବେଳେ ବିଭିନ୍ନ କାରଣରୁ ୨ଜଣଙ୍କ ପରୀକ୍ଷା ଫଳ ସ୍ଥଗିତରହିଥିବା କଲେଜ ଅଧକ୍ଷ ହରେକୃଷ୍ଣ ପରିଡ଼ା ସୂଚନା ଦେଇଛନ୍ତି। ଛାତ୍ର ସତ୍ୟଜିତ ନନ୍ଦ ସର୍ବାଧିକ ୪୭୬ ନମ୍ବର ( ୭୯.୩୩%) ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ଏହି କଲେଜରେ ପରୀକ୍ଷା ଦେଇଥିବା ୨୦ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୬ଜଣ କୃତକାର୍ଯ୍ୟ ହୋଇଥିବା କଲେଜପରୀକ୍ଷା ସେଲ ସହାୟକ ଫଣୀ ଭୂଷଣ ଦାସ ସୂଚନା ଦେଇଛନ୍ତି।

### ସାଲେପୁର କଲେଜରେ ୯୩.୧୦ ପ୍ରତିଶତ ପାସ୍ ହାର

**ସାଲେପୁର,୩।୬(ଡି.ଏନ୍.ଏ.):** ସାଲେପୁର କଲେଜର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କଲେଜର ମୋଟ ୨୪୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨୮, ଦ୍ୱିତୀୟ ଶ୍ରେଣୀରେ ୭୫ ଓ ତୃତୀୟ ଶ୍ରେଣୀରେ୨୮ଜଣ ପାସ୍ କରିଛନ୍ତି। ୧୫ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଥିବା ଜଣାପଡ଼ିଛି। କଲେଜର ପାସ୍‌ହାର ୯୩.୧୦ ପ୍ରତିଶତ ହୋଇଥିବାବେଳେ ଛାତ୍ର ସ୍ୱସ୍ତିକ୍ ମିଶ୍ର ୫୦୯ ନମ୍ବର ରଖି କଲେଜ ଟପ୍ପର ହୋଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ମୋହନ ସୁବୁଦ୍ଧି ମହାବିଦ୍ୟାଳୟ୍ ଯୁକ୍ତ ୨ ବିଜ୍ଞାନ ଫଳ ପ୍ରକାଶିତ

**ବଡ଼ମ୍ବା,୩।୬(ଡି.ଏନ.ଏ.):** ସୋମବାର ସ୍ଥାନୀୟ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଯୁକ୍ତ ୨ ବିଜ୍ଞାନ ଫଳ ପ୍ରକାଶ ପାଇଛି। ଏଥିରେ ମହାବିଦ୍ୟାଳୟର ପାସ୍ ହାର ଶତକଡ଼ା ୮୩ ପ୍ରତିଶତ ହୋଇଛି। ୯୨ ଛାତ୍ରୀଛାତ୍ର ରେଗୁଲାର ପରୀକ୍ଷା ଦେଇଥିବା ବେଳେ ୭୬ଜଣ ଛାତ୍ରୀ ଛାତ୍ର ପାସ୍ କରିଛନ୍ତି। ସେହିପରି ଏକ୍ସ ରେଗୁଲାର ପରୀକ୍ଷାର୍ଥୀଭାବେ ୧୭ଜଣଙ୍କ ମଧ୍ୟରୁ ୮ଜଣ ଉପକୃତ ହୋଇଛନ୍ତି। ମହାବିଦ୍ୟାଳୟ ଛାତ୍ରୀ ତପସ୍ୱିନୀ ନାଏକ ୪୬୮ନମ୍ବର ରଖି ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ୪୪୧ ନମ୍ବର ରଖି ବିଷ୍ଣୁପ୍ରିୟା ସାହୁ ଦ୍ୱିତୀୟ ଓ ୪୨୮ ନମ୍ବର ରଖି ସ୍ମୃତିରେଖା ସାହୁ ତୃତୀୟସ୍ଥାନ ଅଧିକାର କରିଛନ୍ତି। ଉପରୋକ୍ତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ଅଧକ୍ଷ କୁମାରେଶ ରଥ ଓ ଅନ୍ୟ ଅଧ୍ୟାପିକାଅଧ୍ୟପକମାନେ ଶୁଭେଚ୍ଛା ଜଣାଇଛନ୍ତି।

# ପଲିଥିନ୍ ନିଷେଧ ଅଭିଯାନ ଜୋରଦାର

**କଟକ ଅଫିସ,୩।୬**

ରାଜ୍ୟରେ ସରକାର ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଲୋକଙ୍କ ସମେତ ବିଭିନ୍ନ ଦୋକାନୀଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ଏହାସତ୍ତ୍ୱେ ଯେଉଁ ଦୋକାନରେ ପଲିଥିନ୍ ଦେଖିବାକୁ ମିଳିବ, ସେଠାରେ ଚଢ଼ାଉ କରାଯାଇ ତାହାକୁ ଜବତ କରାଯିବା ସହ ବ୍ୟବସାୟୀଙ୍କୁ ମଧ୍ୟ ଜରିମାନା ଦେବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପଲିଥିନ ବର୍ଜନ ସହରରେ କଡ଼ାକଡ଼ି ଲାଗୁ କରିବା ପାଇଁ ଘୋଷଣା କରାଯାଇଥିଲା। କିଛିଦିନ ଧରି ସହରର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ପଲିଥିନ୍ ଜବତ କରାଯିବା ସହ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯିବାରୁ ସହରର ବିଭିନ୍ନ ସ୍ଥାନରେ କୁଢ କୁଢ ପଲିଥିନ ପଡ଼ିଥିବା ଦେଖିବାକୁ ମିଳିଲା। ଅନେକ ଡ୍ରେନ୍‌ରେ ପଲିଥିନ୍ ଜମା ହେବାଯୋଗୁ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଥିଲା। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ସିଏମ୍‌ସିର ଚେତା ଫେରିଛି। ଫନୀ ପରଠାରୁ ସିଏମ୍‌ସି ପକ୍ଷରୁ ପଲିଥିନ ନିଷେଧ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ସହରରେ ଏ ନେଇ କିଛିଦିନ ହେବ ସିଏମ୍‌ସି ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍‌ରେ ୬ ଜଣ ଲେଖା କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗତ ୧୦ ଦିନ ଭିତରେ ସିଏମ୍‌ସି ପକ୍ଷରୁ ସମସ୍ତ ୱାର୍ଡରେ ଥିବା ଦୋକାନ ଉପରେ ଚଢ଼ାଉ କରାଯାଇ ୧୫୦ କେଜିରୁ




■୫୦ହଜାର ଜରିମାନା ଆଦାୟ

■ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ସଚେତନ କରାଯିବ

ଊର୍ଦ୍ଧ୍ୱ ପଲିଥିନ ଜବତ କରାଯିବା ସହ ବ୍ୟବସାୟୀଙ୍କଠାରୁ ୫୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ଡେପୁଟି କମିଶନର(ଓଆର୍‌ଏସ୍) ସରୋଜ କୁମାର ରାଉତ କହିଛନ୍ତି, ୫୦ ମାଇକ୍ରନରୁ ତଳେ ଥିଲେ ସେହି ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ ଏବଂ ଥରେ ବ୍ୟବହାର ହୋଇଥିବା ପଲିଥିନ ବ୍ୟବହାର ଉପଯୋଗୀ ନୁହଁ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ ରହିଛି। ପଲିଥିନ୍ ବ୍ୟବହାର ନ କରିବା ପାଇଁ ପ୍ରଥମେ ମାଇକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ପରେ ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ଯାଞ୍ଚ କରାଯାଉଛି। ଯେଉଁ ପଲିଥିନ ୫୦ ମାଇକ୍ରନ ତଳେ ଥିବା ସନ୍ଦେହ ହେଉଛି ସେଠାରେ ମେଶିନ ମାଧ୍ୟମରେ ଚେକିଂ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ଆଗାମୀ ଦିନରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶିବିର କରାଯିବା ସହ କାନ୍ଥରେ ପେଣ୍ଟିଂ କରାଯାଇ ଲୋକଙ୍କୁ ସଚେତନ କରାଯିବ। ଏଥିସହ ସହରରେ ଥିବା ବ୍ୟବସାୟୀ ସଂଘକୁ ପଲିଥିନ ବ୍ୟବହାର ନ କରିବା ନେଇ ଚିଠି କରାଯିବ। ପଲିଥିନ ନିୟନ୍ତ୍ରଣ ନ ହେବା ପର୍ଯ୍ୟନ୍ତ ଏଭଳି ଭାବେ ଚଢ଼ାଉ କରାଯାଇ ଜରିମାନା ଆଦାୟ ହେବ ବୋଲି ସେ କହିଛନ୍ତି।

■ ବଡ଼ମ୍ବାରେ ନିର୍ବାଚନୀ ପରବର୍ତ୍ତୀ ହିଂସା

# ଦୁର୍ବୃତ୍ତଙ୍କ ଆକ୍ରମଣରେ ସରପଞ୍ଚଙ୍କ ପୁଅ ଗୁରୁତର

**ବଡ଼ମ୍ବା, ୩।୬(ଡି.ଏନ.ଏ.)**

ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପମଥୁରା ଗ୍ରାମରେ ସୋମବାର ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ଏଥିରେ ଉକ୍ତ ପଞ୍ଚାୟତର ସରପଞ୍ଚ ପ୍ରଭାତୀ ନାୟକଙ୍କ ପୁଅ କମଳକାନ୍ତ ନାୟକ (୪୩)ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି କମଳକାନ୍ତଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଅଧିକ ଚିକିତ୍ସା ଲାଗି କଟକ ପଠାଯାଇଥିବା ବଡ଼ମ୍ବା ଥାନା ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର କହିଛନ୍ତି। ଘଟଣାକୁ ନେଇ ଆହତଙ୍କ ମା' ତଥା ସରପଞ୍ଚ ନାୟକ ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, କମଳାକାନ୍ତ ଗ୍ରାମରେ ହେଉଥିବା ଏକ ଭୋଜିକୁ ଯୋଗଦେବାକୁ ଯାଉଥିବା ବେଳେ ୫ରୁ ଅଧିକ ବ୍ୟକ୍ତି ସଂଘବଦ୍ଧ ଭାବେ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ପେଟ ତଳେ ଗଭୀର ଆଘାତ ଲାଗିଥିଲା। ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଯାଇଛି। ପୋଲିସ୍ ଏହି ଘଟଣାର ତଦନ୍ତ ଚଳାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଏଥିରେ ସମ୍ପୃକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ। ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନଠାରୁ ବିଧାସଭା ନିର୍ବାଚନପର୍ଯ୍ୟନ୍ତ ଗୋପମଥୁରା ଗ୍ରାମରେ ରାଜନୈତିକ ଗୋଷ୍ଠୀ ବିବାଦ ଲାଗିରହିଛି। ଏହାକୁ ନେଇ ଅତୀତରେ ଗଣ୍ଡଗୋଳ ଘଟିଥିବା ବଡ଼ମ୍ବା ଥାନରେ ଅଭିଯୋଗ ହୋଇଥିଲା। ଗ୍ରାମରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ଦିଗରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାଶନ କାର୍ଡ ଦାବିରେ ଧାରଣା

**ରଘୁନାଥପୁର,୩।୬(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ କୋଟକଣା ଗ୍ରାମର ପ୍ରଭଞ୍ଜନ ବିଶ୍ୱାଳ ନିଜ ରାଶନ କାର୍ଡ ଦାବି ନେଇ ସୋମବାର ପଞ୍ଚାୟତ ସମ୍ମୁଖରେ ଧାରଣା ଦେଇଛନ୍ତି। ଗତ ମେ ୯ରେ ପ୍ରଭଞ୍ଜନଙ୍କ ସ୍ତ୍ରୀ ସାଗରିକା ବିଶ୍ୱାଳ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଇଁ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡିଓ ରଘୁନାଥପୁର ଓ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଡାକ ଯୋଗେ ଲିଖିତ ଅଭିଯୋଗ କରିଥିଲେ। ଏପିରି କି କାର୍ଡ ପ୍ରଦାନ କରା ନ ଗଲେ ସ୍ୱାମୀ ପ୍ରଭଞ୍ଜନ ଧାରଣା ଦେବେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଦମ୍ପତିଙ୍କ ଅଭିଯୋଗ ଯେ, ଥଳାବାଲାଙ୍କୁ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି କାର୍ଡ ପ୍ରଦାନ କରୁଥିବାବେଳେ ଯୋଗ୍ୟ ହିତାଧିକାରୀ ନିରାଶ ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗରିବଙ୍କ କଥା କେହି ଶୁଣୁ ନାହାନ୍ତି। ତଦନ୍ତ କରିବାକୁ ଆସୁଥିବା ଅଧିକାରୀମାନେ ଚଞ୍ଚକତା କରି ଧନୀଶ୍ରେଣୀର ଲୋକଙ୍କୁ ହିଁ ଯୋଜନାରେ ସାମିଲ କରୁଛନ୍ତି। ଉକ୍ତ ପଞ୍ଚାୟତରେ ୧୫ରୁ ଅଧିକ ଯୋଗ୍ୟବ୍ୟକ୍ତି ରାଶନ କାର୍ଡ ପାଇବାକୁ ହକଦାର ଥିବାବେଳେ ମାତ୍ର ଅଳ୍ପ କେତେଜଣଙ୍କୁ ତାହା ମିଳିଛି। ଏହାର ନକଲ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବାର ପ୍ରଭଞ୍ଜନ ପ୍ରକାଶ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଭଗବାନ ନାୟକ ରାଶନ କାର୍ଡ ସାଇଟ ଖୋଲିଲେ କାର୍ଡ ପ୍ରଦାନ କରାଯିବାର ପ୍ରତିଶ୍ରୁତି ରଖିଥିଲେ ମଧ୍ୟ ପ୍ରଭଞ୍ଜନ ଏହାକୁ ମାନି ନାହାନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗଣ ବିଭାଗର ମାର୍କେଟିଂ ଇନସ୍ପେକ୍ଟର ମୋଚିରାମ ଦାସ କହନ୍ତି, ଉକ୍ତ ଗ୍ରାମକୁ ଯାଇଥିବା ୩ଜଣିଆ ଟିମ ତଦନ୍ତ ତାଲିକାରେ ପ୍ରଭଞ୍ଜନଙ୍କ କୋଠାଘର ଥିବା ଦର୍ଶାଇଛନ୍ତି। ନିୟମାନୁଯାୟୀ ଉକ୍ତ ବ୍ୟକ୍ତି କାର୍ଡ ପାଇବାରୁ ବଞ୍ଚିତ ହୋଇଥିବାର ପ୍ରକାଶ କରିଛନ୍ତି। ଅଭିଯୋଗକାରୀଙ୍କୁ କାର୍ଡ ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ଜିଦ ଧରିଥିବାବେଳେ, ଏମଆଇଙ୍କ ମନ୍ତବ୍ୟ ସ୍ଥିତିକୁ ଜଟିଳ କରିଦେଇଛି।



ଧାରଣାରେ ବସିଥିବା ପ୍ରଭଞ୍ଜନ।

# ପାଞ୍ଚଗ୍ରାମ ଦଧିବାମନଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ତିଗିରିଆ,୩।୬(ଡି.ଏନ.ଏ.)**

ତିଗିରିଆ ବ୍ଲକ ପାଞ୍ଚଗ୍ରାମସ୍ଥିତ ଦଧିବାମନଜୀଉଙ୍କ ରଥଯାତ୍ରା ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ତହସିଲଦାର ପରେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ତିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ପ୍ରତାପ କୁମାର ଦାଶ, କମିଟି ସଦସ୍ୟ ସରୋଜ କୁମାର ଦାଶ, ସନ୍ତୋଷ କୁମାର ସିଂହସାମନ୍ତ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ ଦାଶ, ନରେନ୍ଦ୍ର ସାହୁ, ପ୍ରସନ୍ନ ବେହେରା, ପବନା ବେହେରା, ନାରାୟଣ ବାରିକ, ସୁକାନ୍ତ ମହାପାତ୍ର, ସୁଦର୍ଶନ ମହାପାତ୍ର, ସନ୍ତୋଷ ବେହେରା, ପୂଜକ ହରେକୃଷ୍ଣ ମିଶ୍ର, ବାଳକୃଷ୍ଣ ମିଶ୍ର, ପ୍ରତାପ ଆଚାର୍ଯ୍ୟା, ଆଲୋକ ପଣ୍ଡା ଯୋଗ ଦେଇଥିଲେ। ଚଳିତ ବର୍ଷ ରଥ ନିର୍ମାଣ ନିମନ୍ତେ କାଠର ଆବଶ୍ୟକତାକୁ ନେଇ ରଥ ନିର୍ମାଣରେ ଲାଗି ରହିଥିବା ଅନିଶ୍ଚିତତାକୁ ଦୂରକରି କିପରି ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ଆୟୋଜନ ହୋଇ ପାରିବ ସେ ଦିଗରେ ଆଗାମୀ ବୈଠକରେ ଆଲୋଚନା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା।

### ସାବିତ୍ରୀ ବ୍ରତ ପାଳିତ

**ବାଙ୍କୀ,୩।୬(ବି.ପ୍ର)**

ବାଙ୍କୀ ଉପଖଣ୍ଡର ବିଭିନ୍ନ ଶୈବ ପୀଠରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସ୍ଥାନୀୟ ଖଣ୍ଡିତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସକାଳୁ ସହସ୍ରାଧିକ ମହିଳା ନୂଆଶାଢ଼ି, ଶଙ୍ଖାସିନ୍ଦୁର ସହ ନାନଦି ସୁସ୍ୱାଦୁ ଫଳ, ନଡ଼ିଆ, ଘିଅ ଧୂପ ସହିତ ପୂଜା ଅର୍ଚ୍ଚନା କରିଛନ୍ତି। ଜଳେଶ୍ୱର, ସିଂହନାଥ, ସୁବୁଦ୍ଧେଶ୍ୱର, ନୀଳକଣ୍ଠେଶ୍ୱର, ସିଧେଶ୍ୱର, ରତ୍ନେଶ୍ୱର ଆଦି ବହୁ ଶୈବ ମନ୍ଦିର ପରିସରରେ ଦେବୀ ପାର୍ବତୀଙ୍କ ନିକଟରେ ଦୀପଜାଳି ସ୍ୱାମୀଙ୍କ ଶୁଭ କାମନା ମହିଳାମାନେ ମନାସୀ ଏହି ବ୍ରତ ପାଳନ କରିଛନ୍ତି।

**ସାଲେପୁର,(ଡି.ଏନ.ଏ.):** ସାଲେପୁର ଅଞ୍ଚଳରେ ସୋମବାର ସାବିତ୍ରୀ ବ୍ରତ ପାଳିତ ହୋଇଛି। ପ୍ରତ୍ୟୁଷରୁ ମହିଳାମାନେ ବିଭିନ୍ନ ପ୍ରକାରର ଫଳ ସାମଗ୍ରୀ ସଂଗ୍ରହ କରି ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଅଳତା, ବ୍ରତ ସହ ପୂଜାଥାଳି ନେଇ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଅଞ୍ଚଳର ସାହେଶ୍ୱରୀ ମନ୍ଦିର, ଚାଟେଶ୍ୱର ମନ୍ଦିର, ବିଶେଶ୍ୱର ମନ୍ଦିର, ବୋଦାମୁଣ୍ଡାଇର ନାରାୟଣ ମନ୍ଦିର, ବାଲିସାହିର ଶ୍ରୀରାମ ମନ୍ଦିର, ରଘୁନାଥଜୀଉ ମନ୍ଦିର କୁଳିଆ, କାଳାଗ୍ନୀ ପୀଠ, ମୁକ୍ତେଶ୍ୱର, ଧବଳେଶ୍ୱର, ଗଙ୍ଗେଶ୍ୱର, ବାଲୁଙ୍କେଶ୍ୱର, ସୋମନାଥ, ସ୍ୱପ୍ନେଶ୍ୱର, ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିର ପୂର୍ବକଚ୍ଛ, ପୁରୁଷୋତ୍ତମପୁର, ତରିତୋ, ମନୋହରପୁର ପୀଠ ସମେତ ବିଭିନ୍ନ ସ୍ଥାନରେ ବେଶ୍ ଭିଡ ଦେଖିବାକୁ ମିଳିଥିଲା।

### ୧୯ ଦିନରେ ବଡ଼ମ୍ବା ଓକିଲ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ବଡ଼ମ୍ବା,୩।୬(ଡି.ଏନ.ଏ.)**

ବଡ଼ମ୍ବା ଓକିଲ ସଂଘ ତରଫରୁ ଚାଲିଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ସୋମବାର ୧୯ଦିନରେ ପହଞ୍ଚିଛି। ହେଲେ ପ୍ରଶାସନିକସ୍ତର କିମ୍ବା ଆଇନ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସଂଘ ତରଫରୁ କ୍ଷୋଭ ପ୍ରକାଶ ପାଇଛି। ପ୍ରକାଶ ଯେ ବଡ଼ମ୍ବାରେ ସବ ଜଜ୍ କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ ଦାବି ସହ ମାଣିଆବନ୍ଧ ପୋଲିସ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ଦାବି ନେଇ ଓକିଲ ସଂଘ ତରଫରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ଏ ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ଆନ୍ଦୋଳନ ଚାଲୁରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ

**ବାଙ୍କୀ,୩।୬(ବି.ପ୍ର)**

ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ରବିବାର ବ୍ରହ୍ମପୁରା, କିଆପଲ୍ଲା ଓ ବରପୁଟ ପଞ୍ଚାୟତରେ ବିଜୟ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଏହି ପଞ୍ଚାୟତରେ କର୍ମୀ ଓ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ତ୍ରିପାଠୀ ଆମ ଗାଁ ଆମ ବିକାଶ ଯୋଜନାରେ ମହାବୀର କ୍ଷେତ୍ର ପଶାଣିଆଠାରେ ଏକ ସାଂସ୍କୃତିକ ମଣ୍ଡପର ଶିଳାନ୍ୟାସ କରିଥିଲେ। ଏଥିରେ ବ୍ରହ୍ମପୁରା ବୈକୁଣ୍ଠ ମୁଦୁଲି, ନରସିଂହ ଦାଶ, ବିଜନ କୁମାର ସାହୁ, ସୁବାସ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ମଦନ ମୋହନ ନାୟକ, ଅଜୟ ପଣ୍ଡା, ଜୟପ୍ରକାଶ ମିଶ୍ର, ରାମକୃଷ୍ଣ ପଟ୍ଟନାୟକ, ବ୍ରଜବନ୍ଧୁ ଦାସ, ଗୀତାଞ୍ଜଳି ପ୍ରଧାନ, ବିଜୟ ପ୍ରତିହାରୀ, ଅନନ୍ତ ଚରଣ ଦାସ, ଉପେନ୍ଦ୍ର ପଣ୍ଡା,ଜଦୁମଣି ରଣା ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏକ ସାଂସ୍କୃତିକ ମଣ୍ଡପର ଶିଳାନ୍ୟାସ କରୁଛନ୍ତି।

# ରାଜ୍ୟସ୍ତରୀୟ ଶ୍ରୀଗୁଣ୍ଡିଚା ଭଜନ ସମାରୋହ ପ୍ରସ୍ତୁତି

**ଆଠଗଡ଼,୩।୬(ସ୍ୱ.ପ୍ର.)**

ଆଠଗଡ଼ ଶ୍ରୀଜଗନ୍ନାଥ ସେବା ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୩୮ତମ ରାଜ୍ୟସ୍ତରୀୟ ଶ୍ରୀଗୁଣ୍ଡିଚା ଭଜନ ସମାରୋହ ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍ଥା ସଭାପତି ଶ୍ରୀଧର ରଥଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅଟାଳି ଜଗନ୍ନାଥଙ୍କ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ରାଜ୍ୟର ସୁନାମଧନ୍ୟ ଭଜନ କଳାକାର ଏବଂ ବିଶିଷ୍ଟ ପ୍ରବକ୍ତାଙ୍କ ଦ୍ୱାରା ୯ ଦିନ ବ୍ୟାପୀ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ରଥଯାତ୍ରା ଦିନ ପ୍ରତିବର୍ଷ ଭଳି ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପାଇଁ ଅଧରପଣା ଏବଂ ଆନନ୍ଦବଜାରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଗତ ବର୍ଷର ବିବରଣୀ ଉପସ୍ଥାପନ କରାଯିବା ସହ ସମ୍ପାଦକ ପାର୍ଥସାରଥୀ ପଟ୍ଟନାୟକ ଚଳିତ ବର୍ଷ ସମାରୋହର ସଫଳତା ପାଇଁ ପ୍ରସ୍ତୁତ କାର୍ଯ୍ୟକ୍ରମ ଖସଡ଼ାର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରିଚାଳନା କମିଟି ସଦସ୍ୟ ଉମେଶ ଚନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ବେଜ, ବିପିନ ପଟ୍ଟନାୟକ, ଅସିତ୍ ପ୍ରଧାନ, ଉପସଭାପତି ଜଗଦାନନ୍ଦ ତ୍ରିପାଠୀ, ସହସମ୍ପାଦକ ଅଜୟ କୁମାର ଦାସ, ଆଇନ ପରାମର୍ଶଦାତା ମନୋଜ ପଟ୍ଟନାୟକ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ନାରାୟଣ ଦୋରା, ପ୍ରଦୀପ ଦାସ, ସଞ୍ଜୟ ବେହେରା, ଗୋପୀକୃଷ୍ଣ ଘୋଷ, ସୁଶୀଳ ମହାରଣା ପ୍ରମୁଖଙ୍କୁ କାର୍ଯ୍ୟକ୍ରମ ଆୟୋଜନ ଲାଗି ଦାୟିତ୍ୱ ଅର୍ପଣ କରାଯାଇଥିଲା। ସୌମ୍ୟରଞ୍ଜନ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ବଡ଼ମ୍ବା ସ୍ୱପ୍ନେଶ୍ୱର ମନ୍ଦିରରୁ ଚୋରି

**ବଡ଼ମ୍ବା,୩।୬(ଡି.ଏନ.ଏ)**

ନିଜିଗଡ଼ ବଡ଼ମ୍ବାସ୍ଥିତ ପାହାଡ଼ ଉପରେ ଥିବା ବହୁ ପୁରାତନ ତଥା ପ୍ରସିଦ୍ଧ ସ୍ୱପ୍ନେଶ୍ୱର ମନ୍ଦିରରୁ ରବିବାର ବିଳମ୍ବିତ ରାତ୍ରରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜଣାଯାଇଛି। କେତେଜଣ ଦୁର୍ବୃତ୍ତ ମନ୍ଦିରର ମୁଖ୍ୟ ଫାଟକରେ ଲାଗିଥିବା ଲୁହା ଗ୍ରିଲିକୁ ତାଡ଼ି ସେଠାରେ ଲାଗିଥିବା ପଙ୍ଖା, ସୋଡ଼ିୟମ ଲାଇଟ୍ ସହ ପୂଜାସାମଗ୍ରୀ ଚୋରିକରି ନେଇଛନ୍ତି। ମାତ୍ର ମନ୍ଦିରରେ ଲାଗିଥିବା ଘଣ୍ଟିକୁ ଦୁର୍ବୃତ୍ତ ନେଇ ନ ପାରି ସେଠାରେ ପକାଇଦେଇ ଫେରାର ହୋଇଯାଇଛନ୍ତି । ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୫୦,୦୦୦ରୁ ଊର୍ଦ୍ଧ୍ୱ ହେବ ବୋଲି ସେବାୟତମାନେ କହିଛନ୍ତି। ଉକ୍ତ ମନ୍ଦିର ବଡ଼ମ୍ବା ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହେଉଥିବାରୁ ଘଟଣା ସମ୍ପର୍କରେ ସ୍ଥାନୀୟ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କୁ ମନ୍ଦିର ସେବାୟତ ଅବଗତ କରାଇଛନ୍ତି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଠାବକରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସେବାୟତଙ୍କ ତରଫରୁ ଦାବି ହୋଇଛି।

# ଫନୀ ପ୍ରଭାବ: ସାଲେପୁରରେ ମରିଛନ୍ତି ୧ଲକ୍ଷରୁ ଊର୍ଦ୍ଧ୍ୱ କୁକୁଡ଼ା

**ସାଲେପୁର,୩।୬(ଡି.ଏନ.ଏ.)**

ବାତ୍ୟା ଫନୀ ପ୍ରଭାବରେ ସାଲେପୁର ପ୍ରାଣୀଧନ ଚିକିତ୍ସାଳୟ ଅଧୀନରେ ଥିବା ୩୫ଟି ପଞ୍ଚାୟତରେ ୧୭ଟି କୁକୁଡ଼ା ଫାର୍ମ ନଷ୍ଟ ହୋଇଥିବା ବେଳେ ପ୍ରାୟ ୧ଲକ୍ଷରୁ ଅଧିକ କୁକୁଡ଼ା ମରିଛନ୍ତି। ସାଲେପୁର ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ବିବେକାନନ୍ଦ ସାହୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାତ୍ୟାରେ ସାଲେପୁର ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି କ୍ଷୟକ୍ଷତି ଫଳରେ ୫ ହଜାରରୁ ଅଧିକ ଗୁହାଳ ଭାଙ୍ଗିଛି। ୨ଟି ଗାଇ ଓ ୨ଟି ଛେଳି ମରିଛନ୍ତି। ଅପରପକ୍ଷରେ ସମ୍ପୂର୍ଣ୍ଣଭାବରେ କେତେ ଗୁହାଳ ଭାଙ୍ଗିଛି ସେ ନେଇ ତହସିଲଦାରଙ୍କ ପକ୍ଷରୁ ନିଯୁକ୍ତ ରାଜସ୍ୱ ଅଧିକାରୀମାନେ ଏବେ ତଦନ୍ତ କରୁଛନ୍ତି। ତଦନ୍ତ ସରିବା ପରେ ତାହା ଜଣାପଡ଼ିବ।




ବାଙ୍କୀ ବିଦ୍ୟାରତ୍ନ ଭବନଠାରେ କବୟିତ୍ରୀ ସରୋଜିନୀ ସାହୁଙ୍କ ‘ସ୍ମୃତିର ସବାରି’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ଆଜି କ'ଣ କେଉଁଠି

କଟକ

- ଦୟାନିଧି ସ୍ମୃତି କଳା ପରିଷଦର ଉନବିଂଶତମ ବାର୍ଷିକ ଉତ୍ସବ, ଶହୀଦ ଭବନ, ଅପରାହ୍ଣ ୫ଟା।

## ଟ୍ରକ୍ ଧକ୍କାରେ ଜଣେ ମୃତ

**ଫୁଲନଖରା,୩।୬(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ଜାତୀୟ ରାଜପଥର ବାଲିକୁଦା ଛକ ନିକଟରେ ସୋମବାର ଅପରାହ୍ଣରେ ଏକ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ହେଲେ ଉଭୟଙ୍କ ପରିଚୟ ମିଳିପାରିନାହିଁ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ମୃତକ ଓ ଆହତ ଏକ ବାଇକ୍(ଓଡି୦୨ଏଫ-୬୧୮୯)ରେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ପଛରୁ ଏକ ଟ୍ରକ ସେମାନଙ୍କୁ ଧକ୍କାଦେଇ ପଳାଇଯାଇଛି। ଫଳରେ ଦୁଇ ବାଇକ୍ ଆରୋହୀଙ୍କ ମଧ୍ୟରୁ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଯୋଗୁ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। କଟକ ସଦର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।

## ଆଦିବାସୀ ମହିଳାଙ୍କୁ ବଳାତ୍କାର ଘଟଣା: ଜଣେ ଗିରଫ

**ଚୌଦ୍ୱାର,୩।୬(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଞ୍ଚଳର ଆଦିବାସୀ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଶଙ୍କରପୁର ଗ୍ରାମର ଦୁଷ୍ମନ୍ତ ପ୍ରଧାନ। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଓ ତାଙ୍କର ଅନ୍ୟଜଣେ ସହଯୋଗୀ ଗତ ବୁଧବାର ରାତି ପ୍ରାୟ ୨ଟାରେ ବାଇକ୍‌ରେ ଆସି ସମ୍ପୃକ୍ତା ମହିଳାଙ୍କ ଘରେ ପହଞ୍ଚିଥିଲେ। ଥାନା ବାବୁ ଡାକୁଛନ୍ତି, ଦେଖା କରିବ ଚାଲ ବୋଲି କହିଥିଲେ। ପରେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀଙ୍କୁ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଗାଡିରେ ବସାଇ ଗାଁମୁଣ୍ଡକୁ ନେଇଯାଇଥିଲେ। ଏହାପରେ ସେଠାରେ ଥିବା ଅନ୍ୟଜଣେ ଯୁବକ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିଥିଲେ। ପ୍ରାୟ ଅଧଘଣ୍ଟା ପରେ ଯୁବକଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଆଣି ତାଙ୍କ ଘରେ ଛାଡିଥିଲେ। ନିଜକୁ ଥାନା କର୍ମଚାରୀ ବୋଲି ପରିଚୟ ଦେବା ସହ ଏ ବିଷୟରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଯୁବକ ଦ୍ୱୟ ପଳାଇ ଯାଇଥିଲେ। ଏ ନେଇ ସମ୍ପୃକ୍ତା ମହିଳା ଅଭିଯୋଗ କରିବା ପରେ ପୋଲିସ ଦଫା ୩୭୬ ଅନୁଯାୟୀ ଏକ ମାମଲା(ନଂ.୧୬୭/୧୯) ରୁଜୁ କରିଥିଲା। ଉକ୍ତ ଘଟଣାରେ ଫେରାର ଥିବା ଅନ୍ୟ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

## ଏସ୍‌ସିବିରେ ପୀଡ଼ିତା ଶିଶୁଙ୍କ ଜନ୍ମଦିନ ପାଳିତ

**କଟକ ଅଫିସ,୩।୬:** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଙ୍ଗନୱାଡି କେନ୍ଦ୍ରରେ ପେଜ ପଡ଼ି ଆହତ ହୋଇ ଆସିଥିବା ୩ ବର୍ଷର ଶିଶୁକନ୍ୟାଙ୍କ ଜନ୍ମଦିନ ଏସ୍‌ସିବିରେ ସୋମବାର ପାଳିତ ହୋଇଛି। ଶିଶୁଙ୍କର ଜନ୍ମତିଥି ସୋମବାର ଥିବା ତାଙ୍କ ବାପା ପଞ୍ଚାନନ ମହାକୁଡ କୋହଭରା କଣ୍ଠରେ ଜିଲା ଆଇନସେବା ପ୍ରାଧିକରଣର ପିଏଲ୍‌ଭି ଶର୍ମିଷ୍ଠା ନନ୍ଦଙ୍କୁ କହିଥିଲେ। ଏହା ଶୁଣିବା ପରେ ପିଏଲ୍‌ଭି ନନ୍ଦ, ନାଗେଶ୍ୱର ରାଓ, ସବିତାରାଣୀ ସାହୁ, ରଞ୍ଜିତା ପାତ୍ର, ଲୋକନାଥ ଶତପଥୀ, ଏସ୍‌ସିବିରେ ପହଞ୍ଚି ଶିଶୁଙ୍କର ଜନ୍ମଦିନକୁ ବହୁ ଧୁମଧାମରେ ପାଳନ କରିଥିଲେ। ପ୍ରାଧିକରଣ ତରଫରୁ ଶିଶୁଙ୍କ ପାଇଁ ନୂତନ ବସ୍ତ୍ର, କେକ୍, ମିଷ୍ଟାନ୍ନର ବ୍ୟବସ୍ଥା କରାଯାଇଥିଲା। ଏହା ତାଙ୍କର ତୃତୀୟତମ ଜନ୍ମ ଦିବସ ଥିବା ନନ୍ଦ କହିଛନ୍ତି। ସୂଚନାଥାଉ କି, ମେ ୧୩ ତାରିଖରେ ବିରମହାରାଜପୁର ଅଙ୍ଗନୱାଡି କେନ୍ଦ୍ରର ଗରମ ପେଜ ପଡ଼ି ଏହି ଶିଶୁକନ୍ୟା ଜଣକ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବି ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ଗତ ମେ ୧୬ ତାରିଖରେ ଭର୍ତ୍ତି କରାଯାଇଥିଲା। ଏବେ ଶିଶୁକନ୍ୟା ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ପ୍ରଫେସର ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ କହିଛନ୍ତି।

## ଗାୟତ୍ରୀ ଯଜ୍ଞ ଅଭିଯାନ

**ଚୌଦ୍ୱାର, ୩।୬(ଡି.ଏନ୍.ଏ.):** ହରିଦ୍ୱାର ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ଚାରବାଟିଆସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠ ତରଫରୁ ଘରେ ଘରେ ଗାୟତ୍ରୀ ଯଜ୍ଞ ଅଭିଯାନ ଆରମ୍ଭ ହୋଇଛି। ରବିବାର ଅନୁଷ୍ଠିତ ଏହି ଅଭିଯାନରେ ଚାରବାଟିଆ ପ୍ରଜ୍ଞାପୀଠରେ ୨୫ଜଣ ପ୍ରଶିକ୍ଷିତ କର୍ମକାଣ୍ଡୀ ୭୫ଟି ପରିବାରରେ ଗାୟତ୍ରୀ ମହାଯଜ୍ଞ କରିଥିଲେ।

# ପଲିଥିନ୍ ନିଷେଧ ଅଭିଯାନ ଜୋରଦାର

**କଟକ ଅଫିସ,୩।୬**

ରାଜ୍ୟରେ ସରକାର ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଲୋକଙ୍କ ସମେତ ବିଭିନ୍ନ ଦୋକାନୀଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ଏହାସତ୍ତ୍ୱେ ଯେଉଁ ଦୋକାନରେ ପଲିଥିନ୍ ଦେଖିବାକୁ ମିଳିବ, ସେଠାରେ ଚଢାଉ କରାଯାଇ ତାହାକୁ ଜବତ କରାଯିବା ସହ ବ୍ୟବସାୟୀଙ୍କୁ ମଧ୍ୟ ଜରିମାନା ଦେବାକୁ ପଡିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପଲିଥିନ ବର୍ଜନ ସହରରେ କଡାକଡି ଲାଗୁ କରିବା ପାଇଁ ଘୋଷଣା କରାଯାଇଥିଲା। କିଛିଦିନ ଧରି ସହରର ବିଭିନ୍ନ ଦୋକାନରେ ଚଢାଉ କରାଯାଇ ପଲିଥିନ୍ ଜବତ କରାଯିବା ସହ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯିବାରୁ ସହରର ବିଭିନ୍ନ ସ୍ଥାନରେ କୁଢ କୁଢ ପଲିଥିନ ପଡିଥିବା ଦେଖିବାକୁ ମିଳିଲା। ଅନେକ ଡ୍ରେନ୍‌ରେ ପଲିଥିନ୍ ଜମା ହେବାଯୋଗୁ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଥିଲା। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ସିଏମ୍‌ସିର ଚେତା ଫେରିଛି। ଫନୀ ପରଠାରୁ ସିଏମ୍‌ସି ପକ୍ଷରୁ ପଲିଥିନ ନିଷେଧ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ସହରରେ ଏ ନେଇ କିଛିଦିନ ହେବ ସିଏମ୍‌ସି ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍‌ରେ ୬ ଜଣ ଲେଖା କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗତ ୧୦ ଦିନ ଭିତରେ ସିଏମ୍‌ସି ପକ୍ଷରୁ ସମସ୍ତ ୱାର୍ଡରେ ଥିବା ଦୋକାନ ଉପରେ ଚଢାଉ କରାଯାଇ ୧୫୦ କେଜିରୁ ଊର୍ଦ୍ଧ୍ୱ ପଲିଥିନ ଜବତ କରାଯିବା ସହ ବ୍ୟବସାୟୀଙ୍କଠାରୁ ୫୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ଡେପୁଟି କମିଶନର(ଓଆର୍‌ଏସ୍) ସରୋଜ କୁମାର ରାଉତ କହିଛନ୍ତି, ୫୦ ମାଇକ୍ରନରୁ ତଳେ ଥିଲେ ସେହି ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ ଏବଂ ଥରେ ବ୍ୟବହାର ହୋଇଥିବା ପଲିଥିନ ବ୍ୟବହାର ଉପଯୋଗୀ ନୁହଁ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ ରହିଛି। ପଲିଥିନ୍ ବ୍ୟବହାର ନ କରିବା ପାଇଁ ପ୍ରଥମେ ମାଇକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ପରେ ବିଭିନ୍ନ ଦୋକାନ ଉପରେ ଚଢାଉ କରାଯାଇ ଯାଞ୍ଚ କରାଯାଉଛି। ଯେଉଁ ପଲିଥିନ ୫୦ ମାଇକ୍ରନ ତଳେ ଥିବା ସନ୍ଦେହ ହେଉଛି ସେଠାରେ ମେଶିନ ମାଧ୍ୟମରେ ଚେକିଂ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ଆଗାମୀ ଦିନରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶିବିର କରାଯିବା ସହ କାନ୍ଥରେ ପେଣ୍ଟିଂ କରାଯାଇ ଲୋକଙ୍କୁ ସଚେତନ କରାଯିବ। ଏଥିସହ ସହରରେ ଥିବା ବ୍ୟବସାୟୀ ସଂଘକୁ ପଲିଥିନ ବ୍ୟବହାର ନ କରିବା ନେଇ ଚିଠି କରାଯିବ। ପଲିଥିନ ନିୟନ୍ତ୍ରଣ ନ ହେବା ପର୍ଯ୍ୟନ୍ତ ଏଭଳି ଭାବେ ଚଢାଉ କରାଯାଇ ଜରିମାନା ଆଦାୟ ହେବ ବୋଲି ସେ କହିଛନ୍ତି।





- ୫୦ହଜାର ଜରିମାନା ଆଦାୟ
- ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ସଚେତନ କରାଯିବ



କଟକ ଓଲ୍ଡ ସେକ୍ରେଟାରିଏଟ୍‌ସ୍ଥିତ ଶ୍ରୀ ଶ୍ରୀ ଆଖଣ୍ଡଳମଣି ମନ୍ଦିରରେ ମହିଳାମାନେ ସାବିତ୍ରୀ ବ୍ରତ ପାଇଁ ପୂଜାର୍ଚ୍ଚନା କରୁଛନ୍ତି।

## ୨ ବାଇକ ଚୋରି

**କଟକ ଅଫିସ,୩।୬:** ବାଦାମବାଡ଼ି ଥାନା ଅନ୍ତର୍ଗତ ଶଙ୍କରପୁର ଓ ବିବେକାନନ୍ଦ ଲେନ୍‌ରୁ ଦୁଇଟି ବାଇକ୍ ସୋମବାର ଚୋରି ହୋଇଛି। ଏନେଇ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏକ ଗଣମାଧ୍ୟମରେ କାର୍ଯ୍ୟରତ ଫଟୋ ଖବରଦାତା ବିକାଶ ଶର୍ମା ସୋମବାର ଶଙ୍କରପୁର ଅଞ୍ଚଳକୁ ଏକ ସଭାର ଫଟୋ ଉଠାଇବା ପାଇଁ ଯାଇଥିଲେ। ସେ ବାଇକ୍ (ନଂ. ଓଡି୦୫ସି-୫୫୩୮) ରଖି ଭିତରକୁ ଯାଇଥିଲେ। ଅଧଘଣ୍ଟା ପରେ ସେଠାରୁ ଫେରି ଦେଖିବାରୁ ବାଇକ୍ ନ ଥିଲା। ତେବେ ବିକାଶଙ୍କ କହିବା ଅନୁଯାୟୀ ତାଙ୍କ ବାଇକ୍ ଡିକିରେ ୬୦ହଜାର ଟଙ୍କା ଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ବିବେକାନନ୍ଦ ଲେନ୍‌ରୁ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଛି। ସେ ଘର ବାହାରେ ବାଇକ୍ ରଖିଥିବା ବେଳେ କେହି ଦୁର୍ବୃତ୍ତ ତାହାକୁ ଚୋରିକରି ନେଇଥିଲେ।

# ବିଶ୍ୱ ସାଇକେଲ ଦିବସ ପାଳିତ



ବିଶ୍ୱ ସାଇକେଲ ଦିବସ ପାଳନ ଅବସରରେ ନେତାଜୀ ଜନ୍ମ ସଂଗ୍ରହାଳୟସ୍ଥିତ ସୁଭାଷ ଚନ୍ଦ୍ର ବୋଷ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥି ଓ ସାଇକେଲ ଆରୋହୀ।

**କଟକ ଅଫିସ, ୩।୬**

କିଛି ବର୍ଷ ପୂର୍ବେ ସାଇକେଲ ହିଁ ଗମନାଗମନ ପାଇଁ ଏକମାତ୍ର ସୁଲଭ ଏବଂ ସୁବିଧାଜନକ ମାଧ୍ୟମ ଥିଲା। ଶାରୀରିକ ସୁସ୍ଥତା ଏବଂ ପରିବେଶ ପ୍ରଦୂଷଣମୁକ୍ତ ପାଇଁ ସାଇକେଲ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତପ୍ରକାଶ ପାଉଛି। ସମ୍ପ୍ରତି ଦୁଇଚକିଆ ଯାନ, କାର୍ ଇତ୍ୟାଦି ଯାନ୍ତ୍ରିକ ଯାନବାହନର ବହୁଳ ପ୍ରସାର କାରଣରୁ ଯୁବଗୋଷ୍ଠୀ ମଧ୍ୟରେ ସାଇକେଲକୁ ଲୋକପ୍ରିୟ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସମଗ୍ର ପୃଥିବୀରେ ପ୍ରତିବର୍ଷ ଜୁନ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ପାଳନ କରିଆସୁଛି। ସାଇକେଲ ପ୍ରତି ଜନସଚେତନତା ସୃଷ୍ଟି କରିବା ପାଇଁ ସୋମବାର କଟକଠାରେ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଥିଲା। ପଦ୍ମଶ୍ରୀ ଯୋଗ ଫାଉଣ୍ଡେଶନ ଏବଂ ବାରବାଟୀ ସାଇକେଲିଷ୍ଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏକ ସାଇକେଲ ଶୋଭାଯାତ୍ରା କଟକ ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନରୁ ବାହାରି ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମପୀଠଠାରେ ପହଞ୍ଚିଥିଲା। ଏହି ସାଇକେଲ ଯାତ୍ରାର ନେତୃତ୍ୱ ନେଇଥିଲେ ଜେଲ୍ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ମହେନ୍ଦ୍ର ପ୍ରତାପ ଏବଂ ପଦ୍ମଶ୍ରୀ ଯୋଗ ଫାଉଣ୍ଡେଶନ ମୁଖ୍ୟ ଶୁଭାନନ୍ଦ ମହାନ୍ତି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ.ଏସ୍. ନାଇଡୁ ଏବଂ ସ୍ତମ୍ଭକାର ଅରୁଣ ପଣ୍ଡା ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରାରେ ସମ୍ମାନିତ ଅତିଥି ଭାବେ ଆୟୁର୍ବେଦ ଚିକିତ୍ସକ ଡା. ଦୀପକ ରାଜ ଯୋଗଦେଇଥିଲେ। ଶୋଭାଯାତ୍ରା ସତ୍ୟଭାମାପୁରରେ ପହଞ୍ଚିବା ପରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରିଥିଲେ। ମଧୁସୂଦନ ଟ୍ରଷ୍ଟ ପକ୍ଷରୁ ମଧ୍ୟ ଶୋଭାଯାତ୍ରାକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବିଧାୟକଙ୍କ ଡ୍ରିମ୍ସ ପରିଦର୍ଶନ

**କଟକ ଅଫିସ,୩।୬**

ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହକୁ ପରିଦର୍ଶନରେ ଆସିଥିଲେ। ସେ ଶିକ୍ଷାନୁଷ୍ଠାନର ସ୍ୱପ୍ନଦ୍ରଷ୍ଟା ତଥା ସାମାଜିକ କର୍ମୀ ସ୍ୱର୍ଗତ ଧନେଶ୍ୱର ରଥଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଫନୀ ଦ୍ୱାରା କ୍ୟାମ୍ପସରେ ହୋଇଥିବା କ୍ଷୟକ୍ଷତି ଅନୁଧ୍ୟାନ କରିବା ସହିତ ନଷ୍ଟ ହୋଇଥିବା ସବୁଜିମା ଫେରାଇ ଆଣିବା ପାଇଁ ବ୍ୟାପକ ବୃକ୍ଷରୋପଣ ଲାଗି ପରାମର୍ଶ ଦେଇଥିଲେ।

# ଚିକିତ୍ସା ନ ପାଇ ଫେରିଲେ କ୍ୟାନ୍‌ସର ରୋଗୀ

**କଟକ ଅଫିସ,୩।୬**

### ଭାବାଟ୍ରନ ମେଶିନ ଅଚଳ

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭାବାଟ୍ରନ ମେଶିନ ସୋମବାର ଅଚଳ ହୋଇଯାଇଛି। କ୍ୟାନସର ରୋଗୀଙ୍କୁ ବିକିରଣ ଚିକିତ୍ସା ଯୋଗାଉଥିବା ଏହି ମେଶିନ ଅଚଳ ହୋଇଯିବା ଯୋଗୁ ସୋମବାର ବହୁସଂଖ୍ୟକ ରୋଗୀ ଚିକିତ୍ସା ନ ପାଇ ଘରକୁ ଫେରିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏହି ମେଶିନ ସପ୍ତାହକ ତଳେ ଖରାପ ହୋଇଥିଲା। ପୁନର୍ବାର ଏହି ମେଶିନ ଖରାପ ହେବା ପରେ କ୍ୟାନସର ରୋଗୀମାନଙ୍କ ପାଇଁ ସମସ୍ୟା ବଢାଇ ଦେଇଛି। ସୂଚନାଥାଉ କି, କର୍କଟ ରୋଗ କେନ୍ଦ୍ରରେ ମୋଟ୍ ୪ଟି ଭାବାଟ୍ରନ ମେଶିନ ରହିଛି। ଦୈନିକ ୪୦୦ରୁ ଅଧିକ ରୋଗୀ ବିକିରଣ ଚିକିତ୍ସା ପାଇଥାନ୍ତି। ଏହି ମେଶିନଟି ସଜଡ଼ା ହେବାକୁ ଅତିକମ୍‌ରେ ୫ରୁ ୬ ଦିନ ଲାଗିବ ବୋଲି ଭିତିରି ସୂତ୍ରରୁ ଜଣାପଡ଼ିଛି। ଫଳରେ ଏହି ସମୟ ମଧ୍ୟରେ ରୋଗୀମାନେ ନାନାଦି ସମସ୍ୟା ଭୋଗିବେ। ଏ ସମ୍ପର୍କରେ କର୍କଟ ରୋଗ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ରୁଦ୍ରନାରାୟଣ ଦାସ କୁହନ୍ତି, ମେଶିନ ସଜାଡ଼ିବା ପାଇଁ ମେକାନିକଙ୍କୁ ଡକାଯାଇଛି। ଯଥାଶୀଘ୍ର ମେଶିନକୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସ୍ଥା କରାଯାଉଛି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

**କଟକ ସଦର,୩।୬(ଡି.ଏନ୍.ଏ.)**

### ସୁଜିତ୍ ହତ୍ୟା ଘଟଣାକୁ ୧୦ ଦିନ ବିତିଲା

କିଶୋର ନଗର ଥାନା ଅଧୀନ କମରପଦା ଗ୍ରାମର ସୁଜିତ୍ ବାରିକ(୩୦) ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ୧୦ ଦିନ ପରେ ବି ପୋଲିସ ଗିରଫ କରିପାରିନାହିଁ। ଏହାର ପ୍ରତିବାଦରେ କମରପଦା ଓ ଧରିଣା ଗ୍ରାମର ମହିଳାପୁରୁଷମାନେ ସୋମବାର ସନ୍ଧ୍ୟାରେ କଟକ-ପାରାଦୀପ ରାସ୍ତା କମରପଦା ଛକରେ ରାସ୍ତାରୋକୋ କରିଥିଲେ। ଖବରପାଇ ଥାନାଧିକାରୀ ବାମାପଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ହତ୍ୟା ଘଟଣାର ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ ରିପୋର୍ଟ ଉପରେ ଅନୁଧ୍ୟାନ କରାଯାଉଛି। ଏହାଛଡ଼ା ଘଟଣାଦିନ ରାତିରେ ସୁଜିତ୍‌ଙ୍କ ସହ ମିଳାମିଶା କରିଥିବା ଯୁବକମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇ ପଚରାଉଚରା ଚାଲିଛି ବୋଲି କହିଥିଲେ। ହେଲେ ଏଥିରେ ଆନ୍ଦୋଳନକାରୀମାନେ ରାଜି ନ ହୋଇ ରାସ୍ତା ଉପରେ ବସି ରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। କଟକ ଏସ୍‌ପି ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ ରାସ୍ତରୋକୋ ଜାରି ରହିବ ବୋଲି ସ୍ଥାନୀୟ ଲୋକେ ପୋଲିସକୁ ରୋକ୍‌ଠୋକ୍ ଜଣାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ସାଲେପୁର ଏସ୍‌ଡିପିଓ ପ୍ରଦ୍ୟୁମ୍ନ କୁମାର ଜେନା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ଶେଷ ହୋଇ ନ ଥିବାରୁ କାହାରିକୁ ଗିରଫ କରାଯାଏନାହିଁ ବୋଲି କହିବା ସହ ଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାତି ପ୍ରାୟ ସାଢେ ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଘଟଣାରୁ ପ୍ରକାଶ, ଗତ ୨୨ ତାରିଖ ରାତିରେ କଟକ-ପାରାଦୀପ ରାସ୍ତାର ରାମକୁମାରପୁର ପେଟ୍ରୋଲ ପମ୍ପ ନିକଟରୁ ପୋଲିସ ସୁଜିତ୍‌ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସୁଜିତ୍‌ଙ୍କ ଭାଇ ସଞ୍ଜୟ ସଞ୍ଜୟ ସେଠୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୫୩/୧୯) ରୁଜୁ କରିଥିଲା।





କିଶୋର ନଗର ଥାନାଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ନିର୍ମାଣ ହେବ ଅତିରିକ୍ତ ଶୌଚାଳୟ, ଓମ୍‌ଫେଡ୍ ପାର୍ଲର

**କଟକ ଅଫିସ,୩।୬**

### ଶିଶୁଭବନ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

- ପାର୍କର ଉନ୍ନତୀକରଣ କରାଯିବ

ଶିଶୁଭବନ ପରିସରରେ ଅତିରିକ୍ତ ଶୌଚାଳୟ ନିର୍ମାଣ କରାଯିବ। ଚାନ୍ଦିନଚୌକ ଗେଟ୍ ନିକଟରେ ଏହି ଶୌଚାଳୟ ନିର୍ମାଣ ହେବ। ସେହିପରି ଶିଶୁଭବନ ପାର୍କର ଉନ୍ନତୀକରଣ କରାଯିବ। ଶିଶୁଭବନ ପରିସରରେ ଏକ ଓମ୍‌ଫେଡ୍ ପାର୍ଲର ମଧ୍ୟ ଖୋଲାଯିବ। ଏଥିପାଇଁ ଏକ କମିଟି ଗଠନ କରାଯିବ। ସୋମବାର ଶିଶୁଭବନ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଉପରୋକ୍ତ ପ୍ରସ୍ତାବ ସମେତ ୧୧ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି। କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ ସାମଲଙ୍କ ଅଧ୍ୟକ୍ଷତାରେ ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁଭବନର ଆୟବ୍ୟୟଠାରୁ ଆରମ୍ଭ କରି ବହୁ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ତେବେ ପୂର୍ବରୁ ଯେଉଁସବୁ ପ୍ରସ୍ତାବ ସ୍ୱାସ୍ଥ୍ୟ ବିକାଶ ସମିତି, ସାଧାରଣ ପରିଷଦ ବୈଠକ କିମ୍ବା କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ପାରିତ ହୋଇଥିଲା ସେସବୁର କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡିଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଦେଖିଲେ କର୍ତ୍ତୃପକ୍ଷଙ୍କ ବଡ଼ଧରଣର ଦାୟିତ୍ୱହୀନତା ସାମ୍ନାକୁ ଆସିଛି। ୭୬ ଲକ୍ଷ ୯୭ହଜାର ଟଙ୍କା ମଞ୍ଜୁର ସତ୍ତ୍ୱେ ଶିଶୁଭବନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇ ନାହିଁ। ଅଗ୍ନିଶମ ବିଭାଗ ପକ୍ଷରୁ ଶିଶୁଭବନ ନିରୀକ୍ଷଣ କରାଯାଇ ରିପୋର୍ଟ ଦାଖଲ କରାଯାଇଥିଲା। ଏହି ଅନୁଯାୟୀ ଡିଏମ୍‌ଇଟିଙ୍କ ପକ୍ଷରୁ ଟଙ୍କା ମଞ୍ଜୁର କରାଯାଇଥିଲା। ହେଲେ ଅଦ୍ୟାବଧି ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ସୂଚନାଥାଉ କି, ୨୦୧୫ ନଭେମ୍ବରରେ ଶିଶୁଭବନର ନ୍ୟୁ ବର୍ନ ୱାର୍ଡରେ ଅଗ୍ନିକାଣ୍ଡ ଘଟି ୨୮ ଦିନର ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏପରି କି ୧୧ ଲକ୍ଷ ଟଙ୍କାର ମେଶିନ ମଧ୍ୟ ନଷ୍ଟ ହୋଇଯାଇଥିଲା। ଏହାସତ୍ତ୍ୱେ ଶିଶୁଭବନ କର୍ତ୍ତୃପକ୍ଷ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଇନାହାନ୍ତି। ଶିଶୁଭବନରେ ୭ ମହଲା କୋଠା ନିର୍ମାଣ ପାଇଁ ୧୩୫ କୋଟି ୪୪ ଲକ୍ଷ ୯୫ହଜାର ୮୯୦ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହାର କାର୍ଯ୍ୟ ଆରମ୍ଭ ହୋଇନି। ଶିଶୁଭବନ ପରିସରରେ ପାଣି ଜମା ହୋଇ ରହୁଥିଲେ ମଧ୍ୟ ଅଦ୍ୟାବଧି ତାହାର ସମାଧାନ କରାଯାଇନାହିଁ। ଶିଶୁଭବନ ପରିସରରେ ଥିବା ପାର୍କର ଉନ୍ନତୀକରଣ ନିମନ୍ତେ ୨୦୧୭ରୁ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଯାଇନାହିଁ। ସେହିପରି ଶିଶୁଭବନ ପରିସରକୁ ୱାଇଫାଇ ସର୍ଭିସ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ଅଦ୍ୟାବଧି ତାହା ମଧ୍ୟ କରାଯାଇନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୧୭ରେ ଶିଶୁଭବନ ଅଡିଟ୍‌ରୁ ଅନେକ ଆର୍ଥିକ ଅନିୟମିତତା ସାମ୍ନାକୁ ଆସିଛି। ଯଥା ଶିଶୁଭବନର ଚଳନ୍ତି ସମ୍ପତ୍ତି ପାଇଁ କୌଣସି ରେଜିଷ୍ଟର ବ୍ୟବହାର କରାଯାଉ ନ ଥିବା ଅଡିଟ୍ ରିପୋର୍ଟରେ କୁହାଯାଇଛି। ସେହିପରି ଦୁଇଟି କଲମ୍‌ର କ୍ୟାଶବୁକ୍ ବ୍ୟବହାର କରାଯାଉଥିବାବେଳେ ବ୍ୟାଙ୍କର ସୁଧ ଏବଂ ବ୍ୟାଙ୍କ ଚାର୍ଜ ଉଲ୍ଲେଖ କରାଯାଇନାହିଁ। ଏପରି କି ସୁଧ ଏବଂ ମୂଳର ମେଳ କରାଯାଇ ନ ଥିବା ଅଡିଟ୍‌ରେ ଦର୍ଶାଯାଇଛି। ସବୁଠାରୁ ବଡ଼ କଥା ହେଉଛି କେଉଁ ବାଟରେ ଟଙ୍କା ଖର୍ଚ୍ଚ କରାଯାଇଛି ସେସବୁ କ୍ୟାଶବୁକ୍‌ରେ ଦର୍ଶାଯାଇନାହିଁ। ଯାହା ସନ୍ଦେହ ସୃଷ୍ଟି କରୁଥିବା ଅଡିଟ୍ ଦର୍ଶାଇଛି। ୟୁଜର୍ସ ଆଦାୟ ଏବଂ ଖର୍ଚ୍ଚକୁ ନେଇ ମଧ୍ୟ ଅଡିଟ୍ ପ୍ରଶ୍ନ ଉଠାଇଛି। ଠିକ୍ ଭାବେ ୟୁଜର୍ସ ଆଦାୟର ତନଖି କରାଯାଇ ନ ଥିବାରୁ ଅର୍ଥ ତୋଷାରପାତକୁ ରୋକିବା ପାଇଁ ବ୍ୟବସ୍ଥା କରାଯାଇ ନ ଥିବା ଅଡିଟ୍ କହିଛି। ବିଜୁ କୃଷକ କଲ୍ୟାଣ ଯୋଜନା, ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବିକାଶ ଯୋଜନାର କୌଣସି ଅଡିଟ୍ କରାଯାଇ ନାହିଁ। ଏହାବାଦ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଯଥା ଶିଶୁଭବନର ନିଜସ୍ୱ ଆଞ୍ଚଳିକ ନିଦାନ କେନ୍ଦ୍ର ନ ଥିବାରୁ ରୋଗୀମାନେ ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଏସ୍‌ସିବି ଉପରେ ନିର୍ଭର କରୁଛନ୍ତି। ଶିଶୁଭବନରୁ ଏସ୍‌ସିବିର ଦୂରତା ୬ କିମି। ରୋଗୀମାନେ ଏଠାରୁ ଏସ୍‌ସିବିକୁ ପରୀକ୍ଷା କରିବାକୁ ଯାଇ ଫେରିଲା ବେଳକୁ ସମୟସାପେକ୍ଷ ହେଉଛି। ତେଣୁ ଶିଶୁଭବନ ପରିସରରେ ଏମ୍‌ଆର୍‌ଆଇ, ସିଟି ସ୍କାନ ଓ ଅଲ୍‌ଟ୍ରାସାଉଣ୍ଡ ବ୍ୟବସ୍ଥା କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଅଦ୍ୟାବଧି ଶିଶୁଭବନକୁ ନିଶ୍ଚେତନା ବିଭାଗର ଡାକ୍ତର ଆସି ନ ଥିବାରୁ ଏସ୍‌ସିବିରୁ ଡେପୁଟେଶନରେ ଏହି ବିଭାଗର ଡାକ୍ତରଙ୍କୁ ଅଣାଯାଉଛି। ଯଦ୍ଦ୍ୱାରା ଅପରେଶନ ପାଇଁ ସମସ୍ୟା ଉପୁଜୁଥିବା ବୈଠକରେ ଆଲୋଚନା ହୋଇଥିଲା। ସୂଚନାଥାଉ କି, ୪୯୦ ବେଡ୍ ବିଶିଷ୍ଟ ଶିଶୁଭବନର ଭିତ୍ତିଭୂମି ଦୁର୍ବଳ ଥିବାରୁ ଏଠାରେ ୨୦୧୫ରେ ଶିଶୁମୃତ୍ୟୁକୁ ନେଇ ସମଗ୍ର ଦେଶରେ ଚହଳ ପଡ଼ିଥିଲା। ୧୨ ଦିନ ମଧ୍ୟରେ ଏଠାରେ ୫୪ ଜଣ ଶିଶୁଙ୍କ ମୃତ୍ୟୁ ଘଟିବାକୁ ନେଇ ରାଜ୍ୟ ସରକାର ମଧ୍ୟ ବଦନାମ ହୋଇଥିଲେ। ତଥାପି ଶିଶୁଭବନ ଭିତ୍ତିଭୂମିରେ ଆଖିଦୃଶିଆ ସୁଧାର ଅଣାଯାଇପାରିନାହିଁ। ସମସ୍ତ ପ୍ରସଙ୍ଗ ଉପରେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀ କହିଛନ୍ତି, ଭିତ୍ତିଭୂମିରେ ଅନେକ ସୁଧାର ଅଣାଯାଇଛି। ଅଡିଟ୍ ଯେଉଁ ପ୍ରଶ୍ନ ଉଠାଇଛି ସେ ସବୁର ଅନୁପାଳନ କରାଯାଇଛି। ସେଭଳି କୌଣସି ଆର୍ଥିକ ଅନିୟମିତତା ଶିଶୁଭବନରେ ହୋଇନାହିଁ।

## ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

**ଟାଙ୍ଗୀ(କଟକ)୩।୬(ଡି.ଏନ୍.ଏ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ନିମାଇଶାପୁର ଗ୍ରାମରେ ସୋମବାର ଏକ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ନଳିନୀପ୍ରଭା ରାଉତ, ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ନାଏବ ସରପଞ୍ଚ ଧ୍ରୁବ ଚରଣ ସାହାଣୀ ଓ ୱାର୍ଡସଭ୍ୟା ସ୍ୱପ୍ନାମଞ୍ଜରୀ ଷଡ଼ଙ୍ଗୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ନେତା ଚିତ୍ତରଞ୍ଜନ ସାମଲ, ପରମାନନ୍ଦ ନାୟକ, ଗଗନ ବିହାରୀ ସାହୁ, ତାପସ କୁମାର ସାହୁ, ସ୍ୱାଧୀନ କିଶୋର ମହାନ୍ତି, ଶ୍ରୀପତି ସାମଲ, ନରେନ୍ଦ୍ର କୁମାର ରାଉତରାୟ ଓ ନିହାର ରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ। ଯୁବନେତା ପ୍ରଭାସ ମିଶ୍ର ଓ ସୁଶୀଲ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଜେଶ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବାଳକ ମୃତ

ଖୋର୍ଦ୍ଧା ଅଫିସ,୩।୬: ସୋମବାର ପୂର୍ବାହ୍ନରେ ପୋଖରୀରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ଥାନା ଦେଓଗାଁ ଗ୍ରାମର ଲକ୍ଷ୍ମଣ ଛାଟୋଇଙ୍କ ୫ ବର୍ଷର ପୁଅ ସୋମୁ। ପୂର୍ବାହ୍ନରେ ପଡ଼ିଶା ଘର ବାରି ପଟେ ଥିବା ପୋଖରୀରେ ସୋମୁ ଖେଳୁଥିଲେ। ଅସାବଧାନତାବଶତଃ ସେ ପୋଖରୀରେ ଖସି ପଡ଼ିଥିଲେ। ବହୁ ସମୟ ଧରି ସୋମୁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀରେ ଅଚେତ ଅବସ୍ଥାରେ ସୋମୁ ଭାସୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସୋମୁଙ୍କୁ ଉଦ୍ଧାର କରତ ଚିକିତ୍ସା ପାଇଁ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବୋଲଗଡ଼,୩।୬(ଡି.ଏନ୍.ଏ.)-୫୭ନଂ ଜାତୀୟ ରାଜପଥର ବୋଲଗଡ଼ ଥାନା ଅନ୍ତର୍ଗତ ବୋଲଗଡ଼ ନିକଟସ୍ଥ ରେଲୱେ ଲେବଲ କ୍ରସିଂ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ସୋମବାର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଉଛନ୍ତି ବୋଲଗଡ଼ ଗ୍ରାମର ଶ୍ରୀଧର ଜେନା (୨୫)। ପୋଲିସ ସୂତ୍ରରୁ ସୂଚନା ଅନୁସାରେ, ଶ୍ରୀଧର ଏକ ବାଇକ୍ ଯୋଗେ ଭୀମପଡା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଗୁରୁତର ହୋଇଥିବା ଶ୍ରୀଧରଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ଶ୍ରୀଧରଙ୍କର ମୃତ୍ୟୁ ଘଟିଥିଲା । ବୋଲଗଡ଼ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍(ନଂ-ଓଡି୧୪ଆର୍୬୭୫୦)କୁ ଜବତ କରିଛି ।

### ପାରିଶ୍ରମିକ ମାଗିବାରୁ ଶ୍ରମିକଙ୍କୁ ମାଡ଼, ୩ ଗିରଫ

ବାଲିପାଟଣା,୩।୬(ଡି.ଏନ୍.ଏ.)- ବାଲିପାଟଣା ଥାନା ଅନ୍ତର୍ଗତ କାଣ୍ଡୁରିବିଲ ଗ୍ରାମର ଜଣେ ଶ୍ରମିକଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଇମତାଜ ଖାଁ, ଏସ.କେ. ନସିମ ଖାଁ ଓ ଏସ.କେ.ଫାରୁଦିନ। ପ୍ରକାଶ ଯେ, ବାଲିପାଟଣା ଅଧୀନ ଆଇତଳଙ୍ଗ ଗ୍ରାମର ସୋବନୀ ଭୋଇ ଇମତାଜଙ୍କ କୁକୁଡା ଫାର୍ମରେ ଶ୍ରମିକ ଭାବେ କାମ କରୁଥିଲେ। ପାରିଶ୍ରମିକ ବାବଦରେ ୨୦ହଜାର ଟଙ୍କା ପୂର୍ବରୁ ବାକି ଥିଲା। ଏ ନେଇ ସେ ବାରମ୍ବାର ମାଗୁଥିଲେ ମଧ ଇମତାଜ ଦେଉ ନଥିଲେ। କିନ୍ତୁ ରବିବାର ସୋବନୀ ଉକ୍ତ ଟଙ୍କା ପୁଣି ଇମତାଜଙ୍କୁ ମାଗିବା ବେଳେ ସେ ମନା କରିବାରୁ ସୋବନୀ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଇମତାଜ ଓ ତାଙ୍କ ସମ୍ପର୍କୀୟ ନସିମ ଓ ଫାରୁଦିନ ମିଶି ସୋବନୀଙ୍କୁ ମାଡ଼ ମାରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ ୧୨୯/୧୯ରେ ଏକ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା।

# ୨ ହତ୍ୟା ଘଟଣାରେ ପୋଲିସ ହାତ ଖାଲି

- ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ
- ପରିବାର ଲୋକଙ୍କୁ ମିଳୁଛି ଧମକ

ବେଗୁନିଆ, ୩।୬ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ମେ'ମାସରେ ଘଟିଥିବା ୨ଟି ପ୍ରମୁଖ ହତ୍ୟା ଘଟଣାରେ ପୋଲିସ ହାତ ଖାଲିପଡିଛି। କୋଦବେରେଣି ଗ୍ରାମରେ ଘଟିଥିବା ଛାତ୍ର ହତ୍ୟା ଅଭିଯୋଗକୁ ଇତିମଧ୍ୟରେ ୨୦ ଦିନ ବିତିଯାଇଛି। ସେହିପରି ଅନୁରୂପ ଭାବେ ସ୍ଥାନୀୟ ଡିଙ୍ଗର ଗ୍ରାମରେ ଜଣେ ଅଟୋ ଚାଳକଙ୍କୁ ବୋମା ପକାଇ ହତ୍ୟା କରାଯାଇଥିବା ଅଭିଯୋଗକୁ ୧୧ ଦିନ ପୂରିଲାଣି। ହେଲେ ଏହି ଦୁଇ ଘଟଣାର ପୋଲିସ ଖିଅ ପାଉ ନ ଥିବାବେଳେ ଏହାକୁ ନେଇ ପରିବାର ଲୋକେ ଖୋର୍ଦ୍ଧା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ମୃତକଙ୍କ ପରିବାର ଲୋକଙ୍କୁ ଅଭିଯୁକ୍ତଙ୍କ ପକ୍ଷରୁ ଧମକ ଚମକ ଦିଆଯାଉଛି। ଏ କ୍ଷେତ୍ରରେ ପୋଲିସର ନୀରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

କୋଦବେରେଣି ଗ୍ରାମର ରବୀନ୍ଦ୍ର ମହାପାତ୍ରଙ୍କ ପୁଅ ବିଶ୍ୱଜିତ(୧୪) ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ମେ' ୬ ରୁ ସେ କେଉଁଆଡେ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇ ପଡିଥିଲେ। ବିଶ୍ୱଜିତ୍‌ଙ୍କୁ ଅପହରଣ କରାଯାଇଛି ବୋଲି ମେ' ୧୧ରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୭୨/୧୯ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ମେ' ୧୩ ସକାଳ ୬ ଟାରେ ଉକ୍ତ ଗ୍ରାମର ସ୍କୁଲ ପଛପଟ ପଡିଆରୁ ବିଶ୍ୱଜିତ୍‌ଙ୍କ ଗଳିତ ମୃତଦେହକୁ ଚିହ୍ନଟ କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତି ଅନୁସାରେ ତାଙ୍କ ମୁହଁକୁ ଏସିଡ୍ ପକାଯାଇ ବିକୃତ କରାଯାଇଥିବା ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ବାଘମାରୀ-କର୍ଣ୍ଣିଲୋ ମୁଖ୍ୟ ରାସ୍ତାର କୋଦବେରେଣି ବାଇପାସ ଛକଠାରେ ଟାୟାର ଜାଳି ପ୍ରାୟ ୬ ଘଣ୍ଟା ରାସ୍ତାରୋକୋ କରାଯାଇଥିଲା। ଖବରପାଇ ବେଗୁନିଆ ପୋଲିସ ବୋଲଗଡ ତହସିଲଦାର ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ନିରପେକ୍ଷ ତଦନ୍ତ କରାଯିବା ସହ ତୁରନ୍ତ ଦୋଷୀଙ୍କୁ ଗିରଫ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ତେବେ ସେଠାରେ ଆନ୍ଦୋଳନକାରୀମାନେ ପ୍ରଶାସନକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ତହସିଲଦାରଙ୍କ ପକ୍ଷରୁ ଗ୍ରାମର ୫୦ ଜଣ ବ୍ୟକ୍ତିଙ୍କ ନାମରେ ଆଉ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ଅନୁରୂପ ଭାବେ ମେ' ୨୩ ତାରିଖ ରାତି ପ୍ରାୟ ୮ଟା ବେଳକୁ ସନ୍ତୋଷ ପାତ୍ର(୩୨) ନାମକ ଏକ ଅଟୋ ଚାଳକଙ୍କ ଉପରକୁ ବୋମା ପକାଇ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପାରିବାରିକ କଳହକୁ ନେଇ ସନ୍ତୋଷଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୨ ନଂ. ୭୯/୧୯ରେ ମାମଲା ରୁଜୁ କରିଥିଲା। ହେଲେ ଏହି ଘଟଣାକୁ ୯ ଦିନ ବିତିଯାଇଥିଲେ ମଧ ଅଭିଯୁକ୍ତଙ୍କୁ ପୋଲିସ ପ୍ରଶ୍ରୟ ଦେଉଛି। ଅଭିଯୁକ୍ତ ଜଣଙ୍କ ସ୍ୱଷ୍ଟ ଦିବାଲୋକରେ ସ୍ଥାନୀୟ ଅଞ୍ଚଳରେ ବୁଲୁଥିବାର ଲୋକେ ଦେଖିବାକୁ ପାଇଥିବା ବେଳେ ସେ ଫେରାର ଅଛନ୍ତି ଏବଂ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ ପକ୍ଷରୁ ସଫେଇ ଦିଆଯାଉଛି। ଏଣେ ମୃତକ ସନ୍ତୋଷଙ୍କ ବାପା ଶିଖରଙ୍କ ସମେତ ପଡୋଶୀ ସମ୍ପର୍କୀୟମାନେ ଯାଇ ନ୍ୟାୟ ଦାବିରେ ଗତ ମଙ୍ଗଳବାର ଖୋର୍ଦ୍ଧା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ଉଭୟ ହତ୍ୟା ଘଟଣାକୁ ପୋଲିସର ତଦନ୍ତରେ ଦ୍ୱନ୍ଦ୍ୱ ଉପୁଜୁଛି। ତଥାପି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯିବା ପାଇଁ ପ୍ରୟାସ ଜାରି ରହିଛି।



ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ କିନ୍ନରଙ୍କ ଭିଡ ।

# କିନ୍ନର ପାଳିଲେ ସାବିତ୍ରୀ ବ୍ରତ

ବାଲୁଗାଁ,୩।୬(ଡି.ଏନ.ଏ.)

ହିନ୍ଦୁ ଧର୍ମରେ ସ୍ୱାମୀର ଆରୋଗ୍ୟ କାମନା କରି ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିବା ପରମ୍ପରା ରହିଛି । ତେବେ ବାଲୁଗାଁସ୍ଥିତ ତୃତୀୟ ଲିଙ୍ଗ ସାମାଜିକ ସଂଗଠନ ଚେତନା ପକ୍ଷରୁ ଏହି ବ୍ରତ ପାଳନ କରାଯିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ବାଲୁଗାଁର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଥିବା ସାବିତ୍ରୀ ପୀଠ ଏବଂ ସ୍ଥାନୀୟ ବିଭିନ୍ନ ପୂଜାସ୍ଥଳୀରେ ବ୍ରତଧାରୀ ମହିଳାଙ୍କ ଭିଡ଼ ଜମିଥିଲା । ଲମ୍ବାଧାଡ଼ି କରି ମହିଳାମାନେ ପ୍ରବଳ ଖରାରେ ଠିଆ ହୋଇ ମା'ଙ୍କୁ ପୂଜା କରି ସ୍ୱାମୀଙ୍କ ଆରୋଗ୍ୟ ଲାଭ ପାଇଁ ଆଶୀର୍ବାଦ କାମନା କରିଥିଲେ । କିନ୍ନର ସଂଗଠନ ପକ୍ଷରୁ ମଧ୍ୟ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ମୁଖ୍ୟତଃ ଗୁରୁଙ୍କ ଉଦ୍ଦେଶ୍ୟରେ ଏହି ବ୍ରତ ପାଳନ କରାଯାଉଥିବା କିନ୍ନର ଚିନ୍ମୟୀ ବେହେରା ପ୍ରକାଶ କରିଛନ୍ତି । ସୀମା କିନ୍ନର, ଡ଼ଲି, ଜୁଲି, ପୂଜା, ରୂପାଲି, ଲିଜା, ସୃଷ୍ଟି ପ୍ରମୁଖ ସାବିତ୍ରୀ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଥିଲା।



ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସୋମବାର ଭୁବନେଶ୍ୱର ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ଗୀତିନାଟ୍ୟ କାଳୀୟାଇର ଏକ ଦୃଶ୍ୟ।

## ଇ-କମର୍ସ ସଂସ୍ଥାର ପାର୍ସଲ ଲୋକଙ୍କୁ ନଦେଇ ଲୁଟ୍: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩।୬(ବ୍ୟୁରୋ)

ଗ୍ରାହକମାନେ ଅନ୍‌ଲାଇନ୍‌ରେ ବିଭିନ୍ନ ଇ-କମର୍ସ ସଂସ୍ଥାରୁ ଅନେକ ସାମଗ୍ରୀ କିଣା କିଣି କରିବାକୁ ପସନ୍ଦ କରୁଛନ୍ତି। ଅନେକ ସମୟରେ ଏହି ସବୁ ସଂସ୍ଥାରେ କାମ କରୁଥିବା କର୍ମଚାରୀଙ୍କ ଅସାଧୁ କାର୍ଯ୍ୟ କାରଣରୁ ସଂସ୍ଥାମାନଙ୍କୁ ବଦ୍‌ନାମ ହେବାକୁ ପଡୁଛି। ଏପରି ଏକ ଘଟଣା ସାମ୍ନାକୁ ଆସିଛି ରାଜଧାନୀ ଭୁବନେଶ୍ୱରରେ। ଜଣେ କର୍ମଚାରୀ ଗ୍ରାହକ ଅର୍ଡର କରୁଥିବା ପାର୍ସଲକୁ ସଂସ୍ଥାରୁ ଦେବାକୁ ଆଣି ଲୁଟ କରିଛନ୍ତି। ଏନେଇ ଥାନରେ ଅଭିଯୋଗ ହେବା ପରେ ୬ମାସ ପରେ ପୋଲିସ ଗଞ୍ଜାମ ରମ୍ଭା ଅଞ୍ଚଳର ଦୁର୍ଗାଚରଣ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜଟଣୀରେ ବିଧାୟକ, ଏମପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜଟଣୀ,୩।୬(ଡି.ଏନ୍.ଏ.):

ସୋମବାର ଜଟଣୀ ଥାନା ଛକରେ ନବନିର୍ବାଚିତ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜଟଣୀ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କଂଗ୍ରେସ ନେତା ପୂର୍ବତନ ପୌରାଧକ୍ଷ ଗୌରୀପ୍ରସାଦ ସିଂହ, ଅଶୋକ ମଙ୍ଗରାଜ, ଅଞ୍ଜଳିବାଳା ମହାନ୍ତି, ବିଷ୍ଣୁ ସାହୁ, ହରି ସୁବୁଦ୍ଧି, ସୀତାକାନ୍ତ ଶତପଥୀ, ସିଲୁ ମହାନ୍ତି, ନୌସର ଅଲ୍ଲୀ, ରବି ଦାସ, ଲକ୍ଷ୍ମୀଧର ବିଶ୍ୱାଳ ଓ ବୃନ୍ଦାବନ ସାହୁ ଉପସ୍ଥିତ ଥିଲେ। ସେହିପରି ଉତ୍ତରାୟଣୀ କ୍ଲବ ପରିସରରେ ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନବନିର୍ବାଚିତ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଭାଜପାର ବରିଷ୍ଠ ନେତା ସୁଦୀପ୍ତ ରାୟ, ବିଶ୍ୱରଞ୍ଜନ ବଡଜେନା, ସୁରଜ ପାଇକରାୟ, ପ୍ରତାପ ବରାଳ, ସରପଞ୍ଚ ପ୍ରଦୋଷ ଜେନା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ରଘୁ ସ୍ୱାଇଁ, ପୂର୍ବତନ କାଉନସିଲର ପଦ୍ମଚରଣ ପ୍ରଧାନଙ୍କ ସେମତ ବହୁ ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ଭାଜପାରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମିଟୁ ମାର୍ଥା, ନିରଞ୍ଜନ ମିଶ୍ର, ସୀତାକାନ୍ତ ନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ସୁନ୍ଦର ଜଟଣୀ ଗଢିବା ପାଇଁ ଉଭୟ ମଞ୍ଚରେ ବିଧାୟକ ରାଉତରାୟ ଓ ଏମ୍‌ପି ଷଡଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ।

## ସୁନା ଚେନ ଲୁଟ୍ ଉଦ୍ୟମ, ଜଣେ ଗିରଫ

**ଲୁଟେରାଙ୍କୁ ଧରି ପୋଲିସ ଜିମାଦେଲେ**

ଖୋର୍ଦ୍ଧା ଅଫିସ,୩।୬:

ସୁନା ଚେନ ଲୁଟ୍ ଉଦ୍ୟମ ଅଭିଯୋଗରେ ଖୋର୍ଦ୍ଧା ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ନିରାକାରପୁର ଥାନା ଅନ୍ତର୍ଗତ ଖଜୁରିଆ ଗ୍ରାମର ତସଲିମ ସାହା। ପୋଲିସ ଏକ ମାମଲା(ନଂ. ୨୦/୧୯) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ କଳାପଥର କଲେଜର ଅଧାପକ ମହେଶ୍ୱର ଓ ତାଙ୍କ ସ୍ତ୍ରୀ ବିନୋଦିନୀ ମହାପାତ୍ର ଜଟଣୀରୁ ବାଇକ୍ ଯୋଗେ କଳାପଥର ଫେରୁଥିଲେ। ବାଘମାରୀଠାରେ ଅଭିଯୁକ୍ତ ତସଲିମା ହଠାତ୍ ବିନୋଦିନୀଙ୍କ ବେକରୁ ସୁନା ଚେନ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ଏହା ପରେ ଦମ୍ପତି ଓ ଅଭିଯୁକ୍ତଙ୍କ ମଧ୍ୟରେ ଟଣା ଓଟଣା ହୋଇଥିଲା। ଏହି ସମୟରେ ବାଇକରେ ଆସୁଥିବା ୩ବନ୍ଧୁ ବେଗୁନିଆ ଥାନାର ଗୋବିନ୍ଦପୁରର ଅମରେନ୍ଦ୍ର ଛାଟୋଇ, ରଣଜିତ୍ ଛାଟୋଇ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଅଧାପକ ଦମ୍ପତିଙ୍କୁ ସହଯୋଗ କରି ଲୁଟେରାଙ୍କ ସହ ସହ ଲଢ଼ିଥିଲେ। ଛୁରାମାଡ଼ କରି ଅଭିଯୁକ୍ତ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ୫ଜଣ ମିଳିତଭାବେ ତାଙ୍କୁ କାବୁ କରି ନେଇଥିଲେ। ପରେ ଅଭିଯୁକ୍ତଙ୍କୁ ପୋଲିସର ଜିମା ଦେଇଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୨୦/୧୯) ରୁଜୁକରି ତଦନ୍ତ ଚଳାଇଛି। ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଲୁଟ୍ , ଚୋରି ହେଉଥିଲେ ମଧ ଅଭିଯୋଗ ପରେ ସୁଫଳ ମିଳୁନାହିଁ। ପୋଲିସର ଅସହାୟତାର ସୁଯୋଗ ନେଇ ଲୋକମାନେ ପୋଲିସ କାମ ନିଜେ କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବାଘମାରୀ ଥାନା ଆଇଆଇସି ପ୍ରଣିତା ପଟ୍ଟନାୟକଙ୍କୁ ପଚାରିବାରୁ କିଛି ନ କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

## ୱେବ୍ ସାଇଟ୍‌ରେ ଟ୍ରେନ ଚଳାଚଳ ସମୟରେ ତ୍ରୁଟି

### ପରିଚାଳକଙ୍କୁ ଭେଟିଲେ ଯାତ୍ରୀ

ନିରାକାରପୁର, ୩।୬ (ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଷ୍ଟେସନରେ ସୋମବାର ୱେବ୍‌ସାଇଟ୍‌ରେ ରେଳ ଚଳାଚଳ ସମୟ ନେଇ ତ୍ରୁଟି ଅଭିଯୋଗ ହୋଇଥିଲା। ଏ ନେଇ ରେଳ ଯାତ୍ରୀମାନେ ଷ୍ଟେଶନ ପରିଚାଳକଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ। ତେବେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଉତ୍ତେଜନାମୟ ପରିସ୍ଥିତ ସୃଷ୍ଟି ହୋଇଥିଲା। ଏ ନେଇ ଜଣେ ଯାତ୍ରୀ ଅରୁଣ କୁମାର ସାମନ୍ତରାୟ କୁହନ୍ତି, ମୁଁ ଭୁବନେଶ୍ୱର ଯାଉଛି । ଇଚ୍ଛାପୁରମ-କଟକ ମେମୋ ଟ୍ରେନ୍ ଯୋଗେ ଭୁବନେଶ୍ୱର ଯିବା ପାଇଁ ଆସିଥିବାବେଳେ ୱେବ୍‌ସାଇଟ୍ ଦେଖୁଥିଲି। ତେବେ ଷ୍ଟେଶନ ସମୟ ଓ ୱେବ୍‌ରେ ତାଳମେଳ ରହି ନ ଥିଲା। ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାନ୍ତ କୁମାର ସାହୁଙ୍କୁ ଏ ବିଷୟରେ ପଚାରିବାରୁ ସେ ସକାଳେ ମୋର ଡ୍ୟୁଟି ନ ଥିଲା ବୋଲି କହିଥିଲେ।

# ସାବିତ୍ରୀ ବ୍ରତ ପାଳିଲେ ଶତାଧିକ ମହିଳା

ଖୋର୍ଦ୍ଧା ଅଫିସ,୩।୬

ବାଣପୁର ଉପକାରାଗାରର ୫ଜଣ ମହିଳା ବନ୍ଦୀ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସୋମବାର ବାଣପୁର ଅଞ୍ଚଳର ସମସ୍ତ ବଧୂ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ଅବସରରେ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳର ସମସ୍ତ ମହିଳା ପବିତ୍ର ଜ୍ୟେଷ୍ଠ ଅମାବାସ୍ୟା ତିଥିର ବ୍ରାହ୍ମ ମୁହୂର୍ତ୍ତରେ ପୂଜାର୍ଚ୍ଚନା କରିବା ପାଇଁ ମନ୍ଦିରରେ ଭିଡ ଲଗାଇଥିଲେ। ବାଣପୁର ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ଦେବ, କପିଳେଶ୍ୱର ଦେବ, ବ୍ରହ୍ମେଶ୍ୱର ଦେବ ଓ ମାଦ ଟିକିରାଇ ଦେବୀ, ସନ୍ତୋଷୀ ମାଙ୍କ ମନ୍ଦିରରେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମହିଳାମାନେ ଧାଡ଼ିରେ ଠିଆ ହୋଇ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଥିଲା। ସେହିପରି ଖୋର୍ଦ୍ଧା ବ୍ଲକ, ଖୋର୍ଦ୍ଧା ସହରାଞ୍ଚଳ ଓ ଚିଲିକା ବ୍ଲକ ଅଞ୍ଚଳରେ ଅନୁରୂପ ଭାବେ ସାବିତ୍ରି ବ୍ରତ ପାଳନ ହୋଇଯାଇଛି।



ମହିଳାମାନେ ଏକତ୍ରିତ ହୋଇ ପୂଜା କରୁଛନ୍ତି ।

- ସରକାରୀ ସୁବିଧାରୁ ବଞ୍ଚିତ ଭିନ୍ନକ୍ଷମ ପରିବାର

# ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ୬ମାନସିକ ବିକାରଗ୍ରସ୍ତ

ବାଲୁଗାଁ,୩।୬(ଡି.ଏନ.ଏ.)

ପରିବାର କହିଲେ ୪ ଝିଅ, ଗୋଟିଏ ପୁଅ ଓ ମା' । ବାଲୁଗାଁ ଜାଗୁଲାଇ ସାହିରେ ରୁହନ୍ତି ଏହି ପରିବାର। ତେବେ ଚାରି ଝିଅ ଓ ମା' ରମା ମାନସିକ ବିକାରଗ୍ରସ୍ତ ଥିବାବେଳେ ପୁଅ କିଶୋର ଭଲ ଥିଲେ । କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ୩ବର୍ଷ ହେଲା ସେ ମଧ୍ୟ ମାନସିକ ବିକାରଗ୍ରସ୍ତ ହୋଇପଡ଼ିଛନ୍ତି । ଫଳରେ ପରିବାର ପ୍ରତିପୋଷଣ ନିମନ୍ତେ ସମସ୍ତ ଉପାୟ ହରାଇ ଏହି ପରିବାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଭଙ୍ଗା ଆଜବେଷ୍ଟସ୍ ଘରେ ଦିନ କାଟୁଛନ୍ତି। ଆଜି ପର୍ଯ୍ୟନ୍ତ ଏମାନଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିବା ଜଣାଯାଇଛି। ଖଣ୍ଡିଏ ରାଶନ କାର୍ଡ଼ ଓ ବିଧବା ଭତ୍ତାରେ ରମା ପରିବାର ପ୍ରତିପୋଷଣ କରୁଥିବା ବେଳେ ମାନସିକ ବିକାରଗ୍ରସ୍ତ ହେତୁ ତାହା ମଧ୍ୟ ହଜାଇ ବସିଥିଲେ । ଫଳରେ ରାଶନ ସାମଗ୍ରୀ ଓ ଭତ୍ତା ପାଇବାରୁ ସପରିବାର ବଞ୍ଚିତ ହୋଇଛନ୍ତି। ସାହି ବାସିନ୍ଦା ଉକ୍ତ ପରିବାର ପ୍ରତି ସହାୟ ହୋଇ ଖାଦ୍ୟ ଯୋଗାଉଛନ୍ତି । ଅଧିକାଂଶ ଦିନ ଖାଦ୍ୟ ଅଭାବରୁ ଭୋକ ଉପାସରେ ମଧ୍ୟ ରହିବାକୁ ବାଧ୍ୟ ହେଉଛନ୍ତି। ଭଗବାନଙ୍କ ଉପରେ ଭରସା ରଖି କେବେ ସରକାରୀ ସହାୟତା ମିଳିବ ସେଦିନକୁ ଚାହିଁ ରହିଛନ୍ତି ମା' ରମା। ଏପରି ପରିବାର ପ୍ରତି ତୁରନ୍ତ ସରକାରୀ ସହାୟତା ସହ ସରକାରଙ୍କ ଦ୍ୱାରା ଘୋଷିତ ଆବାସ ଯୋଜନା କିମ୍ବା ଗୃହ ନିର୍ମାଣାର୍ଥେ ସରକାରୀ ଅନୁଦାନ ଯୋଗାଣ ନେଇ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ରନାଥ ଖୁଣ୍ଟିଆଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣା ସମ୍ପର୍କରେ ଅବଗତ ହୋଇଛି, ତୁରନ୍ତ ଉକ୍ତ ପରିବାର ସଦସ୍ୟଙ୍କ ଆଧାର କାର୍ଡ଼ ଓ ରାଶନ କାର୍ଡ଼ର ବ୍ୟବସ୍ଥା କରାଯାଇ ସରକାରୀ ସହାୟତା ନିମନ୍ତେ ପଦକ୍ଷେପ ନିଆଯିବ।



ମାନସିକ ବିକାରଗ୍ରସ୍ତ ସଦସ୍ୟା ।

# ୪୦ ଖଣିରେ ଚାଲିଛି ବେଆଇନ ବ୍ଲାଷ୍ଟିଂ

- ନାହିଁ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ
- ଅଭିଯୋଗ କଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉନି

ଖୋର୍ଦ୍ଧା ଅଫିସ,୩।୬

ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ ନ ଥାଇ ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ୪୦ରୁ ଉର୍ଦ୍ଧ୍ୱ ଗ୍ରାନାଇଟ୍ ପଥରର ପାହାଡରେ ଖନନ ଚାଲିଛି। ସେହିପରି ବେଆଇନ ବ୍ଲାଷ୍ଟିଂ ବି ହେଉଛି। ଅଭିଯୋଗ କଲେ ଆକ୍ରମଣ ଓ ଟଙ୍କା ଦିଆଯାଇ ମୁହଁ ବନ୍ଦ କରି ଦିଆଯାଉଛି। ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ ବେଆଇନ ଖଣି ଖନନ ଉପରେ ପ୍ରଶାସନ ଲଗାମ ଲଗାଇ ପାରୁନି। ଖୋର୍ଦ୍ଧା ଜିଲାରେ ଥିବା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ୪୦ମୁଣ୍ଡିଆ ନିଲାମ ହୋଇଛି। ନିଲଏମଧାରି ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ କାଗଜାତ ଧରି ନାହାନ୍ତି। ମୁଣ୍ଡିଆ ଖନନ ପାଇଁ ଅନୁମତି ନ ଥାଇ ଟେଣ୍ଡର ପରେ ବେଆଇନ ଭାବେ ବ୍ଲାଷ୍ଟିଂ ଚାଲିଛି। ପ୍ରଭାବରେ ଆଖପାଖ ଜନବସତିରେ ବ୍ଲାଷ୍ଟିଂ ସମୟରେ କୃତ୍ରିମ ମୃଦୁ ଭୂମିକମ୍ପ ଅନୁଭୂତ ହେଉଛି। କମ୍ପ୍ରେସର ଓ ଡିନାମାଇଟ ସାହାଯ୍ୟରେ ବିସ୍ଫୋରକ ଜିଲୋଟିନ୍ ଦେଇ ବିସ୍ଫୋରଣ କରାଯାଉଛି। ଫଳରେ ପାହାଡ ତଳି ଗ୍ରାମରେ କୋଠାଘର, ଟାଇଲ ଓ ଆଜବେଷ୍ଟସ ଘରମାନଙ୍କରେ ଫାଟ ସୃଷ୍ଟି ହେଉଛି। ବିସ୍ଫୋରଣରେ ବିଷାକ୍ତ ବାଷ୍ପ ବାୟୁ ମଣ୍ଡଳକୁ ପ୍ରଦୂଷିତ କରୁ ଥିବାବେଳେ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଛି। ପଥରଖଣ୍ଡ ଜମି, ରାସ୍ତା ଉପରେ ଓ ଘରେ ପଡୁଛି। ବ୍ଲାଷ୍ଟିଂ ସମୟରେ ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଛି। ଫଳରେ ଗୁରୁତର ରୋଗୀ, ଛାତ୍ରୀଛାତ୍ର ହଇରାଣର ସମ୍ମୁଖୀନ ହେଉଛନ୍ତି । ତାପଙ୍ଗ ଓ ଛତ୍ରମାର ଦୁଇଜଣ ଲୋକ ସେମାନଙ୍କର ନାମ ଗୋପନ ରଖି କହିଛନ୍ତି, ବେଆଇନ ବ୍ଲାଷ୍ଟିଂ ସମ୍ପର୍କରେ ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କୁ ଅବଗତ କରାଯାଉଥିଲେ ମଧ ସୁଫଳ ମିଳୁନି। ଏଠାରେ ପଥର ବ୍ୟବସାୟୀମାନେ କେତେକ କର୍ମଚାରୀ, ଅଧିକାରୀ ଓ ପଦାଧିକାରୀଙ୍କୁ ହାତବାରିସି କରି ନିଲାମର ଦ୍ୱାହି ଦେଇ ବେଆଇନ ବ୍ଲାଷ୍ଟିଂ କରି ଆସୁଥିବାରୁ ଅଭିଯୋଗର ସୁଫଳ ମିଳୁନି। ଏହି ଅଞ୍ଚଳରେ ଜଙ୍ଗଲ ସମ୍ପଦ ଉଜୁଡି ଯିବ, ଏଥିରେ ସନ୍ଦେହ ନାହିଁ। ଏନେଇ ଶ୍ରୀମନ୍ଦିର ତହସିଲର ସେଟେଲମେଣ୍ଟ ଅଫିସର ଅନିଲ୍ ପାଣିଗ୍ରାହୀ କୁହନ୍ତି, ୪୦ ମୁଣ୍ଡିଆ ନିଲାମ ହୋଇଥିଲା। କେହି ୱାର୍କ ଅର୍ଡର ପାଇ ନାହାନ୍ତି।

### ବିସ୍ଫୋରକ ସାମଗ୍ରୀ ଯୋଗାଣରେ ରହୁନି ଲଗାମ

ବେଆଇନ ବ୍ଲାଷ୍ଟିଂ ପାଇଁ ଗାଁ ଗାଁରେ ମହଜୁଦ୍ ରଖାଯାଉଛି ବିସ୍ଫୋରକ ସାମଗ୍ରୀ। ବ୍ଲାଷ୍ଟିଂ ବେଳେ ଭୂମିକମ୍ପ ପରି ମୁଣ୍ଡିଆ ଆଖପାଖ ଜନବସତି ଅଞ୍ଚଳ ଥରି ଉଠୁଛି। ବିଭିନ୍ନ ସମୟରେ ବେଆଇନ ବ୍ଲାଷ୍ଟିଂକୁ ରୋକିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଅନୁରୋଧ କରୁଛନ୍ତି। ହେଲେ ପ୍ରଶାସନ ବେଆଇନ ବ୍ଲାଷ୍ଟିଂ ଓ ବିସ୍ଫୋରକ ସାମଗ୍ରୀ ଯୋଗାଣ ଉପରେ ଲଗାମ ଲାଗି ପାରୁନି। ଲିଜ୍ ପ୍ରଦାନ କରାଯାଉଥିବା ବେଳେ ବ୍ଲାଷ୍ଟିଂ ପାଇଁ ବିସ୍ଫୋରକ ବ୍ୟବହାର ନ କରିବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ରହିଛି । କିନ୍ତୁ ଗ୍ରାନାଇଟ ପଥର ମୁଣ୍ଡିଆରୁ ପଥର ବ୍ଲାଷ୍ଟିଙ୍ଗ ପାଇଁ ଡିଟୋନେଟର, ଜିଲୋଟିନ, ଆମୋନିୟମ ନାଇଟ୍ରେଟ୍ ବ୍ୟବହାର କରାଯାଉଛି। ବିସ୍ଫୋରକ ମହଜୁଦ୍ ରଖିବା ଓ ବିକ୍ରି ଲାଗି ନାଗପୁରସ୍ଥିତ ଚିଫ୍ କଣ୍ଟ୍ରୋଲର ଏକ୍ସପ୍ଲୋସିଭ ଲାଇସେନ୍ସ ପ୍ରଦାନ କରିଥାନ୍ତି। ଏକ୍ସପ୍ଲୋସିଭ ମହଜୁଦ୍ ଓ ବିକ୍ରୟ ଲାଗି ଦୁଇ ପ୍ରକାର ୨୧/୨୨ ଲାଇସେନ୍ସ ବ୍ୟବସ୍ଥା ରହିଛି । ଖୋର୍ଦ୍ଧା ଜିଲାରେ ୩ଜଣଙ୍କୁ ବିସ୍ଫୋରକ ସାମଗ୍ରୀ ପାଇଁ ଲାଇସେନ୍ସ ମିଳିଛି। କିନ୍ତୁ ଏବେ ଗାଁ ଗାଁରେ ଚୋରାରେ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରହୁଛି । ଅନ୍ୟପକ୍ଷେ ଦିନ ରାତି ମୁଣ୍ଡିଆ ଗୁଡିକରେ ବିସ୍ଫୋରକ ବ୍ୟବହାର ପଦାର୍ଥ ବ୍ଲାଷ୍ଟିଂ କରାଯାଉଛି। ଗତ ୩୧ ତାରିଖରେ ଖୋର୍ଦ୍ଧା ଆଦର୍ଶ ଥାନା କୁମାରବସ୍ତର ଦୁର୍ଦ୍ଦାନ୍ତ ପଥର ମାଫିଆ ସଞ୍ଜୟ କୁମାର ପାଇକରାୟଙ୍କୁ କ୍ରାଇମବ୍ରାଞ୍ଚ ଏସଟିଏଫ ଗିରଫ କରିଛି। ତାଙ୍କ ଠାରୁ ୧୦କେଜି ଆମୋନିଆ ନାଇଟ୍ରେଟ ପାଉଡର, ଜିଲୋଟିନ୍ ସମେତ ଅନ୍ୟାନ୍ୟ ଉପକରଣ ଜବତ ହୋଇଛି। ଖୋର୍ଦ୍ଧା ଆଖପାଖ ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ମହଜୁଦ୍ କରି ରଖା ଯାଇଥିଲେ ମଧ ତଦନ୍ତ ହେଉ ନାହିଁ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହାର ତଦନ୍ତ ପାଇଁ ଦାବି ହେଉଛି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

- ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ଆଜି ନୀତି ସବ୍ କମିଟି ବୈଠକ

**ପୁରୀ ଅଫିସ,୩।୬:** ଆସନ୍ତା ୧୭ତାରିଖରେ ସ୍ନାନ ପୂର୍ଣ୍ଣିମା। ଜୁଲାଇ ୪ରେ ରଥଯାତ୍ରା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି। ରଥ ନିର୍ମାଣ କାମ ଆଗେଇ ଚାଲିଥିବା ବେଳେ ମଙ୍ଗଳବାର ନୀତି ସବ୍ କମିଟି ବୈଠକ ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି ବୈଠକରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଅଧ୍ୟକ୍ଷତା କରିବେ। ଏଥିରେ ସ୍ନାନଯାତ୍ରା ଓ ରଥଯାତ୍ରା ନୀତି ନିର୍ଘଣ୍ଟ କରାଯିବ । ଏଥିସହ ରଥଯାତ୍ରା ଓ ସ୍ନାନଯାତ୍ରା ବ୍ୟବସ୍ଥାବଳୀ ଅନୁମୋଦନ ମଧ ହେବ। ସଭାପତିଙ୍କ ନିଷ୍ପତ୍ତି କ୍ରମେ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହେବା ଲାଗି ସ୍ଥିର ହୋଇଛି।

### ବ୍ଲକଗ୍ରାଣ୍ଟ ସ୍କୁଲ ମରାମତି ପାଇଁ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ

**ଗୋପ, ୩।୬(ଡି.ଏନ୍.ଏ.)-** ଫନୀରେ କ୍ଷୟକ୍ଷତି ହୋଇଥିବା ଗୋପ ବ୍ଲକର ସମସ୍ତ ବ୍ଲକଗ୍ରାଣ୍ଟ ସ୍କୁଲକୁ ଶିକ୍ଷାବର୍ଷ ପୂର୍ବରୁ ମରାମତି କରାଯିବ ବୋଲି ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଓଷ୍ଟା ପକ୍ଷରୁ ଗୋପଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମନ୍ତ୍ରୀ ଗଣମାଧ୍ୟମକୁ ଏହି ସୂଚନା ଦେଇଥିଲେ। ଗୋପ ବ୍ଲକ ଓଷ୍ଟା ସଙ୍ଗଠନର ସଭାପତି ମହେନ୍ଦ୍ର କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଓଷ୍ଟା ସମ୍ପାଦକ କୃପାସିନ୍ଧୁ ବିଶ୍ୱାଳ, ଶିକ୍ଷକ ଜଗବନ୍ଧୁ ସାହୁ, ପ୍ରସନ୍ନ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କୁ ମଧ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୂଚନାଥାଉକି, ଗୋପ ବ୍ଲକରେ ଫନୀରେ ୨୭୬ ସ୍କୁଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ୧୫ଟି ବ୍ଲକଗ୍ରାଣ୍ଟ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି।

### ଗ୍ରାମବାସୀଙ୍କ ସହ ଆଲୋଚନା କଲେ ବିଧାୟକ

**ପୁରୀ ଅଫିସ,୩।୬:** ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସୋମବାର ପୁରୀ ସଦର ବ୍ଲକ ଅନ୍ତର୍ଗତ ଶାସନ ଦାମୋଦରପୁର ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ବିଧାୟକ ଷଡ଼ଙ୍ଗୀ ଗଦାଧରପାଟଣା, ନରସିଂହବଲ୍ଲଭ ଆଦି ଗାଁରେ ପଦଯାତ୍ରା କରିବା ଅବସରରେ ଶାସନ ଦାମୋଦରପୁରର ବୟୋଜ୍ୟେଷ୍ଠ ବ୍ୟକ୍ତି ସୁଦାମ ମୁଦୁଲି ତାଙ୍କୁ ସ୍ୱାଗତ କରିଥିଲେ। ପଦଯାତ୍ରା ପରେ ବାବା ଆଖଣ୍ଡଳେଶ୍ୱରଙ୍କ ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମଗ୍ର ପଞ୍ଚାୟତର କିପରି ବିକାଶ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ବିଧାୟକ କହିଥିଲେ। ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା ସମ୍ପାଦକ ପ୍ରସନ୍ନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ହରିହର ମହାପାତ୍ର ସଭା ପରିଚାଳନା କରିଥିଲେ ।

### ବିପନ୍ନଙ୍କୁ ମଡେଲ ଘର ପ୍ରଦାନ

**ପୁରୀ ଅଫିସ,୩।୬:** ବାତ୍ୟାରେ ପୁରୀ ଜିଲାରେ ଅନେକ ଲୋକ ବେଘର ହୋଇପଡ଼ିଛନ୍ତି। ବିପନ୍ନ ଲୋକଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭିନ୍ନ ଭିନ୍ନ ସହାୟତା ଦିଆଯାଉଛି। ସିଡ୍‌ସ ନାମକ ଏକ ସଂସ୍ଥା ସ୍ପନ୍ଦନ ସହିତ ମିଶି ପ୍ରତାପ ରାମଚନ୍ଦ୍ରପୁର ପଞ୍ଚାୟତ ବିରିବାଟିଆ ଗ୍ରାମରେ ମଡେଲ ଘର ତିଆରି କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଏଥିରେ ଜିଲା ପ୍ରଶାସନ ସହଯୋଗ କରିଥିଲା। ସୋମବାର ଗୋଟିଏ ମଡେଲ ଘର ଲତା ମଲିକ ନାମ୍ନୀ ମହିଳାଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ଏବଂ ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସ୍ପନ୍ଦନର ନିର୍ଦ୍ଦେଶକ ଶାଶ୍ୱତ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିଡ୍‌ସର କମଲ ଚାୱଲା, ୟୁନାଇଟେଡ ୱେର ଅନୀଲ ପରମାର ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଆହୁରି ୨୯ଟି ମଡେଲ ଘର ତିଆରି କରାଯାଇ ବିପନ୍ନଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶିକା ଦୁର୍ଗା ଦେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବର୍ଷା ମିଶ୍ର, ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଫନୀକୁ ବିତିଲା ମାସେ

# ଦୂର ହୋଇନି ବିପନ୍ନଙ୍କ ଦୁର୍ଦ୍ଦଶା

**ସନ୍ତୋଷ ଦାଶ**
**କାକଟପୁର, ୩।୬**

ପ୍ରଳୟଙ୍କରୀ ସାମୁଦ୍ରିକ ବାତ୍ୟା ଫନୀକୁ ୧ମାସ ବିତିଛି। ଏବେ ବି ବାତ୍ୟାର କରୁଣ ଚିତ୍ର ଅନେକଙ୍କ ମନରୁ ଲିଭିନି। ପୁରୀ ଜିଲାର କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବାତ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଏପର୍ଯ୍ୟନ୍ତ ଦୂର ହୋଇପାରିନାହିଁ। ଏପର୍ଯ୍ୟନ୍ତ ଘରଦ୍ୱାର ଭାଙ୍ଗିଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରିପାରିନି କାକଟପୁର ଓ ଅସ୍ତରଙ୍ଗ ରାଜସ୍ୱ ବିଭାଗ। କ୍ଷୟକ୍ଷତି ଆକଳନ ସରି ନ ଥିବାରୁ ଭାଙ୍ଗିଯାଇଥିବା ଘରକୁ ସଜାଡି ପାରୁନାହାନ୍ତି ବିପନ୍ନ ପରିବାର। ବାଧହୋଇ ଭଙ୍ଗାଘରେ ପଲିଥିନ ଟାଣି ରହୁଛନ୍ତି ଲୋକେ। କାକଟପୁର ବ୍ଲକ ଶୁକପୋଖରୀ ଗାଁର ଲିପିକା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଏ ସମ୍ପର୍କରେ ତହସିଲଦାର ରୋଜିନା ଦାଶଙ୍କୁ ପଚାରିବାରେ ଏକାଧିକ ଟିମ୍ ଦ୍ୱାରା ପ୍ରତ୍ୟେକ ଗାଁରେ ତଦନ୍ତ କରାଯାଉଛି ଏବଂ ଶୀଘ୍ର ତାଲିକା ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ।



ବିଦ୍ୟୁତ୍ ବିଭାଗ ପକ୍ଷରୁ ଖୁଣ୍ଟ ପୋତାଯାଇଥିଲେ ବି ତାର ଟଣାଯାଇନାହିଁ।

### ସମସ୍ତ ପରିବାର ପାଖରେ ପହଞ୍ଚିନି ରିଲିଫ

ବାତ୍ୟା ପରେ ଧୀରେ ଧୀରେ ବିପନ୍ନ ପରିବାରଗୁଡ଼ିକ ଅଣ୍ଟା ସଳଖିବାକୁ ଚେଷ୍ଟା କରୁଛନ୍ତି। ତେବେ ରାଶନ କାର୍ଡ ପାଇଥିବା ପରିବାର ବ୍ୟତୀତ ଅନ୍ୟ ସମସ୍ତ ବିପନ୍ନ ପରିବାର ଏଯାଏଁ ରିଲିଫ ଚାଉଳ ବା ସହାୟତା ଟଙ୍କା ପାଇପାରିନାହାନ୍ତି। ବିପନ୍ନ ପରିବାରଗୁଡ଼ିକର ତାଲିକ ଦେବାକୁ ପ୍ରଶାସନ ଅଙ୍ଗନୱାଡ଼ି କର୍ମୀଙ୍କ ଉପରେ ଭରସା କରିଥିବାରୁ ଏପରି ଅବ୍ୟବସ୍ଥା ଦେଖାଦେଇଛି। ୨୦୧୪ ଜନଗଣନା ଅନୁସାରେ, ପରିବାର ହୋଲ୍‌ଡିଂ ନମ୍ବର ଥିଲେ ମଧ ଅଙ୍ଗନୱାଡ଼ି କର୍ମୀ ବହୁ ପରିବାରର ନାମକୁ ତାଲିକାଭୁକ୍ତ କରି ନ ଥିବାବେଳେ ଅନେକ ସ୍ଥାନରେ ରିଲିଫ ପାଇଥିବା ବ୍ୟକ୍ତିଙ୍କ ନାମ ଦ୍ୱିତୀୟଥର ତାଲିକାରେ ଥିବା ଦେଖିବାକୁ ମିଳୁଛି। ଏଣୁ ସମସ୍ତ ପଞ୍ଚାୟତରେ ରାଶନ କାର୍ଡ ନ ଥିବା ପରିବାର ଏପର୍ଯ୍ୟନ୍ତ ରିଲିଫ ପାଇପାରିନାହାନ୍ତି। ଏ ସମ୍ପର୍କରେ କାକଟପୁର ବିଡିଓ ସୁଧିର କୁମାର ନାୟକଙ୍କୁ ପଚାରିବାରେ ଅଙ୍ଗନୱାଡ଼ି କର୍ମୀଙ୍କ ତାଲିକାରେ ବହୁ ତ୍ରୁଟି ରହିଥିବା ସ୍ୱୀକାର କରିବା ସହିତ ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଏହି ତାଲିକା ତନଖି କଜକଟପୁର ବ୍ଲକରେ ୧୬ ପଞ୍ଚାୟତର ୧୦୨ ଗାଁ ଫନୀରେ ପ୍ରଭାବିତ ହୋଇଥିବାବେଳେ ୨୨ ହଜାର ରାଶନ କାର୍ଡଧାରୀଙ୍କୁ ୨ହଜାର ଟଙ୍କା, ୫୦କେଜି ଚାଉଳ ଏବଂ ଅଢ଼େଇ ଲିଟର କିରୋସିନ ପ୍ରଦାନ କରାଯାଇଛି। ରାଶନ କାର୍ଡ ନ ଥିବା ନାଶିକେଶ୍ୱର, ଅବଦାନ, କଣ୍ଠାପଡ଼ା, କୁରୁଜଙ୍ଗ ପଞ୍ଚାୟତରେ ବିପନ୍ନ ପରିବାରଗୁଡ଼ିକୁ ଶନିବାରଠାରୁ ରିଲିଫ ଚାଉଳ ଏବଂ ସହାୟତା ଟଙ୍କା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି।

### ସ୍ୱାଭାବିକ ହୋଇନି ବିଜୁଳି ଓ ପାଣି

ବିଦ୍ୟୁତ୍ ବିଭାଗ ପ୍ରାଣପଣେ ଚେଷ୍ଟାକରି କାର୍ଯ୍ୟ କରୁଥିବା କହୁଥିବାବେଳେ ଅସ୍ତରଙ୍ଗ-ଚାରିଛକ ମୁଖ୍ୟ ରାସ୍ତା ଏବେ ବି ଅନ୍ଧାରରେ ରହିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳିରେ ବିପନ୍ନ ପରିବାର କଲବଲ ହେଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା, ନିଷ୍କ୍ରିୟତା କାରଣରୁ ମନ୍ଥର ଗତିରେ ଚାଲିଛି ବିଦ୍ୟୁତ୍ ମରାମତି କାର୍ଯ୍ୟ। ମେ ୩୧ ତାରିଖ ସୁଦ୍ଧା ମୁଖ୍ୟରାସ୍ତା, ବିଭିନ୍ନ ବଜାର, ପଞ୍ଚାୟତ କାର୍ଯ୍ୟାଳୟ, ପାନୀୟଜଳ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଦିଆଯିବା ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ କହିଥିଲେ ମଧ ଏହା ସମ୍ଭବ ହୋଇପାରିନାହିଁ। ଶତାଧିକ ଗାଁ ଏବେବି ଅନ୍ଧାରରେ ରହିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇ ନ ଥିବାରୁ ବିଭିନ୍ନ ଗ୍ରାମରେ ପାନୀୟଜଳ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଜେନେରେଟର ଦ୍ୱାର ପ୍ରାଚୀ ନଦୀର ବଲରା ଏବଂ ମୂଳାଗଡ଼ସ୍ଥିତ ପାନୀୟଜଳ ବିଶୋଧନାଗାର ପ୍ରକଳ୍ପ ଚଲାଯାଉଥିଲେ ମଧ ସବୁ ଗ୍ରାମକୁ ଜଳ ଯୋଗାଣ ସ୍ୱାଭାବିକ ହୋଇପାରିନାହିଁ। ଫଳରେ ଲୋକେ ବିଶୁଦ୍ଧ ପାଣି ପାଇଁ କଲବଲ ହେଉଛନ୍ତି।

### ବନ୍ୟଜନ୍ତୁ ଖାଦ୍ୟ ଓ ପାଣି ପାଇଁ ଗାଁମୁହାଁ

ବାତ୍ୟାରେ ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ଥିବା ଝାଉଁଜଙ୍ଗଲ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିବାରୁ ବନ୍ୟଜନ୍ତୁମାନେ ଅସୁରକ୍ଷିତ ହୋଇପଡ଼ି ଏଣେତେଣେ ଘୂରି ବୁଲୁଛନ୍ତି। ଜଙ୍ଗଲ ଭିତରେ ଥିବା ଚୁଆସବୁ ଶୁଖିଯାଇଥିବାରୁ ହରିଣ ଓ ଅନ୍ୟ ଜନ୍ତୁମାନେ ପାଣି ଟୋପାଏ ପିଇବାକୁ ପାଉନାହାନ୍ତି। ଖାଦ୍ୟ ଓ ପାଣି ପାଇଁ ସେମାନେ ଏବେ ଗାଁମୁହାଁ ହୋଇ ବିପଦରେ ପଡୁଛନ୍ତି। ବନ୍ୟଜନ୍ତୁଙ୍କ ପାଇଁ ଅସ୍ତରଙ୍ଗ ଉପକୂଳ ଜଙ୍ଗଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

### ସ୍ୱାଭାବିକ ହେଲା ପୁରୀରୁ ବସ୍ ଚଳାଚଳ

**ପୁରୀ ଅଫିସ, ୩।୬**

ବାତ୍ୟାରେ ଅଧିକାଂଶ ବସ୍ କ୍ଷତିଗ୍ରସ୍ତ ହୋଇଥିଲା। ପୁରୀ ସହରରେ ୨ଟି ବସ୍ ପବନରେ ଓଲଟି ପଡ଼ିଥିଲା। କ୍ଷତିଗ୍ରସ୍ତ ବସ୍‌ଗୁଡ଼ିକ ମରାମତି ହେଉଥିବାରୁ ପୁରୀରୁ ଚଳାଚଳ କରୁଥିବା ବସ୍ ସଂଖ୍ୟା ସୀମିତ ଥିଲା। ଏବେ ଜିଲାରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି। ଜିଲା ମଧ୍ୟରେ ଏବଂ ଜିଲାରୁ ବାହାର ସ୍ଥାନକୁ ଦୈନିକ ବସ୍ ଚଳାଚଳରେ ବୃଦ୍ଧି ଘଟିଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଜିଲାରେ ନିର୍ବାଚନ ପୂର୍ବରୁ ଦୈନିକ ହାରାହାରି ୧୧୭ ଟ୍ରିପ୍ ବସ୍ ସେବା ଉପଲବ୍ଧ ହେଉଥିବାବେଳେ ନିର୍ବାଚନ ସମୟରେ ଅର୍ଥାତ୍ ଏପ୍ରିଲ ୨୩ରୁ ମେ ୨ତାରିଖ ପର୍ଯ୍ୟନ୍ତ ହାରାହାରି ୯୩ ଟ୍ରିପ୍ ରହିଥିଲା। ମାତ୍ର ବାତ୍ୟା ପରେ ଗତ ମାସ ୯ ତାରିଖରୁ ଦୈନିକ ବସ୍ ଚଳାଚଳ ସଂଖ୍ୟା ବୃଦ୍ଧି ଘଟି ରବିବାର ସୁଦ୍ଧା ହାରାହାରି ଚଳାଚଳ ସଂଖ୍ୟା ୧୨୨ ରହିଛି। ଏତଦ୍‌ବ୍ୟତୀତ ପରିବହନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗତବର୍ଷ ଡିସେମ୍ବର ମାସରୁ ଅର୍ଡିନାରୀ ବସ୍‌ରେ ଯାତାୟାତ କିଲୋମିଟର ପିଛା ୭୦ ପଇସା ପରିବର୍ତ୍ତେ ୬୮ ପଇସା, ଏକ୍ସପ୍ରେସ୍ ବସ୍‌ରେ ୭୩ ପଇସା ପରିବର୍ତ୍ତେ ୭୧ ପଇସା, ଡିଲକ୍ସରେ ୧ଟଙ୍କା ୧ ପଇସା ପରିବର୍ତ୍ତେ ୯୭ ପଇସା ଏବଂ ଏସି ଡିଲକ୍ସରେ ୧ଟଙ୍କା ୨୩ ପରିବର୍ତ୍ତେ ବର୍ତ୍ତମାନ ୧ଟଙ୍କା ୧୯ ପଇସା ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମା'ବାଲିହରଚଣ୍ଡୀଙ୍କ ବାପଘରୁ ଆସିଲା ସାବିତ୍ରୀ ଭାର

**ବ୍ରହ୍ମଗିରି, ୩।୬(ଡି.ଏନ୍.ଏ.)**



ବାଲିହରଚଣ୍ଡୀଙ୍କ ବାପଘରୁ ଆସିଥିବା ଭାର।

ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ସାବିତ୍ରୀ ଅମାବାସ୍ୟାରେ ଝିଅର ସାବିତ୍ରୀ ପୂଜା ନିମନ୍ତେ ବାପଘରୁ ଆସିଥାଏ ସାବିତ୍ରୀ ଭାର। ଏହି ପରମ୍ପରାକୁ ଆଧାର କରି ମା' ବାଲିହରଚଣ୍ଡୀଙ୍କ ସହିତ ବ୍ରହ୍ମଗିରି ଅଞ୍ଚଳରେ ଥିବା ମାତଲାପୁର, ଖେତାଣ୍ଡି ଆଦି ପାଞ୍ଚପଡା ସହିତ ଯୋଡ଼ି ହୋଇ ରହିଛି ଏହି ବହୁ ପୁରାତନ ପରମ୍ପରା। ମା'ଙ୍କ ସାବିତ୍ରୀ ବ୍ରତ ପାଇଁ ଉକ୍ତ ପାଞ୍ଚପଡା ବାପଘର ଭୂମିକା ତୁଲାଇଥାନ୍ତି। ଏ ନେଇ ସୋମବାର ମା'ବାଲିହରଚଣ୍ଡୀଙ୍କ ନିକଟକୁ ସାବିତ୍ରୀ ବ୍ରତ ପାଇଁ ପାରମ୍ପରିକ ଭାବେ ତାଙ୍କ ବାପଘରୁ ଭାର ଆସି ପୂଜାର୍ଚ୍ଚନା କରାଯାଇଛି। ମା'ଙ୍କ ବାପଘର ରୂପେ ପରିଚିତ ବ୍ରହ୍ମଗିରି ଅଞ୍ଚଳର ମାତଲାପୁର, ଖେତାଣ୍ଡି, ଧରଣିକୁଦୀ, ନହରବାଲି ଓ କୁଆପଦା ପାଞ୍ଚପଡାରୁ ଶଙ୍ଖ, ବାଜା ରୋଶଣିର ଏକ ବିରାଟ ଶୋଭାଯାତ୍ରାରେ ଏହି ସାବିତ୍ରୀ ଭାରରେ ଶାଢ଼ି, ଶଙ୍ଖା, ଅଳତା, ସିନ୍ଦୂର, ଆମ୍ବ, ପଣସ, ନଡ଼ିଆ, ତାଳ, ଖଜୁରିକୋଳି, ସପୁରି, ସେଓ, ଅଙ୍ଗୁର, କମଳା, ମୁଗ, ଅରୁଆ ଚାଉଳ ଇତ୍ୟାଦି ଆସିଥିବା ଦେଖିବାକୁ ମିଳିଥିଲା। ସମସ୍ତ ସାମଗ୍ରୀକୁ ପାରମ୍ପରିକ ରୀତିରେ ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଛି। ମା'ଙ୍କ ସେବକ ଲକ୍ଷ୍ମୀଧର ପୂଜାରୀ କୁହନ୍ତି, ବ୍ରହ୍ମଗିରି ଅଞ୍ଚଳରେ ପଞ୍ଚୁପାଣ୍ଡବଙ୍କ ସହିତ ଦ୍ରୌପଦୀ ବା ବାଲିହରଚଣ୍ଡୀଙ୍କ ମନ୍ଦିର ରହିଛି। ମା'ଙ୍କ ପୀଠରେ ବାରମାସରେ ଯେତେ ପର୍ବ ହୁଏ, ସେଥିପାଇଁ ବାପଘର ପାଞ୍ଚପଡାରୁ ପୂଜା ସାମଗ୍ରୀ ଆସିଥାଏ। ପାଞ୍ଚପଡା ବାପଘରୁ ସାବିତ୍ରୀ ଭାର ନେଇ ଆସିଥିବା ଡା. ମନୋରଞ୍ଜନ ରାୟ, ଭୀମସେନ ସାହୁ, କାଶୀନାଥ ନାୟକ, କିଶୋର ସାହୁ, ଗଦାଧର ବିଶ୍ୱାଳ, ଯଦୁମଣି ପ୍ରଧାନ, ଅରକ୍ଷିତ ସ୍ୱାଇଁ କୁହନ୍ତି, ଏହି ପରମ୍ପରା ବହୁ ପୁରାତନ କାଳରୁ ଚଳିଆସିଛି। ଏହାକୁ ଆମ ପୂର୍ବପୁରୁଷମାନେ କରୁଥିଲେ । ଏବେ ଆମେ କରୁଛୁ ବୋଲି କହିଥିଲେ।

## ବାତ୍ୟା ବିପନ୍ନଙ୍କୁ ସୌର ଲଣ୍ଠନ ବଣ୍ଟନ

**କୋଣାର୍କ, ୩।୬(ଡି.ଏନ୍.ଏ.)**

କୋଣାର୍କ ଏନ୍‌ଏସିର ୧୧ନଂ ୱାର୍ଡ ନଳକଣ,୧୩ନଂ. ୱାର୍ଡ ବେରୁହଁ ଓ ସୁତନ ପଞ୍ଚାୟତର ଖାଲକଟା ପାଟଣା ଓ ଡିକନା ଗ୍ରାମରେ ବାତ୍ୟା ବିପନ୍ନମାନଙ୍କୁ ସ୍ଥାନୀୟ ଏକ ହୋଟେଲ ପକ୍ଷରୁ ସୋମବାର ସୌର ଲଣ୍ଠନ ବଣ୍ଟନ କରାଯାଇଛି। ହୋଟେଲର ମୁଖ୍ୟ ଭିଟେଲ ଭେଙ୍କଟେଶ କାମଥଙ୍କ ନିର୍ଦ୍ଦେଶରେ ଆଞ୍ଚଳିକ ପରିଚାଳକ ଭାରତୀ ଭୂଷଣ ବିଶ୍ୱାଳ, ସୁନୀଲ କୁମାର ପାଣିଗ୍ରାହୀ, ପ୍ରଭୁଦତ୍ତ ଦାଶ, ତାପସ ଦାସ ପ୍ରମୁଖ ବିପନ୍ନଙ୍କୁ ୬୦୦ରୁ ଊର୍ଦ୍ଧ୍ୱ ସୌର ଲଣ୍ଠନ ବଣ୍ଟନ କରିଥିଲେ। ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଗ୍ରାମଗୁଡ଼ିକରେ ପିଲାଙ୍କ ପାଠ ପଢ଼ିବା ଓ ମୋବାଇଲ ଚାର୍ଜ ହେବା ଦିଗରେ ଏହା ବିଶେଷ ସହାୟକ ହେବ। ଆଗାମୀ ଦିନରେ ୨୦୦୦ରୁ ଊର୍ଦ୍ଧ୍ୱ ସୌର ଲଣ୍ଠନ ବଣ୍ଟନ କରାଯିବ ବୋଲି ହୋଟେଲର ଆଞ୍ଚଳିକ ପରିଚାଳକ ବିଶ୍ୱାଳ କହିଥିଲେ।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ପାଳିଲେ

**ବ୍ରହ୍ମଗିରି, ୩।୬(ଡି.ଏନ୍.ଏ.)**

ହିନ୍ଦୁ ଘରର ପ୍ରତ୍ୟେକ ନାରୀ ପୌରାଣିକ ପ୍ରଥାକୁ ନେଇ ସ୍ୱାମୀର ସୁରକ୍ଷା ପାଇଁ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ସୋମବାର ପବିତ୍ର ସାବିତ୍ରୀ ଅମାବାସ୍ୟାରେ ନିଜ ଶଙ୍ଖା ସିନ୍ଦୁରକୁ ଦୀର୍ଘାୟୁ କରିବା ପାଇଁ ପୁର ପଲ୍ଲୀ ଘରେ ଘରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସ୍ୱାମୀଙ୍କୁ ଆସନରେ ଅଳଙ୍କୃତ କରି ସ୍ତ୍ରୀମାନେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ଦେବାଳୟ ମାନଙ୍କରେ ସାବିତ୍ରୀ ବ୍ରତୀମାନଙ୍କ ପୂଜାର୍ଚ୍ଚନା ପାଇଁ ଭିଡ ଦେଖିବାକୁ ମିଳିଥିଲା।

## କୋଣାର୍କରେ ୨ ମନ୍ତ୍ରୀ, ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

**କୋଣାର୍କ, ୩।୬(ଡି.ଏନ୍.ଏ.)**



ଦୁଇ ମନ୍ତ୍ରୀ ଓ ଏମ୍‌ପିଙ୍କୁ ସ୍ଥାନୀୟ ଲୋକେ ସ୍ୱାଗତ କରି ନେଉଛନ୍ତି।

କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ ସୋମବାର ସନ୍ଧ୍ୟା ୬ଟାରେ କୋଣାର୍କର ୨ ମନ୍ତ୍ରୀ ଓ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୋଣାର୍କ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ କାକଟପୁର ବିଧାୟକ ତଥା କ୍ରୀଡା ଓ ଯୁବସେବା ମନ୍ତ୍ରୀ ଇଂ. ତୁଷାରକାନ୍ତି ବେହେରା, ନିମାପଡା ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରରେ ଯାତ୍ରୀନିବାସ ସମ୍ମେଳନ କକ୍ଷକୁ ଅଣାଯାଇଥିଲା। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଏଥିରେ ଅଧ୍ୟକ୍ଷତା କରିଥିଲେ। କୋଣାର୍କର ବିଭିନ୍ନ ସଂଗଠନଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଉପସ୍ଥିତ ଥିଲେ।

## ସହଯୋଗର ହାତ ବଢ଼ାଇଲା ଡିଏଲ୍‌ଏସ୍‌ଏ

# ହଜିଲା ଝିଅକୁ ଫେରିପାଇଲେ ମା', ବାପା

**ପୁରୀ ଅଫିସ, ୩।୬**

ମାସେ ପରେ ହଜିଲା ଝିଅକୁ ପାଇ ଖୁସିରେ ଆତ୍ମହରା ହୋଇ ଉଠିଥିଲେ ମା' ବାପା। ଆଖିରୁ ଝରିପଡ଼ିଥିଲା ଧାର ଧାର ଅଶ୍ରୁ। ସୋମବାର ଉତ୍କଳ ବାଳାଶ୍ରମ ପରିସରରେ ସୃଷ୍ଟି ହୋଇଥିଲା ଏଭଳି ଭାବାବେଗ ପରିବେଶ। ପରେ ସେମାନେ ଝିଅକୁ ଧରି ଝାଡ଼ଖଣ୍ଡର ନିଜ ଗ୍ରାମକୁ ଫେରିଯାଇଛନ୍ତି।

ସୂଚନା ଅନୁଯାୟୀ, ଏପ୍ରିଲ ୨୪ତାରିଖରେ ଝାଡ଼ଖଣ୍ଡର ଗୁଣ୍ଡିଝର ଗ୍ରାମର ଜଣେ ୮ବର୍ଷୀୟ ନାବାଳିକା ତାଙ୍କ ମାମୁଘର ଗାଁକୁ ଯିବା ପାଇଁ ଟ୍ରେନରେ ଚଢ଼ିଥିଲେ। ମାତ୍ର ଭୁଲବଶତଃ ସେ ପୁରୀରେ ପହଞ୍ଚିଥିଲେ। ଷ୍ଟେଶନ ପରିସରରୁ ଚାଇଲ୍ଡ ଲାଇନ ତାଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିଥିଲା। ସିଡବ୍ଲ୍ୟୁସି ନିର୍ଦ୍ଦେଶ କ୍ରମେ ତାଙ୍କୁ ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ଏ ସଂକ୍ରାନ୍ତରେ ପୁରୀ ଜିଲା ଶିଶୁ ଅଧିକାରୀ (ଡିସିପିଓ) ଖବର ପାଇ ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ସଚିବ ତଥା ସିନିୟର ସିଭିଲ ଜଜ୍ ଅମରେଶ ମହାପାତ୍ରଙ୍କୁ ଜଣାଇଥିଲେ। ଗତ ୨୮ତାରିଖରେ ଡିଏଲ୍‌ଏସ୍‌ଏ ସଚିବ ମହାପାତ୍ର ବାଳାଶ୍ରମକୁ ଯାଇ ସମ୍ପୃକ୍ତ ନାବାଳିକାଙ୍କୁ ଭେଟିବା ପରେ ସେ ଝାଡଖଣ୍ଡ ରାଜ୍ୟର ହୋଇଥିବା ଜାଣିବାକୁ ପାଇଥିଲେ। ବାଳାଶ୍ରମରେ ରହୁଥିବା ଅନ୍ୟ ଜଣେ ଝାଡଖଣ୍ଡ ଅନ୍ତେବାସୀଙ୍କୁ ନାବାଳିକାଙ୍କ ସହ କଥାବାର୍ତ୍ତା ହେବାକୁ କହିଥିଲେ। ଏହି ସମୟରେ ତାଙ୍କ ମା' ବାପାଙ୍କ ପରିଚୟ ଏବଂ ଘର ଠିକଣା ଜଣାପଡ଼ିଥିଲା। ଏହାପରେ ଡିଏଲ୍‌ଏସ୍‌ଏ ସଚିବ ସେହି ନାବାଳିକାଙ୍କ ଫଟୋ ଓ ଘର ଠିକଣା ମାଧ୍ୟମରେ ଝାଡ଼ଖଣ୍ଡର ସମ୍ପୃକ୍ତ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ସହିତ ଯୋଗାଯୋଗ କରିଥିଲେ। ପାରା ଲିଗାଲ ଭଲ୍ୟୁଣ୍ଟର (ପିଏଲ୍‌ଭି)ଙ୍କ ଜରିଆରେ ସେହି ଠିକଣାରେ ପହଞ୍ଚି ତାଙ୍କ ମା' ବାପାଙ୍କୁ ଭେଟି ଝିଅ ବିଷୟରେ ଜଣାଇଥିଲେ। ସୋମବାର ନାବାଳିକାଙ୍କ ମା', ବାପା ପୁରୀରେ ପହଞ୍ଚିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ମହାପାତ୍ର ଦୁହିଁଙ୍କୁ ଧରି ଜିଲା ଶିଶୁ ମଙ୍ଗଳ କମିଟି ନିକଟକୁ ଯାଇଥିଲେ। ସେଠାରେ ମା', ବାପା ନିଜ ଝିଅକୁ ଚିହ୍ନଟ କରିବା ସହ ଖୁସିରେ କାନ୍ଦି ଉଠିଥିଲେ। ସେମାନେ ଝିଅକୁ ନେବା ଲାଗି ସିଡବ୍ଲ୍ୟୁସି ନିକଟରେ ଆବେଦନ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟ ସରିବା ପରେ ଝିଅକୁ ଧରି ଆନନ୍ଦ ମନରେ ଘରକୁ ଫେରିଯାଇଥିଲେ ମା, ବାପା। ଏଥିପାଇଁ ସେମାନେ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ କୃତଜ୍ଞତା ଜଣାଇଥିଲେ। ଏ ନେଇ ଡିଏଲ୍‌ଏସ୍‌ଏ ସଚିବ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଇଚ୍ଛା ଏବଂ ଝାଡ଼ଖଣ୍ଡର ସ୍ଥାନୀୟ ଜିଲା ଆଇନସେବା ପ୍ରାଧିକରଣ ସଚିବ ଓ ପାରାଲିଗାଲ ଭଲ୍ୟୁଣ୍ଟରଙ୍କ ସହଯୋଗରୁ ଏହା ସମ୍ଭବ ହୋଇପାରିଲା।

## ଯୌତୁକ ପାଇଁ ବଧୂହତ୍ୟା

**ନିମାପଡ଼ା,୩।୬(ଡି.ଏନ୍.ଏ.)**

**ସ୍ୱାମୀ, ଶ୍ୱଶୁର ଗିରଫ**

ସାବିତ୍ରୀ ଅମାବାସ୍ୟାର ପୂର୍ବ ରାତିରେ ନିମାପଡ଼ା ଥାନା ଅଧୀନ ଅନ୍ଧୁଆର ପଞ୍ଚାୟତର ତରଡାପଡ଼ା ଜେନାସାହି ଗ୍ରାମର ଦୀପ୍ତିମୟୀ ଜେନା ନାମକ ଜଣେ ବଧୂଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ସୋମବାର ଦୀପ୍ତିମୟୀଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ଜେନା ଓ ଶ୍ୱଶୁର ରବୀନ୍ଦ୍ର ଜେନାଙ୍କୁ ଗିରଫ କରିଛି। ଦିପ୍ତୀମୟୀଙ୍କ ଦାଦା ସୋମନାଥ ରାୟଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୨, ୪୯୮ଏ, ୩୦୪ବି ଓ ୪ଡିପି ଆକ୍ଟ, ୩୪ଆଇପିସିରେ ହତ୍ୟା ମାମଲା (ନଂ. ୧୪୦/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏହା ସହ ପୁରୀରୁ ସାଇଣ୍ଟିଫିକ ଅଫିସର ଏସ୍. ସରନ୍ୟା ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଥାନା ଅଧୀନ ଗୋଲରାଗଡ ଗ୍ରାମର ଦୀପ୍ତିମୟୀ ୨୦୧୫ରେ ତରଡାପଡା ଗ୍ରାମର କୃଷ୍ଣଚନ୍ଦ୍ରଙ୍କୁ ବିବାହ କରିଥିଲେ। ବିବାହ ବେଳେ ଶାଶୁଘର ଦାବି ମୁତାବକ ଦେଢ଼ ଲକ୍ଷ ଟଙ୍କା, ସୁନା ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା। ବିବାହର କିଛି ମାସ ପରେ ବାପଘରୁ ଅଧିକ ଯୌତୁକ ଟଙ୍କା ଆଣିବା ପାଇଁ କହିଥିଲେ। ଏଥିରେ ଦୀପ୍ତିମୟୀ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯ୍ୟାତନା ଦେଉଥିଲେ। ରବିବାର ରାତିରେ ରବୀନ୍ଦ୍ରଙ୍କ ଘରେ ନିଆଁ ଜଳୁଥିବା ଓ ଜଣେ ମହିଳାଙ୍କ ଚିତ୍କାର ଶୁଭୁଥିବା ନେଇ କେତେଜଣ ଗ୍ରାମବାସୀ ନିମାପଡ଼ା ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୀପ୍ତିମୟୀଙ୍କ ଦରପୋଡା ମୃତଦେହକୁ ଜବତ କରିବା ସହ ତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖିଥିଲା। ସୋମବାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଘଟଣାରେ ସମ୍ପୃକ୍ତ ଥିବା ଦିପ୍ତୀମୟୀଙ୍କ ଶାଶୁ ମଞ୍ଜୁଲତା ଜେନା ଓ ଦିଅର ଧନେଶ୍ୱର ଜେନା ଫେରାର ହୋଇଯାଇଛନ୍ତି। ପୋଲିସ ରବୀନ୍ଦ୍ରଙ୍କ ଘରେ ପହଞ୍ଚି ୩୦ହଜାର ଟଙ୍କା, ସୁନା ଅଳଙ୍କାର, ଆସବାବପତ୍ର ଜବତ କରି ଦିପ୍ତୀମୟୀଙ୍କ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ବାପଘରୁ ଅଧିକ ଯୌତୁକ ଟଙ୍କା ଆଣିବା ଦାବିରେ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଦିଅର ମିଳିତ ଭାବେ ଦୀପ୍ତିମୟୀଙ୍କୁ ନିର୍ଯ୍ୟାତନା ଦେବା ସହ ରବିବାର ରାତିରେ ନିଆଁରେ ପୋଡି ମାରି ଦେଇଥିବା ସୋମନାଥ ଅଭିଯୋଗ କରିଛନ୍ତି। ସ୍ୱାମୀ ଓ ଶ୍ୱଶୁର କୁହନ୍ତି, ପାରିବାରିକ କଳହ ଯୋଗୁ ଦୀପ୍ତିମୟୀ ଦେହରେ କିରୋସିନ ଢାଳି ପୋଡି ହୋଇ ଆତ୍ମହତ୍ୟା କରିଛନ୍ତି।

# ଜେଲ୍‌ରେ ସାବିତ୍ରୀ ପୂଜା କଲେ ଅନ୍ତେବାସିନୀ

**ପୁରୀ ଅଫିସ, ୩।୬**



ପୁରୀ ଜେଲ୍‌ରେ ଅନ୍ତେବାସିନୀମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

ସାତ ଜନମର ସାଥୀ ହେବେ। ସୁଖରେ, ଦୁଃଖରେ ପରସ୍ପରର ହାତ ଧରି ଚାଲିବେ। ଯେତେ ଝଡ଼ଝଞ୍ଜା ଓ ବାଧାବିଘ୍ନ ଆସୁ ପଛେ କେହି କାହା ହାତ ଛାଡ଼ିବେନି। ବାହାବେଦୀରେ ଏମିତି ଶପଥ ନେଇ ଜୀବନ ଆରମ୍ଭ କରିଥିଲେ। ହେଲେ ସେମାନଙ୍କ ସୁଖଦୁଃଖର ସଂସାର ଆଗେଇ ଚାଲିଥିବାବେଳେ ସମୟ ଚକ୍ରରେ ସବୁକିଛି ବଦଳି ଯାଇଛି। ନିଜ ଭୁଲ୍ ପାଇଁ ହେଉ ଅବା କାହାର ଚକ୍ରାନ୍ତରେ କିମ୍ବା ପରିସ୍ଥିତିରେ ପଡ଼ି ସେମାନେ ବାଟ ଭୁଲିଯାଇଛନ୍ତି। ପାରିବାରିକ ସ୍ନେହ, ପ୍ରେମର ଠିକଣା ହଜାଇ ଜେଲର ଚାରିକାନ୍ଥ ଭିତରେ ଜୀବନ କାଟୁଛନ୍ତି। କିନ୍ତୁ ସେମାନଙ୍କ ମନ ଭିତରେ ସ୍ୱାମୀଙ୍କ ପ୍ରତି ଥିବା ଭଲ ପାଇବାରେ ସାମାନ୍ୟତମ ଊଣା ହୋଇନାହିଁ। ଭୁଲି ପାରିନାହାନ୍ତି ହାତ ଧରିଥିବା ସେହି ମନର ମଣିଷକୁ। ପ୍ରତିଟି ଓଷା, ବ୍ରତ ଆଉ ପର୍ବପର୍ବାଣି ଆସିଲେ ଛାତିର କୋହକୁ ଚାପି ସେମାନେ ବି ଆଗେଇ ଆସନ୍ତି, ଅନ୍ୟ ମହିଳାଙ୍କ ପରି ସଜେଇ ହୁଅନ୍ତି ଆଉ ପୂଜାର୍ଚ୍ଚନା କରନ୍ତି । ପୁରୀ ଜେଲରେ ମହିଳା କଏଦୀ ଭାବେ ଦିନ କାଟୁଥିବା ୧୨ଜଣ ମହିଳା ସୋମବାର ସାବିତ୍ରୀ ବ୍ରତ ପାଳନ କରିବା ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ଏହି ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ପୂଜା କରିଛନ୍ତି।

ଜେଲର ଦିଲୀପ କୁମାର ଜେନା କହିଛନ୍ତି, ଏହି ୧୨ଜଣ ମହିଳାଙ୍କୁ ନୂଆଶାଢ଼ି, ଶଙ୍ଖା, ସିନ୍ଦୁର, ଅଳତା, ଫଳମୂଳ ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଜେଲ୍ ବାହାରେ ଥିବା ହନୁମାନ ମନ୍ଦିରରେ ପୂଜା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ବ୍ରାହ୍ମଣ ଆସିବା ପରେ ଏହି ମହିଳାମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ଜେଲ୍‌ରେ ଥିବା ପୁରୁଷ କଏଦୀଙ୍କ ମଧ୍ୟରୁ ପ୍ରାୟ ୪୦ ଜଣ କଏଦୀଙ୍କ ସ୍ତ୍ରୀମାନେ ଆସି ସେମାନଙ୍କୁ ଭେଟିବା ସହ ପ୍ରଣାମ କରିଥିଲେ। ପୂଜା କରି ଆଣିଥିବା ଶଙ୍ଖା, ସିନ୍ଦୁରକୁ ସ୍ୱାମୀଙ୍କ ହାତକୁ ବଢ଼ାଇ ସେମାନଙ୍କୁ ଭୋଗ ଖୁଆଇ ଦେଇଥିଲେ। ସ୍ୱାମୀମାନେ ମଧ ତାଙ୍କ ମଥାରେ ସିନ୍ଦୁର ଦେଇ ହାତରେ ଶଙ୍ଖା ପିନ୍ଧାଇଥିଲେ। ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ମମତାବାଳା ପାତ୍ର କହିଛନ୍ତି, ସମସ୍ତ ମହିଳା ଅନ୍ତେବାସୀଙ୍କୁ ସମାଜରେ ପ୍ରଚଳିତ ସାବିତ୍ରୀ ବ୍ରତର ପ୍ରତ୍ୟକଟି ରୀତିନୀତି ଅନୁସାରେ କରିବା ଲାଗି ସୁଯୋଗ ଦିଆଯାଇଥିଲା।